# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୯/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, October 19 / 2019 ★★

୧୫ଶ ଭାଗ ୩୦୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-


# ଗ୍ରାମାଞ୍ଚଳରେ ନିଷେଧ ହେବ ପ୍ଲାଷ୍ଟିକ

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

ଆସନ୍ତାବର୍ଷରୁ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ଓ ପ୍ଲାଷ୍ଟିକକୁ ନିଷେଧ କରାଯିବ। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପରିବେଶ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ଶୁକ୍ରବାର ପରିବେଶ ନିର୍ଦ୍ଦେଶକ କେ. ମୁରୁଗେଶନ୍ ଗଣମାଧ୍ୟମକୁ ଏ ନେଇ ସୂଚନା ଦେଇଛନ୍ତି। ୨୦୧୮ରେ ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୬ଟି ସହରରେ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିବା ବେଳେ ୨୦୧୯ ଅକ୍ଟୋବର ୨ ତାରିଖରୁ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି), ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ

**ପଞ୍ଚାୟତିରାଜ ବିଭାଗକୁ ଜଣାଇଲା ପରିବେଶ ବିଭାଗ**

ପଲିଥିନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ୨୦୧୯ ବିଜ୍ଞପ୍ତି ଅନୁଯାୟୀ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସମସ୍ତ ସହରରେ ଏହାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ନଗର ଉନ୍ନୟନ ବିଭାଗ ପଲିଥିନ ସଂଗ୍ରହ କରିବ । ଶିଳ୍ପ ବିଭାଗ ଏହାକୁ ପ୍ରକ୍ରିୟାକରଣ କରି ରାସ୍ତା ନିର୍ମାଣରେ ବ୍ୟବହାର କରିବାକୁ ପୂର୍ତ୍ତ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିର୍ଦ୍ଦେଶକ ମୁରୁଗେସେନ କହିଛନ୍ତି। ପଲିଥିନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବାକୁ ୧୦ଟି ସହରରେ ଓଡ଼ିଶା ପରିବେଶ ପରିଚାଳନା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ଗ୍ରାମାଞ୍ଚଳରେ ପଲିଥିନ କଟକଣା ଲାଗୁ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ପରିବେଶ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ବିଭାଗକୁ ଚିଠି ଲେଖି ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

## ସଚିବାଳୟକୁ ନା

### ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)–ବାରମ୍ବାର ଚିଠି ପରେ ମଧ୍ୟ ସଚିବାଳୟରେ କାର୍ଯ୍ୟରତ ଅଧିକାରୀ କିମ୍ବା କର୍ମଚାରୀ ପଲିଥିନ, ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରୁନାହାନ୍ତି। ନିର୍ଦ୍ଦେଶ ନ ମାନିଲେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ଓ ☞ପୃଷ୍ଠା–୪

## ■ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

# ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଏଫ୍ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଖେଳିବ। ପୁରୁଷ ଦଳ କଳିଙ୍ଗରେ ପୂର୍ବରୁ ଅନେକ ଟୁର୍ନାମେଣ୍ଟ ଖେଳି ସାରିଥିବାବେଳେ ମହିଳା ଦଳ ପ୍ରଥମଥର ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଶୁକ୍ରବାର ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷିତ ହୋଇଛି। ଓଡ଼ିଶାର ମୋଟ ୪ ଖେଳାଳି କ୍ୱାଲିଫାୟର୍ସ ଖେଳିବାକୁ ମନୋନୀତ ହୋଇଛନ୍ତି।


ଅମିତ ରୋହି ଦାସ



ନମିତା ଟପ୍ପୋ, ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ

ମହିଳା ଦଳରେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ ସ୍ଥାନ ପାଇଥିବାବେଳେ ପୁରୁଷ ଦଳରେ ସାମିଲ ହୋଇଛନ୍ତି ଅମିତ ରୋହି ଦାସ। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କ୍ୟାମ୍ପରେ ସାମିଲ ଥିବା ଅଭିଜ୍ଞ ବୀରେନ୍ଦ୍ର ଲାକ୍ରାଙ୍କୁ ୧୮ ଜଣିଆ ଦଳରୁ ବାଦ୍ ଦିଆଯାଇଛି। ମହିଳା ଦଳରେ ସ୍ଥାନ ପାଇଥିବା ୩ ଜଣ ଯାକ ଖେଳାଳି ଦୀପ୍ ଗ୍ରେସ, ଲିଲିମା ଓ ନମିତା ପୂର୍ବରୁ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ☞ପୃଷ୍ଠା–୪

# ଜଷ୍ଟିସ୍ ବୋବ୍‌ଡେ ପରବର୍ତ୍ତୀ ସିଜେଆଇ


ଏସ୍.ଏ. ବୋବ୍‌ଡେ

ନୂଆଦିଲ୍ଲୀ,୧୮।୧୦
(ପି.ଟି./ଆଇଏଏନ୍ଏସ୍)

ସୁପ୍ରିମକୋର୍ଟର ଦ୍ୱିତୀୟ ସର୍ବବରିଷ୍ଠ ବିଚାରପତି ଏସ୍.ଏ. ବୋବ୍‌ଡେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ହେବାକୁ ଯାଉଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇ ଶୁକ୍ରବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ପତ୍ର ଲେଖି ଜଷ୍ଟିସ୍ ବୋବ୍‌ଡେଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରିଛନ୍ତି। ଦେଶର ୪୬ତମ ପ୍ରଧାନ ବିଚାରପତି ଭାବେ ୨୦୧୮ ଅକ୍ଟୋବର ୩ରେ ଶପଥ ନେଇଥିବା ଜଷ୍ଟିସ୍ ଗୋଗୋଇ ନଭେମ୍ବର ୧୭ରେ ଅବସର ଗ୍ରହଣ କରିବେ। ସାଧାରଣତଃ ପ୍ରଧାନ ବିଚାରପତି ଅବସର ନେବା ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ନୀତି ସିଇଓଙ୍କ ଛାଟ**


Vencobb Fresh Chicken — Taste the difference!

18.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 66 | 114 | 124 |
| BDK | 64 | 111 | 121 |
| BLS | 65 | 113 | 123 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers










ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର

# ରଶି ଲଗାଇ ଷଷ୍ଠଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

## ସ୍କୁଲକୁ ଯାଉ ନ ଥିଲେ, ତାଗିଦ୍ କରିଥିଲେ ବାପା

**ରାଉରକେଲା ଅଫିସ,୧୮।୧୦**

ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଲେ ବାସନ୍ତୀ କଲୋନୀ ଘର ନଂ. ଇ/ ୧୮ ଫେଜ-୧ ବାସିନ୍ଦା ପ୍ରଦୀପ ସାହୁଙ୍କ ପୁଅ ହରେକୃଷ୍ଣ(୧୪) । ସେ ସେଣ୍ଟ ଥୋମାସ ସ୍କୁଲର ଛାତ୍ର ଥିଲେ। ତେବେ ସେ କେଉଁ କାରଣରୁ ଏପରି ପଦକ୍ଷେପ ଗ୍ରହଣ କଲେ ତାହା ସ୍ପଷ୍ଟ ହୋଇନାହିଁ। ଦିନ ପ୍ରାୟ ସାଢ଼େ ୧୨ଟା ବେଳେ ଘରେ କେହି ନ ଥିଲେ। ଏହି ସୁଯୋଗରେ ହରେକୃଷ୍ଣ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କ ଏପରି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି । ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ



ହରେକୃଷ୍ଣଙ୍କ ଫାଇଲ ଫଟୋ।

ଏକ ଅପମୃତ୍ୟୁ ମାମଲା (ନଂ ୨୩/ ୨୦୧୯) ରୁଜୁ ହୋଇଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ହରେକୃଷ୍ଣ ପାଠପଢାରେ ବିଶେଷ ଧ୍ୟାନ ଦେଉ ନ ଥିଲେ। ନିୟମିତ ସ୍କୁଲକୁ ଯାଉ ନ ଥିବାରୁ ବାପା ପ୍ରଦୀପ ତାଙ୍କୁ ବହୁଥର ବୁଝାଶୁଝା କରୁଥିଲେ। ଗୁରୁବାର ଠାରୁ ସେ ସ୍କୁଲ ଯାଇ ନ ଥିଲେ। ବାପାଙ୍କ ତାଗିଦ ପରେ ହରେକୃଷ୍ଣ ସୋମବାର ଠାରୁ ନିୟମିତ ସ୍କୁଲ ଯିବେ ବୋଲି କହିଥିଲେ। ଶୁକ୍ରବାର ବାପା ପ୍ରଦୀପ ହରେକୃଷ୍ଣଙ୍କୁ ଗାଡିରେ ବସାଇ ବୁଲାଇବାକୁ ନେଇଥିଲେ । ସେଠାରୁ ସେ ଦହିବରା ଆଳୁଦମ ଧରି ଘରକୁ ଫେରିଥିଲେ। ଦିନ ପ୍ରାୟ ସାଢେ ୧୧ଟାରେ ପ୍ରଦୀପ ଓ ତାଙ୍କ ସ୍ତ୍ରୀ ମାର୍କେଟିଂ କରିବାକୁ ବାହାରି ଯାଇଥିଲେ। ଅଧଘଣ୍ଟାରେ ଫେରିବୁ ବୋଲି ହରେକୃଷ୍ଣଙ୍କୁ କହି ଯାଇଥିଲେ। ଏହି ସୁଯୋଗରେ ହରେକୃଷ୍ଣ ଘରେ ଥିବା ଟେବୁଲ ଉପରେ ଷ୍ଟୁଲ ପକାଇ ପଙ୍ଖାରେ ରଶି ବାନ୍ଧି ଝୁଲିପଡିଥିଲେ । ଦିନ ପ୍ରାୟ ସାଢ଼େ ୧୨ଟାରେ ମା'ବାପା ମାର୍କେଟରୁ ଆସି ଘରେ ପହଞ୍ଚି ଥିଲେ। ହେଲେ ପୁଅର ଏପରି ଅବସ୍ଥା ଦେଖି ସେମାନେ ହତ୍‌ବାକ ହୋଇ ପଡିଥିଲେ। ତୁରନ୍ତ ପୋଲିସକୁ ଖବର ଦିଆଯିବା ସହ ହରେକୃଷ୍ଣଙ୍କୁ ଆରଜିଏଚ୍ ନିଆଯାଇଥିଲା। ଡାକ୍ତର ସେଠି ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଦିତନଗର ଥାନାଧିକାରୀ ସୁଦର୍ଶନ ପଣ୍ଡାଙ୍କୁ ପଚାରାଯିବାରୁ ସେ କହିଛନ୍ତି ଆମେ ଘଟଣାର ଅଧିକ ତଦନ୍ତ କରୁଛୁ। ଏନେଇ ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଉଛି। ତଦନ୍ତ ପରେ ସବୁ ସ୍ପଷ୍ଟ ହେବ।




ବାବୁ ମହଲ: ମୋବାଇଲ ନିଶା
ଦେଖନ୍ତୁ ଭିଡିଓ
YouTube /dharitrilive




# ଶିକାରୀଙ୍କ ବିଦ୍ୟୁତ୍ ତାରରେ ପଡି ବାପ ପୁଅ ମୃତ

- ସାନପୁଅ ଗୁରୁତର
- ବୀରମହାରାଜପୁର ରେଞ୍ଜ
- ବିଦ୍ୟୁତ୍ ତାର ଟାଣି ଅବାଧରେ ବନ୍ୟଜନ୍ତୁ ଶିକାର ଚାଲିଛି
- ବନ ବିଭାଗ ପକ୍ଷରୁ ନିଆଯାଉନି କୌଣସି ପଦକ୍ଷେପ



ଜଙ୍ଗଲରୁ ଜବତ ହୋଇଥିବା ତାର।

**ଅମରପାଲି, ୧୮।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ସୁବଳୟା ଥାନା ପିତାମହୁଲ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ଲାଗି ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ବାପ ପୁଅଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ପୁଅ ଗୁରୁତର ହୋଇପଡିଛନ୍ତି। ମୃତକ ହେଲେ ବାପା ସହଦେବ ସାହୁ (୫୫) ଓ ବଡପୁଅ ଦେବାନନ୍ଦ ସାହୁ(୩୫) । ସାନପୁଅ ଅରୂପାନନ୍ଦ ସାହୁ(୩୦)ଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପିତାମହୁଲ ବାଉରୀଯୋର ନିକଟ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ଲାଇନରୁ ତାର ଟାଣି ଜଙ୍ଗଲରେ ବିଛାଯାଇଥିଲା। ଗୁରୁବାର ରାତି ପ୍ରାୟ ୧୦ଟାରେ ସହଦେବ, ଦେବାନନ୍ଦ ଓ ଅରୁପାନନ୍ଦ କୌଣସି କାମରେ ଯାଉଥିବା ବେଳେ ଟଣାଯାଇଥିବା ବିଦ୍ୟୁତ୍ ତାର ସେମାନଙ୍କ ଦେହରେ ଲାଗି ଯାଇଥିଲା। ଫଳରେ ସହଦେବ ଓ ବଡପୁଅ ଦେବାନନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସାନପୁଅ ଅରୁପାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ରାତିରେ ୩ ବାପପୁଅ କେଉଁ ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଇଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଶୁକ୍ରବାର ସକାଳେ ଖବର ପାଇ ସୁବଳୟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବୀରମହାରାଜପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ ସହଦେବଙ୍କ ଶାଳକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ସୁବଳୟା ଥାନା ପୋଲିସ ଏକ ମାମଲା( ନଂ. ୬୭/୧୯) ରୁଜୁ କରିଛି। ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ, ଜଙ୍ଗଲରେ ବିଦ୍ୟୁତ୍ ତାର ଲଗାଇ ବନ୍ୟଜନ୍ତୁ ଶିକାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଉଲୁଣ୍ଡା ରେଞ୍ଜର ମେଟାକାନି, କୁତମେଣ୍ଡା, ସୁନାପାଲି ଓ ମାକଡବାହାଲ ଜଙ୍ଗଲରେ ଶିକାର ପାଇଁ ବିଛା ଯାଇଥିବା ତାରରେ ଲାଗି ୪ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଖଜୁରିଆପାଲି ଗ୍ରାମରେ ବିଦ୍ୟୁତ୍ ତାର ଲାଗି ୬ ଗାଈ ମରି ପଡିଥିଲେ । ଏନେଇ ବିଦ୍ୟୁତ୍ ବିଭାଗୀୟ ଏସ୍‌ଡିଓ ଏନ୍.ସଞ୍ଜୀବ କୁମାର ରାଓଙ୍କୁ ପଚାରିବାରୁ ୧୧ କେଭି ବିଦ୍ୟୁତରୁ ବେଆଇନ ଭାବେ ତାର ଟାଣି ଶିକାର କରାଯାଉଥିବା କହିଛନ୍ତି । ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କୁ ପଚାରିବାରୁ ଜଙ୍ଗଲରେ ଏଭଳି ଶିକାର ହେଉଥିବା ଘଟଣାକୁ ସ୍ୱୀକାର କରିଥିଲେ। ହେଲେ ନବ ବିଭାଗ ପକ୍ଷରୁ ପାଟ୍ରୋଲିଂ କରା ଯାଉଥିବା କହିଛନ୍ତି।

# ଓଡ଼ିଶା ସିଆର୍‌ପିଏଫ ମହାନିରୀକ୍ଷକଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର, ୧୮।୧୦(ବ୍ୟୁରୋ): କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଓଡିଶା ସେକ୍ଟର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ନୂଆ ପୋଲିସ ମହାନିରୀକ୍ଷକ ଭାବେ ସଂଗ୍ରାମ କେଶରୀ ମହାନ୍ତି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳରେ ୧୯୮୬ ବ୍ୟାଚର କ୍ୟାଡର ଅଧିକାରୀ ଭାବେ ସଂଗ୍ରାମ ନିଯୁକ୍ତି ପାଇଥିଲେ। ମୟୂରଭଞ୍ଜ ଜିଲା ବାରିପଦା ଅଞ୍ଚଳରେ ଜନ୍ମିତ ଓଡ଼ିଆ ପୁଅ ସଂଗ୍ରାମ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସିଆର୍‌ପିଏଫ୍‌ରେ ଅତିରିକ୍ତ ଏସ୍‌ପି ପଦରେ ଯୋଗଦେବା ପରେ ଆଭ୍ୟନ୍ତରୀଣ ସୁରକ୍ଷା ଏକାଡେମୀ, ମାଉଣ୍ଟଆବୁରେ ପ୍ରଶିକ୍ଷଣ ପାଇଥିଲେ। ପ୍ରଶିକ୍ଷଣ ବେଳେ ତାଙ୍କୁ ଉତ୍ତମ ଆଉଟଡୋର ପ୍ରଶିକ୍ଷାର୍ଥୀ ଭାବେ ଘୋଷଣା କରାଯାଇଥିଲା। ଜମ୍ମୁ କଶ୍ମୀରର ଆତଙ୍କବାଦୀ ଦମନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ରହିଛି। ପ୍ରଧାନମନ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବାହାର ନିରାପତ୍ତା ପାଇଁ ତାଙ୍କୁ ନୂଆଦିଲ୍ଲୀରେ ନିୟୋଜିତ କରାଯାଇଥିଲା। ସେ ୨୦୦୯ରେ ପୋଲିସ ମେଡାଲ ପାଇଥିଲେ।



Follow us on: khimjilive instakhimji
83 YEARS TRUST IS TIMELESS
Exquisite lightweight Polki.
Because you won't settle
for anything less.
KHIMJI GUARANTEE 100%
PRICE-LESS Polki by KHIMJI
Jewellers since 1936
Starting from ₹68,000*
Price-Less Polki Collections available only at our Flagship Store, 621, Janpath
STORES ONLY AT: BHUBANESWAR: 621, Saheed Nagar, Janpath | BHUBANESWAR: 309, District Centre, Chandrashekarpur | BERHAMPUR: Venkataraju Arcade, Sano Bazar | CUTTACK: 558/834, Cantonment Road | ROURKELA: Kesar Bhavan, Main Road | Toll Free: 1800 3131 777 • Open on Sundays.




ଆଜି ଏମ୍ ଆର୍ ଏଫ୍ ଟାୟାର
ଅତାବିରା ରେ ଏକ୍ସକ୍ଲୁସିଭ୍
ଶୋ'ରୂମ୍ ଖୋଲୁଅଛି ।
ଅଟୋମେଟିକ୍ ଟାୟାର ବଦଳାଇବାର ସୁବିଧା
MRF
ମା ଟାୟାର୍ସ
ଏମ୍ ଆର୍ ଏଫ୍ ଏକ୍ସକ୍ଲୁସିଭ୍ ଶୋରୂମ୍
At/Po - ଅତାବିରା, ଅଗ୍ରସେନ୍ ଭବନ ନିକଟରେ
ଆଜି ଗୋଟିଏ ବିଶିଷ୍ଟ ଶୋ'ରୂମ୍ ଖୋଲୁଛି, ଯେଉଁଠି ଅତାବିରା ଯାନ ଚାଳକମାନଙ୍କ ପାଇଁ, ଟାୟାର କିଣିବାର ଏକ ନୂଆ ଅନୁଭବ ମିଳିବ । ଏହି ଶୋ'ରୁମ୍‌ରେ ଆପଣଙ୍କ ପସନ୍ଦିଆ ଏମ୍ ଆର୍ ଏଫ୍ ଟାୟାର ଓ ଟ୍ୟୁବ୍‌ସ ବ୍ୟବହାରର ସମସ୍ତ ସୂଚନା ରଖା ଯାଇଛି, ଏବଂ ଉତ୍ତମ ସେବା ଯୋଗାଇବାର ବ୍ୟବସ୍ଥା ବି ରହିଛି, ଯେପରିକି ଆପଣଙ୍କ ଟାୟାର ଦୀର୍ଘ ଦିନ ପର୍ଯ୍ୟନ୍ତ ସଫଳତା ପୂର୍ବକ ଆପଣଙ୍କ ସେବା କରିପାରିବ ।
ତେଣୁ ବିଚାରରେ ସମୟ ନଷ୍ଟ କରନ୍ତୁ ନାହିଁ । ଟାୟାର ଆବଶ୍ୟକ ହେଲେ ମା ଟାୟାର୍ସ ଆଡକୁ ଗାଡି ବୁଲାନ୍ତୁ ଆଉ ତତ୍ପର ଓ ଉତ୍ସାହପୂର୍ଣ୍ଣ ଗ୍ରାହକ ସେବାର ଲାଭ ନିଅନ୍ତୁ ।
ଉଦ୍‌ଘାଟନ ଆଜି: 11:00 AM
ମା ଟାୟାର୍ସ
At/Po - ଅତାବିରା,
ଅଗ୍ରସେନ୍ ଭବନ ନିକଟରେ
ଅତାବିରା, ବରଗଡ,
ଓଡିଶା - 768 027.
Mobile: 98613 10675
MRF TYRES
Tyres with Muscle
ଡିଲରସିପ୍, ଅନୁସନ୍ଧାନ,
ଦୟାକରି ଏମ୍ ଆର୍ ଏଫ୍
ଲିମିଟେଡ ଟୋଲ୍‌ଫ୍ରି ନଂ
1800 419 4888
ରେ ସମ୍ପର୍କ କରନ୍ତୁ ।
www.mrftyres.com
For further assistance, contact: write2us@mrfmail.com
Like us at: https://www.facebook.com/mrfcorporate
Follow us at: twitter.com/MRFWorldwide




TRUE VALUE
MARUTI SUZUKI
THE MEGA CAR FESTIVAL
CELERIO ₹3,00,000/- ରୁ ଆରମ୍ଭ
WAGONR ₹2,50,000/- ରୁ ଆରମ୍ଭ
SWIFT ₹3,50,000/- ରୁ ଆରମ୍ଭ
ଏହାହିଁ ହେଉଛି ଠିକ ସୁଯୋଗ ଭଲ ଦାମରେ ଗୋଟିଏ ବଢିଆ କାର ବାଛିବା ।
ଏହି ସପ୍ତାହ ଶେଷରେ ନିଜର ନିକଟତମ True Value ସୋରୁମକୁ ଯାଆନ୍ତୁ ଏବଂ ବଢିଆ pre-owned କାର ଗୁଡିକ ମଧ୍ୟରୁ ବଡ ସିଲେକ୍ସନ ରୁ ନିଜର ପସନ୍ଦର କାରକୁ ବାଛି ନିଅନ୍ତୁ ।
VENUE: NEAREST TRUE VALUE SHOWROOM
DATE: 19TH - 21ST OCTOBER, 2019
ଆପ୍ ଡାଉନଲୋଡ୍ କରନ୍ତୁ
App Store
Google play
ଦୟାକରି True Value ଆପ୍ ଏବଂ ୱେବସାଇଟରେ ଆମ ଗାଡ଼ିଗୁଡ଼ିକର ସମ୍ପୂର୍ଣ୍ଣ ରେଞ୍ଜ୍ ମଧ୍ୟରୁ ବାଛନ୍ତୁ।
TRUE VALUE ସାର୍ଟିଫାଏଡ ଗାଡ଼ିଗୁଡ଼ିକ
ସରଳ ପେପରୱାର୍କ
ଗାଡ଼ିର ଯାଞ୍ଚ ପରୀକ୍ଷା ଇତିହାସ
୧ ବର୍ଷ ପର୍ଯ୍ୟନ୍ତର ୱାରେଣ୍ଟି ଆଉ ୩ଟି ସର୍ଭିସ୍ ମାଗଣା
For enquiry, SMS TRUE to 53636 | Call at 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED
All new True Value at: SAMBALPUR/JHARSUGUDA/BARGARH/BOLANGIR: Odyssey Motors, Ph: 7873411550, 6370700832.

**ଆଜିର ମନ୍ତବ୍ୟ**
ବିଶ୍ୱସ୍ତରରେ ଭାରତ ବିରୋଧୀ ପ୍ରସଙ୍ଗକୁ ଦୃଢ଼ କରିବା ପାଇଁ କଂଗ୍ରେସକୁ ବ୍ୟବହାର କରୁଛି ପାକିସ୍ତାନ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**
ଦେଶରେ ବ୍ରଡବ୍ୟାଣ୍ଡ ସବସ୍କ୍ରାଇବରଙ୍କ ସଂଖ୍ୟାରେ ୧.୮୭% ବୃଦ୍ଧି ଘଟି ୬୧.୫୫ କୋଟି ଛୁଇଁଛି। – ଟ୍ରାଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଡୁଗୁ
ପରିବାରବର୍ଗ


ମାମାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ହର୍ଷିତା ଚୌଧୁରୀ


ଅଂଶୁମାନ ପାଢ଼ୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପାଠ ଭୁଲ୍ ପାଇଁ ୪ବର୍ଷର ଶିଶୁକୁ ନିସ୍ତୁକ ପିଟିଲେ ଶିକ୍ଷକ

**ଲହୁଣୀପଡ଼ା,୧୮।୧୦(ଡି.ଏନ.ଏ.)**

ସରକାର ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିବା ବେଳେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ସ୍ଥାନୀୟ ଘରୋଇ ସ୍କୁଲରେ। ରାଉରକେଲା ସେକ୍ଟର ୧୭ରେ ଚାଲିଥିବା ମଧୁସୂଦନ ଶିକ୍ଷା ନିବାସର ଏକ ଶାଖା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁରେ ରହିଛି। ଏହି ଶିକ୍ଷା ନିବାସରେ ଖୁଣ୍ଟଗାଁ ଗ୍ରାମରେ ରହୁଥିବା ଜ୍ଞାନରଞ୍ଜନ ଦେହୁରୀଙ୍କ ୪ବର୍ଷର ପୁଅ ମୋହିନୀ ମୋହନ ଦେହୁରୀ ୱାଇକେଜି ଶ୍ରେଣୀରେ ପାଠ ପଢନ୍ତି। ଶୁକ୍ରବାର ସକାଳ ୯ ଟାରେ ସେ ସ୍କୁଲକୁ ଆସିଥିଲେ। ବିଦ୍ୟାଳୟର ଜଣେ ଶିକ୍ଷକ ଇ-ମ୍ୟାଥ୍ ବିଷୟ ପଢାଉଥିଲେ। ପାଠ ଭୁଲ୍ କରିବାରୁ ଏକ ବାଡିରେ ସେ ମୋହିନୀ ମୋହନଙ୍କୁ ନିସ୍ତୁକ ପିଟିଥିଲେ। ଶିଶୁଟି ଅପରାହ୍ନ ୨ଟାରେ ସ୍କୁଲରୁ ଘରକୁ ଫେରି ମା'ଙ୍କୁ ଏ ବିଷୟରେ କହିଥିଲେ। ମା'ବାପା ଉଭୟ ପୁଅ ପିନ୍ଧିଥିବା ସାର୍ଟ ଖୋଲିବାରୁ ପିଠିରେ ମାଡର ଚିହ୍ନ ସ୍ପଷ୍ଟ ବାରି ହୋଇପଡିଥିଲା । କେତେକ ସ୍ଥାନରେ ଚମ ଫାଟି ରକ୍ତ ବାହାରୁଥିଲା । ଏଥିନେଇ ତାଙ୍କ ମା'ବାପା ଖୁଣ୍ଟଗାଁ ମଧୁସୂଦନ ଶିକ୍ଷା ନିବାସ ଦାୟିତ୍ୱରେ ଥିବା ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଏ ବିଷୟରେ ଅବଗତ କରିବା ସହ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।


ମୋହିନୀ ମୋହନଙ୍କ ପିଠିରେ ଥିବା ମାଡ଼ ଦାଗ ।

# ସିବିଆଇ ଜାଲରେ ସହକାରୀ ପୋଷ୍ଟମାଷ୍ଟର

**ଚିତ୍ରଡା,୧୮।୧୦(ଡି.ଏନ୍.ଏ.)**

କମିଶନି ଟଙ୍କା କରାଇଦେବାକୁ ଏଜେଣ୍ଟଙ୍କଠାରୁ ଲାଞ୍ଚ ନେବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ଉପ ଡାକଘରର ସହକାରୀ ପୋଷ୍ଟମାଷ୍ଟର ଶୁକ୍ରବାର ସିବିଆଇ ହାତରେ ଧରାପଡ଼ିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏକ ୬ ଜଣିଆ ସିବିଆଇ ଟିମ୍ ତାଙ୍କୁ ଗିରଫ କରିଛି। ଗିରଫ ସହକାରୀ ପୋଷ୍ଟମାଷ୍ଟର ହେଲେ ସ୍ନେହାଶିଷ ପରିଡା। ତାଙ୍କ ଡାକ ସର୍କଲରେ କାମ କରୁଥିବା ଏଜେଣ୍ଟମାନଙ୍କ କମିଶନି ଟଙ୍କା କରାଇ ଦେବାକୁ ସେ ଲାଞ୍ଚ ନେଉଥିବା ଅଭିଯୋଗ ହେଉଥିଲା। ସନ୍ଧ୍ୟା ସମୟରେ ମୋରଡ଼ା ବ୍ଲକ ଅଧୀନ ଧାନସଲା ଗ୍ରାମର ବ୍ରଜ କିଶୋର ମହାନ୍ତଙ୍କଠାରୁ ସେ ୪୦୦୦ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ସିବିଆଇ ଟିମ ଚଢ଼ାଉ କରି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିବା ସିବିଆଇ ଟିମ୍‌ର ଇନ୍ସପେକ୍ଟର ପି. ସି. ସାହୁ କହିଛନ୍ତି। ସିବିଆଇ ଟିମ୍ ତାଙ୍କୁ ଗିରଫ କରି ଚିତ୍ରଡା ଫାଣ୍ଡିରେ ପଚରାଉଚରା ଚଳାଇଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରଜ କିଶୋରଙ୍କ ସ୍ତ୍ରୀ କଳ୍ପନା ମହାନ୍ତ ଭୋଳାଗଡ଼ିଆ ଅଞ୍ଚଳର ପୋଷ୍ଟାଲ ଏଜେଣ୍ଟ ରହିଛନ୍ତି।

## ସଚିବାଳୟକୁ ନା

ପରିବେଶ ବିଭାଗ ନିର୍ଦ୍ଦେଶକ ସମସ୍ତ ବିଭାଗର ଅଧିକାରୀଙ୍କୁ ଡାକି ଶୁକ୍ରବାର ଖାରବେଳ ଭବନରେ ଏକ ବୈଠକ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କୁ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବାଳୟରେ କୌଣସି ପ୍ରକାର ପାଣିବୋତଲ, ପଲିଥିନ, ଫୋଲଡର, ଥର୍ମୋକୁଲ ନିର୍ମିତ କପ, ପ୍ଲେଟ, ସଜାଇବା ସାମଗ୍ରୀ, ବ୍ୟାନର କିମ୍ବା ପୋଷ୍ଟର ଭଳି ପ୍ଲାଷ୍ଟିକ ତିଆରି କୌଣସି ଜିନିଷ କାର୍ଯ୍ୟାଳୟରେ କିମ୍ବା ବୈଠକ ସମୟରେ ବ୍ୟବହାର କରାଯିବ ନାହିଁ। ବିଭିନ୍ନ ସମୟରେ ମୁଖ୍ୟ ଶାସନ ସଚିବ ସଚିବାଳୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ବିଭାଗୀୟ ସଚିବଙ୍କୁ ଜଣାଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା। ବ୍ୟକ୍ତିଗତ ବ୍ୟବହାର କିମ୍ବା ବୈଠକରେ କୌଣସି କମ୍ପାନୀର ପାଣିବୋତଲକୁ ଅନୁମତି ଦିଆଯିବ ନାହିଁ। ବୈଠକରେ ଥର୍ମୋକୁଲ ନିର୍ମିତ କୌଣସି ସାମଗ୍ରୀ ବ୍ୟବହାର ହୋଇ ପାରିବ ନାହିଁ। ଅଧିକାରୀମାନେ କାର୍ଯ୍ୟାଳୟରେ ଥିବା ପାନୀୟ ଜଳକୁ ବ୍ୟବହାର କରିବେ। କୌଣସି ବିଭାଗ ପ୍ଲାଷ୍ଟିକ ବ୍ୟାନର ବ୍ୟବହାର କରିବେ ନାହିଁ। କପଡ଼ାରେ ତିଆରି ବ୍ୟାନର ବ୍ୟବହାର କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗର ଜଣେ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ନିଜ କାର୍ଯ୍ୟାଳୟରେ ପଲିଥିନ କିମ୍ବା ପ୍ଲାଷ୍ଟିକ ବ୍ୟବହାର ଯେପରି ନ ହେବ ତାହା ନିଶ୍ଚିତ କରିବେ। ସଚିବାଳୟରେ ସମ୍ପୂର୍ଣ୍ଣ ନିଷେଧ ହେବା ପରେ ଜିଲା ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ପଲିଥିନ /ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀମାନେ ଚିଠି ଲେଖି ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପଲିଥିନ ନିଷେଧ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେବା ଭଳି ମନେ ହେଉ ନାହିଁ। ପୌରାଞ୍ଚଳଗୁଡିକରେ ପଲିଥିନ ବ୍ୟବହାର ଅବାଧରେ ଚାଲିଛି । କାଁ ଭାଁ ଜରିମାନା ଆଦାୟ କରି ପୌରାଞ୍ଚଳ କର୍ତ୍ତୃପକ୍ଷ ହାତବାନ୍ଧି ବସି ଯାଉଛନ୍ତି। ଫଳରେ କଟକଣା ସତ୍ତ୍ୱେ ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ପଲିଥିନ ବ୍ୟବହାରକୁ ନିଜଠାରୁ ଦୂରେଇ ପାରି ନାହାନ୍ତି। ପଲିଥିନ ପରବେଶ ପାଇଁ ବିପଜ୍ଜନକ। ଏହାକୁ କଡ଼ାକଡ଼ି ପାଳନ କରିବା ଦରକାର ବୋଲି ପରିବେଶବିତ ମତ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଜଷ୍ଟିସ୍ ବୋବ୍‌ଡେ ...

ପୂର୍ବରୁ ପରବର୍ତ୍ତୀ ବରିଷ୍ଠ ବିଚାରପତିଙ୍କୁ ତାଙ୍କ ଉତ୍ତରାଧିକାରୀ ନିଯୁକ୍ତି ଲାଗି ସୁପାରିସ କରିଥାନ୍ତି। ସିଜେଆଇ ଭାବେ ଜଷ୍ଟିସ୍ ଗୋଗୋଇଙ୍କ କାର୍ଯ୍ୟକାଳ ୧୩ ମାସ ୧୫ ଦିନ ଥିଲା। ଜଷ୍ଟିସ୍ ବୋବ୍‌ଡେ ଯଦି ନଭେମ୍ବର ୧୮ରେ ସିଜେଆଇ ଭାବେ ଶପଥ ନିଅନ୍ତି ତେବେ ସେ ଉକ୍ତ ପଦରେ ପ୍ରାୟ ୧୮ ମାସ ରହିବେ। ଉଚ୍ଚତର ବିଚାରାଳୟର ସଦସ୍ୟମାନଙ୍କ ନିଯୁକ୍ତି ପରିଚାଳନା କରୁଥିବା ମେମୋରେଣ୍ଡମ୍ ଅଫ ପ୍ରୋସିଜିଓର୍ ଅନୁଯାୟୀ ସୁପ୍ରିମକୋର୍ଟର ସର୍ବବରିଷ୍ଠ ବିଚାରପତିଙ୍କୁ ହିଁ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଲାଗି ଉପଯୁକ୍ତ ବଛାଯାଇଥାଏ। ସେହି ପ୍ରକ୍ରିୟା ଅନୁଯାୟୀ ସିଜେଆଇଙ୍କ ସୁପାରିସକୁ ଆଇନ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ରଖିବ। ପରବର୍ତ୍ତୀ ସିଜେଆଇ ନିଯୁକ୍ତି ନେଇ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବେ। ସମ୍ବିଧାନର ଅନୁଚ୍ଛେଦ ୧୨୪ ଅନ୍ତର୍ଗତ ଧାରା ୨ ଅନୁଯାୟୀ ରାଷ୍ଟ୍ରପତି ଭାରତର ପ୍ରଧାନ ବିଚାରପତିଙ୍କୁ ନିଯୁକ୍ତ କରିଥାନ୍ତି।

## ଭାରତୀୟ ଦଳରେ..

ରୌପ୍ୟ ଏବଂ ୨୦୧୭ରେ ଗିଫୁଠାରେ ଅନୁଷ୍ଠିତ ଏସିଆନ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଅମିତ ୨୦୧୩ରେ ଇପୋଠାରେ ଅନୁଷ୍ଠିତ ଏସିଆ କପ୍‌ରେ ରୌପ୍ୟ, ୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ, ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପକ୍ଷରୁ ଖେଳିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଧନାଧିପତିଙ୍କ ସ୍ୱଗୃହ ସଂସ୍ଥାନରୁ ଅର୍ଥନୈତିକ ଉତ୍କର୍ଷତା ମୁହଁରେ ହସ ଫୁଟାଇବ। କିନ୍ତୁ ଏମିତି କେତେକ କାମ ରହିଛି ଯାହାକି ମନ ଚାହୁଁଥିଲେ ମଧ୍ୟ ଆପଣ ଅସମର୍ଥ ହୋଇପଡ଼ିବେ। ପାରିବାରିକ ସୌଖ୍ୟ ସାଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଚନ୍ଦ୍ରଙ୍କ ଶୁଭ ପ୍ରଭାବରେ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତି କ୍ରମଶଃ ବଦଳିବାରେ ଲାଗିବ। ବନ୍ଧୁମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। କିନ୍ତୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**ମିଥୁନ** ରାଶିରେ ରାହୁ ଓ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ଚିନ୍ତାଧାରାକୁ ବଦଳାଇ ଦେଇପାରେ। ତଥାପି ସ୍ତ୍ରୀଙ୍କ ଅନୁପ୍ରେରଣା, ପଡ଼ୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ହେତୁ ଏକାଧାରରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଅତୁଟ ରହିବ। ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇଲେ ସୁଦ୍ଧା ଶନିଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ରକୁ ଅସ୍ଥିରତା ପ୍ରଦାନ କରିପାରନ୍ତି। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ।

**ସିଂହ** ଦିନଟିରେ ପରିବାର, କର୍ମକ୍ଷେତ୍ର, ଶିକ୍ଷା ତଥା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସମର୍ଥହେବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ତାହା ଟିକିଏ ବିଳମ୍ବରେ ପାଇବେ। ସଭାସମିତି, କଳା ସାହିତ୍ୟ, ରାଜନୀତି, ଜମିଜମା କାରବାର ତଥା ଗଠନମୂଳକ କାର୍ଯ୍ୟରେ କାମ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଗଠନମୂଳକ କିମ୍ବା ସାମୂହିକ କାମରେ ନିଜର ପଟିଆରା ଜାହିର କରିପାରିବେ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ ଏବଂ ସାମାଜିକ ପ୍ରତିଷ୍ଠା ମଧ୍ୟ ଅକ୍ଷୁଣ୍ଣ ରହିବ। ଶନିଙ୍କ ସୂତ୍ରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା** ଆଜି ମନରେ ବହୁବିଧ ଭାବନା ଉଦ୍ରେକ ହେବ କିନ୍ତୁ ବେଶି ଆଶାକରି କିଛି ପାଇବେ ନାହିଁ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି।

**ବିଛା** ଆଜି ଆପଣ ଯାହା କରନ୍ତୁନା କାହିଁକି କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଶନିଙ୍କ କୁପ୍ରଭାବରୁ ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜି ଆପଣଙ୍କ ପାଇଁ ଯିଏ ଖାଲ ଖୋଳିବ ସେଥିରେ ସେହି ବ୍ୟକ୍ତି ପଡ଼ିବାର ଖବର ପାଇବେ। ତଥାପି ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସନ୍ତାନମାନଙ୍କ ବୈବାହିକ କର୍ମ ସମ୍ପାଦନ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ଗଣତନ୍ତ୍ରର ପ୍ରତୀକ ଶନିଶ୍ଚର ଗଣମାଧ୍ୟମ ସମ୍ବନ୍ଧିତ ବ୍ୟକ୍ତିମାନଙ୍କ ସକାଶେ ଖୁସି ଖବର ପ୍ରଦାନ କରିବେ। ବୈରାଗ୍ୟକାରକ ହେତୁ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟରେ ସମସ୍ୟା କ୍ରମଶଃ ଦୂରେଇଯିବ କିନ୍ତୁ କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସି ହୋଇପାରିବେ ନାହିଁ। ଆଗାମୀ ସମୟର ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ । ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଲାଗିରହିବ। ପ୍ଲଟିଂ କାରବାର, ପ୍ରଶାସନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି। ପରିସ୍ଥିତି ଏପରି ହେବ ଯେ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟପ୍ରଦ ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ ଶନିବାର, ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ରାଶି ନକ୍ଷତ୍ର–ମୃଗଶିରା/ବୃଷ, କନ୍ୟା ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ୬।୩୨ମି. ମଧ୍ୟେ ଘ୭।୧୮ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୨।୫୮ମି. ମଧ୍ୟେ ଅମୃତବେଳା । ଦିବା ଘ୭।୧୧ମି. ଗତେ ଘ୮।୪୭ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୩୯ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

**SALE**

Commando bike 2years 3000km good conditions. 9090090045, 7077034138. D-14824

real estate

**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68403

2BHK simplex 26,00,000/- finishing Hanspal, Gharabari plot Atala, Bhingarpur- 8249125856. D-67088

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

Simplex @ 30Lakhs available at Anantpur, Nakhara (Back side of East College) Contact: 9937858998. D-14822

**Gated plotting project near Sum Hospital and Janla Infovally square. 7008818121.** D-66796

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

1500sqft. gharabari plots with 30ft. road 8k.m from airport 2 k.m before OEC/ Xavier University, Bhubaneswar for sale. 9937162220. D-66197

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**Mouza Krushnasaranpur- Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain- 9337028135.** D-68402

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak- 9937329999 (Broker Excuse).** D-68017

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**PURCHASE**

Required urgently duplexes simplexes flats from direct owners Bhubaneswar, 7978736177. D-68205

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14823

to-let

1600sqft Duplex for rent Shreya Villa, Patrapada. Contact- 9437018686, 9937018686. D-14811

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Refresh your mind and soul with best therapy at Orchid Salon/ Spa. 9937287222. D-66977

Ayurvedic full body massage ladies/gents smart experts therapist- 8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

**LOST**

I, Sri Santosh Kumar Pattnaik, aged about 52 years, S/o Sri Baikuntha Nath Nayak, At- Kendubila, P.O- Prataprudrapur, P.S- Balianta, Dist- Khurda do hereby declare that on Dt.15.10.19, original Regd. Sale Deed No. 5033 Dt. 24.08.05 a link deed relating to my property of Mouza- Malipada, Plot No. 318/991/1966, Area Ac.0.027 Dec., is missed somewhere while going to make xerox copy of the document and after through search,I could not find the same. In case any person find said document, hereby request to inform me at above address. D-14826

**AFFIDAVIT**

ମୁଁ ଶିବାନନ୍ଦ ପ୍ରଧାନ, ପିତା– ପୁରସ୍ତମ ପ୍ରଧାନ, ଗ୍ରାମ– ମାଧପୁର, କଲୋନୀ ସାହି, ପୋଷ୍ଟ– ମାଧପୁର, ଥାନା– ପୁରୁଣା କଟକ, ବ୍ଲକ– ହରଭଙ୍ଗା, ଜିଲ୍ଲା– ବଉଦ, ବଉଦ ନୋଟାରୀଙ୍କ ପାଖରେ ଘୋଷଣା କରୁଅଛି ଯେ, ମୋର ଏଲ୍‌ଆଇସି ନଂ. 587711543 ଏବଂ 849721987ରେ ମୋର ନାମ ଭୁଲ୍‌ବଶତଃ ସଦାଶିବ ପ୍ରଧାନ ଥିଲା। ମୋର ପ୍ରକୃତ ନାମ ଶିବାନନ୍ଦ ପ୍ରଧାନ। ଶିବାନନ୍ଦ ପ୍ରଧାନ ଓ ସଦାଶିବ ପ୍ରଧାନ ଏକ ଓ ଅଭିନ୍ନ ବ୍ୟକ୍ତି ଅଟନ୍ତି। ଧ–୧୪୮୨୫

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ

# ନୀତି ସିଇଓଙ୍କ ଛାଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରେଳଷ୍ଟେଶନଗୁଡ଼ିକର ଆଧୁନିକୀକରଣରେ ମନ୍ଥରତାକୁ ନେଇ ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଅମିତାଭ କାନ୍ତ କଟୁ ସମାଲୋଚନା କରିବା ପରେ ରେଳ ମନ୍ତ୍ରଣାଳୟ କାର୍ଯ୍ୟରେ ତତ୍ପରତା ପ୍ରକାଶ କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ବି ତାହା ହିଁ ଚାହେଁ। ରେଲ୍‌ୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କୁ ଲେଖିଥିବା ଚିଠିରେ କାନ୍ତ ଗୋଟିଏ ଗୋଟିଏ ଷ୍ଟେଶନର ନବୀକରଣ କାର୍ଯ୍ୟ ବର୍ଷ ବର୍ଷ ଧରି ଚାଲୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେ ପ୍ରସ୍ତାବ ଦେଇଥିଲେ ଯେ, ସଚିବ ଓ ରେଳ ବାବୁମାନଙ୍କର ଏକ କ୍ଷମତାସମ୍ପନ୍ନ ଗୋଷ୍ଠୀ ଗଠନ କରାଯାଉ, ଯେଉଁମାନେ ଧାର୍ଯ୍ୟ ସମୟସୀମା ଭିତରେ ପ୍ରକଳ୍ପ କାର୍ଯ୍ୟ କିପରି ସରିବ ସେ ଦିଗରେ ସହାୟତା କରିବେ। ଷ୍ଟେଶନ ପ୍ରକଳ୍ପ ମାନେ ରେଳ ସମ୍ପତ୍ତିକୁ ଲିଜ୍‌ରେ ଦେବା। ପ୍ରାପ୍ତ ସୂଚନା ଅନୁସାରେ ଯାଦବଙ୍କୁ ଏକ କମିଟି ଗଠନ କରିବାକୁ କୁହାଯାଇଛି, ଯେଉଁଥିରେ କାନ୍ତ ଓ ଯାଦବଙ୍କ ସମେତ ଅର୍ଥ ବ୍ୟାପାର ସଚିବ, ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ସଚିବ ଏବଂ ରେଳ ବୋର୍ଡ ଫାଇନାନ୍‌ସିଆଲ କମିଶନର ସଦସ୍ୟ ରହିବେ। ଶେଷରେ ନୀତି ଆୟୋଗର କଟୁ ସମାଲୋଚନା ମନ୍ଥର ରେଳ ବାବୁମାନଙ୍କୁ ସକ୍ରିୟ ଓ ସଚେତନ କରିପାରିଛି। ସେମାନେ ଏବେ ତତ୍ପରତାର ସହ ମିଳିତ ଭାବେ କାର୍ଯ୍ୟ କରିବା ଦରକାର କାରଣ ସେମାନେ ଏବେ ଜାଣିସାରିଲେଣି ଯେ ସେମାନଙ୍କ କାର୍ଯ୍ୟକୁ ଉପରୁ ନିରୀକ୍ଷଣ କରାଯାଉଛି।

### ସନ୍ଦେହରେ ବାବୁ

ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ରାଜ୍ୟର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ବାବୁମାନଙ୍କ ଭବିଷ୍ୟତ ନେଇ ଅନିଶ୍ଚୟତା ଓ ସନ୍ଦେହ ସୃଷ୍ଟି କରିଛି। ବର୍ତ୍ତମାନ ଯେଉଁମାନେ ଜମ୍ମୁ-କଶ୍ମୀର କ୍ୟାଡରରେ କାର୍ଯ୍ୟ କରୁଛନ୍ତି, ସେମାନେ ବିନା ବାଧାରେ ତାହା କରିଚାଲିବେ। କିନ୍ତୁ ରାଜ୍ୟରେ କାର୍ଯ୍ୟ କରିବାକୁ ଥିବା ସର୍ବଭାରତୀୟ ସେବା ଅଧିକାରୀମାନେ ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଭାବେ ନିଯୁକ୍ତି ପାଇବେ, କାରଣ ଅକ୍ଟୋବର ୩୧ ପରେ ଜମ୍ମୁ-କଶ୍ମୀର ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବ। ଜାଣିବା ଶୁଣିବା ମହଲର କହିବା ଅନୁସାରେ ବାବୁମାନେ ଏଣିକି ଦେଶର ଅନ୍ୟ ଅଂଶରେ ନିଯୁକ୍ତି ପାଇବେ କି କେବଳ ନବନିଯୁକ୍ତମାନେ ରାଜ୍ୟ ବାହାରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେ ନେଇ ସେମାନେ ସନ୍ଦେହରେ ଅଛନ୍ତି। ବରିଷ୍ଠ ବାବୁମାନେ ରାଜ୍ୟ ବାହାରେ ନିଯୁକ୍ତି ପାଇବାର ସମ୍ଭାବନାକୁ ନେଇ ବିଶେଷ ଆଗ୍ରହୀ ନାହାନ୍ତି, ଯେଉଁଠାରେ ସେମାନେ ଅନେକ ବର୍ଷ ଧରି ସେବାରତ ଥିଲେ। ଜମ୍ମୁ-କଶ୍ମୀରର ବାବୁମାନଙ୍କୁ ବିଚଳିତ କରୁଥିବା ଅନ୍ୟ ପ୍ରସଙ୍ଗଟି ହେଉଛି ରାଜ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା ବାବୁ ଅଭାବଜନିତ ସମସ୍ୟା। ଯାହା ଜଣାଯାଏ, ରାଜ୍ୟରେ ୧୩୭ ଜଣ ଆଇଏଏସ୍ ଅଫିସର ରହିବାର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୭୦ ଜଣ। ବାବୁମାନେ ଆଶା କରୁଛନ୍ତି ଏହି ଅଭାବକୁ ଦୂରକରିବା ଲାଗି ସରକାର ଜମ୍ମୁ-କଶ୍ମୀରକୁ ଅଧିକ ଏଜିଏମ୍‌ୟୁଟି କ୍ୟାଡର ବାବୁଙ୍କୁ ପଠାଇବେ। ତେବେ ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତାବିତ ଏଜିଏମ୍‌ୟୁଟି କ୍ୟାଡରର ମିଶ୍ରଣ ଯଦି ହୁଏ, ତେବେ ଦୃଶ୍ୟପଟ ଅଧିକ ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି।

### ପୁନଶ୍ଚ ଦଂଶନ

ଥରକୁ ଥର ଉତ୍ତରପ୍ରଦେଶ ସରକାରଙ୍କୁ ଆତ୍ମସଂଯମ କୀଟ ଦଂଶନ କରୁଛି। ଗତବର୍ଷ ରାଜ୍ୟ ସରକାର ବିଦେଶ ଗସ୍ତ ଖର୍ଚ୍ଚ କମାଇବା, ଇକୋନୋମି ଶ୍ରେଣୀରେ ଯାତାୟାତ କରିବା ଏବଂ ପଞ୍ଚତାରକା ହୋଟେଲରେ ମିଟିଂ ନ କରିବା ଲାଗି ବାବୁମାନଙ୍କୁ ଆଦେଶ ଦେଇଥିଲେ। ପୁଣି ସରକାର କହିଲେ ଯେ, କେବଳ ମେଡିକାଲ ଓ ପୋଲିସ ବିଭାଗ ଛଡ଼ା ଅନ୍ୟ ବିଭାଗରେ ନୂତନ ନିଯୁକ୍ତିକୁ ମଞ୍ଜୁରି ମିଳିବ ନାହିଁ। ଏହି ଆଦେଶନାମା ସମସ୍ତ ସରକାରୀ ବିଭାଗ, କାର୍ଯ୍ୟାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକ ଲାଗି ପ୍ରଯୁଜ୍ୟ ଥିଲା। ବର୍ତ୍ତମାନ ସରକାର ଅର୍ଥ ଓ ଆକାଉଣ୍ଟସ ବିଭାଗରୁ ୯୩ଟି ପଦବୀ ଉଚ୍ଛେଦ କରି ଏହାକୁ ଖର୍ଚ୍ଚକାଟ ଓ ଆତ୍ମସଂଯମମୂଳକ ପଦକ୍ଷେପ ବୋଲି ଉଲ୍ଲେଖ କରିଛନ୍ତି। ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ପଦବୀ ହେଉଛି ଜିଲା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ), ଜଙ୍ଗଲ ବିଭାଗ ଓ ଦାରିଦ୍ର୍ୟ ନିରାକରଣ ବିଭାଗର। ଯାହା ଜଣାଯାଏ, ଡିଆର୍‌ଡିଏ ବାବୁମାନଙ୍କୁ ଗ୍ରାମାଞ୍ଚଳ ଉନ୍ନୟନ ବିଭାଗରେ ଥଇଥାନ କରାଯିବା ପରେ ଡିଆର୍‌ଡିଏ ବିଭାଗ ଏକପ୍ରକାର ମୃତ ପାଲଟି ଯାଇଥିଲା। ସେହିପରି ଏକ ଆଭ୍ୟନ୍ତରୀଣ ସର୍ଭେ ପରେ ଜଙ୍ଗଲ ଓ ଦାରିଦ୍ର୍ୟ ନିରାକରଣ ବିଭାଗରେ ଅନେକ ପଦ ଅତିରିକ୍ତ ରହିଥିବା ଜଣାପଡ଼ିଥିଲା, ଯାହା ରାଜ୍ୟ ରାଜକୋଷ ପାଇଁ ବୋଝ ହେଉଥିଲା। ତେଣୁ ରାଜ୍ୟ ସରକାର ଉକ୍ତ ପଦଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

Email: dilipcherian@gmail.com

# ମୋ ସରକାର : ଚଳେଇପାରିଲେ ଭଲ



ବିପିନ ବିହାରୀ ମିଶ୍ର

ବର୍ତ୍ତମାନ 'ମୋ ସରକାର' କାର୍ଯ୍ୟକ୍ରମରେ ସରକାରୀ କଳ ବ୍ୟସ୍ତ। ଏହାର ଉଦ୍ଦେଶ୍ୟ ଭଲ। ଏଥିରେ ରାଜନୀତିର କାରସାଦି ଅଛି ବୋଲି କହିଲେ ଅନ୍ୟାୟ ହେବ। ଯଦି ସରକାରୀ କଳକୁ କୁହାଗଲା ଆହୁରି ସକ୍ରିୟ ହୁଅ, ସର୍ବସାଧାରଣଙ୍କୁ ଉପଯୁକ୍ତ ବ୍ୟବହାର କର, ଉପଯୁକ୍ତ ଚିକିତ୍ସା କର, କେସ୍‌ଗୁଡିକର ଶୀଘ୍ର ତଦନ୍ତ କର, ତେବେ ଭୁଲ୍ ରହିଲା କେଉଁଠି? ଏହା ସର୍ବସାଧାରଣ ଓ ସରକାରୀ କଳ ମଧ୍ୟରେ ମାନସିକ ଦୂରତା କମେଇବ ଏବଂ ସରକାରୀ କଳର ମାନ୍ୟତା ବଢ଼ିବ। କିନ୍ତୁ ଯେ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଯେତେବେଳେ ଚିନ୍ତା କରାଯାଏ ତାହା କିପରି ତ୍ରୁଟିଶୂନ୍ୟ ହେବ ସେ ଦିଗ ପ୍ରତି ଦୃଷ୍ଟିଦେବା ଦରକାର। ମୋ ସରକାର କାର୍ଯ୍ୟକ୍ରମ କ୍ଷେତ୍ରରେ ୫-ଟି ମନ୍ତ୍ର ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ଫୋନ୍ କରି ଲୋକଙ୍କର ସୁବିଧା ଅସୁବିଧା ବୁଝୁଛନ୍ତି ଓ ଆବଶ୍ୟକସ୍ଥଳେ ନିର୍ଦ୍ଦେଶ ଦେଉଛନ୍ତି। ଉଚ୍ଚପଦସ୍ଥ ଅଫିସରମାନେ ଗୋଟିଏ ଟିମ୍ ନେଇ ଜିଲାଗୁଡ଼ିକୁ ଯାଉଛନ୍ତି ଏବଂ ଦପ୍ତର ପରିଦର୍ଶନ କରୁଛନ୍ତି। ମଞ୍ଜି ପୋତାହେଲା, ଗଛ ହେବ ଓ ଫଳ ଫଳିବ। ସେଥିପାଇଁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ।

ଏଇ ପରିପ୍ରେକ୍ଷୀରେ ସୁନ୍ଦରଗଡଡ଼ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ ପଟେଲଙ୍କୁ ଦିଆଯାଇଥିବା ନିଲମ୍ବନ ଆଦେଶ ଅନୁଧ୍ୟାନଯୋଗ୍ୟ। ତା' ସହ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ କୈଫିୟତ ତଲବ ମଧ୍ୟ ଚର୍ଚ୍ଚାର ବିଷୟ। ଘଟଣାଟି ଏହିପରି। ଜଣେ ଦକ୍ଷ, ସଚ୍ଚୋଟ ଓ ଉଚ୍ଚ ସ୍ତରର ଆଇଏଏସ୍ ଅଫିସର ସୁରେଶ ମହାପାତ୍ର, ଆଉ ଜଣେ ବରିଷ୍ଠ ଆଇଏଏସ୍ ଅଫିସର ପାଣ୍ଡିଆନ ପ୍ରମୁଖ ସୁନ୍ଦରଗଡ଼ ସଦର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି କେତେକ ତ୍ରୁଟି ଦେଖିଲେ ଓ ସାଙ୍ଗେ ସାଙ୍ଗେ ଗଣମାଧ୍ୟମ ପରିବେଷଣ କଲା ଯେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପଟେଲଙ୍କୁ ଚାକିରିରୁ ନିଲମ୍ବିତ କରାଗଲା। ପଟେଲ ହେଉଛନ୍ତି ଜଣେ ପ୍ରଥମଶ୍ରେଣୀଭୁକ୍ତ କର୍ମଚାରୀ। ତାଙ୍କୁ ନିଲମ୍ବିତ କରିବାକୁ ହେଲେ ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶକ ନିଜେ କିମ୍ବା ତାଙ୍କ ମାଧ୍ୟମରେ ପ୍ରସ୍ତାବ ଯିବ। ସେଥିରେ ମୁଖ୍ୟ ଶାସନ ସଚିବ ସମ୍ମତ ହେବେ। ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ସମ୍ମତି ଦେବେ ଓ ମୁଖ୍ୟମନ୍ତ୍ରୀ ତାହା ଅନୁମୋଦନ କରିବେ। ଏସବୁ ବିଦ୍ୟୁତ୍ ବେଗରେ ହୋଇଗଲା। ପଟେଲ ଆଦେଶ ପାଇବା ପୂର୍ବରୁ ଖବରକାଗଜରେ ପ୍ରକାଶିତ ହେଲା, ଟିଭିରେ ବାରମ୍ବାର କୁହାଗଲା। ଦୋଷ ଥାଉ କି ନ ଥାଉ ସେ ବର୍ତ୍ତମାନ ସାରା ରାଜ୍ୟରେ ନିନ୍ଦିତ ହେଲେ। ସେଇଭଳି କଲେକ୍ଟରଙ୍କ ଉପରେ ଅଙ୍ଗୁଳି ଉଠାଗଲା। ହସ୍ପିଟାଲ କିଭଳି ଚାଲିବ ତା'ର ଦାୟିତ୍ୱ ଜିଲାପାଳଙ୍କୁ ଦିଆଯାଇନାହିଁ। ସେ କ'ଣ କୈଫିୟତ ଦେବେ? ସୁନ୍ଦରଗଡ଼ ଜିଲାରେ ୧୫୭ ଡାକ୍ତର ନାହାନ୍ତି। ସଦର ହସ୍ପିଟାଲରେ ୪୦ ଜଣ ଡାକ୍ତର ନାହାନ୍ତି। ସୁନ୍ଦରଗଡ଼ ଜିଲାରେ ୪୭୧ ଡାକ୍ତର ଏବଂ ଅର୍ଦ୍ଧଚିକିତ୍ସକ ନାହାନ୍ତି। ଘର ନାହିଁ, ଶଯ୍ୟା ନାହିଁ। ଯେତିକି ଶଯ୍ୟା ଅଛି ତା'ଠାରୁ ତିନି ଚାରିଗୁଣ ରୋଗୀ ଚିକିତ୍ସାଳୟରେ ରହୁଛନ୍ତି। ପ୍ରତ୍ୟେକ ରୋଗୀ ସାଙ୍ଗରେ ଜଣେ ଦୁଇଜଣ ସହାୟକ ଆସୁଛନ୍ତି। ତଳେ ଶୋଇଥିବା ରୋଗୀକୁ ଦେଖିବାକୁ ହେଲେ ଡାକ୍ତରଙ୍କୁ ତଳେ ବସି କିମ୍ବା ଆଣ୍ଠୁ ମାଡି ଦେଖିବାକୁ ପଡ଼େ। ରୋଗୀଙ୍କ ତୁଳନାରେ ଔଷଧ ନାହିଁ। ସମ୍ପୂର୍ଣ୍ଣ ରକ୍ତ ଇତ୍ୟାଦି ପରୀକ୍ଷା କରିବା ପାଇଁ ଲାବୋରେଟୋରିର ଶକ୍ତି ନାହିଁ। କୌଣସି ଯନ୍ତ୍ରପାତି ଖରାପ ହେଲେ ବର୍ଷ ବର୍ଷ ଧରି ମରାମତି ହୁଏ ନାହିଁ। ପାଇଖାନା ଖରାପ ହେଲେ କୌଣସି ପଦକ୍ଷେପ ନିଆଯାଏ ନାହିଁ। ଏସବୁର ନିରାକରଣ ପାଇଁ ଡାକ୍ତରଙ୍କୁ କୌଣସି ପ୍ରଶାସନିକ କ୍ଷମତା ଦିଆଯାଇ ନାହିଁ। ଦାୟୀ ହେଉଛି ସ୍ୱାସ୍ଥ୍ୟବିଭାଗ। କମିଟି ଦେଖନ୍ତୁ ଯେ ଚିକିତ୍ସା ବିଭାଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କି, ଯଦି କରିଛନ୍ତି ତେବେ ଅର୍ଥ ବିଭାଗ କ'ଣ ପଦକ୍ଷେପ ନେଇଛନ୍ତି। ସରକାର ତ ବଳକା ବଜେଟ କରୁଛନ୍ତି ତେବେ ଅର୍ଥର ଅଭାବ ତ ରହିବା କଥା ନୁହେଁ। ଏସବୁ ଅବ୍ୟବସ୍ଥା ପାଇଁ ସିଡିଏମ୍‌ଓ, ସରକାର କେତେ ଦାୟୀ ଓ ସ୍ୱାସ୍ଥ୍ୟ ବିଭାଗ କେତେ ଦାୟୀ? ୮୦ ଜଣ ଡାକ୍ତର ନ ଥିବା ହସ୍ପିଟାଲରେ ଡାକ୍ତରମାନେ କିଭଳି ସମସ୍ତ ରୋଗୀଙ୍କ ଜୀବନ ବଞ୍ଚେଇବେ କିମ୍ବା ସମସ୍ତଙ୍କୁ ସନ୍ତୁଷ୍ଟ କରିବେ?

ଚିକିତ୍ସା, ଜଳଯୋଗାଣ, ପୋଲିସ, ଅଗ୍ନି ନିର୍ବାପକ- ଏଗୁଡ଼ିକ ଅତ୍ୟାବଶ୍ୟକ ବିଭାଗ। ଦେଶର ଭବିଷ୍ୟତ ଗଠନ ପାଇଁ ମୁଖ୍ୟ ଭୂମିକା ନିଭାଏ ଶିକ୍ଷା ବିଭାଗ ଏବଂ ତାକୁ ମଧ୍ୟ ଅତ୍ୟାବଶ୍ୟକ ବିଭାଗ କୁହାଯିବ। ଏ ସମସ୍ତ ବିଭାଗରେ ବର୍ଷ ବର୍ଷ ଧରି ବହୁ ସ୍ଥାନ ଖାଲି ପଡ଼ିଛି। ବଳକା ବଜେଟ ନ କରି ବରଂ ନିଅଣ୍ଟିଆ ବଜେଟ କରାଯାଉ କିନ୍ତୁ ଏଇ ବିଭାଗଗୁଡ଼ିକର ଭିତ୍ତିଭୂମିକୁ ମଜଭୁତ କରାଯାଉ। ଭାରତବର୍ଷରେ ଲକ୍ଷେ ଲୋକରେ ୧୨୫ ଜଣ ପୋଲିସ ଥାଆନ୍ତି କିନ୍ତୁ ଓଡ଼ିଶାରେ ଅଛନ୍ତି ୯୮। ସେଥିରୁ ୧୫% ପଦବୀ ଖାଲି, ଅର୍ଥାତ୍ ଲକ୍ଷେ ଲୋକଙ୍କ କଥା ବୁଝିବେ ମାତ୍ର ୮୪ ଜଣ କର୍ମଚାରୀ। ସେଥିରେ କୁହାଯାଇଛି ଗାଡ଼ି ଧର, ଚୋରା ମଦ ବେପାର ବନ୍ଦ କର, କେସ୍‌ର ଫଇସଲା ତୁରନ୍ତ କର, ଆଇନଶୃଙ୍ଖଳା ରକ୍ଷାକର ଇତ୍ୟାଦି। ପୋଲିସରେ ଯେତିକି ସଂଖ୍ୟା ବଢ଼ାଯାଇଛି ତାହା ହେଉଛି ସଶସ୍ତ୍ର ବାହିନୀରେ। ସର୍ବସାଧାରଣ ଯାଆନ୍ତି ଥାନାକୁ, ସଶସ୍ତ୍ର ବାହିନୀ ପାଖକୁ ନୁହେଁ। ସେଇଭଳି ଅଗ୍ନି ନିର୍ବାପକ ବିଭାଗର ଭୂମିକା ଓ ଦାୟିତ୍ୱ ବହୁ ପରିମାଣରେ ବଢ଼ିଯାଇଛି, କିନ୍ତୁ ଭିତ୍ତିଭୂମିର ଉନ୍ନତି ସେଇ ପରିମାଣରେ ହୋଇପାରୁନି। ଟିମ୍ ଯେତେବେଳେ ଯାଉଛି ଲୋକଙ୍କ ଦୁଃଖଦୁର୍ଦ୍ଦଶା ବୁଝନ୍ତୁ କିନ୍ତୁ ତା' ସହ କି କି ଭିତ୍ତିଭୂମି ଓ କେତେ ମାନବସମ୍ବଳ ଦରକାର ତାହା ବି ବୁଝନ୍ତୁ।

ସରକାରଙ୍କ କ୍ଷମତାର ଉତ୍ସ ଓ ମୁଖ୍ୟ ଦାୟିତ୍ୱର ସ୍ଥାନ ହେଉଛି ସଚିବାଳୟ, ଯାହା କି ମନ୍ତ୍ରିମଣ୍ଡଳ ଓ ସଚିବମାନଙ୍କର ନାକ ତଳେ ଅଛି। ଜଣେ ଡାକ୍ତର ରୋଗୀଙ୍କୁ ଠିକ୍ ଭାବରେ ନ ଦେଖିବା, ଜଣେ ପୋଲିସ ଉଚିତ ସମୟରେ ତଦନ୍ତ ନ କରିବା ଯେତିକି ଦୋଷାବହ, ସେକ୍ରେଟାରିଏଟର କର୍ମଚାରୀମାନେ ଫାଇଲ ମାଡ଼ି ବସିବା, କର୍ମଚାରୀମାନଙ୍କୁ ହଇରାଣ କରିବା ତତୋଽଧିକ ଦୋଷାବହ। ଯଦି ସରକାର ହିସାବ ନିଅନ୍ତି ତେବେ ଉପଲବ୍ଧି କରିବେ ଯେ, ପୋଲିସ ବିଭାଗରେ ସବୁଠାରୁ ବେଶି ଦଣ୍ଡ ଦିଆଯାଏ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ସଚିବାଳୟରେ ସବୁଠାରୁ କମ୍। ସରକାର ପ୍ରଥମେ ସଚିବାଳୟକୁ ସଜାଡନ୍ତୁ। ସଜାଡ଼ିପାରିବେ କି ନାହିଁ ମୁଁ କହିପାରୁନି କାରଣ ଏଠାରେ ଜଣେ ଗଭର୍ନରଙ୍କୁ ଠେଲାପେଲା କରାଯାଇଛି (ସେତେବେଳେ ରାଷ୍ଟ୍ରପତି ଶାସନ ଥିଲା)। ସେହିପରି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗୋଡ଼େଇଛନ୍ତି ପିଟିବା ପାଇଁ। ଜଣେ ଚିଫ୍ ସେକ୍ରେଟାରୀଙ୍କୁ ତିନି ମହଲାରୁ ତଳକୁ ଠେଲିବା ପାଇଁ ପ୍ରୟାସ କରାଗଲା ବେଳେ ପୋଲିସ ପହଞ୍ଚିବାରୁ ତାଙ୍କ ଜୀବନ ରକ୍ଷା ହୋଇଛି ଓ ଜଣେ ସେକ୍ରେଟାରୀଙ୍କୁ ଟେବୁଲ ଉପରେ ଠିଆହୋଇ କ୍ଷମା ମାଗିବାକୁ କୁହାଯାଇଛି। ବହୁଦିନ ତଳେ ଜଣେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଲେ ସେକ୍ରେଟାରୀଙ୍କ ସମେତ ସମସ୍ତେ ୧୦ଟା ବେଳେ ଅଫିସ ଆସନ୍ତୁ। ଏହାକୁ ସମସ୍ତେ ସ୍ୱାଗତ କରିବା କଥା କିନ୍ତୁ କେତେଜଣ ସେକ୍ରେଟାରୀ ଅସନ୍ତୁଷ୍ଟ ହେଲେ। କର୍ମଚାରୀ ଅସନ୍ତୁଷ୍ଟ ହେବା ଦରକାର ନାହିଁ କାରଣ ସେମାନେ ଆଦେଶ ପାଳନ କରନ୍ତି ନାହିଁ। ୧୯୬୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆଦେଶ ଦେଇଥିଲେ ଯେ ଜଣକ ପାଖରେ ତିନିଦିନରୁ ଅଧିକ ଫାଇଲ ରହିଲେ ସେ ନାଲିକାଳିରେ ଦସ୍ତଖତ କରିବେ। ସେ କ୍ଷମତାରୁ ଗଲେ ଓ ଆଦେଶ ମୃତ୍ୟୁବରଣ କଲା। ଏବେ ଯଦି ଆପଣ ନିରପେକ୍ଷ ଭାବେ ଦେଖିବେ ସଚିବାଳୟ ଅପେକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ବେଶି କାର୍ଯ୍ୟ କରନ୍ତି। ତାଙ୍କଠାରୁ ଜିଲା ସ୍ତରର କାର୍ଯ୍ୟାଳୟର କର୍ମଚାରୀମାନେ ଆହୁରି ବେଶି କାର୍ଯ୍ୟ କରନ୍ତି। ଅଥଚ ସେମାନେ କମ୍ ଦରମା ପାଆନ୍ତି ଏବଂ ସବୁଠାରେ (ସଚିବାଳୟ ସମେତ) କର୍ମଚାରୀଙ୍କ ଅଭାବ। ଏଥିରେ ପ୍ରଶାସନର କେତେ କ୍ଷତି ହେଉଛି ତାହା ଅନୁଧ୍ୟାନଯୋଗ୍ୟ। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଥରେ ବଜେଟର ପର୍ଯ୍ୟାଲୋଚନା କରି କହିଥିଲେ ଯେ, ବହୁ ପଦବୀ ଖାଲି ରଖି ବଳକା ବଜେଟ କରିବା ହେଉଛି ଆତ୍ମପ୍ରତାରଣା। ସେଇଭଳି ବହୁ ସ୍ଥାନ ଖାଲି ରଖି କାର୍ଯ୍ୟ ଆଦାୟ କରିବା ମସ୍ତବଡ଼ ଭୁଲ୍। ସରକାରୀ କର୍ମଚାରୀଠାରୁ କାମ ଆଦାୟ କରାଯିବ। ଘୋଡ଼ାକୁ ଦାନା ଦିଆଯାଉ କିନ୍ତୁ ଘୋଡ଼ା ପିଠିରେ ତିନି ଜଣ ସବାର ନ ହୁଅନ୍ତୁ। ଟିକିଏ ଚିନ୍ତା କରାଯାଉ କି ଜଣେ ସିଡିଏମ୍‌ଓଙ୍କୁ କୈଫିୟତ ନ ମାଗି ସାଙ୍ଗରେ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକଙ୍କୁ ନ ନେଇ ସଙ୍ଗେ ସଙ୍ଗେ ନିଲମ୍ବିତ କରିବା ଦ୍ୱାରା ତାହାର କେତେ କୁପ୍ରଭାବ ତାଙ୍କ ଅଧୀନରେ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଉପରେ ପଡ଼ିଥିବ। ଦୋଷୀକୁ ଦଣ୍ଡ ଦିଆଯାଉ କିନ୍ତୁ କୈଫିୟତ ମାଗିବା ପରେ। ମୋ ସରକାର ଭଳି ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମକୁ ସକାରାତ୍ମକ ଭାବେ ପରିଚାଳନା କରାଯାଉ।

ପୂର୍ବତନ ପୋଲିସ ଡିଜି,
ମୋ-୯୦୪୦୪୧୨୩୭୮

# ସଙ୍କୋଚନରୁ ପ୍ରସାରଣ



ଡ. ଶରତ ଚନ୍ଦ୍ର ରଥ

ବସ୍ତୁଠାରୁ ବାସ୍ତବତା ବଡ଼। କାରଣ ବସ୍ତୁର ମୂଲ୍ୟ ଅଛି, ବାସ୍ତବତାର ମୂଲ୍ୟବୋଧ ଅଛି। ଧନଠାରୁ ମନ ବଡ଼। କାରଣ ଧନର ମୂଲ୍ୟ ଅଛି, ମନର ମୂଲ୍ୟବୋଧ ଅଛି। କାମଠାରୁ ପ୍ରେମ ବଡ଼। କାରଣ କାମରେ ନେବାର ମନୋଭାବ ଅଛି ମାତ୍ର ପ୍ରେମରେ ଦେବାର ମନୋବୃତ୍ତି ଅଛି। ଟିକିଏ ବିଶ୍ଳେଷଣ କଲେ ବୁଝି ହେବ ଯେ, ବସ୍ତୁ ଏକ ସୀମିତ କଥା, ଏହାର ଆବଶ୍ୟକତା ଅଛି, ଉପଯୋଗିତା ଅଛି, ବସ୍ତୁ ମାଧ୍ୟମରେ ବହୁ ପରିମାଣରେ ଅନ୍ତରର ଭାବ ଅଭିବ୍ୟକ୍ତ ହୁଏ। ବିଶ୍ୱରେ ସବୁକିଛି ବସ୍ତୁ, ଏପରିକି ବାୟୁ ମଧ୍ୟ। ଯାହାର ଆକାର, ପ୍ରକାର, ଚାପ, ଲମ୍ବ, ପ୍ରସ୍ଥ ଅଛି ସେସବୁ ବସ୍ତୁର ଅନ୍ତର୍ଗତ। ଆକାଶ ମଧ୍ୟ ଏକ ବସ୍ତୁ। ମାତ୍ର ବାସ୍ତବତା ହେଉଛି ଏକ ଅନୁଭୂତି ଯାହା କେତେକ ଅନୁଭବର ସାର ନିର୍ଯାସ। ସୁଖ, ଦୁଃଖ, ସୁବିଧା, ଅସୁବିଧା, ଲାଭ, କ୍ଷତି, ଜୟ, ପରାଜୟ ସବୁ କିଛି ଭିତରେ ଥିବା ଜୀବନାନୁଭୂତି ହିଁ ବାସ୍ତବତା। ଉଦାହରଣସ୍ୱରୂପ ଧନ ଏକ ବସ୍ତୁ ମାତ୍ର ଦାରିଦ୍ର୍ୟ ଏକ ବାସ୍ତବତା। ଧନ ଦ୍ୱାରା ଦରିଦ୍ର୍ୟ ଦୂର ହୋଇପାରେ। ନ ହୋଇପାରେ ମଧ୍ୟ। ବସ୍ତୁ ଦ୍ୱାରା ବାସ୍ତବତାର ଅଭାବ ପୂରଣ କରାଯାଇ ପାରେ, ନ ପାରେ ମଧ୍ୟ। କହିବାର ଅର୍ଥ ହେଉଛି ଦରିଦ୍ର୍ୟ କେବଳ ଧନାଭାବଜନିତ ନ ହୋଇପାରେ, ମନ ଅଭାବ ଜନିତ, ଜ୍ଞାନ ଅଭାବ ଜନିତ ମଧ୍ୟ ହୋଇପାରେ।

ଧନଠାରୁ ମନ ବଡ଼ କଥାଟିକୁ ବିଶ୍ଳେଷଣ କଲେ ବୁଝିହେବ ଯେ, ଧନ ପୂରଣ କରେ ବାସ୍ତବ ଆବଶ୍ୟକତା, ବାହ୍ୟ ଆବଶ୍ୟକତା, ମାତ୍ର ମନ ପୂରଣ କରେ ଅନ୍ତର୍ନିହିତ ଆବଶ୍ୟକତା। ଉଚ୍ଚ ମନର ପଦେ ମିଠା କଥାର ମୂଲ୍ୟ କେତେ ଧନର ମୂଲ୍ୟଠାରୁ ମଧ୍ୟ ଅଧିକ। ସତରେ ମଧୁର କୋମଳ ବଚନର ସମକକ୍ଷ ଆଉ କିଛି ନାହିଁ। ଭଙ୍ଗାମନକୁ ଧନ ଯୋଡ଼ିପାରେ ନାହିଁ, ଟିକିଏ ହୁଏତ ତାଳି ପକାଇ କାମ ଚଳାଇ ଦେଇପାରେ।

ପୁଣି କୁହାଯାଇଛି ଯେ, ସହାନୁଭୂତିଠାରୁ ସମାନୁଭୂତି ବଡ଼। ସହାନୁଭୂତି ହେଉଛି ଅନ୍ୟର ଦୁଃଖ ଓ କଷ୍ଟକୁ ଅନୁମାନ କରି ପ୍ରତିକ୍ରିୟା ପ୍ରକାଶ କରିବା। ମାତ୍ର ସମାନୁଭୂତି କଥାଟି ଭିନ୍ନ। ସମାନୁଭୂତିରେ ଥାଏ ଏକାତ୍ମବୋଧ। ଅନ୍ୟ ଜାଗାରେ ନିଜକୁ ରଖି ଅନ୍ୟର ଶାରୀରିକ, ମାନସିକ ଯନ୍ତ୍ରଣାକୁ ଅନୁଭବ କରିବା ହିଁ ସମାନୁଭୂତିର ମୂଳମନ୍ତ୍ର। ଏହା ଅତ୍ୟନ୍ତ ଦୁର୍ଲଭ। ଏଥିପାଇଁ ଆବଶ୍ୟକ ମନର ପ୍ରଶସ୍ତତା ଓ ଉଚ୍ଚତା। ପାଖରେ କେବଳ ନୁହେଁ ଦୂରରେ ଥିଲେ ମଧ୍ୟ ଅନ୍ୟ ଜଣକର ଦୁଃଖ ଓ ସୁଖର ଅନୁଭବ ଏହା ଦ୍ୱାରା ଘଟିଥାଏ। ବିଶେଷତଃ ବଡ଼ ବଡ଼ ସାଧକମାନଙ୍କ କ୍ଷେତ୍ରରେ ଏହି ଅନୁଭବ ଘଟିଥାଏ। ବଳଦ ପିଠିରେ ହଳିଆର ପ୍ରହାର ଚିହ୍ନ ଶ୍ରୀରାମକୃଷ୍ଣଙ୍କ ପିଠିରେ ଦାଗ ହୋଇ ବସିଯାଇପାରେ। ଜିଇବା ବଡ଼ କଥା ମାତ୍ର ବଞ୍ଚିବା ତାହା ଅପେକ୍ଷା ଅଧିକ ବଡ଼ କଥା। ଜୀବନଧାରଣ କେବଳ ନିଜ ପାଇଁ ହେଲେ ଆମେ ତାକୁ ଜିଇବା କହିବା, ନିଜ ସହିତ ଅନ୍ୟ ପାଇଁ ହେଲେ ତାକୁ ଆମେ ବଞ୍ଚିବା କହିବା। ବଞ୍ଚିବାର କଳା ଓ କୌଶଳ ଅଛି। ମାକସିମ୍ ଗର୍କୀ କହିଛନ୍ତି, ''ମଣିଷ ଉଡ଼ିପାରେ ଆକାଶରେ ପକ୍ଷୀ ପରି, ବୁଡ଼ିପାରେ ପାଣିରେ ମାଛ ପରି ମାତ୍ର ପୃଥିବୀ ଉପରେ କିପରି ବଞ୍ଚିବାକୁ ହୁଏ ସେ ଜାଣେନାହିଁ।'' ଜିଇବା ସହିତ ବଞ୍ଚିବା ଯେଉଁଠାରେ ଏକାଠି ଥାଏ, ସେ ଜୀବନକୁ ଯଥାର୍ଥ ଜୀବନ ଭାବରେ ଗଣାଯାଏ। ଜିଇବା ସହିତ ନୈତିକତା, ନିଃସ୍ୱାର୍ଥପରତା, ସରଳତା, ସରସତା ସର୍ବୋପରି ମାନବିକତା ମିଶିଲେ ବଞ୍ଚିବା ସମ୍ଭବ ହୁଏ।

କାମର ସୃଷ୍ଟି କାମନାରୁ, ପାଇଯିବାର ଇଚ୍ଛାରୁ, କିଛି ନେଇଯିବାର ଇଚ୍ଛାରୁ। କାମକୁ ପଲ୍ଲୀକବି ନନ୍ଦକିଶୋର ନିଦାଘର ମଧ୍ୟାହ୍ନ ବୋଲି କହିବା ବେଳେ ପ୍ରେମକୁ ପୂର୍ଣ୍ଣିମାର ଜହ୍ନରାତି ବୋଲି ଉଲ୍ଲେଖ କରିଛନ୍ତି। କାମରେ ପ୍ରତିଦାନ ଅଛି ମାତ୍ର ପ୍ରେମରେ ପ୍ରତିଦାନ ନାହିଁ। କାମରେ ସହିଷ୍ଣୁତା ନାହିଁ ମାତ୍ର ପ୍ରେମରେ ସହିଷ୍ଣୁତା ଅଛି। କାମରେ ଛଳନା ଥାଇପାରେ ମାତ୍ର ପ୍ରେମରେ ଛଳନା ନାହିଁ। କାମରେ ଅସନ୍ତୋଷ ଥାଏ ମାତ୍ର ପ୍ରେମରେ ଅସନ୍ତୋଷ ନାହିଁ। ସ୍ୱାମୀ ବିବେକାନନ୍ଦଙ୍କ କଥାରେ ଆତ୍ମସଙ୍କୋଚନ ହିଁ କାମ ଏବଂ ଆତ୍ମପ୍ରସାରଣ ହିଁ ପ୍ରେମ। ନେବାରେ ଥାଏ ସୁଖ ଏବଂ ଦେବାରେ ଥାଏ ଆନନ୍ଦ। ଏହି ସୁଖପ୍ରାପ୍ତି ହିଁ କାମର ଲକ୍ଷ୍ୟ। ପ୍ରେମରେ ଥାଏ ଆନନ୍ଦ ଓ ବାସ୍ତବ ଉପଭୋଗ। ପ୍ରେମ ଏକ ପାରିଜାତ ଫୁଲ- ଯାହା ବର୍ଷମାସ ସବୁବେଳେ ଅମଉଳା ହୋଇ ରହିଥାଏ। ମାତ୍ର କାମ ସାଧାରଣ ଫୁଲଟିଏ, ଯାହା ସକାଳେ ଫୁଟି ସନ୍ଧ୍ୟାରେ ବା ସନ୍ଧ୍ୟାରେ ଫୁଟି ସକାଳକୁ ମଉଳି ଯାଇଥାଏ। କାମ କେବଳ ନିଜର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ, ମାତ୍ର ପ୍ରେମ ପ୍ରେମାସ୍ପଦ ପାଇଁ, ଜାତି ପାଇଁ, ଦେଶ ପାଇଁ ତଥା ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ ହୋଇପାରେ।

ଶ୍ରମ ହେଉଛି ବିନିମୟାତ୍ମକ ଏକ ମାଧ୍ୟମ ଅର୍ଥାତ୍ ଏହା ବିନିମୟରେ କିଛି ଧନ, ଯଶ, ପ୍ରଶଂସା, କ୍ଷମତା ମିଳିବାର ଆଶା ଥାଇପାରେ। ମାତ୍ର କର୍ମରେ କିଛି ପାଇବାର ଆଶା ନ ଥାଏ, ଥାଏ କେବଳ ଆତ୍ମସନ୍ତୋଷ। କର୍ତ୍ତବ୍ୟ ପାଳନ ଜନିତ ଆତ୍ମସନ୍ତୋଷ ହିଁ ଏଥିରେ ଉପଲବ୍ଧ ହୋଇଥାଏ। ଅନ୍ୟପ୍ରକାରେ କୁହାଯାଇପାରେ ଯେ ଫଳର ଆଶା ନ ଥାଏ କର୍ମରେ। ଶ୍ରମ ଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୋଇପାରେ ମାତ୍ର କର୍ମ ଦ୍ୱାରା ସାମୂହିକ ଉନ୍ନତି ସାଧିତ ହୋଇପାରେ।

ଏସବୁ କହିବା ଦ୍ୱାରା ବସ୍ତୁକୁ, ଧନକୁ, ସହାନୁଭୂତିକୁ, ଜିଇବାକୁ, କାମକୁ ଓ ଶ୍ରମକୁ ସାନ କରାଯାଉନାହିଁ। ବରଂ ଏତିକିରେ ସୀମିତ ନ ରହି ବସ୍ତୁଠାରୁ ବାସ୍ତବତା ପର୍ଯ୍ୟନ୍ତ, ଧନରୁ ମନ ପର୍ଯ୍ୟନ୍ତ, ସହାନୁଭୂତିରୁ ସମାନୁଭୂତି ପର୍ଯ୍ୟନ୍ତ, ଜିଇବାରୁ ବଞ୍ଚିବା ପର୍ଯ୍ୟନ୍ତ, କାମରୁ ପ୍ରେମ ପର୍ଯ୍ୟନ୍ତ ଓ ଶ୍ରମରୁ କର୍ମ ପର୍ଯ୍ୟନ୍ତ ପ୍ରସରି ଯିବା କଥା କୁହାଯାଉଛି। କାରଣ ପ୍ରସାରଣ ହିଁ ଯଥାର୍ଥ ଜୀବନ, ପ୍ରସାରଣ ହିଁ ମାନବବାଦର ଯଥାର୍ଥ ଜୟଗାନ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

କରଓ୍ୱାଚୌଥରେ ପ୍ରତ୍ୟେକ ମହିଳା ତାଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରୁଥିବାବେଳେ ମଥୁରାର ଏକ ଗାଁରେ ମହିଳାମାନେ କରଓ୍ୱାଚୌଥ ଦିନ ସ୍ୱାମୀଙ୍କ ପାଇଁ ବ୍ରତ ରଖନ୍ତିନି। ଏହା ପଛରେ କୌଣସି ବୈଜ୍ଞାନିକ ତର୍କ ନାହିଁ, କିନ୍ତୁ ସେଠାକାର ଲୋକକଥାକୁ ବିଶ୍ୱାସ କରି ସେମାନେ ଏହା କରୁଛନ୍ତି। ସେମାନଙ୍କ ମଧ୍ୟରେ ରହିଥିବା ଅଜବ ଭୟ ଯୋଗୁ ସେମାନେ କରଓ୍ୱାଚୌଥଠାରୁ ପୂରା ଦୂରେଇ ଯାଇଛନ୍ତି। ଯଦି ସେମାନେ କରଓ୍ୱାଚୌଥ ବ୍ରତ ପାଳନ କରନ୍ତି, ତେବେ ତାଙ୍କ ସ୍ୱାମୀଙ୍କ ଆୟୁଷ କମିଯିବ ବୋଲି ସେମାନଙ୍କ ମଧ୍ୟରେ ବିଶ୍ୱାସ ରହିଆସିଛି। ପ୍ରାୟ ୨୦୦ ବର୍ଷ ପୂର୍ବେ ରାମ ନଗଲା ଗାଁର ଜଣେ ବ୍ରାହ୍ମଣ ତାଙ୍କ ସ୍ତ୍ରୀଙ୍କୁ ନେଇ କରବାଚୌଥ ଦିନ ଯାଉଥିବାବେଳେ ରାସ୍ତାରେ କେତେଜଣ ଲୋକ ଚୋର ସନ୍ଦେହରେ ତାଙ୍କୁ ଅଟକାଇ ପିଟିପିଟି ମାରିଦେଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ ଗାଁ ଲୋକଙ୍କୁ ଅଭିଶାପ ଦେଇ ସ୍ୱାମୀଙ୍କ ଚିତାରେ ଝାସ ଦେଇଥିଲେ। ଗାଁରେ ପୁରୁଷ ପୁରୁଷ ଧରି ଏହି ଅସାମୟିକ ମୃତ୍ୟୁରୁ ଏଭଳି ଅନ୍ଧବିଶ୍ୱାସ ଚଳିଆସୁଛି। ଏଣୁ ଗାଁର ମହିଳାମାନେ ଏହାକୁ ଆଜିଯାଏ ମାନି କରଓ୍ୱାଚୌଥ ବ୍ରତ ରଖୁନାହାନ୍ତି। ମହିଳାମାନେ ବ୍ରତ ନ ରଖି କରଓ୍ୱାଚୌଥ ଦିନ ଗାଁରେ ଥିବା ସତୀ ମନ୍ଦିର ଯାଇ ସ୍ୱାମୀଙ୍କ ପାଇଁ ଦୀର୍ଘ ଜୀବନ କାମନା କରନ୍ତି।

### ଚିରନ୍ତନୀ

ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ। (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୪

- ଜର୍ମାନୀର ସାଧାରଣ ନିର୍ବାଚନରେ କ୍ଷମତାସୀନ ଖ୍ରୀଷ୍ଟିଆନ ଡେମୋକ୍ରାଟିକ ୟୁନିୟନ ପାର୍ଟିର ବିଜୟ।
- ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଋଣ ନୀତି ଅନୁଯାୟୀ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଉପରୁ ସର୍ବନିମ୍ନ ଋଣ ହାରକୁ ଉଚ୍ଛେଦ କରାଯାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | B | | | | 7 | | | | | | 5 |
| | | | A | | 8 | | | | | | E | | B | 9 |
| B | | | | 6 | C | | 1 | 3 | A | | | E | | |
| | | | | | | D | | | | 0 | | | | |
| 5 | | | | 4 | E | 9 | | | 1 | 6 | | | 3 | |
| | 3 | | | | | | 4 | | E | | D | | 9 | |
| | | | 8 | | 5 | 6 | | | | | | | | A |
| | 5 | | | | | E | 2 | 8 | | 3 | 0 | | D | |
| 0 | | | | | | | | B | 7 | | | | | 4 |
| | | | | 7 | | 0 | 5 | D | C | | 9 | | | |
| 4 | | | 1 | A | | | 6 | 9 | | | 8 | | | |
| | B | 9 | 4 | 8 | | | | | 3 | | 6 | | A | 2 |
| | 2 | E | 9 | 3 | | | | | | | A | | 4 | 6 |
| D | 1 | | | E | | 7 | | | | | | | | |
| 6 | | | D | | | | E | C | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 2 | 5 | E | 6 | 9 | 4 | 3 | 8 | 7 | D | 0 | 1 | B | A |
| 7 | 4 | 9 | A | 3 | 1 | C | 5 | B | E | 8 | 6 | 2 | 0 | D |
| 8 | 0 | D | B | 5 | C | E | 2 | 1 | 9 | 4 | A | 7 | 3 | 6 |
| A | E | 1 | 0 | D | 8 | 9 | 7 | 6 | B | 2 | 3 | 5 | C | 4 |
| 3 | 6 | B | 7 | 4 | 2 | D | 0 | A | 1 | C | 5 | 9 | 8 | E |
| E | A | 6 | 2 | 1 | 5 | 0 | 8 | 4 | 3 | 9 | D | C | 7 | B |
| 5 | 9 | 2 | 3 | A | 6 | B | C | 7 | 4 | E | 8 | D | 1 | 0 |
| B | 8 | 7 | D | 0 | 4 | 5 | 1 | 3 | 2 | A | C | E | 6 | 9 |
| 0 | C | 4 | 9 | B | E | 6 | D | 2 | 5 | 1 | 7 | 3 | A | 8 |
| 1 | D | 3 | 8 | C | 7 | A | 9 | E | 0 | 6 | B | 4 | 2 | 5 |
| 2 | B | 8 | 5 | 9 | 0 | 7 | E | D | A | 3 | 1 | 6 | 4 | C |
| D | 5 | A | C | 8 | 3 | 1 | 4 | 0 | 6 | 7 | E | B | 9 | 2 |
| 6 | 3 | C | 4 | 7 | A | 2 | B | 5 | D | 0 | 9 | 8 | E | 1 |
| 9 | 1 | E | 6 | 2 | D | 3 | A | C | 8 | B | 4 | 0 | 5 | 7 |
| 4 | 7 | 0 | 1 | E | B | 8 | 6 | 9 | C | 5 | 2 | A | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ରାଉନସୁଗାର କାରବାର

ମହାଶୟ,

ଧରିତ୍ରୀରେ ବ୍ରାଉନସୁଗାର ଚୋରା କାରବାର ଖବର ପ୍ରକାଶ ପାଇଛି। ଜଳପଥରେ, ମାଛଧରା ଡଙ୍ଗାରେ, ମାଛ ପେଟରେ ଏହାକୁ ଲୁଚାଇ ବେପାର କରାଯାଉଥିବା ବେଳେ ଏସ୍‌ଟିଏଫ ଦ୍ୱାରା ଧରାପଡିଛି। ବିଗତ ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ବାଂଲାଦେଶୀମାନେ ଡଙ୍ଗାରେ ଆସି ରାଜନଗର ଆଦି ଅଞ୍ଚଳରେ ବେଆଇନ ଅନୁପ୍ରବେଶ କରି ନିଜକୁ ସ୍ଥାୟୀବାସିନ୍ଦା ରୂପେ କାଗଜାତ ହାସଲ କରି ଭୋଟ ଦେଉଥିଲେ ହେଁ ସରକାରଙ୍କ ଏପରି ବେଆଇନ ପ୍ରବେଶ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ନାହିଁ। ଫଳରେ ଏମାନଙ୍କ ସଂଖ୍ୟା କାଳକ୍ରମେ ୩୦,୦୦୦ରେ ପହଞ୍ଚି ଏକ ଦ୍ୱିତୀୟ ବାଂଲାଦେଶର ଭ୍ରମ ସୃଷ୍ଟି କଲାଣି। ସେମାନେ ନିଶାଦ୍ରବ୍ୟର ଅବାଧ ପ୍ରସାର ପାଇଁ ଓଡିଶା ହିଁ ଉପଯୁକ୍ତ କ୍ଷେତ୍ର ବୋଲି ଧରିନେଲେଣି। ସବୁ ଭୋଟ ମାୟାରେ ବାୟା। ନେଡିଗୁଡ଼ କହୁଣିକୁ ବୋହିଯିବା ପୂର୍ବରୁ ବିହିତ କାର୍ଯ୍ୟାନୁଷ୍ଠାନ ବିଧେୟ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଦଲାଲରାଜ

ଓଡ଼ିଶାର ବିଭିନ୍ନ ଦପ୍ତରରେ ଦଲାଲରାଜ ବଢ଼ି ଚାଲିଥିଲା। କିରାଣିଠାରୁ ଅଫିସର ପର୍ଯ୍ୟନ୍ତ ସମସ୍ତଙ୍କର ଏଥିରେ ସହଯୋଗ ଓ ଭାଗବଣ୍ଟା ରହିଥିଲା। ତା' ନ ହେଲେ ଦଲାଲଙ୍କ ହାତରେ ଯାଉଥିବା କାମ ଏତେ ଜଲ୍‌ଦି କେମିତି ହୋଇଯାଏ? ଭିଜିଲାନ୍ସ ଡରରେ କିରାଣି ଓ ଅଫିସରମାନେ ଜାଣିଶୁଣି ଗୁଡ଼ିଏ ଦଲାଲ ସୃଷ୍ଟି କରିଥିଲେ। ସିଧାସଳଖ ଲୋକଙ୍କଠାରୁ ଲାଞ୍ଚ ନେବେ କାହିଁକି, ଭିଜିଲାନ୍ସ ହାତରେ ଧରାହୋଇ ଅପବାଦ ମୁଣ୍ଡେଇବେ କାହିଁକି? ଏବେ ସରକାର ବିଭିନ୍ନ ଅଫିସରୁ ଦଲାଲମାନଙ୍କୁ ହଟାଇବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

> ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
> -ସର୍ବପଲ୍ଲୀ ରାଧାକ୍ରିଷ୍ଣନ




# ପ୍ରଚାର ସାରି ଫେରିଲେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ/ ଗାଇସିଲେଟ୍, ୧୮।୧୦**

- ଗାଇସିଲେଟ୍ ରୋଡ୍ ଶୋ ରେ ରୀତାଙ୍କୁ ଭୋଟ ଦେବାକୁ ନିବେଦନ
- ଗୁଡେରପାଲି ପଥପ୍ରାନ୍ତ ସଭାରେ ଯୋଗଦେଲେ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ପ୍ରଚାର ସାରି ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଫେରିଛନ୍ତି। ସେ ବରଗଡ଼ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳାରେ ଗୁରୁବାର ରାତ୍ରିଯାପନ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ମିନିଟ୍‌ରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡ଼ରୁ ହେଲିକପ୍ଟରରେ ଯାଇ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ତାଲପାଲିରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ବସ୍ ଯୋଗେ ରୋଡ୍ ଶୋରେ ବାହାରିଥିଲେ। ଶେଷରେ ଗୁଡେରପାଲି ପଥପ୍ରାନ୍ତ ସଭାରେ ରୀତାଙ୍କୁ ଭୋଟ୍ ଦେବା ପାଇଁ ସମବେତ ଜନତାଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ପ୍ରଚାର ସାରିବା ପରେ ସେ ଜାମୁଟପାଲି ପଡ଼ିଆରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଚାର କାର୍ଯ୍ୟକ୍ରମରେ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ସମେତ ମନ୍ତ୍ରୀ ନବକିଶୋର ଦାଶ, ପଦ୍ମନାଭ ବେହେରା, ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଟୁକୁନି ସାହୁ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ସ୍ନେହାଙ୍ଗିନୀ ଛୁରିଆ, ଦେବୀପ୍ରସାଦ ମିଶ୍ର, ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଗାଇସିଲେଟ୍ ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

## ଜିଲା ଚିଠି ଯାଜପୁର



# ଅସମାହିତ ଥଇଥାନ ନୀତି

ଦ୍ରୁତ ଶିଳ୍ପାୟନରେ ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନ ସମସ୍ୟା ପ୍ରତିବନ୍ଧକ ହୋଇଥିବାରୁ ରାଜ୍ୟ ସରକାର ନୂଆ ପୁନର୍ବାସ ଓ ଥଇଥାନ ନୀତି ପ୍ରଣୟନ କରିଛନ୍ତି। ଏହି ନୀତିର ରୂପାୟନ ପାଇଁ ରାଜ୍ୟ ସରକାର ଶିଳ୍ପ ବହୁଳ ଜିଲାଗୁଡିକରେ ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଅଧିକାରୀ ପଦବୀ ସୃଷ୍ଟି କରି ଓଡିଶା ପ୍ରଶାସନିକ ସେବାର ଅଧିକାରୀଙ୍କୁ ଅବସ୍ଥାପିତ କରିଛନ୍ତି। ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନକୁ ନେଇ ଶିଳ୍ପ ବହୁଳ ଯାଜପୁର ଜିଲାରେ ଅସନ୍ତୋଷ ଲାଗି ରହିଛି। କିନ୍ତୁ ରାଜ୍ୟ ସରକାରଙ୍କ ଉପରୋକ୍ତ ଥଇଥାନ ଓ ପୁନର୍ବାସ ନୀତି ଲାଗୁ କରିବାକୁ ଜିଲାରେ କେହି ଅଧିକାରୀ ନାହାନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ୟାସନଗର ତହସିଲଦାରଙ୍କୁ ଏହି ପଦବୀରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜିଲାରେ ଟାଟା ଷ୍ଟିଲ, ନୀଳାଚଳ ଇସ୍ପାତ, ଭିସା ଷ୍ଟିଲ, ବିଆର୍‌ପିଏଲ୍, ମେସ୍କୋ ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ, ମଇଥାନ ଇସ୍ପାତ, ରୋହିତ ଫେରୋଟେକ, କେଜେ ଇସ୍ପାତ ଭଳି କାରଖାନା ରହିଥିବାବେଳେ ଏବେ ବିଭିନ୍ନ ସିମେଣ୍ଟ କମ୍ପାନୀର ଆଗମନ ହେଉଛି। ପୂର୍ବରୁ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ କରି ଏହି ସିମେଣ୍ଟ କମ୍ପାନୀଗୁଡ଼ିକୁ ଜମି ଆବଣ୍ଟିତ ହେଉଥିଲେ ହେଁ ସ୍ଥାନୀୟ ନିଯୁକ୍ତି ଓ ଅତିରିକ୍ତ କ୍ଷତିପୂରଣ ପ୍ରଦାନରେ ଅବହେଳା ହେଉଥିବା ମନେହେଉଛି। ଏଥିରେ ଶତାଧିକ ପରିବାର ବିସ୍ଥାପିତ ଓ ଜମିହରା ହୋଇଛନ୍ତି। ସେହିପରି ଅଧିଗୃହୀତ ସରକାରୀ ଜମିରେ ରହିଥିବା ଗ୍ରାମ୍ୟ ଜଙ୍ଗଲ ଓ ପତରା ଜଙ୍ଗଲରୁ କେନ୍ଦୁପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ତଥା ରୟତଙ୍କ ଜମିରେ କୃଷି ଶ୍ରମିକ ଭାବରେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିବା ଭୂମିହୀନ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏମାନଙ୍କ ପୁନର୍ବାସ, ଥଇଥାନ ପାଇଁ ପ୍ରଣୀତ ନୀତି ଲାଗୁ କରିବାକୁ ପ୍ରଶାସନ ସେତେଟା ଆଗ୍ରହ ଦେଖାଉ ନ ଥିବା ମନେହେଉଛି। ଫଳରେ କଳିଙ୍ଗନଗରରେ ଅଶାନ୍ତି ବଳବତ୍ତର ରହି ବିଭିନ୍ନ ସମୟରେ ଆନ୍ଦୋଳନ, ରାସ୍ତାରୋକୋ, ଧାରଣା ହେଉଛି। ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ଖାଲିଥିବାରୁ ଉପରୋକ୍ତ ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନରେ ଅନେକ ସମସ୍ୟା ଅସମାହିତ ହୋଇ ରହିଛି। ବିସ୍ଥାପିତ ଓ ଜମିହରାଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେଇ ନିୟମିତ ନିଯୁକ୍ତି ଦେବା ପ୍ରତି କଳକାରଖାନାଗୁଡ଼ିକ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେମାନଙ୍କୁ ମଜୁରିଆ ଭାବରେ ନିଯୁକ୍ତି ଦେଇ ଇପିଏଫ୍, ଇଏସ୍‌ଆଇ ପ୍ରଭୃତି ସୁବିଧାରୁ ବଞ୍ଚିତ କରୁଛନ୍ତି। କେତେକ କମ୍ପାନୀ ଜମି ଅଧିଗ୍ରହଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପୂର୍ବରୁ ଲୋକଙ୍କୁ ସେମାନଙ୍କ ଜମିରୁ ହଟାଇ କାରଖାନା ପ୍ରତିଷ୍ଠା କରିଛନ୍ତି ଓ କ୍ଷତିପୂରଣ ପୈଠକୁ ଜାଣିଶୁଣି ବିଳମ୍ବିତ କରାଉଛନ୍ତି। ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ଓ ଥଇଥାନକୁ ନେଇ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ପୁନର୍ବାସ ଓ ଥଇଥାନ ଉପଦେଷ୍ଟା କମିଟି(ଆର୍‌ପିଡିଏସି) ବୈଠକ ବି ହେଉନାହିଁ। ଏହା ବିସ୍ଥାପିତ ଓ ଜମିହରାଙ୍କ ପୁନର୍ବାସ ତଥା ଥଇଥାନ ଦିଗରେ ରାଜ୍ୟ ସରକାରଙ୍କ ଅଙ୍ଗୀକାର ପ୍ରତି ପ୍ରଶ୍ନ ଚିହ୍ନ ଲଗାଇଛି।

**– ହର୍ଷବର୍ଦ୍ଧନ ବେହେରା**

## ବିଜେପୁର ଉପନିର୍ବାଚନୀ ସଭାରେ ଧର୍ମେନ୍ଦ୍ରଙ୍କ ଆହ୍ୱାନ

# ଦୁର୍ନୀତିମୁକ୍ତ ବିକାଶ ପାଇଁ ସୁଯୋଗ ଦିଅ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।

**ବିଜେପୁର/ବରପାଲି, ୧୮।୧୦ (ଡି.ଏନ୍.ଏ.)**

ବରଗଡ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ନିର୍ବାଚନ ପ୍ରଚାର ଶେଷ ହେବ। ଏଥିପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ଷ୍ଟାର ପ୍ରଚାରକମାନେ ପ୍ରଚାରର ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ । ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାଇସିଲେଟ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଜେପୁର, ବରପାଲିରେ ରୋଡ ଶୋ, ପଥପ୍ରାନ୍ତ ସଭା ଉପନିର୍ବାଚନର ପ୍ରଚାର ମାହୋଲକୁ ବେଶ୍ ସରଗରମ କରିଛି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ବିଜେପୁର ଏନଏସି ସଦର ମହକୁମା ବସଷ୍ଟାଣ୍ଡରେ ଆୟୋଜିତ ପଥପ୍ରାନ୍ତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦୁର୍ନୀତି, ଭ୍ରଷ୍ଟାଚାରମୁକ୍ତ ବିକାଶ ପାଇଁ ଭାଜପା ପ୍ରାର୍ଥୀ ସନତ କୁମାର ଗଡତିୟାଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ । ଯିଏ ସ୍ୱଚ୍ଛ ଭ୍ରଷ୍ଟାଚାରମୁକ୍ତ କାମ କରୁଛି, ତାକୁ ହତ୍ୟା କରାଯାଉଛି। ବିଜେପୁର ବ୍ଲକ ସଂଯୋଜକ ତରଣୀସେନ ମହଲା ଓ ଧର୍ମଶାଳା ବ୍ଲକର ଭିଏଲ୍‌ଡବ୍ଲ୍ୟୁ ହତ୍ୟା ଘଟଣା ଏହାର ନମୁନା ବୋଲି ସେ କହିଥିଲେ। ବିକାଶର ନାରା ଦେଉଥିବା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏକ ବର୍ଷ ମଧ୍ୟରେ ଏଠି କ'ଣ ବିକାଶ ହେଉଛି ଦୁଇଦିନ ମଧ୍ୟରେ ଉତ୍ତର ରଖିବେ କି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଶ୍ନ କରିଥିଲେ । ସଭାରେ ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କ ବଳଦ ଉପାଖ୍ୟାନ ଉପସ୍ଥିତ ଜନତାଙ୍କୁ ତାଜୁବ କରିଥିଲା। ପୂଜାରୀ କହିଥିଲେ, ବରଗଡ ଲୋକ ସଭା କ୍ଷେତ୍ରର ସମସ୍ତ ୭ଟି ଯାକ ବିଧାୟକ ପରାଜିତ ହେଲେ । ମୁଁ ଏକାକୀ ବିଜୟୀ ହେଲି। ମାତ୍ର ଜଣେ ବଳଦରେ ଚାଷ ହୋଇପାରେ କି । ଚାଷ ତଥା ବିକାଶ ପାଇଁ ଦୁଇଟି ବଳଦ ଆବଶ୍ୟକ। ତେଣୁ ଆଉ ଏକ ବଳଦ ପ୍ରାର୍ଥୀ ଗଡତିୟାଙ୍କୁ ବିଜୟୀ କରିବାକୁ ଏମପି ପୂଜାରୀ ନିବେଦନ କରିଥିଲେ । ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ ସଭା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା ପ୍ରଦୀପ୍ତ ନାୟକ, ବିଧାୟକ ମୁକେଶ ମହାଲିଙ୍ଗ ଓ ନାଉରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ବରପାଲି ବ୍ଲକର ବନ୍ଧପାଲି, ଗୋପେଇପାଲି, ବରପାଲି ଏନଏସିରେ ରୋଡ ଶୋ କରି ପ୍ରାର୍ଥୀ ଗଡତିୟାଙ୍କ ପାଇଁ ପ୍ରଚାର କରିଥିଲେ ।

# ସ୍ୱାଭିମାନ କଥା ଉଠାଇଲା କଂଗ୍ରେସ



ନିର୍ବାଚନୀ ସଭାରେ କଂଗ୍ରେସ ନେତୃବୃନ୍ଦ।

**ବିଜେପୁର,୧୮।୧୦ (ଡି.ଏନ୍.ଏ)**

ବିଜେପୁର ଉପନିର୍ବାଚନରେ ପ୍ରଚାର ଦୌଡର ଅନ୍ତିମ ପର୍ଯ୍ୟାୟରେ କଂଗ୍ରେସ ଦଳ ମାରାଥନ ପ୍ରଚାର କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ବିଧାୟକ ନରସିଂହ ମିଶ୍ର ଗାଇସିଲେଟ ବ୍ଲକର ଗନିଆଁପାଲିରୁ ଶୁକ୍ରବାର ନିର୍ବାଚନୀ ପ୍ରଚାର ଆରମ୍ଭ କରି ବରପାଲି ବ୍ଲକର ଆଗଲପୁରରେ ପ୍ରଚାର ଶେଷ କରିଥିଲେ। ବିଜେପୁର ବ୍ଲକ ଟି. ଗଣ୍ଡପାଲିରେ ଜିଲା ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧ୍ୟକ୍ଷତାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ପଟ୍ଟନାୟକ ଓ ବିଧାୟକ ମିଶ୍ର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରି ଏହି ଅଞ୍ଚଳର ବିକାଶ ତଥା ସ୍ୱାଭିମାନ ରକ୍ଷା ପାଇଁ ମାଟିର ପୁଅ ଦିଲୀପ କୁମାର ପଣ୍ଡାଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସମ୍ପୃକ୍ତ ପଞ୍ଚାୟତର ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ନେତା, ମନ୍ତ୍ରୀ ଓ ବିଧାୟକମାନେ ଦଳୀୟ କର୍ମୀ ଓ ସଙ୍ଗଠକମାନଙ୍କ ସହିତ ତୁହାକୁ ତୁହା ବୈଠକ କରୁଥିବା ଜଣାପଡିଛି।

# ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି(୮)ର ୫ମ ବୈଠକ

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ):** ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୮ର ପଞ୍ଚମ ବୈଠକ ବିଧାନସଭାସ୍ଥିତ ୫୫ନଂ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର କାର୍ଯ୍ୟାବଳୀ ଓ ବଜେଟ୍ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବିଧାୟକ ସୂର୍ଯ୍ୟମଣି ବୈଦ୍ୟ, ଚକ୍ରମଣି କହଁର, ମକରନ୍ଦ ମୁଦୁଲି ଏବଂ ନବଚରଣ ମାଝୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ଶ୍ରମ କମିଶନର ନିରଞ୍ଜନ ସାହୁ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ୟୁ.କେ. ତ୍ରିପାଠୀ ଓ ଚନ୍ଦ୍ରା ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁଧାକର ବୁର୍ଗୀ, ଇଏସ୍‌ଆଇର ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପୁର ଉପନିର୍ବାଚନ ଲାଗି ଛୁଟି ଘୋଷଣା

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ଆସନ୍ତା ୨୧ ତାରିଖରେ ହେବାକୁ ଥିବା ବିଜେପୁର ଉପନିର୍ବାଚନ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସେହି ନିର୍ବାଚନ ମଣ୍ଡଳୀର ବାହାରେ ରହୁଥିବା ଭୋଟରମାନେ ନିର୍ବାଚନ ପୂର୍ବଦିନ, ନିର୍ବାଚନ ଦିନ ଓ ପରଦିନକୁ ମିଶାଇ ମୋଟ ୩ ଦିନ ଛୁଟି ନେଇ ପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ(ସ୍ୱରାଷ୍ଟ୍ର) ଘୋଷଣା କରିଛନ୍ତି। ଏହାଛଡ଼ା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀମାନେ ତିନିଦିନରୁ ଅଧିକ ଦିନ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ ସେମାନେ ମଧ୍ୟ ଗୋଟିଏ ଦିନ ସ୍ୱତନ୍ତ୍ର ଇଚ୍ଛାଧୀନ ଛୁଟି ନେଇ ପାରିବେ।

# ସଂରକ୍ଷିତ ଜଙ୍ଗଲରେ ଦୃଶ୍ୟହେଲା ବାଘ ପାଦ ଚିହ୍ନ

**ବୋଲଗଡ଼,୧୮।୧୦ (ଡି.ଏନ୍.ଏ.)**

ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନପାଳ କାର୍ଯ୍ୟାଳୟ ଅଧୀନ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଖବର ପାଇ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ସମେତ ବନ କର୍ମଚାରୀମାନେ ଉକ୍ତ ଜଙ୍ଗଲକୁ ଯାଇଥିଲେ। ସେମାନେ ବୁଲୁଥିବା ବେଳେ ପାଟବନ୍ଧସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ହୋଇଥିବା ପ୍ଲାଣ୍ଟେସନ ଅଞ୍ଚଳରେ ବାଘର ପାଦଚିହ୍ନ ଦେଖିଥିଲେ। ବନପାଳ ପଟ୍ଟନାୟକ କହନ୍ତି, ଏହା କେଉଁ ପ୍ରଜାତିର ସ୍ପଷ୍ଟ ହୋଇ ନ ଥିଲେ ହେଁ କଲରାପତରିଆ ବାଘର ପାଦଚିହ୍ନ ବୋଲି ଅନୁମାନ କରାଯାଉଛି। ଏହାର ଫଟୋ ସହ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ଖୋର୍ଦ୍ଧା ରେଞ୍ଜର ଉତ୍ତମ ଗଡନାୟକ କହନ୍ତି, ଉକ୍ତ ସଂରକ୍ଷିତ ଜଙ୍ଗଲରେ ଦେଖାଦେଇଥିବା ପାଦଚିହ୍ନ କଲରାପତରିଆ ବାଘର ହୋଇଥାଇପାରେ। ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ କିଛିଦିନ ତଳେ ଅଞ୍ଚଳର ୩ଟି ଗାଈ ଜଙ୍ଗଲକୁ ଚରିବାକୁ ଯାଇ ଫେରି ନ ଥିଲେ। ଖାଜାଖୋଜି ପରେ ଗାଈଗୁଡିକର କ୍ଷତବିକ୍ଷତ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଗାଈଗୁଡିକୁ ବାଘ ଖାଇଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିଲା। ସେହିପରି ପ୍ରାୟ ୨ବର୍ଷ ପୂର୍ବେ ଆରିକମାସ୍ଥିତ କୋଶଳାଶୁଣୀ ଜଙ୍ଗଲରେ ଏକ କଲରାପତରିଆ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଥିଲା। ଖବର ଜଣାପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।


ପାଟବନ୍ଧ ନିକଟ ଜଙ୍ଗଲରେ ଦେଖାଯାଇଥିବା ବାଘର ପାଦ ଚିହ୍ନ।

# ବିଦା ହେଲେ ୩ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

**ବାଧ୍ୟତାମୂଳକ ଅବସର ଦିଆଯିବା ନେଇ ଟୁଇଟ୍ କଲେ ଡିଜିପି**

ବିଦାହେଲେ ୩ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର। କ୍ଷମତାର ଦୁରୁପଯୋଗ କରିବା ଅଭିଯୋଗରେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ନେଇ ଟୁଇଟ୍ କରି ସୂଚନା ଦେଇଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ସେମାନେ ହେଲେ ସବ୍‌ଇନ୍ସପେକ୍ଟର ବନମାଳୀ ନାୟକ, ଏଏସ୍‌ଆଇ ବୀରବର ଲେଙ୍କା ଓ କିଶୋର ବାଗ। ଓଡିଶା ସର୍ଭିସ୍ କୋଡ୍ ରୁଲ-୭୧ ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାପୂର୍ବରୁ ମଧ ଅନେକ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରି କାଳ ସରିବା ପୂର୍ବରୁ ରାଜ୍ୟ ସକାର ବାଧ୍ୟତାମୂଳକ ଅବସର ଦେଇ ବିଦା କରିଛନ୍ତି। ଗତ ୨ ତାରିଖରୁ ପ୍ରଥମ ପର୍ଯ୍ୟାୟରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗରେ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସରକାର '୫-ଟି' ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯେଉଁମାନେ '୫-ଟି' ଅନୁସାରେ କାର୍ଯ୍ୟ କରୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ହସ୍ପିଟାଲ ପରିସର ଦଲାଲ ମୁକ୍ତ କରିବା ଏବଂ ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଦୁର୍ନୀତିଖୋର ଅଫିସର ଓ କର୍ମଚାରୀମାନଙ୍କୁ ସରକାର ଆଉ ବରଦାସ୍ତ କରିବେ ନାହିଁ। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂର୍ବରୁ ଆଉ ଜଣେ ପୋଲିସ ଅଫିସରଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ସରକାର ୪ଜଣଙ୍କୁ ବିଦା କଲେଣି।

# ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରେଢାଖୋଲ, ୧୮।୧୦ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଚାରମାଳ ପୋଲିସ ଶୁକ୍ରବାର ଅପରାହ୍ନ ୨ଟା ବେଳେ ତାଳଚେର-ସମ୍ବଲପୁର ରେଳପଥର ଚାରମାଳ ଷ୍ଟେଶନ ନିକଟ ଆମ୍ବଦର ଗ୍ରାମ ରେଲଲାଇନ କଡରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଚିହ୍ନଟ ପାଇଁ ବୁର୍ଲା ଭିମସାର ମର୍ଗ ହାଉସକୁ ପଠାଇଥିବା ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି। ମୃତ ବ୍ୟକ୍ତିଙ୍କ ବୟସ ୪୫ ବର୍ଷ ଭିତରେ ହେବ। ସେ ଏକ କଳା ରଙ୍ଗର ପ୍ୟାଣ୍ଟ ଓ ଧଳା ସାର୍ଟ ପିନ୍ଧିଛନ୍ତି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୧୯) ରୁଜୁ ହୋଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-OP-2019-T-02/TN, ତା.16.10.2019ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ଠାରେ ଲୋକୋମୋଟିଭ (ଇଂଜିନ୍) ର ବାଲି ବାକ୍ସଗୁଡ଼ିକରେ ଆବଶ୍ୟକୀୟ ବିନିର୍ଦ୍ଦେଶନ ଅନୁଯାୟୀ ମାର୍ଗରେ (Enroute) ବାଲିର ଯୋଗାଣ ଏବଂ ଭରିବା କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 61,97,856.60, EMD (ଟଙ୍କାରେ) : 1,24,000/-, ଟେଣ୍ଡର ନଥିପତ୍ରର ମୁଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 02 ବର୍ଷ (731 ଦିନ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2019 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ)
ସମ୍ବଲପୁର
PR-443/K/19-20

# ମପାଯିବ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା

**'ମୋ ସରକାର', ୫-ଟିକୁ ଅଗ୍ରାଧିକାର**

ଭୁବନେଶ୍ୱର,୧୮।୧୦(ବ୍ୟୁରୋ): ମୋ ସରକାର ଏବଂ ୫-ଟି କାର୍ଯ୍ୟକାରୀ କ୍ଷେତ୍ରରେ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ମପାଯିବ। ଏ ନେଇ କର୍ମଚାରୀମାନଙ୍କର ବାର୍ଷିକ କାର୍ଯ୍ୟଦକ୍ଷତା ରିପୋର୍ଟ ବା ଆନୁଆଲ ପରଫର୍ମାନ୍ସ ଆପ୍ରେଜାଲ ରିପୋର୍ଟ (ପିଏଆର) ପ୍ରସ୍ତୁତ କରାଯିବ। ଶୁକ୍ରବାର ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ସଚିବ, ବିଭାଗୀୟ ମୁଖ୍ୟ ଦପ୍ତର, ସମସ୍ତ ଆରଡିସି ଏବଂ ଜିଲାପାଳଙ୍କୁ ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ଠାରୁ ବିଭିନ୍ନ ଯୋଜନା ବାବଦରେ ମତାମତ ଲୋଡୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ପୋଲିସ ସଂଗଠନକୁ ଏହି କାର୍ଯ୍ୟକ୍ରମ ପରିସର ଭୁକ୍ତ କରାଯାଇଛି। ଏହା ଅନ୍ୟ ବିଭାଗକୁ ମଧ ସମ୍ପ୍ରସାରିତ କରାଯିବ। ସର୍ବ ଭାରତୀୟ ପ୍ରଶାସନିକ ଅଧିକାରୀ(ଏଆଇଏସ)ଙ୍କୁ ନିଜର କାର୍ଯ୍ୟ ଦକ୍ଷତା ପାଇଁ ବାର୍ଷିକ ୧୦ ନମ୍ବର ଦିଆଯିବାକୁ ଥିବା ବେଳେ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ମୋ ସରକାର ଓ ୫-ଟି ପାଇଁ ୨୦ ପ୍ରତିଶତ ଅଗ୍ରାଧିକାର ଦେବାକୁ ନିଷ୍ପତ୍ତି ହୋଇଛି। ଏଆଇଏସ ଅଧିକାରୀଙ୍କୁ ୧୦ ମଧ୍ୟରୁ ୨ ନମ୍ବର ମୋ ସରକାର ଓ ୫-ଟି ପାଇଁ ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାରଙ୍କ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତାର ୨୦ ପ୍ରତିଶତ ମଧ୍ୟରୁ ୫-ଟି ପାଇଁ ୧୫ ଓ ମୋ ସରକାର ପାଇଁ ୫ ପ୍ରତିଶତ ଅଗ୍ରାଧିକାର ମିଳିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
**RESERVE BANK OF INDIA**
www.rbi.org.in

**୪ ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାରଙ୍କ ସର୍ବମୋଟ ₹୫୦୦.୦୦ କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (*yield*) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର କୋର୍ ବ୍ୟାଙ୍କିଙ୍ଗ୍ ସମାଧାନ (ଇ-କୁବେର) ମାଧ୍ୟମରେ ୨୨ ଅକ୍ଟୋବର ୨୦୧୯ (ମଙ୍ଗଳବାର) ଦିନ ଆୟୋଜନ କରାଯିବ ।

ଏ ସମ୍ପର୍କିତ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ୱେବସାଇଟ୍ (www.rbi.org.in) ୧୭ ଅକ୍ଟୋବର ୨୦୧୯ (ଗୁରୁବାର)ରେ ପ୍ରକାଶିତ ଆର୍‌ବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମୀରେ ପଡନ୍ତୁ ନାହିଁ"



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲିପିଲେ ପୋଛିଲେ କୁଡ଼ ସୁନ୍ଦର
ଖାଇଲେ ପିଇଲେ ବୁଢ଼ ସୁନ୍ଦର।**

ବୁଢ଼ର ଅର୍ଥ ବୟୋବୃଦ୍ଧ ବ୍ୟକ୍ତି। ଉତ୍ତମ ଉପଚାର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ଘର ଦୁଆରକୁ ଲିପାପୋଛା କରି ପରିଷ୍କାର ପରିଚ୍ଛନ୍ନ ରଖିଲେ ତାହା ଘରର ଶୋଭାକୁ ବଢ଼ାଇ ଦେଇଥାଏ। ସେହିପରି ଉତ୍ତମ ବା ସୁଷମ ଖାଦ୍ୟ ଏବଂ ପରିଧାନ ବୟସର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଲାଠି ବାଜିଲା,
ଲାଠି ବାଜିଲାରୁ ନିଦ ଭାଜିଲା ।**

ମାଡ଼ ପଡ଼ିଲେ ଆଖିରୁ ନିଦ ଛାଡ଼ିଯାଏ। ଦଣ୍ଡନୀତି ହିଁ କାର୍ଯ୍ୟକୁ ନିୟନ୍ତ୍ରିତ କରିଥାଏ। ମାଡ଼ଠାରୁ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧ ନାହିଁ। ପରୋକ୍ଷରେ ବେଶାସନିଆ ବ୍ୟକ୍ତିକୁ ମାଡ଼ଦେଇ ବାଟକୁ ଅଣାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଜି କ'ଣ କେଉଁଠି

**ସମ୍ବଲପୁର**

- ଇଣ୍ଟର ସ୍କୁଲ ବିଜ୍ଞାନ କର୍ମଶାଳା, ଗୁରୁନାନକ ପବ୍ଲିକ ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା ।
- ଆକାଶବାଣୀ ସଙ୍ଗୀତ ସମ୍ମିଳନୀ-୨୦୧୯, ତପସ୍ୱିନୀ ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ।
- କର୍କଟ ରୋଗ ପରାମର୍ଶ ଶିବିର, ଜିଲାମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ର, ଅପରାହ୍ନ ୩ଟା।
- ଶିଶୁ ଉଦ୍ୟାନ ଉଦ୍‌ଘାଟନ ଉତ୍ସବ, ପଧାନପାଲି ପାୱନ ସରୋବର, ପୂର୍ବାହ୍ନ ୧୦ଟା ।

**କେସିଙ୍ଗା**

- ନିଖିଳ ଉତ୍କଳ ହୈହୟକ୍ଷତ୍ରିୟ ଶୌଣ୍ଡିକ ସମାଜର ବୈଠକ, ଏନଏସିର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା ।

**ବୌଦ୍ଧ**

- ଓଡ଼ିଶା ଲୋକାୟୁକ୍ତଙ୍କ ଆଇନ ସଚେତନତା ଶିବିର, ଟାଉନହଲ, ପୂର୍ବାହ୍ନ ୧୧ଟା ।

**ମୁରିବାହାଲ**

- ବିଜୁ ଯୁବବାହିନିର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ, ବ୍ଲକ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ଅମରପାଲି**

- ଶହୀଦ ବିଭୀଷଣ ସାହୁ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ପଣ୍ଡିଆପାଲି ଖେଳ ପଡ଼ିଆ, ପୂର୍ବାହ୍ନ ୧୦ଟା।

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

## ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**ବାଲେଶ୍ୱର ଅଫିସ, ୧୮।୧୦**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଛନ୍ତି ବାଲେଶ୍ୱର ଜିଲା ଡ୍ରେନେଜ୍ ଡିଭିଜନ୍‌ର କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ବସନ୍ତ କୁମାର ପଣ୍ଡା। ଶୁକ୍ରବାର ପୂର୍ବାହ୍ନରେ ଏକକାଳୀନ ତାଙ୍କ ଘର, ଅଫିସ୍, ସମ୍ପର୍କୀୟଙ୍କ ଘର ମୋଟ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ମୋଟ ୨କୋଟି ୮ଲକ୍ଷ ୮୧ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଅଫିସରେ ମାମଲା (ନଂ.୯/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ଦକ୍ଷିଣ ଚରଣ ମୁର୍ମୁ ଓ ଏସ୍‌ଆଇ ଜସ୍ମିନ ପାଲଙ୍କ ନେତୃତ୍ୱରେ ୭ଟି ଟିମ୍ ଯନ୍ତ୍ରୀ ପଣ୍ଡାଙ୍କ ଆଜିମାବାଦସ୍ଥିତ ବାଗ୍‌ବୃନ୍ଦାବନ ବାସଭବନ, ସହଦେବଖୁଣ୍ଟାସ୍ଥିତ ଭାଇଙ୍କ ଘର, ବସ୍ତା ଥାନା ଅମର୍ଦ୍ଦାରୋଡ୍‌ର ସରିସାଠାରେ ଥିବା ପୈତୃକ ବାସଗୃହ, ଭୁବନେଶ୍ୱର ପଟିଆସ୍ଥିତ କୈଳାସ ଆପାର୍ଟମେଣ୍ଟରେ ଥିବା ନିଜସ୍ୱ ଘର, ଅନୁଗୁଳ ଜିଲା ମିଶ୍ରପଡ଼ାସ୍ଥିତ ଶ୍ୱଶୁର ଘର, ବିଭାଗୀୟ ଡ୍ରେନେଜ୍ ଅଫିସ୍ ଏବଂ ତାଙ୍କ ସ୍ତ୍ରୀ ସୁପ୍ରଭା ମିଶ୍ରଙ୍କ ସୁନହଟ୍‌ସ୍ଥିତ ଶକୁନ୍ତଳା ଗାର୍ଲସ ହାଇସ୍କୁଲ ଅଫିସ୍ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଜିଲାରେ ଥିବା ୯ଟି ପ୍ଲଟ୍‌ର କାଗଜପତ୍ର, ବିଭିନ୍ନ ବ୍ୟାଙ୍କରେ ଡିପୋଜିଟ୍ କରାଯାଇଥିବା ପାସ୍‌ବୁକ୍‌ରୁ ୪୪ଲକ୍ଷ ୩୯ହଜାର ଟଙ୍କା, ବୀମା ବଣ୍ଡ, ଲକରରୁ ନଗଦ ୧୭ଲକ୍ଷ ଟଙ୍କା, ଘରୁ ୧ଲକ୍ଷ ୬୪ହଜାର ଟଙ୍କା, ମାରୁତି ଏଷ୍ଟିଲୋ କାର୍, ଦୁଇଟି ଦାମୀ ବାଇକ୍, ୧୬ଲକ୍ଷ ୫ହଜାର ଟଙ୍କାର ସୁନାଗହଣା ଥିବା ଜଣାପଡିଥିଲା।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଡ୍ରେନେଜ୍ ଡିଭିଜନ ଅଧୀନ ବିଭିନ୍ନ ନାଳ, ଖାଲ ଓ ଅନ୍ୟାନ୍ୟ ଜଳ ନିଷ୍କାସନ ପଥ ଖନନ ଓ ନିର୍ମାଣ ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ଦୁର୍ନୀତିପୂର୍ଣ୍ଣ ଉପାୟରେ ପୂର୍ବରୁ ଖର୍ଚ୍ଚ କରାଯାଉଥିଲା। ପୁରୁଣା ନାଳ ଉପରୁ ଘାସ ସଫା କରି ଖନନ ହୋଇଥିବା ଦର୍ଶାଯାଇ ମିଥ୍ୟା ବିଲ୍ ପ୍ରସ୍ତୁତ କରି ଟଙ୍କା ହଡ଼ପ କରାଯାଇଥିବା ତଥ୍ୟ ମିଳିଛି। ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ଉକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରମାନଙ୍କ ଉପରେ ଚଢ଼ାଉ ହୋଇଥିଲା। ଏହାପରେ ମଧ୍ୟ ଦୁର୍ନୀତିରେ ଲିପ୍ତ ରହିଥିବା ଅଧିକାରୀ ସଚେତନ ନ ହେବାରୁ ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।



କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଉଛି।

# ୭ କ୍ରଶର ଉପରେ ଚଢ଼ାଉ

ସଜନାଗଡ଼,୧୮।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ପ୍ରଶାସନ ପକ୍ଷରୁ ଶୁକ୍ରବାର ମିତ୍ରପୁର ଅଞ୍ଚଳରେ ଥିବା ୭ଟି ପଥର କ୍ରଶର ଉପରେ ଚଢ଼ାଉ କରାଯାଇଛି। ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନା, ତହସିଲଦାର ସୁଶ୍ରୀତା ଟୁଡୁ, ଅତିରିକ୍ତ ତହସିଲଦାର ରାକେଶ କୁମାର ପଣ୍ଡା, ପ୍ରଦୂଷଣ ବିଭାଗର ଅଧିକାରୀ ସମେତ ମିତ୍ରପୁର ଆର୍‌ଆଇ, ମିତ୍ରପୁରସ୍ଥିତ ଶାନ୍ତନୁ କ୍ରସର, ଚଣ୍ଡି କ୍ରସର, କାଠଗୋଚ୍ଛିରେ ଥିବା ୩ଟି କ୍ରଶର ଏବଂ ମଛୁଆରେ ଥିବା ୨ଟି କ୍ରଶର ଉପରେ ଚଢ଼ାଉ କରି ପ୍ରଦୂଷଣ, ଷ୍ଟକ୍ ରେଜିଷ୍ଟର, କ୍ରଶର ଅବସ୍ଥିତି ଏବଂ ଗଚ୍ଛିତ କଞ୍ଚାମାଲ୍‌ର ରେଜିଷ୍ଟରକୁ ତଦନ୍ତ କରିଛନ୍ତି। ଏମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଆସନ୍ତା ସୋମବାର ସମସ୍ତ କାଗଜପତ୍ର ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି କାଗଜପତ୍ରରେ ତ୍ରୁଟି ଥିଲେ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯିବ ବୋଲି ସୂଚନା ମିଳିଛି।

■ ପାରିବାରିକ କଳହ

# ଦୁଇ ଘଣ୍ଟାରେ ଦୁଇ ସାଙ୍ଗଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ, ୧୮।୧୦**

ପାରିବାରିକ କଳହକୁ କେନ୍ଦ୍ର କରି ତ୍ରିଲୋଚନ ଜେନା ନାମକ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣାରେ ବ୍ୟଥିତ ହୋଇ ତାଙ୍କର ଜଣେ ବନ୍ଧୁ ଜୀବନ ହାରିଦେବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହା ଘଟିଛି ବାଲେଶ୍ୱର ସଦର ଥାନା ଅଧୀନ ସାହୁପଡ଼ାସ୍ଥିତ ସଦରପାଳ ଗାଁରେ। ଶୁକ୍ରବାର ଦୁଇ ଘଣ୍ଟା ବ୍ୟବଧାନରେ ଏହି ଦୁଇ ଯୁବବନ୍ଧୁଙ୍କ ଆତ୍ମହତ୍ୟା ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। ପୋଲିସ ଦୁଇ ବନ୍ଧୁଙ୍କ ମୃତଦେହକୁ ଜବତ କରି ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଦ୍ୟପାନ ଓ ମଦ କାରବାରକୁ ନେଇ ପରିବାରରେ ଅଶାନ୍ତି ସୃଷ୍ଟି ଏହି ଦୁଇ ବନ୍ଧୁଙ୍କ ମୃତ୍ୟୁର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ଶୁକ୍ରବାର ମଧ୍ୟାହ୍ନରେ ସଦରପାଳ ଗାଁର ତ୍ରିଲୋଚନ (୪୫) ଘର ପଛପଟେ ଥିବା ଏକ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ତ୍ରିଲୋଚନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସେହି ଗ୍ରାମର ତାଙ୍କ ବନ୍ଧୁ କ୍ରିତିଚନ୍ଦ୍ର ଜେନା (୩୭) ଦେଖିବାକୁ ଯାଇଥିଲେ। କ୍ରିତିଚନ୍ଦ୍ର ସେଠାରୁ ମର୍ମାହତ ହୋଇ ଘରକୁ ଫେରିବା ପରେ କୌଣସି କାରଣରୁ ଘରେ ଝଗଡ଼ା ହୋଇଥିଲା। ଏହାପରେ କ୍ରିତି କାହାରିକୁ କିଛି ନ କହି ଘର ଭିତରେ ପଶି ଯାଇ ଫ୍ୟାନ୍‌ରେ ଲୁଗା ଦେଇ ଆତ୍ମହତ୍ୟା କରିଥିଲେ। ସଦର ଥାନା ପୋଲିସ ମୃତଦେହ ଉଦ୍ଧାର କରି ତଦନ୍ତ କରିବା ପରେ ଜିଲା ମୁଖ୍ୟଚିକିତ୍ସାଳୟରେ ତ୍ରିଲୋଚନଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କ୍ରିତିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରିବାରୁ ଚିକିତ୍ସାଳୟରେ ରଖାଯାଇଛି।

**CUTTACK MUNICIPAL CORPORATION**

"e" PROCUREMENT NOTICE
Tender ID : 2019_ORULB_55256
Bid Reference No. MC(CMC)CTC_Div-I_No4/2019-20
Tender Call Notice No. 3647 (PW) Date. 18.10.2019

Name of Works : Civil Works
No of Works : 06 No
Bid Value : Rs. 3.28 Lakhs to Rs. 4.92 Lakhs
Period of Completion : Seven Days
Date and Time schedule :

| Start | End | Opening |
|---|---|---|
| 3.00 PM on dt. 19.10.2019 | 5.00 PM on dt.26.10.2019 | 11.00 A.M. on dt. 30.10.2019 |

Tender Details : can be seen from the procurement portal : www.tendersorissa.gov.in

Executive Engineer, City Division-I

## ମୋହରିରଙ୍କ ଚାଳିଆ ଭଙ୍ଗା ଘଟଣା

# ଅତିରିକ୍ତ ଜିଲାପାଳଙ୍କ ତଦନ୍ତ ଆରମ୍ଭ

**ସଜନାଗଡ଼, ୧୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ମୋହରିରଙ୍କ ଚାଳିଆ ଭଙ୍ଗା ନେଇ ପୂର୍ବରୁ ତୁମ୍ବିତୋଫାନ ଉଠିଥିଲା। ଘଟଣାକୁ ନେଇ ନୀଳଗିରି ତହସିଲଦାର ଓ ବିଧାୟକ ସାମ୍ନାସାମ୍ନି ହେବା ସହ ମାମଲା ଯାଇ ଥାନାରେ ପହଞ୍ଚିଥିଲା। ଏହାପରେ ଭଙ୍ଗା ଚାଳିଆରେ ମୋହରିରମାନେ କିପରି ବସିବେ ଏନେଇ ପ୍ରଶ୍ନ ଉଠିଥିଲା। ପରେ ତାଙ୍କୁ ଏକ ଶୌଚାଳୟ ନିକଟରେ ନୂତନ ସ୍ଥାନରେ ଗୃହ ନିର୍ମାଣ କରି ଥଇଥାନ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ଏନେଇ ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ଚାଳିଆ ଭଙ୍ଗାସ୍ଥଳକୁ ଆସି ବୁଲିଯିବା ସହ ମୋହରିରମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନାଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ଲଟେରି ଉଠିଥିବା କହି ଠକିନେଲେ ୨୯ ହଜାର

**ଭଦ୍ରକ ଅଫିସ, ୧୮।୧୦**

ଫୋନ କଲ୍ ମାଧ୍ୟମରେ ଲଟେରି ଉଠିଥିବା କହି ଠକି ନେଲେ ୨୯ ହଜାର ଟଙ୍କା। ଏଭଳି ଘଟଣା ଘଟିଛି ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଗରଦପୁର ଦୁର୍ଗାପୁର ଗାଁରେ। ଠକେଇର ଶିକାର ହୋଇଥିବା ମହମ୍ମଦ ହାମ୍‌ଜାଙ୍କ ଏତଲାକୁ ଭିତ୍ତିକରି ପୁରୁଣାବଜାର ଥାନା ପୋଲିସ ମାମଲା(ନଂ.୨୦୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ମହମ୍ମଦ ହାମ୍‌ଜା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ବୁଧବାର ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ତମର ଲଟେରି ଉଠିଥିବା କହି ନିର୍ଦ୍ଦିଷ୍ଟ ଏକ ଆକାଉଣ୍ଟରେ ୫ ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା। ସେ ଉକ୍ତ ଆକାଉଣ୍ଟରେ ୫ ହଜାର ଟଙ୍କା ଜମା କରିଥିଲେ। ଏହାର କିଛି ସମୟ ପରେ ଅନ୍ୟ ଜଣେ ମହିଳା ତାଙ୍କ ସେହି ନମ୍ବରକୁ କଲ୍ କରି ୧୧ ହଜାର ୯୯ ଟଙ୍କା ଜମା କଲେ ତମ ନାଁରେ ଜିଏସ୍‌ଟି ବିଲ୍ ହୋଇ ଉକ୍ତ ଲଟେରି ସାମଗ୍ରୀ ପଠାଯିବ କହି ଅନ୍ୟ ଏକ ଆକାଉଣ୍ଟ ନମ୍ବର ଦେଇଥିଲେ। ସେ ଉକ୍ତ ଆକାଉଣ୍ଟରେ ମଧ୍ୟ ୧୧,୯୯ ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତ ଟଙ୍କା ମିଳି ନ ଥିବା ଓ ପୁଣିଥରେ ପଠାଇବାକୁ ତାଙ୍କୁ ମହିଳା ଜଣଙ୍କ କଲ୍ କରି କହିବା ସହ ଏକସଙ୍ଗେ ୨୪ ହଜାର ଟଙ୍କା ଫେରାଇ ଦିଆଯିବ ବୋଲି କହିଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

JAYDEV LOAN
Immediate sanction New Project Loan, Industrial finance running or new maker Business Loan, Personal Loan for any type of Salary person, purchase of New flat or Duplex. Any kind of mortgage Loan also.
Contact No.-
9658805048
Add- Aska, Ganjam, Pin-761111

ASTROLOGY

BUSINESS

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱ୍ୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା
କେବଳ ପ୍ୟାନ୍ କାର୍ଡ ଦ୍ୱାରା
ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ
ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନଙ୍କ ବିଚାର ବୁଦ୍ଧି ସବୁଠାରୁ କମ୍, ସେଉମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।
- ପ୍ଲାଟୋ

## ସଂକ୍ଷେପରେ

### ଘରୋଇକରଣ ହେବ ୬ ଏୟାରପୋର୍ଟ

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ):** ଦେଶର ୬ଟି ଏୟାରପୋର୍ଟକୁ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଘରୋଇକରଣ କରାଯିବ। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ଏୟାରପୋର୍ଟ ରହିଛି। ବାରାଣସୀ, ଅମୃତସର, ଭୁବନେଶ୍ୱର, ତ୍ରିଚି, ଇନ୍ଦୋର ଓ ରାୟପୁର ଏୟାରପୋର୍ଟକୁ ଘରୋଇକରଣ କରିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଯୋଜନା କରୁଛି।

**ଭୁବନେଶ୍ୱର ସାମିଲ**

ବିମାନ ବନ୍ଦର ପ୍ରାଧିକରଣ ଏହାକୁ ଅନୁମତି ଦେଇସାରିଥିବା ବେଳେ କେବଳ କ୍ୟାବିନେଟ ମଞ୍ଜୁରୀକୁ ଅପେକ୍ଷା କରାଯାଇଛି। କ୍ୟାବିନେଟ ମୋହର ମିଳିଗଲା ପରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ନିଲାମୀ ପ୍ରକ୍ରିୟା ସାରିବାକୁ ଯୋଜନା ରହିଛି। ସୂଚନାଯୋଗ୍ୟ ପୂର୍ବରୁ ମଧ ୬ଟି ଏୟାରପୋର୍ଟକୁ ଘରୋଇକରଣ ପାଇଁ ପଦକ୍ଷେପ ନିଆଯାଇଛି, ଯେଉଁଥିରେ ୩ଟି ଆଦାନୀ ଏଣ୍ଟରପ୍ରାଇଜେସ୍‌କୁ ମିଳିଥିବା ବେଳେ ୩ଟିର ନିଲାମୀ ସ୍ଥଗିତ ରଖାଯାଇଛି।

### ଲାଞ୍ଜିଗଡ଼ ନୋଡାଲ ସ୍କୁଲରେ ସୁରଭି ଶିଶୁ ମହୋତ୍ସବ

**ଲାଞ୍ଜିଗଡ଼,୧୮।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନୋଡାଲ ସ୍କୁଲଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସିଆର୍‌ସିସି ଏମ୍. ସୁନ୍ଦରଶେଖରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି, ସମ୍ମାନିତ ଅତିଥି ଜନ୍ମେଶ୍ୱର ମାଝି, ଜିତେନ୍ଦ୍ର ନାରାୟଣ ନାଗ, ମନୋଜ କୁମାର ମହାକୁଡ଼, ଅବିନାଶ ସିଂ ପ୍ରମୁଖ ଯୋଗଦେଇଥିଲେ। ।




ଦେବଗଡ଼ ଡିପିସି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟା ସୁଦ୍ଧା କର୍ମଚାରୀ ଆସି ନ ଥିବାରୁ ସିଟ୍ ଖାଲିପଡ଼ିଛି ଓ କମ୍ପ୍ୟୁଟର ରୁମ୍‌ରେ କେହି ନାହାଁନ୍ତି।

■ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ

# ଅନିୟମିତତାରେ ଚାଲିଛି

**ଦେବଗଡ଼, ୧୮।୧୦(ଡି.ଏନ୍.ଏ.)**

- ଇଚ୍ଛା ଅନୁସାରେ ଅଫିସ ଆସୁଛନ୍ତି କର୍ମଚାରୀ
- ଛାତ୍ରୀଛାତ୍ରଙ୍କ ପୋଷାକ ବ୍ୟବସାୟରେ କର୍ମଚାରୀ ଲିପ୍ତ
- ବାୟୋମେଟ୍ରିକ୍ସ ଥାଇ ମଧ ମନମୁଖି ଉପସ୍ଥାନ ଚାଲିଛି

ସରକାର ଯେଉଁ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି, ତାହା ବର୍ତ୍ତମାନ ବାଟବଣା ସଦୃଶ ହୋଇଛି। ଦେବଗଡ ଜିଲାରେ ଅନିୟମିତତାରେ ଚାଲିଥିବା ସର୍ବଶିକ୍ଷା ଅଭିଯାନରୁ ଏହା ପ୍ରମାଣିତ ହୋଇଛି। ଜିଲାର ପୁରୁଣାଗଡସ୍ଥିତ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ କାର୍ଯ୍ୟାଳୟରେ କର୍ମଚାରୀମାନେ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଥିବାରୁ ଯୋଜନା କିଭଳି ଚାଲିଥିବ ଜଣାପଡୁଛି। ଏଠାରେ ମନଇଚ୍ଛାରେ ଅଫିସ ଚାଲିଛି। କେତେଜଣ କର୍ମଚାରୀଙ୍କୁ ଛାଡିଦେଲେ ଅନ୍ୟମାନେ ସରକାରଙ୍କ ସମୟ ସାରଣୀ ମାନନାହାନ୍ତି। ନିର୍ଦ୍ଧାରିତ ସମୟରେ ଅଫିସ ଆସୁନାହାନ୍ତି। କିଏ କେତେବେଳେ ଆସୁଛନ୍ତି, କିଏ କେତେବେଳେ ଯାଉଛନ୍ତି ତାର କିଛି ଠିକଣା ନାହିଁ।

ଖବର ନେବାରେ ଜଣାଯାଏ ଯେ, ଉକ୍ତ କାର୍ଯ୍ୟାଳୟରେ ୧୭ଜଣ କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଫିଲ୍ଡ କର୍ମଚାରୀ। ଡିପିସି ପଦବୀ ଖାଲି ପଡ଼ିଛି। ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରଦୋଷ ନାୟକ ଡିପିସି କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେ ଦୁଇଟା କାର୍ଯ୍ୟାଳୟ ଦାୟିତ୍ୱରେ ଥିବାରୁ ଠିକ୍ ଭାବେ ସମୟ ଦେଇପାରୁ ନାହାନ୍ତି। ତେଣୁ ଡିପିସି କାର୍ଯ୍ୟାଳୟ ଅଧିକାରୀ ଶୂନ୍ୟ ଭାବେ ଚାଲିଛି। ତେଣୁ ଅନ୍ୟ କର୍ମଚାରୀମାନେ କାହାକୁ ଭୟ ନ ଥିବାରୁ ଇଚ୍ଛା ଅନୁସାରେ ଆସୁଛନ୍ତି। ଏଠାରେ ବାୟୋମେଟ୍ରିକ୍ସ (କମ୍ପ୍ୟୁଟର ଉପସ୍ଥାନ)ଥାଇ ମଧ ତାହାକୁ ଖରାପ କରିଦିଆଯାଇଥିବା ଅଭିଯୋଗ ହେଉଛି। କେଉଁ କର୍ମଚାରୀ ଆସୁଛନ୍ତି ଦିନ ୧୧ଟାରେ ତ ଆଉ କିଏ ଆସୁଛନ୍ତି ୧୨ଟାରେ। କେହି କେହି ୩ ରୁ ୪ ଦିନରେ ଥରେ କାର୍ଯ୍ୟାଳୟ ଆସି ଉପସ୍ଥାନ ଖାତାରେ ସବୁଦିନର ଦସ୍ତଖତ କରୁଥିବା ଜଣାପଡୁଛି। ଆମ ଖବରଦାତା ଡିପିସି କାର୍ଯ୍ୟାଳୟକୁ ପୂର୍ବାହ୍ନ ୧୧ଟାରେ ଯାଇଥିବାବେଳେ କାର୍ଯ୍ୟାଳୟର କେତେକ ପ୍ରକୋଷ୍ଠରେ ବିଭିନ୍ନ ସିଟ୍ ଖାଲିପଡ଼ିଥିଲା। ଅଧିକାଂଶ କର୍ମଚାରୀ ଆସି ନ ଥିବା ଜାଣିବାକୁ ପାଇଥିଲେ। କେତେକ ପ୍ରକୋଷ୍ଠର ତାଲା ମଧ୍ୟ ଖୋଲାଯାଇ ନ ଥିଲା। ଉପସ୍ଥାନ ଖାତାରେ କର୍ମଚାରୀଙ୍କ ଦସ୍ତଖତ ମଧ୍ୟ ନ ଥିଲା। ଯଦି ଡିପିସି କାର୍ଯ୍ୟାଳୟର କର୍ମଚାରୀ ନିୟମିତ କାର୍ଯ୍ୟାଳୟ ଆସୁ ନାହାନ୍ତି, ତେବେ ଜିଲାରେ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଛି, ଶିକ୍ଷୟିତ୍ରୀଶିକ୍ଷକ କେମିତି ବିଦ୍ୟାଳୟକୁ ଆସୁଥିବେ ତାହା ଜଣାପଡୁଛି।

ଏହି କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଶଶାଙ୍କ ଶେଖର ଚୌଧୁରୀ ଠିକ୍ ସମୟରେ କାର୍ଯ୍ୟାଳୟ ଆସୁ ନ ଥିବା ଓ ଛାତ୍ରୀଛାତ୍ରଙ୍କୁ ଯୋଗାଣ ହେଉଥିବା ପୋଷାକ ବ୍ୟବସାୟରେ ଲିପ୍ତ ରହି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଡିପିସି କାର୍ଯ୍ୟାଳୟରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଥିବାରୁ ବିଭିନ୍ନ ସ୍କୁଲକୁ ଡ଼ରାଇ ଏଭଳି କାମ କରୁଥିବା କୁହାଯାଉଛି। ଏ ସମ୍ପର୍କରେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଚୌଧୁରୀଙ୍କୁ ପଚାରିବାରୁ ସେ କହନ୍ତି, ମୋ ନାମରେ ହୋଇଥିବା ଅଭିଯୋଗ ମିଛ। ମୁଁ କାର୍ଯ୍ୟାଳୟକୁ ଠିକ୍ ସମୟରେ ଆସୁଛି। ପୋଷାକ କାରବାର ମୁଁ କରୁ ନାହିଁ। ମୋ ବାପାଙ୍କର ରିଆମାଳରେ କପଡା ଦୋକାନ ଅଛି। ସେ ଛାତ୍ରୀଛାତ୍ରଙ୍କୁ ପୋଷାକ ଯୋଗାଣ କାରବାର କରୁଛନ୍ତି ବୋଲି କହିଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି, ଯଦି ଛାତ୍ରୀଛାତ୍ରମାନଙ୍କ ପୋଷାକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଚୌଧୁରୀଙ୍କ ବାପା ଦେଉଛନ୍ତି, ତେବେ ସେ କେମିତି ସାହାର୍ଯ୍ୟ କରୁ ନ ଥିବେ ବୋଲି ପ୍ରଶ୍ନ ଉଠୁଛି। ଘଟଣାର ସତ୍ୟତା କେତେ ତାହା ଦର୍ପଣ ଭଳି ସଫା ଦେଖାଯାଉଛି। ଡିପିସି କାର୍ଯ୍ୟାଳୟର ବାୟୋମେଟ୍ରିକ୍ସ କେମିତି ଖରାପ ହେଲା। ଯଦି ଖରାପ ହେଲା ମରାମତି କ'ଣ ପାଇଁ ହେଉ ନାହିଁ। ଏ ସମ୍ପର୍କରେ ପଚାରିବାରୁ କୌଣସି କର୍ମଚାରୀ ମୁହଁ ଖୋଲୁନାହାନ୍ତି। ଏଥିପ୍ରତି ଜିଲାପାଳ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟିଦେଇ ତଦନ୍ତ କଲେ ଅନେକ ବେନିୟମ, ଅନିୟମିତତା ଘଟଣା ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।





ଉପସ୍ଥାନ ଖାତାରେ କର୍ମଚାରୀ ଦସ୍ତଖତ କରିନାହାନ୍ତି।





କେତେକ ପ୍ରକୋଷ୍ଠର ତାଲା ଖୋଲାଯାଇନାହିଁ।

### ରାଜ୍ୟସ୍ତରୀୟ ଉଷୁରେ ଝାରସୁଗୁଡ଼ା ଦଳ

**ଝାରସୁଗୁଡା ଅଫିସ୍/ ଲଖନପୁର, ୧୮।୧୦ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ବ୍ଲାକ୍‌ଡାଇମଣ୍ଡ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ୨୭ତମ ରାଜ୍ୟସ୍ତରୀୟ ଉଷୁ ଚାମ୍ପିୟନ୍‌ଶିପ୍ ପ୍ରତିଯୋଗିତାରେ ଝାରସୁଗୁଡ଼ା ଦଳ ଅଂଶଗ୍ରହଣ କରିଛି। ଏଥିରେ ଝାରସୁଗୁଡ଼ା ଦଳର ଟିମ୍ ମ୍ୟାନେଜର ସସ୍ମିତା ସାହୁଙ୍କ ନେତୃତ୍ୱରେ ପ୍ରୀତି ଶର୍ମା, ପ୍ରିୟଙ୍କା ଶର୍ମା, ମନୀଷା ସାହୁ, ଭାରତୀ ସିଂ, ସୌମ୍ୟଜିତ ପ୍ରଧାନ, ଓମ୍ ସାଇଜ୍ୟୋତି, ଆନନ୍ଦ ସିଂ ପ୍ରମୁଖ ଖେଳାଳି ରହିଛନ୍ତି। ଏହି ଖେଳାଳିଙ୍କୁ ଓଜନ ଅନୁସାରେ ସିନିୟର୍, ଜୁନିୟର୍ ଓ ସବ୍‌ଜୁନିୟର ବର୍ଗରେ ବିଭକ୍ତ କରାଯାଇଛି। ଚାମ୍ପିୟନ୍‌ଶିପ୍ ପ୍ରତିଯୋଗିତା ଶୁକ୍ରବାରରୁ ରବିବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ଝାରସୁଗୁଡ଼ା ଜିଲା ଉଷୁ ସଂଘର ଜିଲା କୋଚ୍ ନବୀନ ସିଂ ଜିଲାର ଏହି ଦଳ ସହିତ ଗସ୍ତ କରିଛନ୍ତି। ଜିଲା ସଂଘ ସଭାପତି ତ୍ରିନାଥ ଗୁଆଲ ଓ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

### ଲୁଟ୍ ଉଦ୍ୟମ: ୨ବନ୍ଧୁକ ଜବତ, ୩ ଗିରଫ

**ଝାରସୁଗୁଡା ଅଫିସ୍/ଲଖନପୁର, ୧୮।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅଞ୍ଚଳରେ ଶୁକ୍ରବାର ୩ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଦେଖାଇ ରାସ୍ତାରେ ଲୋକଙ୍କୁ ଭୟଭିତ କରି ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ବଡ଼ମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଗିରଫ କରିଥିଲେ। ଗିରଫ ଦୁର୍ବୃତ୍ତମାନେ ହେଲେ ଝାରସୁଗୁଡ଼ା ଅଞ୍ଚଳର ଦେବାନନ୍ଦ ପ୍ରଧାନ, ବସନ୍ତ ବେହେରା ଓ ଲୋକେଶ୍ୱର ପ୍ରତାପସିଂ। ପୋଲିସ ଏମାନଙ୍କ ନିକଟରୁ ୨ବନ୍ଧୁକ,୨ଗୁଳି, ୧ଛୁରି, ୩ ମୋବାଇଲ ଜବତ କରିଛି। ଏନେଇ ବଡ଼ମାଲ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

**ଦେବଗଡ, ୧୮।୧୦(ଡି.ଏନ.ଏ)**

ସଡକ ସୁରକ୍ଷା ଏବଂ ନୂତନ ମୋଟରଯାନ ଆଇନ ସହ ଟ୍ରାଫିକ ନିୟମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଦେବଗଡ ଜିଲା ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଏକ ସଚେତନତା ରାଲି କଲେକ୍ଟରେଟ ଠାରୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ କୁମାର ସାହୁ ଏବଂ ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନଙ୍କ ମିଳିତ ଭାବରେ ଏହି ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲିରେ ଅଂଶଗ୍ରହଣ କରିଥିବା ପଲିଟେକ୍‌ନିକ ମହାବିଦ୍ୟାଳୟ ଏବଂ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ସହିତ ବିଜୁ ଯୁବ ବାହିନୀର ସଦସ୍ୟମାନେ ସୁରକ୍ଷିତ ଗାଡି ଚାଳନା, ହେଲମେଟ ଏବଂ ସିଟ୍‌ବେଲଟ୍ ବ୍ୟବହାର ସଙ୍ଗେ ସଙ୍ଗେ ଟ୍ରାଫିକ ନିୟମ ପାଳନ କରିବା ଉପରେ ପ୍ଲା-କାର୍ଡ ମାଧମରେ ଲୋକଙ୍କୁ ସଚେତନ କରିଥିଲେ । ରାଲି କାର୍ଯ୍ୟକ୍ରମ ପରେ ବିଜୁ ଯୁବ ବାହିନୀର ସଦସ୍ୟମାନେ ଟ୍ରାଫିକ ଛକଠାରେ ଦୁଇ ଚକିଆ ଏବଂ ଚାରି ଚକିଆର ଚାଳକମାନଙ୍କୁ ସଡକ ସୁରକ୍ଷା ସମ୍ବନ୍ଧରେ ସଚେତନ କରିବା ସହିତ ଲିଫ୍‌ଲେଟ୍ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ, ପଲିଟେକ୍‌ନିକ ମହାବିଦ୍ୟାଳୟର ଅଧାପକ ରାହୁଲ ଦାଶ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ, ପୌରାଞ୍ଚଳର ବିଜୁ ଯୁବ ବାହିନୀର ସଂଯୋଜକ ସୁପ୍ରିୟ ରଞ୍ଜନ ଦାଶଙ୍କ ସମେତ ପୌରାଞ୍ଚଳର ୫ଟି ବିଜୁ ଯୁବ ବାହିନୀ ୟୁନିଟ୍‌ର ସଭାପତି ପ୍ରତାପ କୁମାର ଦେବ, ଆଲୋକ ଗୁରୁ, ଶୈଳେନ୍ଦ୍ର ବ୍ରିନେଡ, ସାଶ୍ୱତ ନନ୍ଦ ଏବଂ ଟୁନା ବେହେରା ପ୍ରମୁଖ ଯୋଗଦେଇଥିଲେ । ଜିଲାର ୩ଟି ବ୍ଲକର ଗ୍ରାମପଞ୍ଚାୟତସ୍ତରରେ ମଧ ରକ୍ଷକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ରାଲିକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

## ବଣିଆଁସାହି ମା' ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବ

**ଦେବଗଡ,୧୮।୧୦(ଡି.ଏନ.ଏ)**

ଦେବଗଡ ପୌରାଞ୍ଚଳ ଅନ୍ତର୍ଗତ ବଣିଆଁସାହିର ଲାଲ ବାହାଦୂର ଶାସ୍ତ୍ରୀ କ୍ଲବ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ପ୍ରବଳ ଉତ୍ସାହର ସହ ଲକ୍ଷ୍ମୀମା'ଙ୍କ ଭସାଣି ଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଧୂମଧାମରେ ସମ୍ପନ୍ନ ହୋଇଯାଇଛି। ସନ୍ଧ୍ୟାରେ ଭସାଣି ଉତ୍ସବରେ ସାହିବାସିନ୍ଦାର ଜୁନିୟର ଓ ସିନିୟର ସଦସ୍ୟଙ୍କ ଗହଣରେ ବିଭିନ୍ନ ପ୍ରକାରର ଡି.ଜେ.ସାଉଣ୍ଡ୍ ସିଷ୍ଟମ, ଆଲୋକ ପ୍ରଜ୍ଞାପନ ମେଢ, ସଂକୀର୍ତ୍ତନ୍ୟ ମଣ୍ଡଳୀ, ଝାଞ୍ଜ ଓ ମାଦଳ ବାଜା, ମଧରେ ମା'ଙ୍କ ପ୍ରତିମାକୁ ସହରର ବିଭିନ୍ନ ସାହି ପଡିଶା ମଧ ଦେଇ ପରିକ୍ରମା କରାଯାଇଥିଲା। ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସ୍ଥାନୀୟ ପୋଖରୀରେ ବିସର୍ଜନ କରାଯାଇଥିଲା । ସେହିପରି ଏହି ପୂଜାରେ କମିଟି ତରଫରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ମେଲୋଡି, ସୁବର୍ଣ୍ଣପୁରର ଶାଶ୍ୱତ ମେଲୋଡି ଗ୍ରୁପ, ରେକର୍ଡ ଡ୍ୟାନ୍ସ ରଙ୍ଗାରଙ୍ଗ ନୃତ୍ୟ ମହୋତ୍ସବ ଆଦି ସୁସଜ୍ଜିତ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପରେ ଆୟୋଜିତ ହୋଇଥିଲା । ସଭାପତି ଜନ୍ମେଜୟ ନାୟକ, ବିକାଶ ରଞ୍ଜନ ଖଡିରତ୍ନ, ଘନଶ୍ୟାମ ସାହୁ, ସୁବ୍ରତ କୁମାର ସାହୁ, ସନ୍ତୋଷ ସେନାପତି, ସତ୍ୟମ ଝାଙ୍କର, ଶ୍ରୀତମ ଝାଙ୍କରଙ୍କ ସମେତ ପୂଜା ଆୟୋଜନରେ ବିଭୁ ସାହୁ, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ଦିଲୀପ କୁମାର ସାହୁ, କ୍ଷୀରୋଦ ଝାଙ୍କର, ପ୍ୟାରିଲାଲ ସାହୁଙ୍କ ସମେତ ଅନ୍ୟମାନେ ପ୍ରମୁଖ ସହଯୋଗ କରିଥିଲେ।



ଲକ୍ଷ୍ମୀମା'ଙ୍କ ଭସାଣି ଶୋଭାଯାତ୍ରା ଚାଲିଛି।

## ବନ୍ଧବାହାଲ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଲଖନପୁର,୧୮।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୩ନଂ ଜୋନ୍ ବନ୍ଧବାହାଲ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବିନିକା ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରର ୧୨ ସ୍କୁଲର ୮୬ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏମାନଙ୍କୁ ସିନିୟର୍, ଜୁନିୟର ଓ ଦିବ୍ୟାଙ୍ଗ ଗ୍ରୁପ୍ କରି ୩ ଭାଗରେ ବିଭକ୍ତ କରାଯାଇଥିଲା। ଏଥିରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ନାଚ, ଗୀତ, ସୁନ୍ଦର ହସ୍ତାକ୍ଷର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିନିକା ଗ୍ରାମର ବରିଷ୍ଠ ନାଗରିକ ଦେବେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ପୂର୍ଣ୍ଣେନ୍ଦୁ ସେଠ୍ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସେହିପରି ସିଆର୍‌ସିସି ପ୍ରମୋଦ ପ୍ରଧାନଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଖବରଦାତା ସଂଘ ସଭାପତି ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ମୁଖ୍ୟବକ୍ତା ସ୍କୁଲ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ମାଝି, ସମ୍ମାନିତ ଅତିଥି ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ହରିହର ଭୋଇ ପ୍ରମୁଖ ଯୋଗଦେଇଥିଲେ। ବିନିକା ସ୍କୁଲର ପ୍ରଧାନଶିକ୍ଷକ ମୀନକେତନ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲାବେଳେ ଶିକ୍ଷକ ସୁରେଶ ପ୍ରଧାନ ଓ ଶିକ୍ଷୟତ୍ରୀ ଅମୂଲ୍ୟମଞ୍ଜରୀ ସିଂ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ଧରିତ୍ରୀ ସା, ଦମୟନ୍ତୀ ହେତା, ନମିତା ମହାପାତ୍ର, ଶାନ୍ତିଲତା ପାଣ୍ଡେ, ଅବନୀକାନ୍ତ ବେହେରା, ନବ କୁମାର ଦାସ, ସୟୀଦ୍ ଅହମ୍ମଦ, ଈଶ୍ୱର ସେଠ୍ ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ମଞ୍ଚରେ ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ଭୋଇ ଓ ବର୍ତ୍ତମାନ ସଭାପତି ମାଝିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ମଞ୍ଚରେ ଛାତ୍ରୀମାନେ ଦଳଗତ ଭାବେ ନୃତ୍ୟ ପରିବେଷଣ କରୁଛନ୍ତି।

## କଲ୍‌କୀ ଭଗବାନଙ୍କ ୫୦୦ କୋଟିର ଅଘୋଷିତ ସମ୍ପତ୍ତି ଠାବ

**ବାଙ୍ଗାଲୋର,୧୮।୧୦:**

ଧାର୍ମିକ ଗୁରୁ କଲ୍‌କୀ ଭଗବାନଙ୍କ ଆଶ୍ରମ ଏବଂ ଏହା ସହ ଜଡିତ ୪୦ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏଥିରେ ପ୍ରାୟ ୫୦୦ କୋଟି ଟଙ୍କାର ଅଘୋଷିତ ଆୟ ଠାବ ହୋଇଛି। ଚଢ଼ାଉ ବେଳେ ବିଭାଗ ପ୍ରାୟ ୪୩.୯ କୋଟି ନଗଦ ଟଙ୍କା, ୧୮ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ଏବଂ ୮୮ କିଲୋ ସୁନା ମଧ ଜବତ କରିଛି। ଏହାର ମୋଟ ମୂଲ୍ୟ ପ୍ରାୟ ୯୩ କୋଟି ହେବ ବୋଲି ବିଭାଗ ଦେଇଥିବା ସୂଚନାରୁ ଜଣାପଡିଛି। ଆତ୍ମଘୋଷିତ ଏହି ଧାର୍ମିକ ଗୁରୁ ଜଣକ ନିଜକୁ ଭଗବାନ ବିଷ୍ଣୁଙ୍କ ୧୦ମ ଅବତାର ବୋଲି ପରିଚୟ ଦେବାସହ 'ୱାନ୍‌ନେଶ୍ ଫିଲୋଶଫି'ପ୍ରଚାର କରୁଥିଲେ। ବିଭାଗ ପକ୍ଷରୁ ଚେନ୍ନାଇ, ହାଇଦ୍ରାବାଦ, ବାଙ୍ଗାଲୋର ଏବଂ ଭରଦେୟାପାଲେମ ଭଳି ସ୍ଥାନରେ ଚଢାଉ ହୋଇଥିଲା। ଟିକସ ଠକିବା ଲାଗି ଏହି ଗ୍ରୁପ ଅଫ୍ ଟ୍ରଷ୍ଟ ପକ୍ଷରୁ ଦେଶ ତଥା ବିଦେଶର ବିଭିନ୍ନ କମ୍ପାନୀରେ ନିବେଶ କରିଛି। ଏହି କମ୍ପାନୀଗୁଡିକ ଚାଇନା, ଆମେରିକା ସିଙ୍ଗାପୁର ଏବଂ ୟୁଏଇ ଭଳି ଦେଶଗୁଡିକରେ ରହିଛି। ଗ୍ରୁପର ଟିକସଯୁକ୍ତ ଆୟ ବିଦେଶକୁ ଚାଲାଣ ଉପରେ ବିଭାଗ ତଦନ୍ତ ଜାରି ରଖିଛି। ଉକ୍ତ ଗ୍ରୁପ ୧୯୮୦ରେ ଧାର୍ମିକ ଗୁରୁଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ସମୟକ୍ରମେ ଏହା ରିୟଲ ଇଷ୍ଟେଟ, ନିର୍ମାଣ, କ୍ରୀଡା ଭଳି କ୍ଷେତ୍ରକୁ ପ୍ରବେଶ କରିଥିଲା। ଗ୍ରୁପକୁ ନିଜେ କଲ୍‌କୀଭଗବାନ ଏବଂ ତାଙ୍କ ପୁତ୍ର ପରିଚାଳନା କରୁଛନ୍ତି। ବିଦେଶରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କଠାରୁ ମୋଟା ଅଙ୍କର ବିଦେଶୀ ମୁଦ୍ରା ଗ୍ରୁପ ଲାଭ କରୁଥିଲା। ଏହି ଅର୍ଥରୁ ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଭଳି ସ୍ଥାନରେ ସ୍ଥାବର ସମ୍ପତ୍ତି କ୍ରୟ କରାଯାଇଥିବା ଜଣାପଡ଼ିଛି।





ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା’ ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍



## ସଂକ୍ଷେପରେ

### ଆରପିଏଫ୍ କର୍ମଚାରୀଙ୍କୁ ଚାପ ମୁକ୍ତ କରିବାକୁ କର୍ମଶାଳା

ସମ୍ବଲପୁର,୧୮।୧୦(ବ୍ୟୁରୋ)
ରେଳ ଯାତ୍ରୀ ଓ ରେଳ ସାମଗ୍ରୀ ସୁରକ୍ଷା ଦେବାକୁ ଆରପିଏଫ ୨୪ ଘଣ୍ଟା କାମ କରୁଛି। ଏଣୁ ସବୁ ସମୟରେ ଚାପରେ ରହିବାକୁ ପଡୁଛି । ତେଣୁ କିଛି ମାତ୍ରାରେ ଚାପ କମ୍ କରିବା ପାଇଁ ଆରପିଏଫ ପକ୍ଷରୁ ସମ୍ବଲପୁର ରେଲୱେ କମ୍ୟୁନିଟି ସେଣ୍ଟର ପରିସରରେ ଏକ ଚାପ ମୁକ୍ତ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ଅତିରିକ୍ତ ପ୍ରବନ୍ଧକ ଅଜିତ କୁମାର ବରନୱାଲ, ବ୍ରହ୍ମାକୁମାର ରୂପେଶ ଭାଇ, ବ୍ରହ୍ମାକୁମାରୀ ଦୀପା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

### ୪ ପିଚୁ ପ୍ଲାଣ୍ଟକୁ ବନ୍ଦ ପାଇଁ ନୋଟିସ ଦେଲା ପ୍ରଦୂଷଣ ବିଭାଗ

ସମ୍ବଲପୁର,୧୮।୧୦(ବ୍ୟୁରୋ)
ସମ୍ବଲପୁର ଜିଲାରେ ଥିବା ୪ଟି ପିଚୁ ପ୍ଲାଣ୍ଟକୁ ବନ୍ଦ କରିବାକୁ ପ୍ରଦୂଷଣ ବିଭାଗ ପକ୍ଷରୁ ନୋଟିସ କରାଯାଇଛି। ସେଗୁଡିକ ହେଲା ରେଙ୍ଗାଲି ତହସିଲ ଅଧୀନ ଝାରମୁଣ୍ଡାସ୍ଥିତ ନାଗରିକା ହାଇଡ୍ରୋ କାର୍ବନ ପ୍ରାଇଭେଟ ଲିମିଟେଡ, ଯୁଯୁମୁରା ତହସିଲ ଅଧୀନ କେନ୍ଦୁଘାଟିର ହିମାଦ୍ରୀ ସ୍ପେସାଲିଟି କେମିକାଲ ଲିମିଟେଡ, ନିରିକୋଲ ତାର ପ୍ରାଇଭେଟ ଲମିଟେଡ ଓ ଜୟନ୍ତପୁରର ଅଗ୍ରୱାଲ ରସାୟନ। ପ୍ରଦୂଷଣ ବିଭାଗ ପକ୍ଷରୁ ପରିଦର୍ଶନ ବେଳେ ଏହି ପିଚୁ ପ୍ଲାଣ୍ଟଗୁଡିକ ପ୍ରଦୂଷଣ ଆଇନ ପାଳନ ନ କରିବା, କାରଖାନାରୁ ବାହାରୁଥିବା ମାରାତ୍ମକ ଉପାଦାନ ପାଣିରେ ଭାସୁଥିବା ଦେଖିବାକୁ ମିଳିବା ପରେ ଏଭଳି ଚରମ ନିଷ୍ପତ୍ତି ନିଆଯାଇଛି।

### ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

ସମ୍ବଲପୁର, ୧୮।୧୦ (ବ୍ୟୁରୋ)
ଜରାବଗା ପଞ୍ଚାୟତ ଅନ୍ତର୍ଗତ ବେତଝରନଠାରେ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୩୫ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ବିଲୁଙ୍ଗ ଓ ମାଉଲିମୁଣ୍ଡା ମଧ୍ୟରେ ହୋଇଥିଲା । ମ୍ୟାଚ ସଂଘର୍ଷପୂର୍ଣ୍ଣ ଓ ଗୋଲଶୂନ୍ୟ ହୋଇଥିଲା । ତେଣୁ ଦୁଇ ଦଳକୁ ବିଜେତା ଘୋଷଣା କରାଯାଇଥିଲା । ମଥୁରାବିହାରୀ କିଶାନ ମୁଖ୍ୟଅତିଥି, ବସନ୍ତ କୁମାର ପଟେଲ ମୁଖ୍ୟବକ୍ତା, ଲାବନ୍ୟ ନାୟକ, ଅନୁଜ କୁମାର ଚୌଧୁରୀ, ଦିଲୀପ କୁମାର ନାୟକ, ରତନ ପଟେଲ, କମଲଲୋଚନ କାଲୋ, ଅନନ୍ତରାମ ଧରୁଆ, କ୍ରୀଡାବିତ ଗୋଲାପି କାଲୋ, ସନ୍ତରଣବିତ ଆଲୋକ ଡୁଙ୍ଗଡୁଙ୍ଗ ଓ ମଞ୍ଜିତ କିଶାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

■ ୮ ଅଧ୍ୟାପକଙ୍କ ବଦଳି ପ୍ରତିବାଦରେ ୨ୟ ଦିନରେ ଛାତ୍ର ଆନ୍ଦୋଳନ

# ଗେଟ୍‌ରେ ତାଲା ମାରି ଧାରଣାରେ ବସିଲେ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ୮ ଜଣ ଅଧ୍ୟାପକଙ୍କୁ ଏକାଥରକେ ମଙ୍ଗଳବାର ଅନ୍ୟତ୍ର ବଦଳି କରାଯାଇଛି। ୨୪ ଘଣ୍ଟା ଭିତରେ ଏମାନଙ୍କୁ ନୂଆ ଜାଗାରେ ଯୋଗ ଦେବାକୁ କଡା ନିର୍ଦ୍ଦେଶ ରହିଛି। ହେଲେ ଏହା ବଦଳରେ କାହାକୁ ଏଠାରେ ନିଯୁକ୍ତ କରାଯାଉ ନାହିଁ । ଗୁରୁବାର ପ୍ରଥମ ଦିନରେ ଅଧ୍ୟାପକମାନଙ୍କୁ ରିଲିଭ କରାଯିବ ନାହିଁ ବୋଲି କଲେଜ ଅଧ୍ୟକ୍ଷା ପ୍ରତିଶ୍ରୁତି ଦେଇଥିଲେ। ହେଲେ ସନ୍ଧ୍ୟାରେ ରିଲିଭ କରିଦେଇ ନିଜେ ଛୁଟିରେ ଚାଲି ଯାଇଛନ୍ତି। ଏହାକୁ ନେଇ ଶୁକ୍ରବାର ଛାତ୍ରୀଛାତ୍ର ତାତି ଉଠିଥିଲେ। ସକାଳ ୯ ଟାରେ ଶତାଧିକ ସଂଖ୍ୟାରେ ଗେଟ୍ ସମ୍ମୁଖରେ ପହଞ୍ଚି ତାଲା ମାରି ଦେଇ ଧାରଣାରେ ଥିଲେ। ଏଥିଯୋଗୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଭିତରକୁ ପ୍ରବେଶ କରି ନ ପାରି ବାହାରେ ଛିଡା ହୋଇ ରହିଥିଲେ। ୧୧ଟା ପର୍ଯ୍ୟନ୍ତ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ହୋ ହାଲ୍ଲା କରିଥିଲେ। ପୋଲିସ ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ ବି ବିଫଳ ହୋଇଥିଲା। ଶେଷର ବାଧ୍ୟହୋଇ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ସହ ଆଲୋଚନା କରି ନୂଆ ଅଧ୍ୟାପକଙ୍କୁ ଜଏନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ହେଲେ ନୂଆ ଅଧ୍ୟାପକ ନ ଆସିଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଅତିରିକ୍ତ ଜିଲାପାଳଙ୍କୁ ସଫା ସଫା ଶୁଣାଇ ଦେଇଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ର ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭେଟି ସେମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି। ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଏମାନଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଦରକାର ପଡିଲେ ଆନ୍ଦୋଳନରେ ଓକିଲମାନେ ସାମିଲ ହେବେ ବୋଲି ମଧ୍ୟ କହିଛନ୍ତି। ସେହିଭଳି ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ସେହିଭଳି ଛାତ୍ରୀଛାତ୍ର ଜିଲାର ଅନ୍ୟ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟ ସହଯୋଗ ଲୋଡିଛନ୍ତି। ସୂଚନାଯୋଗ୍ୟ, ୪ ଜଣ ପ୍ରାଧ୍ୟାପକ ଓ ୪ ଜଣ କନିଷ୍ଠ ଅଧ୍ୟାପକଙ୍କୁ ଏଠାରୁ ବଦଳି କରାଯାଇଛି । ଶିକ୍ଷା ବର୍ଷ ମଝିରେ ବଦଳି ହେଲେ ପାଠ ପଢାରେ ବାଧା ସୃଷ୍ଟି ହେବ। ସହଜେ ଅଧ୍ୟାପକ କମ୍ ଅଛନ୍ତି। ଏବେ ଗୋଟିଏ ବିଭାଗରେ ଜଣେ ମାତ୍ର ଅଧ୍ୟାପକ ରହିବେ । ନଭେମ୍ବରରେ ଟେଷ୍ଟ ପରୀକ୍ଷା ରହିଛି । ଏଭଳି ହେଲେ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯିବ ବୋଲିଛାତ୍ରୀଛାତ୍ର ଦାବି କରିଛନ୍ତି ।




ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

■ ରିଲିଭ କରିଦେଇ ଛୁଟିରେ ପଳେଇଲେ ଅଧ୍ୟକ୍ଷା
■ ଓକିଲ ସଂଘ, ଅନ୍ୟ କଲେଜ ଛାତ୍ରଙ୍କ ସହଯୋଗ ଲୋଡିଲେ
■ ମନାଇ ପାରିଲାନି ପୋଲିସ, ଅତିରିକ୍ତ ଜିଲାପାଳ ବୁଝାଇଲେ
■ ନୂଆ ଅଧ୍ୟାପକ ନ ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

### ଟ୍ରକ୍ ଦୁର୍ଘଟଣାରେ ସରପଞ୍ଚଙ୍କ ସ୍ୱାମୀଙ୍କ ମୃତ୍ୟୁ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଛକରେ ଟ୍ରକ୍ ପଛପଟେ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶାସନ ଥାନା ଅଧୀନ ଡୁଙ୍ଗିପାଲି ଗ୍ରାମର ବିବେକାନନ୍ଦ ଭୋଇ (୩୫)। ବିବେକା ହେଉଛନ୍ତି ଶାସନ ସରପଞ୍ଚଙ୍କ ସ୍ୱାମୀ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଟ୍ରକ୍ ଫେରାର ହୋଇଯାଇଛି।

### ଜଙ୍ଗଲ ଅଧିକାର ଆଇନ ସଚେତନତା ଶିବିର

ସମ୍ବଲପୁର, ୧୮।୧୦ (ବ୍ୟୁରୋ)

ଯୁଯୁମୁରା ବ୍ଲକ ଡକରା ଓ କେଶାପାଲି ଗ୍ରାମ ପଞ୍ଚାୟତ ପରିସରରେ ଜଙ୍ଗଲ ଅଧିକାର ଆଇନ ଓ ଜନସାଧାରଣଙ୍କ ସମ୍ପତ୍ତି ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡକରା ସରପଞ୍ଚ ଗୀତାଞ୍ଜଳି ବିଶ୍ୱାଳ, ଶିକ୍ଷକ କୃଷ୍ଣଚନ୍ଦ୍ର ଦାଶ, ଜୀବିକା ସଂଯୋଜକ ଆଶୀର୍ବାଦ ପୁରୋହିତ ଓ ଜୟନ୍ତୀ ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜକ ମାସ୍ ସଭ୍ୟା ଜାହ୍ନବୀ ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଗୁରୁଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶାଦ୍ରବ୍ୟ ବ୍ୟବସାୟ କରୁଥିବା ମହିଳାଙ୍କୁ ରୋଜଗାରକ୍ଷମ କରାଇବ ପ୍ରଶାସନ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରେ ପରିସ୍ଥିତିରେ ପଡି କେତେକ ମହିଳା ବେଆଇନ ଭାବେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରି ପରିବାର ଚଳାଉଛନ୍ତି। ହେଲେ ଏହାଦ୍ୱାରା ସେମାନଙ୍କ ସମ୍ମାନରେ ଆଞ୍ଚ ଆସୁଛି। ଏଣୁ ଏଥିରୁ ସେମାନଙ୍କୁ ନିବୃତ୍ତ କରି ରୋଜଗାରକ୍ଷମ କରାଇବାକୁ ଜିଲା ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ଜିଲାପାଳ ଶୁଭମ ସକସେନାଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ୩୫ ଜଣ ମହିଳାମାନଙ୍କୁ ନେଇ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକ ବସିଛି। ଏମାନଙ୍କୁ ନିଜ ପସନ୍ଦର ରୋଜଗାର ବାଛିବାକୁ କୁହାଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚା ଦୋକାନ ଓ କିରାନା ଦୋକାନ କରିବାକୁ ଇଚ୍ଛା ପ୍ରକାଶ କରଛନ୍ତି। ଏଣୁ ସେମାନଙ୍କୁ ଏବେ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସ୍ଥିର କରାଯାଇଛି। ୨ ଜଣ ମହିଳା ନିଜ ପିଲାଙ୍କୁ ସରକାରଙ୍କ ଯୋଜନାରେ ତାଲିମ ଦେଇ ରୋଜଗାର ଦେବାକୁ ଦାବି କରିଥିଲେ। ଏହି ଶିବିରରେ ଅବକାରୀ ଅଧୀକ୍ଷକ ହରିଶଚନ୍ଦ୍ର ସେଠୀ, ଓରମାସର ଜିଲା ସଂଯୋଜକ ଶ୍ରୀମନ୍ତ ହୋତା, ଡିଆରଡିଏ ଏପିଡି ପ୍ରିୟମ୍ବଦା ଗୁରୁ, ସବ୍ୟସାଚୀ ପଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପେଟପାଟଣା ପାଇଁ ଗରିବ ଆଦିବାସୀ ମହିଳାମାନେ ବାଧ୍ୟ ହୋଇ ବେଆଇନ ନିଶା ଦ୍ରବ୍ୟ ବିକ୍ରି କରିବା ପେସାକୁ ଆପଣାଉଛନ୍ତି। ଏଥିଯୋଗୁ ଅନେକ ସମୟରେ ସେମାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡୁଛି। ସମାଜରେ ନିନ୍ଦିତ ମଧ୍ୟ ହେବାକୁ ପଡୁଛି । ତେଣୁ ପ୍ରଶାସନ ପକ୍ଷରୁ ଏମାନଙ୍କୁ ସମାଜର ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି।

# ଅନ୍ୟ ଦେଶ ସହ ଆର୍ଥିକ ବୁଝାମଣା ଆମକୁ ବିପଦ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ଭାରତ ସରକାର ଅନ୍ୟ ୧୫ ଦେଶ ସହିତ ଆର୍ଥିକ ବୁଝାମଣା କରିବାକୁ ଯାଉଛନ୍ତି । ଏହା କିନ୍ତୁ ଆମ ଦେଶର ଶିଳ୍ପ ପାଇଁ ବିପଦ। ତେଣୁ ଏହି ନିଷ୍ପତ୍ତି ଉପରେ କେନ୍ଦ୍ର ସରକାର ପୁନଃ ବିଚାର କରନ୍ତୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓଡ଼ିଶା ସ୍ୱଦେଶୀ ଜାଗରଣ ମଞ୍ଚ ଜିଲା ପ୍ରଶାସନକୁ ଏଥିପାଇଁ ଏକ ଅଭିଯୋଗ ପତ୍ର ଦେଇଛି।

ଅଭିଯୋଗ କ୍ରମେ ଏହା ସ୍ୱାକ୍ଷର ହେଲେ ଦେଶରେ କୃଷି ଓ ଗୋପାଳନ, ଶିଳ୍ପ ପ୍ରତି ପ୍ରଭାବ ପଡିବ। ନୂତନ ଉଦ୍ୟୋଗ, ଜ୍ଞାନ କୌଶଳ, ଉଦ୍ଭାବନ କ୍ଷମତାର ସମ୍ଭାବନା ମଧ୍ୟ ଶେଷ ହୋଇଯିବ। ମେକ୍ ଇନ୍ ଇଣ୍ଡିଆ ପ୍ରୟାସ ପୂରା ଠପ୍ ହୋଇଯିବ। ଚାଇନାରୁ ଆସୁଥିବା ଶସ୍ତା ଜିନିଷ ଯୋଗୁ ପୂର୍ବରୁ ଦେଶରେ ଅନେକ ଉଦ୍ୟୋଗ ବନ୍ଦ ହୋଇଯାଇଛି ଓ କେତେକ ମାନ୍ଦା ଅବସ୍ଥାରେ ପହଞ୍ଚିଛନ୍ତି। ଶତକଡା ୮୦ ଭାଗ ଚାଇନା ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଛାଡ଼୍ କରିବା ଦ୍ୱାରା କେବଳ ଶିଳ୍ପ ଉଦ୍ୟୋଗ ଗୁଡିକ ବନ୍ଦ ହେବ ନାହିଁ ବରଂ ଲକ୍ଷାଧିକ ଶ୍ରମିକଙ୍କ ରୋଜଗାର ଉଜୁଡିଯିବ । ଗ୍ରାମୀଣ କ୍ଷେତ୍ରରେ ପ୍ରାୟ ୧୦ କୋଟି ଲୋକ ଗୋପାଳନ ଉପରେ ନିର୍ଭର କରୁଛନ୍ତି । ସେମାନେ ରୋଜଗାର ହରାଇ ବସିବେ ବୋଲି ମଞ୍ଚ ଯୁକ୍ତି ଦର୍ଶାଇ ଅଭିଯୋଗ କରିଛି। ଦିଲୀପ ପଣ୍ଡା, ପ୍ରଦୀପ ସୁପକାର, ଶଙ୍କର ବହିଦାର, ସୁରେଶ ମହାପାତ୍ର, ହର ପ୍ରସାଦ ଜେନା, ଭାରତୀ ପୋଢ, ତୁଷାର ପଣ୍ଡା ପ୍ରମୁଖ ଜିଲା ପ୍ରଶାସନକୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସ୍ୱଦେଶୀ ଜାଗରଣ ମଞ୍ଚ ସଦସ୍ୟ ।

# କ୍ରୀଡ଼ା କୋଚିଂ କ୍ୟାମ୍ପ ପାଇଁ ସହାୟତା ଦେବ ଶ୍ୟାମ ମେଟାଲିକ୍ସ

■ ଫୋରସି କ୍ଲବ୍-କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

ସମ୍ବଲପୁର,୧୮।୧୦(ବ୍ୟୁରୋ)
ସମ୍ବଲପୁର ଜିଲାରେ କ୍ରୀଡା କ୍ଷେତ୍ରରେ କୋଚିଂ କ୍ୟାମ୍ପ ଲାଗି ଶ୍ୟାମ ମେଟାଲିକ୍ସ କମ୍ପାନୀ ସହଯୋଗ କରିବ। ଏଥିପାଇଁ କମ୍ପାନୀ ଓ ଫୋରସି କ୍ଲବ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ନଭେମ୍ବରରୁ ଏହି ତାଲିମ ଶିବିର ଅନୁଷ୍ଠିତ ହେବ। ୮ ବର୍ଷରୁ ୧୬ ବର୍ଷ ବୟସ ମଧ୍ୟରେ ଥିବା ପ୍ରତିଭାବାନ ବାଳକ ବାଳିକାଙ୍କୁ ପ୍ରଶିକ୍ଷଣ ଦିଆଯିବ । ଟେନିସରେ ୪୦ ଜଣ, ଫୁଟବଲରେ ୪୦ ଜଣ, ସନ୍ତରଣରେ ୬୦ ଜଣ, କ୍ରିକେଟ ପାଇଁ ପ୍ରାୟ ୫୦ ଜଣଙ୍କୁ ଚୟନ କରାଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ ଏହି ଚୁକ୍ତି ସ୍ୱାକ୍ଷରବେଳେ ଉପସ୍ଥିତ ଥିଲେ।



ଚୁକ୍ତି ସ୍ୱାକ୍ଷରବେଳେ ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ।

■ ଭିମ୍ସାରରେ ୫-ଟିକୁ ବିରୋଧ

# ଆଗ ଭିତ୍ତିଭୂମି, ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଅ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ଭିମ୍ସାରର ଅନେକ ଅଭାବ, ଅସୁବିଧା ଆଉ ସମସ୍ୟା ରହିଛି। ବର୍ଷ ବର୍ଷ ଧରି ଏ ସବୁ ସମାଧାନ କରାଯାଉନି। ପୁରୁଣା କୋଠାରେ ଆଜି ପର୍ଯ୍ୟନ୍ତ ରୋଗୀ ଚିକିତ୍ସା କରାଯାଉଛି। ବେଡ୍ ଅଭାବରୁ ରୋଗୀଙ୍କୁ ତଳେ ଶୋଇବାକୁ ପଡୁଛି। ଗୋଟିଏ ୯ ମହଲା ଓ ଗୋଟିଏ ୪ ମହଲା ବିଶିଷ୍ଟ ନୂଆ କୋଠା ନର୍ମାଣ କରାଯାଇଛି। ହେଲେ ଫାୟାର ସେଫ୍ଟି ନ ଥିବାରୁ ତାହା ବ୍ୟବହାରରେ ଆସି ପାରୁନାହିଁ। ଫଳରେ ସରକାରୀ ଟଙ୍କାର ମୂଲ୍ୟ ରହୁନି। ରୋଗୀଙ୍କ ବିଭିନ୍ନ ପରୀକ୍ଷା ନୀରିକ୍ଷା ଲାଗି ଆବଶ୍ୟକ ସାମଗ୍ରୀ ଓ ଯନ୍ତ୍ରପାତିର ଅଭାବ ରହୁଛି। ତାହା ବି ପୂରଣ କରାଯାଉନି। ଏଣୁ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଚାହୁଁଥିଲେ ସରକାରଙ୍କୁ ଭିମସାରର ଏ ସବୁ ଅଭାବ, ଅସୁବିଧା ତଥା ସମସ୍ୟାର ସମାଧାନ କରିବାକୁ ହେବ। କେବଳ ଡାକ୍ତରମାନଙ୍କୁ ସବୁକ୍ଷେତ୍ରରେ ଦୋଷ ଲଦି ଦେଇ ଖସିଯିବାକୁ ଚେଷ୍ଟା କଲେ ଚଳିବନି। ଅନ୍ୟପକ୍ଷେ ବୁର୍ଲା ମେଡିକାଲ ପରିସରରୁ ୧ କି.ମି. ଦୂର ଯାଏ ସମସ୍ତ ଘରୋଇ ପାଥୋ କ୍ଲିନିକ୍‌କୁ ହଟାଯାଉ। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଏହି ଘରୋଇ ପାଥୋଲାବଗୁଡିକ ଯେଉଁଭଳି ଭାବେ ଲୁଟୁଛନ୍ତି ସେଥିରୁ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ନିସ୍ତାର ମିଳିବ। ଶୁକ୍ରବାର ଭିମ୍ସାରର ଜୁନିୟର ଡାକ୍ତର ସଂଘ, ଓମ୍‌ଟା ସଂଘ, ୟୁଜି ସଂଘ ସହ ୪ ଶହରୁ ଅଧିକ ଡାକ୍ତରୀ ଛାତ୍ରୀଛାତ୍ର ଏଭଳି ଆପତ୍ତି ଅଭିଯୋଗ ଉପସ୍ଥାପନ କରିବା ସହ ଦାବି ରଖିଛନ୍ତି। ସମସ୍ତେ ମେଡିକାଲ କଲେଜରୁ ରାଲିରେ ବାହାରି ବୁର୍ଲା ଛକ ଦେଇ ପୁଣି ମେଡିକାଲକୁ ଆସିଥିଲେ। ମୁଖ୍ୟ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦାବି ପୂରଣ ନ ହେଲ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚରମବାଣୀ ଶୁଣାଇଛନ୍ତି।

ରାଜ୍ୟ ସରକାର ୫-ଟି ବ୍ୟବସ୍ଥା କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ। । ହେଲେ ରାଜ୍ୟରେ ଥିବା ସମସ୍ତ ମେଡିକାଲକୁ ଦେଖାଗଲେ ଭିତ୍ତିଭୂମି ଅଭାବ ରହିଛି। ଅନୁସାଙ୍ଗିକ ସୁବିଧା ସୁଯୋଗ ନାହିଁ। ଚିକିତ୍ସା ସେବା ଲାଗି ଆବଶ୍ୟକ ବିଭିନ୍ନ ସାମଗ୍ରୀ ନାହିଁ। ତେଣୁ ରେଗୀ ସେବା ପ୍ରଭାବିତ ହେଉଛି। ଏହି ସବୁ ସମସ୍ୟାର ସମାଧାନ କରାଯାଉନି। କେବଳ କଡା ନିୟମ କରି ଡାକ୍ତରଙ୍କ ଉପରେ ସବୁ ଦୋଷ ଲଦି ଦିଆଯାଉଛି । ଏହା ଦୁର୍ଭଗ୍ୟ ଜନକ। ନିକଟରେ ସୁନ୍ଦରଗଡକୁ ପରିଦର୍ଶନରେ ଯାଇ ୫-ଟି ସଚିବ ଭିକେ ପାଣ୍ଡିଆନ ସେଠାର ସିଡିଏମଓ ଡାକ୍ତର ପଙ୍କଜ ପଟେଲଙ୍କୁ ନିଲମ୍ବନ କରିଛନ୍ତି। ଏହା ନିୟମ ବିରୋଧୀ। ନିଲମ୍ବନ କରିବା ପୂର୍ବରୁ ତାଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆଗଲା ନାହିଁ । ୨ ଜଣ ରୋଗୀ ବାହାରେ ପରୀକ୍ଷା କରାଇବା ଓ ଖାଦ୍ୟ ମାନକୁ ନେଇ ନିଲମ୍ବନ କରାଯାଇଥିବା କୁହାଯାଇଛି। ହେଲେ ଏଥିପାଇଁ ସିଡିଏମ୍‌ଓ ଦାୟୀ ନୁହନ୍ତି । ଖାଦ୍ୟ ଯୋଗାଇ ଦେଉଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ସେହିପରି ମେଡିକାଲରେ ପରୀକ୍ଷା ସୁବିଧା ଥିଲା କି ନାହିଁ ତାହା ବି ତଦନ୍ତ କରାଗଲା ନାହିଁ। ତେଣୁ ସୁନ୍ଦରଗଡ ସିଡିଏମ୍‌ଓଙ୍କ ଉପରୁ ଶୀଘ୍ର ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଉ ବୋଲି ଏମାନେ ଦାବି କରିଛନ୍ତି।




ବୁର୍ଲା ଭିମ୍ସାରରେ ଡାକ୍ତରମାନଙ୍କ ଆନ୍ଦୋଳନ ।

■ ସୁନ୍ଦରଗଡ଼ ସିଡିଏମ୍‌ଓଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହର ଦାବି
■ ପକ୍ଷ ନ ଶୁଣି ଦାୟୀ କରିବା ଦୁର୍ଭାଗ୍ୟଜନକ
■ ଭିମସାରରେ ଘରୋଇ ପାଥୋ କ୍ଲିନିକ୍ ବନ୍ଦ କରାଯାଉ
■ ଫାୟାର ସେଫ୍ଟି ନ ଥିବାରୁ ୨ ନୂଆ କୋଠା କାର୍ଯ୍ୟକାରୀ ହେଉନି



ରାଧାକୃଷ୍ଣଙ୍କୁ ତୁମେ ନ ମାନ ପଛକେ, ରାଧା ଆଉ କୃଷ୍ଣଙ୍କ ଆକର୍ଷଣକୁ ଗ୍ରହଣ କର। ଭଗବାନଙ୍କ ପାଇଁ ତୁମ ହୃଦୟରେ ସେହିଭଳି ବ୍ୟାକୁଳତା ପ୍ରକାଶ ପାଉ। ତାଙ୍କୁ ପାଇବା ପାଇଁ କେବଳ ବ୍ୟାକୁଳତା ଦରକାର।
- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଜିଏମ୍‌ୟୁକୁ ମିଳିଲା ୟୁଜିସି ୧୨-ବି ମାନ୍ୟତା

ସମ୍ବଲପୁର, ୧୮।୧୦ (ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ୟୁଜିସି ୧୨- ବି ମାନ୍ୟତା ମିଳିଛି। ଏହି ମାନ୍ୟତା ଦ୍ୱାରା ନୂତନ ଯୁଗପୋଯୋଗୀ ପାଠ୍ୟ ଖସଡା ସହ ନୂତନ ପାଠ୍ୟକ୍ରମ ଖୋଲିବା ଆଶା ରହିଛି। ଏଥିସହ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ମଧ ବିଭିନ୍ନ ସୁବିଧା ପାଇପାରିବେ। ଏନେଇ ଗତ ୧୬ ତାରିଖ ନୂଆଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ ପତ୍ରସଂଖ୍ୟା ଏଫ-୯- ୧୪/୨୦୧୬ରେ ଜିଏମୟୁ କର୍ତ୍ତୃପକ୍ଷଙ୍କୁ ସୂଚୀତ କରାଯାଇଛି। ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟ ଗୁଡିକ ମଧରେ ସମ୍ବଲପୁରସ୍ଥିତ ଜିଏମୟୁ ଏହି ମାନ୍ୟତା ପାଇବାରେ ସଫଳତା ହାସଲ କରିଛି। ତେଣୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି, କୁଳସଚିବ ଗିରିଶ ଚନ୍ଦ୍ର ସିଂ ଶୁକ୍ରବାର ବିଶ୍ୱବିଦ୍ୟାଳୟର ଅଧାପିକା, ଅଧାପକ, ପ୍ରାଧାପିକା, ପ୍ରାଧାପକ, ପ୍ରଫେସର, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉପକୁଳପତି ଉମାଚରଣ ପତି ସୂଚୀତ କରିଛନ୍ତି ଯେ, ଗତ ଜୁଲାଇ ୨୬ ଓ ୨୭ ତାରିଖ ଏକ ଉଚ୍ଚସ୍ତରୀୟ ୟୁଜିସି କମିଟି ଜିଏମୟୁ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ଆନୁସାଂଗିକ ବ୍ୟବସ୍ଥା, ଶିକ୍ଷାଦାନ ପଦ୍ଧତି, ଗ୍ରନ୍ଥାଗାର ପ୍ରଭୃତି ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ମଧ କରିଥିଲେ। ଉଚ୍ଚସ୍ତରୀୟ କମିଟିରେ ଗୁଜୁରାଟ ଶ୍ରୀ ଗୋବିନ୍ଦଗୁରୁ ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରତାପ ସିଂ ଚୌହାନ, ଉତ୍ତରାଖଣ୍ଡ ଗରଥୁଆଲ ବିଶ୍ୱବିଦ୍ୟାଳୟ ପ୍ରଫେସର ପିଏସ ରାଣା, ଭୋପାଲ ବାରଖତତୁଲା ବିଶ୍ୱବିଦ୍ୟାଳୟ ପ୍ରଫେସର ରାଗିନୀ ଗୋଥାୱାଲ, ମହାତ୍ମା ଜ୍ୟୋତିବାଫୁଲେ ରୋହିଲଖଣ୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର ନଳିନୀ ଶ୍ରୀବାସ୍ତବ ଏବଂ ୟୁଜିସି ଶିକ୍ଷା ଅଧିକାରୀ କିଶୋର କୁମାର ସାମିଲ ଥିଲେ। ସମସ୍ତ କର୍ମଚାରୀ ଓ ଅଧାପିକା, ଅଧାପକଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ଜିଏମୟୁ ୟୁଜିସି ୧୨-ଖ ମାନ୍ୟତା ପାଇପାରିଛି ବୋଲି କହିଛନ୍ତି।

# 'ସୁରଭି' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ କମାଲ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ଠେମରା ପ୍ରାଥମିକ ସ୍କୁଲରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦିଲୀପ ଛତରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୧ଟି ସ୍କୁଲର ଛାତ୍ରୀଛାତ୍ର କୁଇଜ, ଚିତ୍ରାଙ୍କନ, ତର୍କ, ସଂଗୀତ, ନୃତ୍ୟ, ସୃଜନଶୀଳ ଲିଖନ ଓ ବିତର୍କ ପ୍ରତିଯୋଗିତାରେ ଭାଗ ନେଇଥିଲେ । କୃଷ୍ଣଚନ୍ଦ୍ର ବଢ଼େଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବଦ୍ରିନାରାୟଣ ନାଥ, ମହେଶ୍ୱର କର, ସ୍ମିତା ସ୍ୱାଇଁ, କୁମୁଦିନୀ ଦୀପ, ଅଭିନ୍ନ ବାଗ, କ୍ଷୀରୋଦ ପ୍ରଧାନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ରେଶ୍ମାରାଣୀ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଢାଖୋଲ,(ଡି.ଏନ.ଏ.)–** ରେଢାଖୋଲ ସଦର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏନଏସି ଆଞ୍ଚଳିକ ସାଧନ କେନ୍ଦ୍ରର 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୌରଚନ୍ଦ୍ର ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଦାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏନଏସି ଅଞ୍ଚଳର ୧୬ଟି ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ଯୋଗ ଦେଇ ବିତର୍କ, ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ଚୟନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରାଥମିକ ବିଦ୍ୟାଳୟର ଆଲୁମିନି କମିଟିର ସଭାପତି ବିକାଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ବିକ୍ରମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ମେଘନାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଙ୍ଗାଲି,(ଡି.ଏନ.ଏ)–** ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ମଧ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଭଗବାନ ରାଉତଙ୍କ ସଭାପତିତ୍ୱ ଏବଂ ଭୋଜରାଜ ପଧାନ ଏବଂ ନିଶାନଭଙ୍ଗା ସିଆରସିସି ହିମାଂଶୁ କୁମାର ସାହୁଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗରେ ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ଓଡିଆ ହସ୍ତାକ୍ଷର ଶ୍ରୁତଲିଖନ, ବରିଷ୍ଠ ବିଭାଗରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା, ହସ୍ତକଳାରେ ଉଭୟ ବିଭାଗର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ୨୨ ତାରିଖରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ସମ୍ବଲପୁର ନିକଟସ୍ଥ ଠେମରାରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ରେଢାଖୋଲ ସଦର ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏନଏସି ଆଞ୍ଚଳିକ ସାଧନ କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମରେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।



ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

## ବୁର୍ଲା ଡିଏଭିରେ ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା

ଚିପିଲିମା,୧୮।୧୦ (ଡି.ଏନ.ଏ.)

ବୁର୍ଲା ଏମ୍‌ସିଏଲ୍‌ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ୱେସ୍କୋ ତରଫରୁ ଶକ୍ତି ସଞ୍ଚୟ ସମ୍ବନ୍ଧରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୱେସ୍କୋର ଏସ୍‌ଡିଓ ରଞ୍ଜନ କୁମାର ପଣ୍ଡା ଏବଂ ରଞ୍ଜନ କୁମାର ରଣା ଯୋଗ ଦେଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୫ଜଣ ଏବଂ ବକ୍ତୃତା ପ୍ରତିଯୋଗିତାରେ ୨୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଚିତ୍ରାଙ୍କନରେ ସ୍ୱୟଂସିଦ୍ଧା ପ୍ରଥମ, ପ୍ରେରଣା ସାମନ୍ତ ଦ୍ୱିତୀୟ ଏବଂ ଯୋଗେଶ୍ୱରୀ ପ୍ରଧାନ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ବକ୍ତୃତା ପ୍ରତିଯୋଗିତାରେ ନିଶାନ୍ତ ତ୍ରିପାଠୀ ପ୍ରଥମ, ସତ୍ୟମ୍ ହୋତା ଦ୍ୱିତୀୟ ଓ ପ୍ରୀତ୍ୟାଶା ରଣ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି।

# ବାମରାକୁ ନିଶାମୁକ୍ତ କରିବାକୁ ଉଦ୍ୟମ

ବାମରା, ୧୮।୧୦ (ଡି.ଏନ.ଏ.)

ବାମରା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ମୋ ବାମରା ନିଶାମୁକ୍ତ ବାମରା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଅନୁଷ୍ଠାନର ସଞ୍ଚାଳିକ ଲକ୍ଷ୍ମୀ ଭଉଣୀଙ୍କ ତତ୍ତ୍ୱାବଧାନରେ ବାମରା ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ, ଭାଗିରଥି ନୋଡାଲ ଉଚ୍ଚ ବିଦ୍ୟାଳୟ, ବାମରା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିଶାମୁକ୍ତ ବାମରା ଗଠନରେ ସହାୟକ ହେବା ସହ ଏଥିରେ ଛାତ୍ରୀଛାତ୍ରଙ୍କ ଭୂମିକା ବିଷୟରେ ସଚେତନ କରାଯାଇଥିଲା। ଏହି ଅବସରରେ ଗୋବିନ୍ଦପୁର କଲ୍ୟାଣ ମଣ୍ଡପରେ ସ୍ଥାନୀୟ ଲୋକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜସ୍ଥାନ ମଉଣ୍ଟଆବୁ ଆଶ୍ରମରୁ ସଂଯୋଜକ ବିକେ ରାଜୀବ ଓ ରାଉରକେଲା କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଉମେଶ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟତଃ ନିଶାମୁକ୍ତ ସମାଜ ଗଠନରେ କିଭଳି ଈଶ୍ୱରୀୟ ରାଜଯୋଗ ସହାୟକ ହୁଏ ସେ ବିଷୟରେ ଅତିଥି ଦ୍ୱୟ ମାର୍ଗଦର୍ଶନ କରିଥିଲେ। କଲେଜ ଅଧକ୍ଷ ବିନୋଦ ବିହାରୀ ନାୟକ, ଅଧାପକ ବିରଞ୍ଚି ପଟେଲ, ପ୍ରଦୀପ୍ତ ସାହୁ, ପ୍ରଧାନଶିକ୍ଷକ ବଲ୍ଲବୀ ପଟେଲ, ପ୍ରେମପ୍ୟାରି ପଟେଲ, ଯୋଗେଶ୍ୱର ଦାସ, ପ୍ରମୋଦ ଚୌଧୁରୀ, ଗୁରୁଦେବ ସିଂ କମଲାକର, ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ସାହୁ, ସଂଗୀତା ନାୟକ, ଜ୍ୟୋସ୍ନାମୟୀ ମିଶ୍ର ଓ ଦୁର୍ଗାପ୍ରସାଦ ମିଶ୍ରଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଧ୍ୟାପିକା ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଦୁର୍ଗା ପୂଜା କମିଟି, ଆମ ପୋଲିସ ସମିତି, ବାମରା ନାଗରିକ କମିଟି ସହ ରୋଜି ଭଉଣୀ, ସରସ୍ୱତୀ ଭଉଣୀ, ତପନ ଭାଇ, ପୁଷ୍କର ଭାଇ, ଦେବ ଭାଇ, ଗୌରିଶଙ୍କର ଅମାତ ଓ ବୈକୁଣ୍ଠ ମହାପାତ୍ର ସହଯୋଗ କରିଥିଲେ ।




'ମୋ ବାମରା ନିଶାମୁକ୍ତ ବାମରା' କାର୍ଯ୍ୟକ୍ରମରେ ଆୟୋଜକ, ଅତିଥି।

## ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

ସମ୍ବଲପୁର,୧୮।୧୦(ବ୍ୟୁରୋ)

ବୁଢାରଜା ବିମଳ ହୋତା ଲେନ୍‌ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି। ହାଇଦ୍ରାବାଦସ୍ଥିତ ୱେଷ୍ଟର୍ଣ୍ଣ ଓଡିଶା ସୋସିଆଲ ଏଣ୍ଡ କଲଚୁରାଲ ଏସୋସିଏସଅନ ଓ ଇ-ଦିହାତ ପକ୍ଷରୁ ଏହି ପୁସ୍ତକ ବଣ୍ଟନ କରାଯାଇଛି। ମୀନକେତନ ପାଢୀ, ସୁଦର୍ଶନ କ୍ଷେତି, ବୁଦ୍ଧଦେବ ବଡେଇ, ଉମାକାନ୍ତ ବାରିକ, ସୁବ୍ରତ ମହାନ୍ତୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ୪୦ ଖଣ୍ଡ କାଠଗଣ୍ଡି ଜବତ: ଗାଡି ଚାଳକ ଜେଲ୍ ଗଲେ

ବାମରା, ୧୮।୧୦ (ଡି.ଏନ.ଏ.)

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଖୋଲବିଲୁଙ୍ଗ ଫରେଷ୍ଟ ବିଟ୍ ବିଲୁଙ୍ଗ ଗ୍ରାମରୁ ଶୁକ୍ରବାର ଏକ ଗାଡିରେ ଚୋରା ଚାଲାଣ ହେଉଥିବା ବେଳେ ଗାଡି ସହ ୪୦ ଖଣ୍ଡ କାଠଗଣ୍ଡି ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକକୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେ ହେଲେ ଡ୍ରାଇଭର ଯୁଧିଷ୍ଠିର ରୋହିଦାସ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନ ମିଳିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୌଣସି ସୂତ୍ରରୁ ଖବର ପାଇ ଖୋଲବିଲୁଙ୍ଗ ଫରେଷ୍ଟ ବିଟ୍ କର୍ମଚାରୀ ରାସ୍ତାରେ ଯାଉଥିବା ଏକ ଟାଟା ଏସ ଗାଡି (ଓଡି ୧୫ ଏନ- ୨୮୨୩)କୁ ଅଟକାଇଥିଲେ। ଉକ୍ତ ଗାଡିରେ କାଠଗଣ୍ଡି (ବୁଙ୍ଗି) ଚୋରା ଚାଲାଣ ହେଉଥିବା ଜାଣି ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲେ। ଉକ୍ତ କାଠଗଣ୍ଡିଗୁଡିକ ସୀମାବର୍ତ୍ତି ସୁନ୍ଦରଗଡ ଜିଲା ସୋଲ ରେଞ୍ଜ ନୂଆପାଲି ଅଞ୍ଚଳରୁ ଝାରସୁଗୁଡାକୁ ଚାଲାଣ ହେଉଥିବା ବାମରା ରେଞ୍ଜର ବିଶ୍ୱନାଥ ମେହେର କହିଛନ୍ତି । ଚଢ଼ାଉରେ ଖୋଲବିଲୁଙ୍ଗ ଫରେଷ୍ଟର ସରୋଜିନୀ କିଶାନଙ୍କ ସହ ହରେକୃଷ୍ଣ ମାଝୀ ଓ ସୁଶିଲ ମିଞ୍ଜ ସାମିଲ ହୋଇଥିଲେ ।

## କୁଲାଡିହା ଜଙ୍ଗଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ନାକଟିଦେଉଳ, ୧୮।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଇଲମୁଣ୍ଡି ଗ୍ରାମ ନିକଟସ୍ଥ କୁଲାଡିହା ଜଙ୍ଗଲରୁ ଶୁକ୍ରବାର ଅପରାହ୍ନରେ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଯୁବତୀ ଜଣକ ହେଲେ ଗଇଲମୁଣ୍ଡି ଗ୍ରାମର ପିଙ୍କି କୁମୁରା (୧୭)। ଖବର ପାଇ କିସିଣ୍ଡା ପୋଲିସ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି । ଶନିବାର ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଯିବ ବୋଲି ପୋଲିସ କହିଛି ।

ପିଙ୍କି ଚେନ୍ନାଇରେ କାମ କରନ୍ତି। ଶୁକ୍ରବାର ବସ୍‌ରେ ଆସି ଦିନ ୧୦ଟାରେ କିସିଣ୍ଡା ଛକରେ ଓହ୍ଲାଇଥିଲେ । ସେଠାରୁ ଜଣେ ଯୁବକ ତାଙ୍କୁ ଆଣି ଗାଁ ମୁଣ୍ଡରେ ଛାଡି ଥିଲେ। ହେଲେ ପିଙ୍କି ଘରକୁ ନ ଯାଇ ଜଙ୍ଗଲ ଆଡକୁ ଯାଇଥିଲେ। ସମ୍ପୃକ୍ତ ଯୁବକ ଜଣକ ସନ୍ଦେହରେ ପିଙ୍କିଙ୍କ ପଛେ ପଛେ ଗଲାବେଳକୁ ପିଙ୍କିଙ୍କ ମୁଣ୍ଡ ବୁଲାଇ ଥିଲା। ସେ ତଳେ ପଡିଯାଇଥିଲେ। ସମ୍ପୃକ୍ତ ଯୁବକ ଫୋନ୍ କରି ପିଙ୍କିଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ସେଠାରେ ପହଞ୍ଚି ଥିଲେ। ହେଲେ ପିଙ୍କିଙ୍କ ସେତେବେଳକୁ ମୃତ୍ୟୁ ଘଟିଥିଲା। ପାଖରେ କିଛି ବଟିକା ପଡିଥିବାରୁ ସେ ଅତ୍ୟଧିକ ବଟିକା ଖାଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏହାକୁ ନେଇ ଗାଁର ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କ ସହ ଅନ୍ୟ ଦୁଇ ଜଣ ଯୁବକଙ୍କୁ ଅଟକ ରଖିଥିଲେ। ପୋଲିସ ଏହି ୩ଜଣଙ୍କୁ ମଧ ଅଟକ ରଖିଛି।

# ମାତ୍ର ୮୨ ଜଣଙ୍କୁ ୧୦୦ଦିନର କାମ

ରେଢ଼ାଖୋଲ,୧୮।୧୦(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ରେଢ଼ାଖୋଲ ବ୍ଲକରେ ଏହି ଯୋଜନା ଅଧୀନରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସୂଚନା ଦିଆଯାଇଛି। ବ୍ଲକର ସମସ୍ତ ୧୪ଟି ପଞ୍ଚାୟତରେ ୩୬୩୬ଟି ପ୍ରକଳ୍ପ ହାତକୁ ନିଆ ଯାଇଥିଲା, ହେଲେ ୩୨୦୦ ପ୍ରକଳ୍ପ ସଂପୁର୍ଣ୍ଣ ହୋଇଛି। ଏ ବାବଦରେ ୬ କୋଟି ୬୩ ଲକ୍ଷ ୭୭ ହଜାର ଟଙ୍କା ଖର୍ଚ୍ଚ ପାଇଁ ଧାର୍ଯ୍ୟ କରାଯାଇଥିଲା। ହେଲେ ୫ କୋଟି ୩୯ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ୧୧ ହଜାର ୮୯୨ ଜଣଙ୍କୁ ଜବ୍ କାର୍ଡ଼ ପ୍ରଦାନ କରାଯାଇଛି। ୧ଲକ୍ଷ ୯୬ ହଜାର ୭୮୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ୫୫୫୯ ଜଣ ଜବକାର୍ଡଧାରୀ କାର୍ଯ୍ୟ ପାଇଁ ଆବେଦନ କରିଥିଲେ। ୫୫୨୭ ଜଣଙ୍କୁ କାର୍ଯ୍ୟ ଯୋଗାଇ ଦିଅଯାଇଛି। ହେଲେ କେବଳ ୮୨ ଜଣଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ଜଣାପଡିଛି। ତେବେ ଆବାସ ଯୋଜନାରେ ହିତାଧିକାରୀମାନେ ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଅତିରିକ୍ତ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ଶତପଥୀ, ଏପିଓ ଗୋପାଳ ପଟେଲ, ବିଡିଓ ପରିକ୍ଷିତ ସାହୁଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଯୋଗ ଦେଇଥିଲେ। ହେମନ୍ତ କୁମାର ଅଦାବର ଧନ୍ୟବାଦ ଅର୍ପଣ କରିଥିଲେ।




ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀମାନେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲୋକଙ୍କ ସହଭାଗିତା ଆବଶ୍ୟକ

ନାକଟିଦେଉଳ, ୧୮।୧୦ (ଡି.ଏନ.ଏ)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ମନୋଜ କୁମାର ଭୋଇ ଯୋଜନାର ରୂପରେଖ ତଥା ଶିବିର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରେଢ଼ାଖୋଲ ଉପଜିଲାପାଳ ବିଶିକେସନ ଦେହୁରୀ, ନାକଟିଦେଉଳ ବିଡିଓ ମେଥୋଡିୟୁସ ଲାକ୍ରା, ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କ ସହଭାଗିତା ଉପରେ ଗୁରୁତ୍ୱାରୋପ କରି ଯୋଜନାରେ କାର୍ଯ୍ୟ କରିବାକୁ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ ।

୨୦୧୮-୧୯ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୪ କୋଟି, ୩୫ ଲକ୍ଷ, ୯୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୩୧୭୫ ପରିବାରକୁ ଏହି ଯୋଜନାରେ କାମ ଯୋଗାଇ ଦିଆଯାଇଛି। ୧୬୦୪୮ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୨୦୬୫ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ବେଳେ ୭୪୪ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି। ୧୩୨୧ଟି ପ୍ରକଳ୍ପ ଚାଲୁ ରହିଛି। ୧୮୬ ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଥିବା ଶିବିରରେ ସୂଚନା ଦିଆଯାଇଛି। ଏହି ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ ସାଥି ଏବଂ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ। ଏପିଓ ମନୋଜ ଭୋଇ ଶିବିର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।




ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିରରେ ଜିଲା ପ୍ରଶାସନର ଅଧିକାରୀମାନେ।

## ପୁଣି ସରକାରୀ କାର୍ଯ୍ୟକ୍ରମ ବନ୍ଦ କଲେ ଚାଷୀ

ବାମରା, ୧୮।୧୦ (ଡି.ଏନ.ଏ.)

ବାମରା ବ୍ଲକରେ ଚାଷୀମାନେ ଗତ ୨୦୧୮-୧୯ ଫସଲ ବୀମା ରାଶି ପ୍ରଦାନ ଦାବିରେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସହ ଅନ୍ୟ ସରକାରୀ କାର୍ଯ୍ୟକ୍ରମକୁ ବିରୋଧ କରି ଆସୁଛନ୍ତି। ଶୁକ୍ରବାର ପୁଣି ଥରେ ବାମରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ହେବାକୁ ଥିବା ସଚେତନତା ଓ ତାଲିମ ଶିବିରକୁ ବନ୍ଦ କରି ଦେଇଛନ୍ତି। କୃଷି କାର୍ଯ୍ୟାଳୟଠାରେ ଶୁକ୍ରବାର ତୈଳବୀଜ ଜାତୀୟ ଚାଷ ଉପରେ ଚାଷୀଙ୍କୁ ସଚେତନତା ସହ ଏହାର ଉପକାରିତା ଓ ଉନ୍ନତମାନର ଚାଷ ନେଇ ତାଲିମ ଶିବିର ଥିଲା। ହେଲେ କୃଷକ ସଂଗଠନର ନେତା ଓ ସଦସ୍ୟମାନେ ପହଞ୍ଚି କାର୍ଯ୍ୟକ୍ରମକୁ ବନ୍ଦ କରିଦେଇଥିଲେ। ଫସଲ ବୀମା ନ ମିଳିବା ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟକ୍ରମ କରାଇଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଫଳରେ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଯୋଗବିହାରୀ ପରିଡ଼ା, ମହାବୀର ଖଣ୍ଡେଲୱାଲ, ଖଗେଶ୍ୱର ମାଳର, ସୁଶାନ୍ତ ମାଝୀ, ଜଗଦିଶ ପାଲ, କୁମାର ଚନ୍ଦ୍ର ପଟେଲ, ବିମଳ ଲାକ୍ରା ଓ ମିତ୍ର କେନ୍ଦ୍ରୁ ପ୍ରମୁଖ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ । ତେବେ ପୁଣି କାର୍ଯ୍ୟକ୍ରମ କରାଯିବ ବୋଲି ବାମରା ସହକାରୀ ଅଧିକାରୀ ଦେବନନ୍ଦ ସାହୁ କହିଛନ୍ତି।



" ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଲୋକେଶ



କୈଳାସ



ନରେନ



ପ୍ରକାଶ



ମିଲନ



ଅଭିଷେକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସୋନପୁରରେ ୪ ପାଥୋ କ୍ଲିନିକ୍ ବନ୍ଦ

ସୋନପୁର,୧୮।୧୦(ନି.ପ୍ର.)

୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନରେ ଯାଉଛନ୍ତି। ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଚିକିତ୍ସାଳୟରେ କିପରି ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ରୋଗୀଙ୍କ ଠାରୁ ପଚାରି ବୁଝୁଛନ୍ତି। ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରୁଥିବା ରୋଗୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ଡାକ୍ତର ଓ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ତେଣୁ କେଉଁ ସମୟରେ ପାଣ୍ଡିଆନ ଆସିବେ ଏହାକୁ ନେଇ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟରତ ଡାକ୍ତର ଓ ଅଧିକାରୀଙ୍କର ଛାତି ଧଡଧଡ ହେଉଛି। ହେଲେ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ଆଗୁଆ ସୂଚନା ନ ଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଚିନ୍ତା ବଢୁଛି । ୫-ଟି ସଚିବ ଯେକୌଣସି ମୁହୂର୍ତ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନରେ ଆସିବେ। ସେଥିପାଇଁ ଚିକିତ୍ସାଳୟର ପରିମଳ ବ୍ୟବସ୍ଥାକୁ ସୁଧୁରା ଯାଉଛି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ୪ଟି ବେଆଇନ ପାଥୋ କ୍ଲିନିକ୍ ୪ ଦିନ ହେଲା ବନ୍ଦ ରହିଛି । ବେଆଇନ ପାଥୋ କ୍ଲିନିକରେ ଲେଖା ଯାଇଥିବା କ୍ଲିନିକ୍‌ର ନାମଗୁଡ଼ିକ ମଧ୍ୟ ପାଣ୍ଡିଆନଙ୍କ ଭୟରେ ଲିଭାଇ ଦିଆଯାଇଛି। କ୍ଲିନିକ୍ ସ୍ଥାନରେ ଏବେ ଅନ୍ୟ ଦୋକାନ ଖୋଲିଲାଣି । କିନ୍ତୁ ସହରର ଅନ୍ୟ ସ୍ଥାନରେ ଥିବା ୮ରୁ ଊର୍ଦ୍ଧ୍ୱ ବେଆଇନ କ୍ଲିନିକ୍ ବେଧଡକ ଚାଲିଛି । ଜିଲା ମୁଖ୍ୟ ଚିକିତ୍ସାଳୟର କିଛି ଡାକ୍ତର ଔଷଧ ଦୋକାନର ପଛ ପଟେ ବସି ରୋଗୀ ଦେଖୁଛନ୍ତି । ସେମାନେ ଏଭଳି ବେଆଇନ ପାଥୋ କ୍ଲିନିକ୍‌ଗୁଡ଼ିକୁ ପ୍ରୋତ୍ସାହନ ଦେଉଛନ୍ତି। ଜିଲା ସଦର ମହକୁମାର ମଝିପଡ଼ା, ନଳିନୀ ଛକ, ଖଦାଳପଡ଼ା ଓ ଫକୀର ପଟ୍ଟନାୟକ ଛକରେ ଏଭଳି କ୍ଲିନିକ୍ ଚାଲିଛି । ସୂଚନାଯୋଗ୍ୟ, ଜିଲାରେ ୬୩ଟି ଅଣପଞ୍ଜୀକୃତ କ୍ଲିନିକ୍ ରହିଛି। ଗତ ମାସ ୨୨ ତାରିଖରେ ଜିଲାପାଳ ମୋନିଷା ବାନାର୍ଜୀ ସିଡିଏମ୍‌ଓଙ୍କ ଉପସ୍ଥିତିରେ ଏଭଳି କ୍ଲିନିକ୍ ମାଲିକଙ୍କୁ ଡାକି ୭ ଦିନ ମଧ୍ୟରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଏପରି କି କ୍ଲିନିକ୍‌ଗୁଡ଼ିକ ପଞ୍ଜୀକରଣ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ କ୍ଲିନିକ୍ ମାଲିକ ଜିଲାପାଳଙ୍କୁ ଭେଟି ୩ ମାସ ସମୟ ଦେବାକୁ ଅନୁରୋଧ କରିଥିଲେ । ଏହି ସମୟ କିନ୍ତୁ ଜିଲାପାଳ ଦେଇନଥିଲେ। ତେବେ ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ବିନା ପଞ୍ଜୀକରଣରେ କ୍ଲିନିକ୍‌ଗୁଡ଼ିକ ଚାଲୁଥିଲେ ମଧ୍ୟ କୌଣସି ଚଢାଉ ହେଉନାହିଁ। ଜିଲାର ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ୫୫ଟି ବେଆଇନ ପାଥୋ କ୍ଲିନିକ୍ ବେଧଡକ ଭାବେ ଚାଲୁଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିବା ଲୋକେ ଅଧିକାଂଶ ଅଣପଞ୍ଜୀକୃତ କ୍ଲିନିକଗୁଡ଼ିକ ଚଳାଉ ଥିବାରୁ ରୋଗୀଙ୍କ ବିଭିନ୍ନ ପରୀକ୍ଷା ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏହି ଦିଗରେ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଫଟୋରେ ଖବର




ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର ଶୁକ୍ରବାର ଟ୍ରାଫିକ ସଚେତନତା ରାଲିରେ ବାହାରିଛନ୍ତି।

## ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ

ଚିପିଲିମା, ୧୮।୧୦ (ଡି.ଏନ.ଏ)

ପଶ୍ଚିମବଙ୍ଗରେ ଆରଏସଏସ କାର୍ଯ୍ୟକର୍ତ୍ତା ପ୍ରକାଶ ପାଲଙ୍କ ପରିବାରକୁ ନିର୍ମମ ହତ୍ୟା ପ୍ରତିବାଦରେ ଚାରପାଲି ବଜରଙ୍ଗଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଚାରପାଲି ବଜରଙ୍ଗଦଳ ଧନକଉଡା ବ୍ଲକ ସଂଯୋଜକ ରୋହିତ ଛୁରିଆ ଓ ସହ ସଂଯୋଜକ ମୀନକେତନ ଛୁରିଆଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ କର୍ମକର୍ତ୍ତା ଠୁଳ ହୋଇ ପ୍ରଥମେ ସ୍ୱର୍ଗତ ପାଲଙ୍କ ପରିବାରର ଅମର ଆତ୍ମାର ସଦଗତି କାମନା କରି ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ମମତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଦଳର ଜିଲା ସଂଯୋଜକ ତପନ ପଟ୍ଟନାୟକ, ସହ ସଂଯୋଜକ ସହଦେବ ରାଉତ, ପୁଷ୍ପରଞ୍ଜନ ଛୁରିଆ, ନିଳାଞ୍ଚଳ ଛୁରିଆ, କ୍ଷୀରେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ଅଜଣା ରୋଗରେ ଗୋରୁ ଆକ୍ରାନ୍ତ ଚିକିତ୍ସା କଲେ ପ୍ରାଣୀଧନ ଚିକିତ୍ସକ

ପୁରୁଣାକଟକ,୧୮।୧୦(ଡି.ଏନ.ଏ)

ହରଭଙ୍ଗା ବ୍ଲକରେ ଅଜଣା ରୋଗରେ ଶତାଧିକ ଗାଈଗୋରୁ ଆକ୍ରାନ୍ତ ହେବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ଶୁକ୍ରବାର ପ୍ରାଣୀଧନ ଚିକିତ୍ସକ ସୁଧାମୟୀ ମେହେର ଓ ଧଳପୁର ପ୍ରାଣୀଧନ ନିରୀକ୍ଷକ ନାରାୟଣ ବାରିକ ଉକ୍ତ ଗ୍ରାମକୁ ଯାଇ ଆକ୍ରାନ୍ତ ଗୋରୁଙ୍କୁ ଚିକିତ୍ସା କରିଛନ୍ତି। ଏହାସହ ଭୟଭୀତ ନ ହେବା ପାଇଁ ଗୋପାଳକ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ବୌଦ୍ଧ ବ୍ଲକରେ ମିଶନ ଶକ୍ତି କାର୍ଯ୍ୟକ୍ରମ

ବୌଦ୍ଧ,୧୮।୧୦(ସ୍ୱ.ପ୍ର)

ବୌଦ୍ଧ ବ୍ଲକ ମହିଳା ଓ ଶିଶୁ ବିକାଶ ପକ୍ଷରୁ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଫିସ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦଶରଥ ମେହେର ଅଧ୍ୟକ୍ଷତା କରିଥିଲେ । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ସିଡିପିଓ ମିନତି ଦେଓ ଓ ଡିପିସି ଦେବଦୂତ ମିଶ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭର ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ସସ୍ମିତା ବାଦି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଦାସ ମହିଳା ସଶକ୍ତୀକରଣ କିପରି ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ବିଡିଓ ମେହେର ସମସ୍ତ ସ୍ୱୟଂ ସହାୟକ ଦଳ ଯେପରି ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ଓ ମହିଳା ମାନଙ୍କର ଉନ୍ନତି ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ମିଶନ ଶକ୍ତିର ବ୍ଲକ ସଂଯୋଜିକା ସୂର୍ଯ୍ୟମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ

ସୋନପୁର,୧୮।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ କପାସିରା ଜଙ୍ଗଲରେ ଶୁକ୍ରବାର ଚଢାଉ କରାଯାଇ ଦେଶୀ ମଦ ଜବତ ସହ ପରିମାଣର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଉଲୁଣ୍ଡା ଥାନା କପାସିରା ଗ୍ରାମର ମଙ୍ଗୁଲୁ ବାଗ(୪୦) ଗିରଫ ହୋଇଛନ୍ତି । ବିଭାଗ ପକ୍ଷରୁ ୩୫ ଲିଟର ରନ୍ଧା ମଦ ସହ ମଦ ରନ୍ଧାରେ ବ୍ୟବହୃତ ୩ଟି ଆଲୁମୁନିୟମ ଡେକ୍‌ଚି ଜବତ ହୋଇଛି। ସେହିପରି ୪୦୦କିଲୋ ମହୁଲି ପୋଚ ନଷ୍ଟ କରା ଯାଇଥିବା ସୂଚନା ଦିଆଯାଇଛି। ଶୁକ୍ରବାର ମଙ୍ଗୁଲୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ରମ୍ଭା ବାଗଙ୍କ ନେତୃତ୍ୱରେ ଏଏସ୍‌ଆଇ ପ୍ରଦୀପ ରଥ, କନେଷ୍ଟବଳ ପିଣ୍ଟୁ ସାହୁ, ନନ୍ଦି କର୍ମୀ, ଉରବି ମାଝି , ପୃଥ୍ୱୀରାଜ କୁଅଁର ଏହି ଚଢାଉରେ ସାମିଲ ଥିଲେ।

### ଗଙ୍ଗାଧର ମେହେର ଜୁନିୟର କଲେଜ ଅଧାପକ ବଦଳି ପ୍ରସଙ୍ଗ

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲା ପଶ୍ଚିମାଞ୍ଚଳ ଏକତା ମଞ୍ଚ

ସମ୍ବଲପୁର, ୧୮।୧୦ (ବ୍ୟୁରୋ)



ଶୁକ୍ରବାର ସମ୍ବଲପୁର ରେଳ ଷ୍ଟେଶନଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗଙ୍ଗାଧର ମେହେର ଜୁନିୟର କଲେଜ ସମସ୍ୟା ଉପରେ ପ୍ରତିନିଧି ଦଳ ଅବଗତ କରାଉଛନ୍ତି।

ଗଙ୍ଗାଧର ମେହେର ଜୁନିୟର କଲେଜ ଅଧ୍ୟାପକ ବଦଳି ପ୍ରସଙ୍ଗକୁ ନେଇ ଛାତ୍ର ଅଶାନ୍ତି ବଢ଼ିବାରେ ଲାଗିଛି । ଦୁଇ ଦିନ ଧରି କଲେଜ କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଛି । ରାଜ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏ ନେଇ ଶୁକ୍ରବାର ରାତିରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଅବଗତ କରାଇଛନ୍ତି । କଲେଜରେ କିପରି ଶାନ୍ତି ଫେରି ଆସିବ ସେ ନେଇ ମନ୍ତ୍ରୀ ଅସ୍ତକ୍ଷେପ କରନ୍ତୁ ବୋଲି ସଭ୍ୟମାନେ ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିଜେପୁରରୁ ନିର୍ବାଚନ ପ୍ରଚାର କରି ଫେରୁଥିବା ବେଳେ ସମ୍ବଲପୁର ରେଳ ଷ୍ଟେଶନରେ ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ, ମାନସ ରଞ୍ଜନ ବକ୍ସି, ସୁବୋଧ ଦୋରା, ଦେବାଶିଷ ବେହେରା, ଆଦିତ୍ୟ ମହାନ୍ତି, ବିପ୍ଲବ ଡନସନା, ସମୀର ହୋତା, ଲମ୍ବୋଦର ବଢ଼େଇ, ପଙ୍କଜିନୀ ମେହେର, କାନ୍ତି ମେହେର ପ୍ରମୁଖ ଧର୍ମେନ୍ଦ୍ରଙ୍କୁ ଭେଟିଥିଲେ।

## ହମ୍ପରେ ଦୋହଲିଗଲା କେନ୍ଦ୍ରମନ୍ତ୍ରୀଙ୍କ ରୋଡ୍ ଶୋ' ଗାଡ଼ି

ବିଜେପୁର, ୧୮।୧୦ (ଡି.ଏନ.ଏ)

ବିଜେପୁର ଉପନିର୍ବାଚନରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଡ ଶୋ ମାଧ୍ୟମରେ ସ୍ଥାନୀୟ ସହର ପରିକ୍ରମା କରୁଥିଲେ। ରୋଡ ଶୋ ଗାଡି କଂସାରୀପଡାରୁ ତଳିପଡା ଅତିକ୍ରମ କରି ବସଷ୍ଟାଣ୍ଡ ରାସ୍ତାକୁ ଯାଉଥିବା ବେଳେ ହମ୍ପ ଯୋଗୁ ଦୋହଲି ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଗାଡିର ସାମ୍ନା ପଟରେ ଛିଡା ହୋଇଥିବା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଓ ପ୍ରାର୍ଥୀ ସନତ କୁମାର ଗଡତିଆ ଖସି ପଡିଥିଲେ। ପଛରେ ସେଠାରେ ଉପସ୍ଥିତ ନେତା ସେମାନଙ୍କୁ ଧରି ପକାଇବାରୁ ଉଭୟ ନେତାଦ୍ୱୟ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଉକ୍ତ ରୋଡ ଶୋ ଗାଡିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସଭାପତି ତଥା ଏମପି ବସନ୍ତ ପଣ୍ଡା, ବରଗଡ ଏମପି ସୁରେଶ ପୂଜାରୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଅଶ୍ୱିନୀ ଷଡଙ୍ଗୀଙ୍କ ସମେତ ବହୁ ନେତା ଛିଡା ହୋଇଥିଲେ ।



ଶୁକ୍ରବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

### ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ

## ଝୁଲିଆ ବନାମ ବୁର୍ଲା ମ୍ୟାଚ ଡ୍ର

ସମ୍ବଲପୁର, ୧୮।୧୦ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ ମ୍ୟାଚ ଝୁଲିଆ ବନାମ ବୁର୍ଲା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅମିମାଂଶିତ ରହିଛି। ଫଳରେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବୁର୍ଲା ବନାମ ଝୁଲିଆ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ୧-୧ ଗୋଲସ୍କୋରରେ ମ୍ୟାଚ ଡ୍ର ରହିଥିଲା । ରେଫରି ମଥୁରା ଓରାମ, ମନୋଜ ଭୋଇ, ପଦ୍ମ ନାୟକ, ବଳରାମ ମଟାରୀ ଖେଳ ପରିଚାଳନା କରିଥିଲେ। ଭାଜପା ଓବିସି ଜିଲା ସଭାପତି ସରୋଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, କାଉନସିଲ ସଭ୍ୟ ବିକାଶ ମିଶ୍ର, ଲକ୍ଷ୍ମୀଧର ମହାନ୍ତି, ରାଜେନ୍ଦ୍ର ରାଉତ, ବୀରଜାଶଙ୍କର ହୋତା ଓ ସୟଦ ଜିନ୍ଦା ସମ୍ମାନୀତ ଅତିଥି ଥିଲେ । ଫୁଟବଲ ସମ୍ପାଦକ ଅବଦୁଲ ଗଫାର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

### ବେଆଇନ ଶ୍ରମିକ ଚାଲାଣ

## ୩ ଜିଲାର ୫୦ ଦଲାଲ, ମଧ୍ୟସ୍ଥ ଗିରଫ

କଟକ ଅଫିସ, ୧୮।୧୦- ନବରଙ୍ଗପୁର, ରାୟଗଡା ଓ କଳାହାଣ୍ଡି ଜିଲା ପୋଲିସ ଗୁରୁବାର ରାତିରେ ବେଆଇନ ଶ୍ରମିକ ଚାଲାଣ କରୁଥିବା ୫୦ ଜଣ ମଧ୍ୟସ୍ଥ ଓ ଦଲାଲଙ୍କୁ ଗିରଫ କରିଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୩ ଜିଲାର ଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଗୁରୁବାର ଚଢ଼ାଉ କରି ନବରଙ୍ଗପୁର ଜିଲାରୁ ୨୦ଜଣ, ରାୟଗଡାରୁ ୧୫ ଓ କଳାହାଣ୍ଡିରୁ ୧୫ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ୩ ଜିଲାରେ ବେଆଇନ ଶ୍ରମିକ ଚାଲାଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ଡିଜିପିଙ୍କ ନିର୍ଦ୍ଦେଶ ପରେ ଏହି ଟିମ୍ ପ୍ରଥମେ ମଧ୍ୟସ୍ଥ ଓ ଦଲାଲମାନଙ୍କୁ ଚିହ୍ନଟ କରିଥିଲା। ପରେ ଗୁରୁବାର ଏହି ଟିମ୍ ଚଢ଼ାଉ କରି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳରୁ ୩, ଝରିଗାଁ ଥାନା ଅଞ୍ଚଳରୁ ୩, ଉମରକୋଟ ଥାନା ଅଞ୍ଚଳରୁ ୩ ଓ ନବରଙ୍ଗପୁର ଥାନା ଅଞ୍ଚଳରୁ ୧୧ଜଣଙ୍କୁ ଗିରଫ କରିଛି। ସେହିପରି ରାୟଗଡା ଜିଲା ଅମ୍ବାଦଳା ଥାନା ଅଞ୍ଚଳରୁ ୨, ଚନ୍ଦ୍ରପୁର ଥାନା ଅଞ୍ଚଳରୁ ୨, ମୁନିଗୁଡା ଥାନା ଅଞ୍ଚଳରୁ ୨, ବିଷମକଟକ ଥାନା ଅଞ୍ଚଳରୁ ଜଣେ, ଚାନ୍ଦିଲିରୁ ଜଣେ, କଲ୍ୟାଣସିଂହପୁରରୁ ୩, ଗୁଡାରିରୁ ୨ ଓ ଗୁଣୁପୁର ଥାନା ଅଞ୍ଚଳରୁ ୨ଜଣଙ୍କୁ ଗିରଫ କରାଯାଇଛି। କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରୁ ୫, କେସିଙ୍ଗା ଥାନା ଅଞ୍ଚଳରୁ ୨, ଭବାନୀପାଟଣାରୁ ଜଣେ ଓ କେଗାଁ ଥାନା ଅଞ୍ଚଳରୁ ୭ଜଣଙ୍କୁ ଗିରଫ କରାଯାଇଛି। ୩ ଜିଲାର ବିଭିନ୍ନ ଥାନାରେ ଅଭିଯୁକ୍ତମାନଙ୍କ ନାଁରେ ୧୭ରୁ ଅଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୧୨୦(ବି)/୩୭୦ (୨) ଓ (୩)/୪୧୭/୩୪ ଅନୁସାରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଗିରଫ ଦଲାଲମାନଙ୍କ ସହ ରାଜ୍ୟ ଭିତରେ ଓ ବାହାରେ ସମ୍ପର୍କ ରହିଥିବା ପୋଲିସ ସନ୍ଦେହ କରୁଛି। କିଛିଦିନ ପୂର୍ବରୁ ବଲାଙ୍ଗିର ଓ ନୂଆପଡା ଜିଲାରୁ ପୋଲିସ ୪୧ ଜଣ ଦଲାଲ ଓ ମଧ୍ୟସ୍ଥଙ୍କୁ ଗିରଫ କରିଥିଲା। ତେବେ ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଏହି ଗିରଫ କରାଯାଇଥିବା ଡିଜିପି ଶର୍ମା କହିଛନ୍ତି।



ଭାରତ ପଡ଼ୋଶୀ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଚାହେଁ। ତେବେ ବନ୍ଧୁରାଷ୍ଟ୍ର ପ୍ରତି କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ ଭାରତୀୟ ସେନା ତାକୁ ସହଯୋଗ ଜାରି ରଖିବ।
-ଜେନେରାଲ ବିପିନ ରାୱତ୍,
ସ୍ଥଳସେନା ମୁଖ୍ୟ



# ହରିୟାଣାରେ ମୋଦି, ରାହୁଲ ମୁହାଁମୁହିଁ

## କଂଗ୍ରେସ ସହ ପାକିସ୍ତାନର ସମ୍ପର୍କ କ'ଣ

**ଗୋହାନା,୧୮।୧୦(ପି.ଟି.)**



କଂଗ୍ରେସର କୁଶାସନ ବେଳେ ଯବାନ ହୁଅନ୍ତୁ କି ଚାଷୀ ଅଥବା କ୍ରୀଡ଼ାବିତ୍ ଦେଶରେ କେହି ସୁରକ୍ଷିତ ନ ଥିଲେ। ଏହି ଦଳ ବାଲାକୋଟ ଏୟାର ଷ୍ଟ୍ରାଇକ୍ ହେଉ କି ଅନୁଚ୍ଛେଦ ୩୭୦ ଉଚ୍ଛେଦ କୌଣସି ଭଲ କାମକୁ ସମର୍ଥନ କରିନାହିଁ। ପାକିସ୍ତାନ ସହ କଂଗ୍ରେସର ସମ୍ପର୍କ କ'ଣ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶ୍ନ କରିଛନ୍ତି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଆସନ୍ତା ୨୧ରେ ହେବ। ପ୍ରଧାନମନ୍ତ୍ରୀ ଏଥିପାଇଁ ପ୍ରଚାରରେ ଯାଇ କଂଗ୍ରେସ ଉପରେ ବର୍ଷିଛନ୍ତି। ସୋନେପଥ ଜିଲା ଗୋହନାରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ପାକିସ୍ତାନ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ବିରୋଧରେ ବିଭିନ୍ନ ପ୍ରସଙ୍ଗ ଉଠାଉଛି। ସେଗୁଡ଼ିକୁ ଦୃଢ଼ କରିବା ଲାଗି କଂଗ୍ରେସକୁ ବ୍ୟବହାର କରୁଛି। କାରଣ କଂଗ୍ରେସ ଜାତୀୟ ସ୍ୱାର୍ଥରେ ନିଆଯାଇଥିବା ନିଷ୍ପତ୍ତିକୁ ବିରୋଧ କରୁଛି। ଆମେ ଯେତେବେଳେ ବି ସ୍ୱଚ୍ଛ ଭାରତ କି ସର୍ଜିକାଲ ଷ୍ଟ୍ରାଇକ୍ କଥା କହୁ, କଂଗ୍ରେସର ପେଟବ୍ୟଥା ହୁଏ। ବାଲାକୋଟ କଥା କହିଲେ କଂଗ୍ରେସ ଯନ୍ତ୍ରଣାରେ ଡେଇଁବା ଆରମ୍ଭ କରେ। ସେହିପରି କଂଗ୍ରେସ ଏବେଠାରୁ ନିର୍ବାଚନରେ ପରାଜୟକୁ ସ୍ୱୀକାର କରିଛି ବୋଲି ସେ ହିସାରରେ ସମାଲୋଚନା କରିଛନ୍ତି।

## ମୋଦିଙ୍କ ଅର୍ଥନୀତି ଜ୍ଞାନ ନାହିଁ

**ମହେନ୍ଦ୍ରଗଡ଼,୧୮।୧୦(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅର୍ଥନୀତି ଜ୍ଞାନ ନାହିଁ। ଭାଜପାର ଲୋକଙ୍କୁ ପରସ୍ପର ସହ ଲଢ଼ାଇବା ରାଜନୀତିକୁ ନେଇ ବିଶ୍ୱ ସମୁଦାୟ ଭାରତକୁ ଉପହାସ କରୁଛି ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସେ ଆର୍ଥିକ ମାନ୍ଦାବସ୍ଥା, ବେକାରି ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଛନ୍ତି।

ମହେନ୍ଦ୍ରଗଡ଼ରେ ଦଳର ଏକ ସଭାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବଦଳରେ ରାହୁଲ ଯୋଗଦେଇଛନ୍ତି। ସେ କହିଛନ୍ତି, ଚାପରେ ଥିବା ଗଣମାଧ୍ୟମର ବନ୍ଧୁମାନେ ୨୪ ଘଣ୍ଟା କେବଳ ମୋଦିଙ୍କ ଭାଷଣ ଦେଖାଉଛନ୍ତି। ମୋଦିଙ୍କ ମୁହଁ, ତାଙ୍କ ଭାଷଣ, ଅନୁଚ୍ଛେଦ ୩୭୦, ଚନ୍ଦ୍ରୟାନ ଆଦି ଟିଭିରେ ଦେଖିବାକୁ ମିଳୁଛି। ମିଡିଆ କହୁଛି, ସତ କ'ଣ ଆମେ ଜାଣିଛୁ। କିନ୍ତୁ ତାହା ଆମେ ଦେଖାଇପାରିବୁ ନାହିଁ। କାରଣ ଆମର ଚାକିରି ଚାଲିଯିବ। ଏବେ ଟିଭି ଚ୍ୟାନେଲ ଓ ଖବରକାଗଜଗୁଡ଼ିକ ୫ରୁ ୧୦ ଜଣ ବ୍ୟବସାୟୀଙ୍କ ହାତରେ ରହିଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ମୋଦିଙ୍କ କେବଳ ଗୋଟିଏ କାମ ହେଉଛି ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବା। ଏକଦା ବିଶ୍ୱକୁ ପ୍ରେମ, ବିକାଶ ଓ ସହାବସ୍ଥାନର ବାଟ ବତାଉଥିବା ଦେଶ ଭାରତରେ ଆଜି ଜାତି, ଧର୍ମକୁ ନେଇ ଲଢ଼େଇ ଚାଲିଛି। ମୋଦି ବିମୁଦ୍ରୀକରଣ ଓ ଗବ୍ବର ସିଂ ଟାକ୍ସ (ଜିଏସ୍‌ଟି) ଆଣି ଦେଶର ଅର୍ଥନୀତିକୁ ଧ୍ୱଂସ କରିଦେଲେଣି। ଏଥିଯୋଗୁ କ୍ଷୁଦ୍ର ଓ ମଧ୍ୟମ ସ୍ତରର ବ୍ୟବସାୟ ବନ୍ଦ ହୋଇଯାଉଛି। ବେକାରି ସମସ୍ୟା ୪୦ ବର୍ଷରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଚାଷୀ ଆତ୍ମହତ୍ୟା କରୁଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି।



ତୁର୍କୀ ରାଷ୍ଟ୍ରପତି ରେସେପ୍ ତେୟିପ୍ ଏର୍ଡୋଗାନ୍ ଶୁକ୍ରବାର ଇସ୍ତାନବୁଲରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ସିରିଆରେ ତୁର୍କୀର ସାମରିକ ଅପରେଶନ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଠୋର ଭାଷାରେ ଲେଖିଥିବା ଚିଠିକୁ ତାଙ୍କ ଦେଶ କେବେହେଲେ ଭୁଲିପାରିବ ନାହିଁ ବୋଲି ସେ କହିଛନ୍ତି।

## ଆତଙ୍କବାଦ ବିରୋଧରେ ପଦକ୍ଷେପ ନ ନେଲେ କଳାତାଲିକାଭୁକ୍ତ ହେବ ପାକ୍

**ପ୍ୟାରିସ୍,୧୮।୧୦(ପି.ଟି.)**

### ଏଫ୍ଏଟିଏଫ୍‌ର ୪ ମାସିଆ ମହଲତ

### ଫେବୃୟାରୀ ଯାଏ ଧୂସର ତାଲିକାରେ ରହିବ

ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥିବା ଫାଇନାନ୍‌ସିଆଲ୍ ଆକ୍ସନ ଟାସ୍କଫୋର୍ସ (ଏଫ୍ଏଟିଏଫ୍) ପାକିସ୍ତାନକୁ ୨୦୨୦ ଫେବୃୟାରୀ ପର୍ଯ୍ୟନ୍ତ ଧୂସର (ଗ୍ରେ) ତାଲିକାରେ ରଖିବାକୁ ନିଷ୍ପତ୍ତି ନେଇଛି। ଏହି ସମୟ ମଧ୍ୟରେ ଯଦି ଇସ୍‌ଲାମାବାଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦକରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରେ ତେବେ ଏହାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଏଫ୍ଏଟିଏଫ୍ ଚେତାବନୀ ଦେଇଛି। ପ୍ୟାରିସ୍‌ରେ ୫ ଦିନ ଧରି ଚାଲିଥିବା ଏଫଏଟିଏଫ୍‌ର ମହାଧିବେଶନ ଶୁକ୍ରବାର ଶେଷ ହୋଇଥିଲାବେଳେ ସେଥିରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

ଭାରତରେ ଏକାଧିକ ଆକ୍ରମଣରେ ସମ୍ପୃକ୍ତ ଲଶ୍କର-ଇ-ତୋଇବା ଏବଂ ଜୈଶ୍-ଇ-ମହମ୍ମଦ ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ରୋକିବା ଲାଗି ଏଫ୍ଏଟିଏଫ୍ ପାକିସ୍ତାନକୁ ୨୭ଟି ପଦକ୍ଷେପ ନେବା ପାଇଁ କହିଥିଲା। ଏପର୍ଯ୍ୟନ୍ତ ସେଥିରୁ ମାତ୍ର ୫ଟିକୁ କାର୍ଯ୍ୟକାରୀ କରିଛି ଇସ୍‌ଲାମାବାଦ। ଆଗାମୀ ଫେବୃୟାରୀରେ ପାକିସ୍ତାନ ବିରୋଧରେ ଏଫ୍ଏଟିଏଫ୍ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଯଦି ପାକିସ୍ତାନ କ୍ରମାଗତ ଭାବେ ଧୂସର ତାଲିକାରେ ରୁହେ କିମ୍ବା କଳା ଧୂସର ତାଲିକାଭୁକ୍ତ ହୁଏ ତେବେ ଆଇଏମ୍ଏଫ୍, ବିଶ୍ୱବ୍ୟାଙ୍କ ଏବଂ ୟୁରୋପୀୟ ସଂଘରୁ ଆର୍ଥିକ ସହାୟତା ପାଇବା କଷ୍ଟକର ହୋଇପଡିବ। ପାକିସ୍ତାନର ବାଣିଜ୍ୟ ସମ୍ପର୍କ ଓ କାରବାର ଉପରେ ଅନ୍ତର୍ଜାତୀୟ ଫାଇନାନ୍‌ସିଆଲ ସଂସ୍ଥାଗୁଡିକର ସ୍ୱତନ୍ତ୍ର ନଜର ରହିବ। କଳା ତାଲିକାରେ ଥିବା ଇରାନ ପାଇଁ ଏହି ନିୟମ ଲାଗୁ ହେଉଛି।

ମନିଲଣ୍ଡରିଂ ଏବଂ ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ରୋକିବା ତଥା ଅନ୍ୟାନ୍ୟ ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ୧୯୮୯ରେ ଏଫଏଟିଏଫ୍ ଗଠନ କରାଯାଇଥିଲା। ଗତବର୍ଷ ଜୁନ୍‌ରେ ଏହି ସଂସ୍ଥା ଇସ୍‌ଲାମାବାଦକୁ ଧୂସର ତାଲିକାଭୁକ୍ତ କରିଥିଲା ଏବଂ ୨୦୧୯ ଅକ୍ଟୋବର ସୁଦ୍ଧା ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ନେଇ ୨୭ଟି ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲା।

## ବେଙ୍ଗାଲୁରୁ, ମହୀଶୂରରେ ଆତଙ୍କବାଦୀ ସକ୍ରିୟ

**ବେଙ୍ଗାଲୁରୁ, ୧୮।୧୦(ପି.ଟି.) :** ବେଙ୍ଗାଲୁରୁ ଓ ମହୀଶୂରରେ ଆତଙ୍କବାଦୀ ସକ୍ରିୟ ଥିବା କର୍ଣ୍ଣାଟକ ଗୃହମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର କହିଛନ୍ତି। ସେମାନଙ୍କ କାର୍ଯ୍ୟକଳାପ ଏବେ ଆରବ ସାଗର ଓ ବଙ୍ଗୋପସାଗର ଉପକୂଳ ଅଞ୍ଚଳକୁ ବ୍ୟାପୁଥିବା ସେ ସୂଚନା ଦେଇଛନ୍ତି। ମହୀଶୂରରେ ଖବରଦାତାଙ୍କୁ ସେ କହିଛନ୍ତି ଯେ, ବାଂଲାଦେଶର ଜମାତ୍-ଉଲ୍- ମୁଜାହିଦ୍ଦିନ(ଜେଏମ୍‌ବି) ଆତଙ୍କବାଦୀ କର୍ଣ୍ଣାଟକର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ କାର୍ଯ୍ୟକଳାପ ଜାରି ରଖିଥିବା ସିବିଆଇ ସନ୍ଦେହ କରୁଛି। ଏଥିଲାଗି ସତର୍କତା ଅବଲମ୍ବନ କରିବା ସହ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ। ରାଜ୍ୟରେ ବାଂଲାଦେଶୀ ଶରଣାର୍ଥୀଙ୍କ ଅନୁପ୍ରବେଶ ଚିନ୍ତା ବଢ଼ାଇଥିବାବେଳେ ପୋଲିସ ବାହାନୀଙ୍କୁ ଏଥିଲାଗି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବୋମାଇ କହିଛନ୍ତି।

## ଚିଦାମ୍ବରମ୍, କାର୍ତ୍ତିଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୮।୧୦(ପି.ଟି.):** ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ, ତାଙ୍କ ପୁଅ କାର୍ତ୍ତି ଏବଂ କେତେକ କମ୍ପାନୀଙ୍କ ସମେତ ୧୫ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବା ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛି। ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଷ୍ଟିସ୍ ଆର୍. ଭାନୁମଥୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଉପସ୍ଥିତ ରହି ଚିଦାମ୍ବରମଙ୍କୁ ଜାମିନ



ଆବେଦନକୁ ବିରୋଧ କରିଥିଲେ। ଦୁର୍ନୀତିକୁ ବରଦାସ୍ତ କରାଯିବା ଉଚିତ ନୁହେଁ ବୋଲି ସେ କହିଥିଲେ। ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ତଦନ୍ତ ଜାରି ରହିଥିବା ସିବିଆଇ ଖଣ୍ଡପୀଠଙ୍କୁ ଜଣାଇଥିଲେ।

## କେନ୍ଦ୍ର, ଆସାମକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଏନ୍ଆର୍‌ସି କୋଅର୍ଡିନେଟରଙ୍କୁ ମଧ୍ୟପ୍ରଦେଶ ବଦଳି କର

**ନୂଆଦିଲ୍ଲୀ,୧୮।୧୦**



ଆସାମ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) କୋଅର୍ଡିନେଟର ପ୍ରତୀକ୍ ହାଜେଲାଙ୍କୁ ମଧ୍ୟପ୍ରଦେଶ ବଦଳି କରିବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଆର୍.ଏଫ୍. ନରିମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ହାଜେଲାଙ୍କୁ ବଦଳି କରିବା ଲାଗି କହିଛନ୍ତି। ହାଜେଲାଙ୍କୁ ଡେପୁଟେଶନ୍‌ରେ ପଠାଇବା ପାଇଁ କୌଣସି କାରଣ ରହିଛି କି ବୋଲି ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠଙ୍କଠାରୁ ଜାଣିବାକୁ ଚାହିଁଥିଲେ। ବିନା କାରଣରେ କୌଣସି ନିର୍ଦ୍ଦେଶନାମା ଜାରି ହୋଇପାରେ କି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ତେବେ ବଦଳିର କାରଣ ସମ୍ପର୍କରେ ସିଜେଆଇ କିଛି କହି ନ ଥିଲେ। ସମ୍ଭବତଃ ହାଜେଲାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଧମକ ପାଇପାରିଥାନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଚୂଡ଼ାନ୍ତ ଆସାମ ଏନ୍ଆର୍‌ସି ପ୍ରକାଶ କରିବା ଦାୟିତ୍ୱ ହାଜେଲାଙ୍କୁ ଦିଆଯାଇଥିଲା। ଅଗଷ୍ଟ ୩୧ରେ ଏନ୍ଆର୍‌ସି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରୁ ୧୯,୦୬,୬୫୭ ଜଣ ଆବେଦନକାରୀ ବାଦ୍ ପଡ଼ିଥିଲେ।

## ପୂର୍ବତନ ଆତଙ୍କବାଦୀ ଗିରଫ

**ଜମ୍ମୁ,୧୮।୧୦(ପି.ଟି.)**

୧୯୯୦ ଜାନୁୟାରୀରେ ଭାରତୀୟ ବାୟୁସେନାର ସ୍କ୍ୱାଡ୍ରନ ଲିଡରଙ୍କ ସମେତ ୪ ଜଣଙ୍କୁ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ପୂର୍ବତନ ଜେକେଏଲ୍ଏଫ୍ ଆତଙ୍କବାଦୀ ଜାଭେଦ ଅହମ୍ମଦ ମିର୍ ଓରଫ ଜାଭେଦ ନାଲ୍‌କାଙ୍କୁ ସିବିଆଇ ଗିରଫ କରିବା ପରେ ତାଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି। ବୁଧବାର ତାଙ୍କୁ ଗିରଫ କରାଯିବା ପରେ ସିବିଆଇ ଅଦାଲତରେ ହାଜର କରାଯାଇଥିଲା। ୮୦ ଦଶକରେ ମିର୍ ଆତଙ୍କବାଦୀ ସଂଗଠନରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ କଶ୍ମୀରର ଜଳଯୋଗାଣ ବିଭାଗରେ କାର୍ଯ୍ୟ କରୁଥିଲେ। ୧୯୯୦ ଜାନୁୟାରୀ ୨୫ରେ ଶ୍ରୀନଗରର ରାୱଲପୋରାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସ୍କ୍ୱାଡ୍ରନ୍ ଲିଡର ରବି ଖାନ୍ନାଙ୍କ ସମେତ ୪ ବାୟୁସେନା କର୍ମଚାରୀ ନିହତ ହେବା ସହ ୪୦ ଆହତ ହୋଇଥିଲେ। ଏହି ଆକ୍ରମଣ ଘଟଣାରେ ଜେକେଏଲ୍ଏଫ୍ ମୁଖ୍ୟ ୟାସିନ ମଲିକଙ୍କ ସମେତ ମିର୍ ଅଭିଯୁକ୍ତ ଥିଲେ।




ବେଲ୍‌ଜିୟମ୍ ରାଜଧାନୀ ବ୍ରସେଲ୍ସରେ ବ୍ରେକ୍‌ଜିଟ୍ ବିରୋଧୀ ବ୍ରିଟିଶ୍ ନାଗରିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମସ୍‌ଜିଦରେ ବିସ୍ଫୋରଣ: ୨୯ ନିହତ

**ଜଲାଲାବାଦ,୧୮।୧୦(ଏଏଫ୍‌ପି):** ଆଫଗାନିସ୍ତାନର ଏକ ମସ୍‌ଜିଦରେ ଶୁକ୍ରବାର ଆତଙ୍କବାଦୀଙ୍କ ଆକ୍ରମଣରେ ୨୯ ଶ୍ରଦ୍ଧାଳୁ ନିହତ ହୋଇଛନ୍ତି। ଏହାସହ ଶତାଧିକ ଆହତ ହୋଇଛନ୍ତି। ନଙ୍ଗରହାର ପ୍ରଦେଶର ହସ୍କା ମିନା ଜିଲାସ୍ଥିତ ମସ୍‌ଜିଦରେ ନମାଜପାଠ ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିବାବେଳେ ହଠାତ୍ ବିସ୍ଫୋରଣରେ ଏହାର ଛାତ ଉଡ଼ିଯାଇଥିଲା। ଆକ୍ରମଣରେ ୨୯ ନିହତ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ଆଫଗାନିସ୍ତାନ ହିଂସାକୁ ନେଇ ଜାତିସଂଘ ଚିନ୍ତାବ୍ୟକ୍ତ କରିବା ଦିନକ ପରେ ମସ୍‌ଜିଦକୁ ଟାର୍ଗେଟ କରାଯାଇଛି।

# ହିନ୍ଦୁବାଦୀ ନେତାଙ୍କୁ ହତ୍ୟା

**ଲକ୍ଷ୍ନୌ,୧୮।୧୦(ପି.ଟି.)**



କମଲେଶ ତିୱାରୀ

ହିନ୍ଦୁ ମହାସଭାର ପୂର୍ବତନ ନେତା ତଥା ହିନ୍ଦୁ ସମାଜ ଅଧ୍ୟକ୍ଷ କମଲେଶ ତିୱାରୀଙ୍କୁ ଲକ୍ଷ୍ନୌରେ ସ୍ପଷ୍ଟ ଦିବାଲୋକରେ ଗୁଳିକରି ହତ୍ୟା କରାଯାଇଛି। ଏହାକୁ ମିଶାଇ ୟୁପିରେ ଗତ ୧୦ ଦିନ ମଧ୍ୟରେ ୪ ଜଣ ଦକ୍ଷିଣପନ୍ଥୀ ନେତାଙ୍କୁ ହତ୍ୟା କରାଗଲାଣି।

କମଲେଶ ଶୁକ୍ରବାର ନାକା ହିନ୍ଦୋଲା ଅଞ୍ଚଳସ୍ଥିତ ନିଜ ବାସଭବନରେ ଥିବାବେଳେ ୨ ଜଣ ଗେରୁଆ ବସ୍ତ୍ରଧାରୀ ଦୁର୍ବୃତ୍ତ ସେଠାକୁ ମିଷ୍ଟାନ୍ନ ଦେବା ବାହାନାରେ ଯାଇଥିଲେ। ସେମାନେ କମଲେଶଙ୍କ ସହ କଥା ହେବାବେଳେ ଏକ ବାକ୍ସ ଖୋଲିଥିଲେ। ସେଥିରୁ ବନ୍ଧୁକ ବାହାର କରି କମଲେଶଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ତାଙ୍କୁ ଏକ ହସ୍ପିଟାଲର ଟ୍ରମା ସେଣ୍ଟରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ହତ୍ୟାକାରୀଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିବା ଲକ୍ଷ୍ନୌ ଏସ୍‌ପି କଳାନିଧି ନୈଥାନି ସୂଚନା ଦେଇଛନ୍ତି। ପୂର୍ବରୁ ହିନ୍ଦୁ ମହାସଭାର ନେତା ଥିବା କମଲେଶ ୨୦୧୭ ଜାନୁୟାରୀରେ ହିନ୍ଦୁ ସମାଜ ପାର୍ଟି ଗଠନ କରିଥିଲେ। ସେ ଅନେକ ସମୟରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିଲେ। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ମଧ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଜାତୀୟ ନିରାପତ୍ତା ଆଇନ (ଏନ୍ଏସ୍ଏ) ବଳରେ ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ନିକଟରେ ଆହ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ତାଙ୍କ ବିରୋଧରେ ଏନ୍ଏସ୍ଏ ପ୍ରତ୍ୟାହାର କରିଥିଲେ। ଉତ୍ତରପ୍ରଦେଶରେ ଚଳିତମାସରେ ଏହା ହେଉଛି ଚତୁର୍ଥ ଦକ୍ଷିଣପନ୍ଥୀ ନେତାଙ୍କ ହତ୍ୟା। ଅକ୍ଟୋବର ୮ରେ ଭାଜପା ନେତା ଯଶପାଲ ସିଂଙ୍କୁ ଦେଓବନ୍ଦରେ ସମାନ ଶୈଳୀରେ ହତ୍ୟା କରାଯାଇଥିଲା। ୧୦ ତାରିଖରେ କବୀର ତିୱାରୀ ନାମକ ଜଣେ ଭାଜପା ନେତାଙ୍କୁ ବସ୍ତିରେ ଗୁଳିକରି ହତ୍ୟା କରାଯାଇଥିଲା। ସେହିପରି ୧୩ ତାରିଖରେ ଦେଓବନ୍ଦରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଭାଜପା କର୍ପୋରେଟର ଧାରା ସିଂ ଟଳିପଡ଼ିଥିଲେ।

## ଇତିହାସର ଆଇନାରେ

### ଅକ୍ଟୋବର ୧୯ର ପ୍ରମୁଖ ଘଟଣା

୨୦୦୫ ଅକ୍ଟୋବର ୧୯ରେ ଇରାକର ତତ୍କାଳୀନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ ବିରୋଧରେ ବାଗ୍‌ଦାଦସ୍ଥିତ କୋର୍ଟହାଉସ୍‌ରେ ଶୁଣାଣି ଆରମ୍ଭ ହୋଇଥିଲା। ଆମେରିକା ଦ୍ୱାରା ଗିରଫ ହେବା ପରେ ଇରାକ-ଇରାନ ଯୁଦ୍ଧ, କୁର୍ଦ୍ଦଙ୍କ ବିରୋଧରେ ସଂଘର୍ଷ ଓ ମାନବବାଦ ବିରୋଧରେ ସେ କରିଥିବା ଅପରାଧ ଲାଗି ତାଙ୍କୁ ଦଣ୍ଡ ମିଳିଥିଲା।

୨୦୧୨ ଅକ୍ଟୋବର ୧୯ରେ ଲେବାନନ୍‌ର ବେରୁଟରେ ଏକ କାର୍ ବୋମା ବିସ୍ଫୋରଣ ହେବାରୁ ଏଥିରେ ଲେବାନନ୍ ଆଇଏସ୍ଏଫ୍‌ର ବ୍ରିଗେଡିୟର ଜେନେରାଲ ୱିସାମ୍ ଅଲ୍ ହାସନ୍‌ଙ୍କ ସମେତ ୮ ଜଣ ପ୍ରାଣ ହରାଇଥିଲେ। ଏହି ବିସ୍ଫୋରଣ ପଛରେ ସିରିଆର ହାତ ଥିବା ସନ୍ଦେହ କରାଯାଇଥିଲା। ଏହି ବିସ୍ଫୋରଣରେ ୧୧୦ ଜଣ ଆହତ ହୋଇଥିଲେ।

# ବାଚସ୍ପତିଙ୍କୁ ୬ ମାସ ଜେଲ

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**



ଦିଲ୍ଲୀ ବିଧାନସଭା ବାଚସ୍ପତି ରାମନିବାସ ଗୋଏଲ୍‌ଙ୍କୁ ଶୁକ୍ରବାର ଏକ ଅଦାଲତ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୫ରେ ପୂର୍ବଦିଲ୍ଲୀ କଲୋନୀରେ ଥିବା ଜଣେ ରିଏଲ୍‌ଟରଙ୍କ ଘରେ ଅନଧିକାର ପ୍ରବେଶ କରିବା ଅଭିଯୋଗରେ ଗୋଏଲ ଓ ଅନ୍ୟ ୪ ଜଣଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମର ବିଶାଲ ଦୋଷୀସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ଏଥିସହିତ ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି। ରାୟ ବିରୋଧରେ ଉଚ୍ଚ ଅଦାଲତକୁ ଯିବା ଲାଗି ଅଭିଯୁକ୍ତମାନଙ୍କୁ ଲକ୍ଷେ ଟଙ୍କା ଲେଖାଏ ବ୍ୟକ୍ତିଗତ ବଣ୍ଡରେ ଜାମିନରେ ଛଡ଼ାଯାଇଛି। ମନୀଷ୍ ଘାଇ ନାମକ ବିଲ୍ଡର ଗୋଏଲଙ୍କ ବିରୋଧରେ ଏତଲା ଦେଇଥିଲେ। ଏତଲା ଅନୁଯାୟୀ ୨୦୧୫ ଦିଲ୍ଲୀ ବିଧାନସଭା ନିର୍ବାଚନର ଦିନକ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୬ ରାତିରେ ଗୋଏଲ ଓ ତାଙ୍କ ସମର୍ଥକମାନେ ଘାଇଙ୍କ ବିବେକ ବିହାରସ୍ଥିତ ବାସଭବନ ଉପରେ ଚଢ଼ାଉ କରିଥିଲେ। ଘାଇ ଭୋଟରଙ୍କ ମଧ୍ୟରେ ବାଣ୍ଟିବା ଲାଗି ମଦ ଓ କମ୍ବଳ ଗଚ୍ଛିତ ରଖିଥିବା ସେମାନେ ଅଭିଯୋଗ କରିଥିଲେ।

# ସୈନିକ ସ୍କୁଲରେ ପଢ଼ିବେ ଛାତ୍ରୀ

**ମୁମ୍ବାଇ,୧୮।୧୦**




### ପ୍ରସ୍ତାବକୁ ପ୍ରତିରକ୍ଷାମନ୍ତ୍ରୀଙ୍କ ମଞ୍ଜୁରୀ

ଆଗାମୀ ୨୦୨୧-୨୨ ଶିକ୍ଷାବର୍ଷରୁ ପର୍ଯ୍ୟାୟକ୍ରମେ ଦେଶର ସୈନିକ ସ୍କୁଲ୍‌ଗୁଡ଼ିକରେ ଝିଅମାନେ ପଢ଼ିବାର ସୁଯୋଗ ପାଇବେ। ସୈନିକ ସ୍କୁଲ୍‌ରେ ଝିଅଙ୍କ ନାମଲେଖା ପ୍ରସ୍ତାବକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଦୁଇବର୍ଷ ପୂର୍ବେ ମିଜୋରାମର ଛିଙ୍ଗଛିପ୍ ସୈନିକ ସ୍କୁଲରେ ଝିଅମାନଙ୍କ ନାମଲେଖା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଆରମ୍ଭ କରିଥିବା ପାଇଲଟ ପ୍ରକଳ୍ପ ସଫଳ ହେବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା କରିବା ସହ ସୈନିକ ସ୍କୁଲ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ମହିଳା କର୍ମଚାରୀଙ୍କୁ ନିୟୋଜିତ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ସହ ଲିଙ୍ଗଗତ ସମାନତା, ସଶସ୍ତ୍ର ବଳରେ ମହିଳାମାନଙ୍କ ଯୋଗଦାନ ବୃଦ୍ଧି ଏବଂ ବେଟୀ ବଚାଓ ବେଟୀ ପଢ଼ାଓ ନୀତିକୁ ଅଧିକ ସୁଦୃଢ଼ କରିବାକୁ ଚାହୁଁଥିବାରୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ଭାରତର 'ବେଟୀ ବଚାଓ ବେଟୀ ପଢ଼ାଓ' ପଦକ୍ଷେପ ସାରା ବିଶ୍ୱରେ ପ୍ରଶଂସିତ ହୋଇଛି।

ସଶସ୍ତ୍ର ବଳ ପାଇଁ କ୍ୟାଡେଟ୍ ପ୍ରସ୍ତୁତ କରିବାରେ ସୈନିକ ସ୍କୁଲଗୁଡିକ୍ ଫିଡର ଅନୁଷ୍ଠାନ ଭାବେ କାର୍ଯ୍ୟ କରୁଥିଲାବେଳେ ଏଥିରେ କେବଳ ପୁଅମାନେ ପଢ଼ିବାର ସୁଯୋଗ ପାଉଥିଲେ। ଝିଅମାନଙ୍କୁ ସେଠାରେ ପଢ଼ାଇବାର ସୁଯୋଗ ଦେବା ଲାଗି ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଶେଷରେ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ପ୍ରଦାନ କରିଥିବାରୁ ଏହା ଏକ ଐତିହାସିକ ପରିବର୍ତ୍ତନ ବୋଲି କୁହାଯାଉଛି। ରାଜ୍ୟ ସରକାର ମଧ୍ୟ ସୈନିକ ସ୍କୁଲଗୁଡ଼ିକୁ ଭିତ୍ତିଭୂମିର ବିକାଶ ଲାଗି କହିସାରିଲେଣି। ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା ହୋଇଯିବା ପରେ ଝିଅମାନଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ।



ଯେତେବେଳେ ଆମେ ଏକାଠି ହେଉ, କରିନା କପୁରଙ୍କ ଲୁକ୍ ଓ ତାଙ୍କ କଥା କହିବାର ଶୈଳୀ ମୋତେ ସବୁବେଳେ ଉତ୍ସାହିତ କରିଥାଏ।

- ରବିନା ଟଣ୍ଡନ, ବଲିଉଡ ଅଭିନେତ୍ରୀ



# ଆରମ୍ଭ ହେଲା ସର୍ବବୃହତ୍ ଫିଟ୍‌ନେସ୍ ଚ୍ୟାଲେଞ୍ଜ

**ଦୁବାଇ:** ଦୁବାଇ। ଲକ୍ସ୍ୟୁରି ଶପିଂ, ଅଲଟ୍ରାମଡର୍ନ ଆର୍କିଟେକ୍ଚର ଏବଂ ନାଇଟ୍ ଲାଇଫ୍ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱପ୍ନର ସହର। ମାତ୍ର ୫୦ ବର୍ଷ ଭିତରେ ପୃଥିବୀର ସମୃଦ୍ଧିଶାଳୀ ସହର ତାଲିକାରେ ନିଜ ନାମ ଯୋଡ଼ିପାରିଥିବା ଦୁବାଇରେ ରହିଛି ପର୍ଯ୍ୟଟନର ଅନନ୍ୟ ବିଭବ। ଆଉ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ବର୍ଷତମାମ ଆୟୋଜିତ ହୋଇଥାଏ ବିଭିନ୍ନ କାର୍ଯ୍ୟକ୍ରମ। ଏହିକ୍ରମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦୁନିଆର ସର୍ବବୃହତ୍ ସିଟି ୱାଇଡ୍ ଇଭେଣ୍ଟ ଦୁବାଇ ଫିଟ୍‌ନେସ୍ ଚ୍ୟାଲେଞ୍ଜ (ଡିଏଫ୍‌ସି-୨୦୧୯)। ଦୁବାଇକୁ ସ୍ୱାସ୍ଥ୍ୟବାନ୍ ଏବଂ ଏଠାକାର ଲୋକଙ୍କୁ ସକ୍ରିୟ କରି ଗଢ଼ିତୋଳିବା ଲକ୍ଷ୍ୟନେଇ ୨୦୧୭ରୁ ଆୟୋଜିତ ହେଉଥିବା ଏଭଳି ଅଭିନବ କାର୍ଯ୍ୟକ୍ରମର ଏହା ହେଉଛି ୩ୟ ସଂସ୍କରଣ। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଭାଗନେବେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଦୈନିକ ୩୦ ମିନିଟ୍‌ର ୱାର୍କ ଆଉଟ୍ ହେବ।

**ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଦୁନିଆର ସର୍ବବୃହତ୍ ସିଟି ୱାଇଡ୍ ଇଭେଣ୍ଟ ଦୁବାଇ ଫିଟ୍‌ନେସ୍ ଚ୍ୟାଲେଞ୍ଜ (ଡିଏଫ୍‌ସି-୨୦୧୯)। ଦୁବାଇକୁ ସ୍ୱାସ୍ଥ୍ୟବାନ୍ ଏବଂ ଏଠାକାର ଲୋକଙ୍କୁ ସକ୍ରିୟ କରି ଗଢ଼ିତୋଳିବା ଲକ୍ଷ୍ୟନେଇ ୨୦୧୭ରୁ ଆୟୋଜିତ ହେଉଥିବା ଏଭଳି ଅଭିନବ କାର୍ଯ୍ୟକ୍ରମର ଏହା ହେଉଛି ୩ୟ ସଂସ୍କରଣ। ଏଥିରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଭାଗନେବେ। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ଦୈନିକ ୩୦ ମିନିଟ୍‌ର ୱାର୍କ ଆଉଟ୍ ହେବ।**



## ସ୍ୱାସ୍ଥ୍ୟପ୍ରଦ ଦୁବାଇ ପରିକଳ୍ପନା

୨୦୧୭ରେ ଦୁବାଇର ପ୍ରିନ୍ସ ମହମ୍ମଦ ରଶିଦ ଅଲ୍ ମକ୍ତୁମ୍‌ଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏପରି ଏକ ନିଆରା ଅଭିଯାନ ଆରମ୍ଭ ହୋଇଥିଲା। ସେ ଚାହୁଁଥିଲେ ଦୁବାଇରେ ରହୁଥିବା ବାସିନ୍ଦା ଫିଟ୍‌ନେସ୍‌କୁ ଗୁରୁତ୍ୱ ଦିଅନ୍ତୁ। ପ୍ରିନ୍ସଙ୍କ ଉଦ୍ଦେଶ୍ୟକୁ ଫଳପ୍ରସୂ କରିବାକୁ ପ୍ରତିବର୍ଷ ମାସାଧିକ କାଳ ଏଠାରେ ଏକ୍ସରସାଇଜ ଇଭେଣ୍ଟ କରାଯାଉଛି। ଚଳିତବର୍ଷ ଇଭେଣ୍ଟକୁ ସୁରୁଖୁରୁରେ କରିବାକୁ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇଛି। ଏଥିରେ ପର୍ଯ୍ୟଟକ ମଧ୍ୟ ଭାଗ ନେଇପାରିବେ। ଏହାକୁ ବାଦ୍ ଦେଲେ ସମୁଦ୍ର କୂଳରେ ଖେଳକୁଦ, ଯୋଗ, ଧ୍ୟାନ, ବକ୍ସିଂ, ମାର୍ଶାଲ ଆର୍ଟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ୨ଟି ଫିଟନେସ୍ ଭିଲେଜ ତିଆରି ହୋଇଛି। ଏଥିସହ ୪୦ ଇଭେଣ୍ଟ ଏବଂ ୫ ହଜାର ମାଗଣା ପ୍ରଶିକ୍ଷଣ କ୍ଲାସର ଆୟୋଜନ କରାଯାଇଛି।

ଏଥିରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀଙ୍କୁ ଯେପରି କୌଣସି ସମସ୍ୟା ନ ହୁଏ, ସେଥିଲାଗି ଆପ୍ ରହିଛି। କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ ଏଥିରେ ସଙ୍ଗେ ସେଙ୍ଗ ଇଭେଣ୍ଟ ବିଷୟରେ ସବିଶେଷ ବିବରଣୀ ଉପଲବ୍ଧ ହୋଇଯିବ। ଏହାପରେ ଜଣେ ନିଜ ଇଚ୍ଛା ଅନୁସାରେ ଇଭେଣ୍ଟରେ ଭାଗ ନେଇପାରିବେ। ଅଭିଯାନର ପ୍ରଥମ ସଂସ୍କରଣରେ ୭.୮ ଲକ୍ଷ ଏବଂ ଦ୍ୱିତୀୟ ସଂସ୍କରଣରେ ୧୦ ଲକ୍ଷ ଜନସାଧାରଣ ଭାଗ ନେଇଥିଲେ।

# କାର୍ତ୍ତିକ-ସାରାଙ୍କ ବ୍ରେକ୍‌ଅପ୍

**ମୁମ୍ବାଇ:** ବଲିଉଡ୍ ଷ୍ଟାର୍ ସାରା ଅଲି ଖାନ୍ ଏବଂ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଫ୍ୟାନ୍ସଙ୍କ ପାଇଁ ଏକ ଦୁଃଖ ଖବର। ବଲିଉଡ୍‌ର ଏହି କ୍ୟୁଟ୍ ଲଭ୍-ବାର୍ଡଙ୍କ ବ୍ରେକ୍‌ଅପ୍ ହୋଇଯାଇଥିବା ଶୁଣାଯାଉଛି। ବ୍ୟସ୍ତତା ଓ ସମୟ ଅଭାବ କାରଣରୁ ଏମାନଙ୍କ ବ୍ରେକ୍‌ଅପ୍ ହୋଇଯାଇଥିବା ଜଣାପଡ଼ିଛି। ସାରା ଏକ ସାକ୍ଷାତ୍‌କାରରେ କାର୍ତ୍ତିକ ତାଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ପସନ୍ଦ ବୋଲି କହିବାପରେ କାର୍ତ୍ତିକ ମଧ୍ୟ ଏକ ସାକ୍ଷାତ୍‌କାରରେ ସାରା ତାଙ୍କୁ ପସନ୍ଦ ବୋଲି କହିଥିଲେ। ଏହାପରେ ବିଭିନ୍ନ ସ୍ଥାନରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉଭୟଙ୍କ ରିଲେସନଶିପ୍ ଚର୍ଚ୍ଚା ମଧ୍ୟ ଜୋର୍ ଚାଲିଲା। ହେଲେ ଏବେ ନିଜ ନିଜର ବ୍ୟସ୍ତ ଜୀବନଶୈଳୀ ଯୋଗୁ ଉଭୟେ ଅଲଗା ହୋଇଯାଇଥିବା ଜଣାପଡ଼ିଛି। ତେବେ ବ୍ରେକ୍‌ଅପ୍ ପୂର୍ବରୁ ଉଭୟେ ରିଲେସନଶିପ୍ ବଜାୟ ରଖିବାକୁ ଚେଷ୍ଟା ମଧ୍ୟ କରିଥିଲେ। ଦୁହେଁ ପରସ୍ପରର ଶୁଟିଂ ସେଟ୍‌କୁ ଯାଇ ଦେଖା କରୁଥିଲେ। ବ୍ୟସ୍ତତା ମଧ୍ୟରେ ବି ପରସ୍ପର ପାଇଁ ସମୟ ବାହାର କରିବାକୁ ଚେଷ୍ଟା କରୁଥିଲେ। ହେଲେ ଏପରି କରିବା ଦ୍ୱାରା ସେମାନେ କ୍ୱାଲିଟି ଟାଇମ୍ ପାଇପାରିଲେ ନାହିଁ। ଏବେ ଏକ ସୂତ୍ରରୁ ଜଣାପଡ଼ିଛି, ଏଭଳି ରିଲେସନଶିପ୍‌ରେ ନ ରହି କେବଳ ବନ୍ଧୁ ହୋଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି କାର୍ତ୍ତିକ-ସାରା। କୌଣସି ତିକ୍ତତା ନ ଥାଇ ପରସ୍ପର ସହ ବୁଝାମଣାରେ ଏହି ବ୍ରେକ୍‌ଅପ୍ ହୋଇଛି। ଆଗକୁ କେବଳ ବନ୍ଧୁ ହୋଇ ରହିବେ ଏବଂ କ୍ୟାରିୟର ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛନ୍ତି କାର୍ତ୍ତିକ-ସାରା। ଅନ୍ୟପକ୍ଷରେ ଫିଲ୍ମ 'ଆଜ୍ କଲ୍'ରେ ଏମାନଙ୍କୁ ଏକାଠି ଦେଖିବାକୁ ମିଳିବ। ଫିଲ୍ମର ପ୍ରମୋଶନ ପାଇଁ ସେମାନେ ପ୍ରସ୍ତୁତ ହେଉଛନ୍ତି। ଏହାପରେ କାର୍ତ୍ତିକ ଫିଲ୍ମ 'ଦୋସ୍ତାନା-୨' ଓ ସାରା 'କୁଲି ନମ୍ବର ୧' ଫିଲ୍ମ ପାଇଁ ବ୍ୟସ୍ତ ରହିବେ।





## ହଷ୍ଟେଲରୁ ଖାଦ୍ୟ ଚୋରି

# ଛାତ୍ରଙ୍କୁ ୨୦ ହଜାର ଜରିମାନା

**ଲକ୍ଷ୍ନୌ :** ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଘଟିଛି ଅଜବ ଘଟଣା। ଭୋକରେ ଥିବା ଜଣେ ଛାତ୍ର ହଷ୍ଟେଲରୁ ଖାଦ୍ୟ ଚୋରିକରି ଖାଇବାରୁ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଲଗାଯାଇଛି। ବି.ଏ. ଦ୍ୱିତୀୟ ବର୍ଷରେ ପଢ଼ୁଥିବା ଆୟୁଷ ସିଂ ନାମକ ଛାତ୍ରଙ୍କୁ ଏଭଳି ଜରିମାନା ଲଗାଯାଇଥିବାବେଳେ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ସେଣ୍ଟ୍ରାଲ ମେସ୍‌ରେ ବିଭିନ୍ନ ସମୟରେ ନାମ ବଦଳାଇ ଛାତ୍ରମାନେ ଅନ୍ୟର ମିଲ୍ ଖାଉଥିବାବେଳେ ନିରୀକ୍ଷକ ଆୟୁଷଙ୍କ ଉପରେ ଏଭଳି ମୋଟା ଅଙ୍କର ଜରିମାନା ଲଗାଇଥିବା କୁହାଯାଉଛି।

ସେପ୍ଟେମ୍ବର ୩ରେ ଘଟିଛି ଏଭଳି ଅଜବ ଘଟଣା। ସେଣ୍ଟ୍ରାଲ ମେସ୍‌କୁ ଯାଇ ଭୋକିଲା ଥିବା ଆୟୁଷ ଲଞ୍ଚ୍ କରିଥିଲେ। କେବଳ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଏଠାକାର ଖାଦ୍ୟ ଉଦ୍ଦିଷ୍ଟ ଥିବାବେଳେ ନିରୀକ୍ଷକ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଆୟୁଷ ନିଜର ଏଭଳି ଭୁଲ୍ ପାଇଁ କ୍ଷମା ମାଗିବା ସହ ଆଉ ଏମିତି କରିବେନି ବୋଲି କହିଥିଲେ ହେଁ ପେଟର ଭୋକ ଲାଗି ଏଭଳି ପଦକ୍ଷେପ ନେଇଥିବା ପ୍ରକାଶ କରିଥିଲେ। ତଥାପି ନିରୀକ୍ଷକ ପ୍ରଫେସର ବିନୋଦ କୁମାର ସିଂ ଏନେଇ ଏକ ନୋଟିସ ଜାରି କରି ସପ୍ତାହକ ମଧ୍ୟରେ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା କରା ନ ଗଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତାଙ୍କ ବିରୋଧରେ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ସାମାନ୍ୟ ଭୁଲ ଲାଗି ଏତେ ପରିମାଣର ଜରିମାନାକୁ ନେଇ ଆୟୁଷଙ୍କ ସହପାଠୀମାନେ ସ୍ୱର ଉଠାଇଥିବା ଜଣାପଡ଼ିଛି।



## ପୁସ୍ତକ 'ଦି ଆବ୍‌ସେଣ୍ଟ ଡାଇଲଗ୍'ରେ ଯୁକ୍ତି

# ସଶସ୍ତ୍ର ବଳର ନେତୃତ୍ୱ ନେବାରେ ସକ୍ଷମ ନ ଥିଲେ ନେହେରୁ

**ନୂଆଦିଲ୍ଲୀ,୧୮।୧୦:** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସଶସ୍ତ୍ର ବଳର ନେତୃତ୍ୱ ନେବାକୁ ସକ୍ଷମ ନ ଥିଲେ ଅଥବା ତାକୁ ଦକ୍ଷତାର ପରିଚଳାନା କରି ନ ଥିଲେ ବୋଲି ଏକ ନୂଆ ପୁସ୍ତକରେ ଯୁକ୍ତି ବଢ଼ାଯାଇଛି। ଅଙ୍କିତ ମୁଖାର୍ଜୀଙ୍କ ଲିଖିତ ପୁସ୍ତକ 'ଦି ଆବ୍‌ସେଣ୍ଟ ଡାଇଲଗ୍' ଭାରତର ରାଜନେତା, ଅମଲାତନ୍ତ୍ରୀ ଓ ସେନା ମଧ୍ୟରେ ଥିବା ମାନସିକ ବ୍ୟବଧାନ ସମ୍ପର୍କରେ ଆଲୋକପାତ କରିଛି। ଉକ୍ତ ପୁସ୍ତକରେ ଉଲ୍ଲେଖ କରାଯାଇଛି ଯେ, ସେନା ସହ ନେହେରୁଙ୍କ ସମ୍ପର୍କ ଏବେ ବିତର୍କର ବିଷୟ। ସେନାରେ ଥିବା ଅନେକଙ୍କ ମତରେ ରାଷ୍ଟ୍ରନିର୍ମାଣରେ ସେମାନଙ୍କ ଅବଦାନକୁ ନ୍ୟୂନ କରିଦେବା ଲାଗି ନେହେରୁ ହିଁ ବ୍ୟକ୍ତିଗତ ଭାବେ ଦାୟୀ। ଏପରି କି ସେମାନଙ୍କୁ ରାଜନୀତିରେ ଭୂମିକା ଦେବା ପାଇଁ ନେହେରୁ ମନାକରିଦେଇଥିବାରୁ ୧୯୬୨ ଯୁଦ୍ଧରେ ଭାରତକୁ ଅପମାନଜନକ ପରାଜୟର ସ୍ୱାଦ ଚାଖିବାକୁ ମିଳିଥିଲା। ଏଥିଯୋଗୁ ନେହେରୁ ଅନେକ ସମୟରେ ଭାରତର ପ୍ରତିରକ୍ଷା ସମୁଦାୟର ତିରସ୍କାର ପାତ୍ର ହୋଇଥାନ୍ତି। ଏନେଇ ଉକ୍ତ ପୁସ୍ତକରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।




## ମୋଟା ହେଲେ ଦେବାକୁ ପଡ଼େ ଜରିମାନା



**ଟୋକିଓ:** ଜାପାନରେ ମେଦବହୁଳ ହେବା ଏକ ଅପରାଧ। ଦେଶର ପ୍ରଚଳିତ ଆଇନ ଅନୁସାରେ ମୋଟା ବ୍ୟକ୍ତିଙ୍କ ପ୍ରତି ଦଣ୍ଡବିଧାନ କରାଯାଇଥାଏ। ଏଠାରେ ୪୦ ବର୍ଷରୁ ଅଧିକ ବୟସ୍କ ପୁରୁଷ ମାନଙ୍କ ଅଣ୍ଟା ୩୨ ଇଞ୍ଚ ଏବଂ ମହିଳା ମାନଙ୍କର ଅଣ୍ଟା ୩୬ ଇଞ୍ଚ ମଧ୍ୟରେ ରହିବା ପାଇଁ ନିୟମ ରହିଛି। ଅଣ୍ଟାର ଚଉଡ଼ା ଏହି ନିର୍ଦ୍ଦିଷ୍ଟ ମାପ କିମ୍ବା ଏଥିରୁ ଅଧିକ ହେଲେ ଏହା ଆଇନ ଅନୁଯାୟୀ ଅପରାଧ। ପତଳା ଓ ଫିଟ୍ ରହିବାକୁ ଏଠାରେ ସଭିଙ୍କୁ ପସନ୍ଦ କରାଯାଇଥାଏ। ଅଧିକ ଖାଦ୍ୟ ଖାଇଲେ ଦେଶର ସମ୍ପତ୍ତି ନଷ୍ଟ ହୋଇଥାଏ ବୋଲି ଏଠାକାର ଲୋକେ ବିଶ୍ୱାସ କରନ୍ତି। ଏଠାରେ ମୋଟା ଲୋକଙ୍କୁ ଜରିମାନା ଦେବାକୁ ପଡ଼ିଥାଏ।



# ଲାଳରୁ ଦୂର ହୁଏ ରୋଗ

**ନୂଆଦିଲ୍ଲୀ:** ଆମ ମୁଖ ଭିତରେ ଏକ ଲକ୍ଷରୁ ଅଧିକ ଲାଳଗ୍ରନ୍ଥି ରହିଛି। ଏହି ଗ୍ରନ୍ଥି ଦ୍ୱାରା ପାଟିରେ ଲାଳ ତିଆରି ହୁଏ। ଲାଳ ଯୋଗୁ ମଣିଷ ଶରୀରରେ ଦେଖାଦେଉଥିବା ଶହେରୁ ଅଧିକ ପ୍ରକାର ରୋଗ ଦୂର ହୋଇଥାଏ। ସକାଳେ ଉଠି ଅଧୁଆ ମୁହଁରେ ପୁରାତନ ଘା'ରେ ଲାଳ ଲଗାଇଲେ କିଛି ଦିନ ମଧ୍ୟରେ ଏହା ଭଲ ହୋଇଥାଏ। ସେହିପରି ଏହାକୁ ଆଖିରେ କଜଳ ପରି ଲଗାଇଲେ ସମସ୍ତ ପ୍ରକାର ଆଖି ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଲାଳ ଚର୍ମ ରୋଗ ପାଇଁ ବେଶ୍ ଉପକାରୀ। ମୁହଁ ଧୋଇବା ପୂର୍ବରୁ ଗୋଟେ ଗ୍ଲାସ୍ ପାଣି ପିଇଲେ ପାଟିରେ ଥିବା ଲାଳପେଟ ଭିତରକୁ ଯାଇଥାଏ। ଏହା ବିଭିନ୍ନ ପ୍ରକାର ପେଟ ସମସ୍ୟାକୁ ଦୂର କରି ଯୁବସୁଲଭ ଠାଣି ବଜାୟ ରଖେ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।

## ବଜାରକୁ ଆସିଲା 'ଇଟ୍ କପ୍'

# କଫି ପିଇ ସାରିଲେ କପ୍‌କୁ ଖାଇପାରିବେ



**ହାଇଦ୍ରାବାଦ:** ଦେଶବ୍ୟାପୀ ପ୍ଲାଷ୍ଟିକ୍ ବ୍ୟାନ୍ ହେବା ପରେ ପରିବେଶ ଉପଯୋଗୀ ବିଭିନ୍ନ ସାମଗ୍ରୀ ବଜାରରେ ଦେଖିବାକୁ ମିଳୁଛି। ବଜାରରେ ଏଭଳି ସାମଗ୍ରୀର ଚାହିଦା ମଧ୍ୟ ବଢ଼ୁଛି। ଏହାଭିତରେ ହାଇଦ୍ରାବାଦ୍‌ର ଏକ କମ୍ପାନୀ ଏଭଳି ଏକ କପ୍ ତିଆରି କରିଛି, ଯେଉଁଥିରେ ଥଣ୍ଡା କିମ୍ବା ଗରମ ପାନୀୟ ପିଇବା ପରେ କପ୍‌କୁ ଫୋପାଡ଼ିବା ବଦଳରେ ଖାଇହେବ। ମଞ୍ଜି ଜାତୀୟ ଶସ୍ୟରେ ତିଆରି ଏହି କପ୍‌ରେ ସବୁ ପ୍ରକାରର ପାନୀୟ ପଦାର୍ଥ ରଖିହେବ। ଲୋକେ ଏହାକୁ ବ୍ୟବହାର କରିବା ପରେ ଖାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କପ୍‌କୁ ନେଇ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। ହାଇଦ୍ରାବାଦର ଏକ ଘରୋଇ କମ୍ପାନୀ ପକ୍ଷରୁ ଏହି କପ୍ ତିଆରି କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା କଥା ହେଲା, ଖାଦ୍ୟ ପଦାର୍ଥ ରଖାଯାଉଥିବା ବା ଖାଇବାକୁ ଦିଆଯାଉଥିବା ଥଳୀକୁ ପରବର୍ତ୍ତୀ ସମୟରେ ଫୋପାଡ଼ିବାକୁ ପଡ଼ିଥାଏ। ଏହା ଆମ ସ୍ୱାସ୍ଥ୍ୟ ଓ ପ୍ରକୃତି ଉପରେ କୁପ୍ରଭାବ ପକାଇଥାଏ। କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଅଶୋକ କୁମାର କୁହନ୍ତି, 'ଇଟ୍ କପ୍'କୁ ପ୍ରାକୃତିକ ବୀଜରେ ତିଆରି କରାଯାଇଛି। ଏହାକୁ ପ୍ଲାଷ୍ଟିକ୍ ଓ କାଗଜର ବିକଳ୍ପ ଭାବେ ବ୍ୟବହାର କରିହେବ।

## ସଂକ୍ଷେପରେ

### ଆର୍ଥିକ ସହାୟତା ପାଇଲେ ପଦ୍ମଶ୍ରୀ ଦୈତାରି ନାଏକ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ):** ଓଡ଼ିଶାର ମାଉଣ୍ଟେନ୍‌ମ୍ୟାନ୍ ଭାବେ ପରିଚିତ ପଦ୍ମଶ୍ରୀ ଦୈତାରି ନାଏକଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗତ ଜୁଲାଇ ୮ତାରିଖରେ ରାଜ୍ୟ ସରକାର ଆର୍ଥିକ ଅନଟନରେ ଥିବା ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଥିଲେ। ଏହିକ୍ରମରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ତଳ ବୈତରଣୀ ଗାଁର ଦୈତାରୀ ନାଏକଙ୍କୁ ମାସିକ ୧୦ହଜାର ଟଙ୍କା ଲେଖାଁଏ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମୋଟ ୩୦ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯାଇଛି। ନାଏକଙ୍କ ସମେତ ରାଜ୍ୟର ଅନ୍ୟ ୫ଜଣ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିଙ୍କୁ ମଧ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଆଜି ଅନୁଗୋଳ ପଦଯାତ୍ରାରେ ଯୋଗଦେବେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ):** ଗତ ଅକ୍ଟୋବର ୨ତାରିଖ ୧୫୦ତମ ଗାନ୍ଧୀ ଜୟନ୍ତୀରୁ ଭାଜପା ପକ୍ଷରୁ ଦେଶବ୍ୟାପୀ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଛି । ରାଜ୍ୟରେ ଏହି ପଦଯାତ୍ରାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ଜିଲା ତେଲେଙ୍ଗାପେଣ୍ଠରୁ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ରାଜ୍ୟରେ ସମସ୍ତ ସଂସଦୀୟ ଓ ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ହେଉଛି। ଶନିବାର ସକାଳ ୯ଟାରେ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ଅନୁଗୋଳ ବ୍ଲକ ଅନ୍ତର୍ଗତ ଧକୁଟା ଗ୍ରାମର ଶିବ ମନ୍ଦିରରୁ ପଦଯାତ୍ରା ଆରମ୍ଭ କରିବେ। ଏହି ପଦଯାତ୍ରା ପୁଖୁଟୁଆଁ, ଶଙ୍କରପୁର ଛକ ଦେଇ ଦଳଯାତ୍ରା ପଡିଆରେ ସମାପ୍ତ ହେବ।

### ରାଜ୍ୟପାଳଙ୍କ ଏସ୍କର୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ



**ବାରିପଦା ଅଫିସ,୧୮।୧୦:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଦୁଇଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଅଛନ୍ତି। ରାଜ୍ୟପାଳ ଉଦଳା ଧାନଘେରା ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଶୁକ୍ରବାର ବାରିପଦା ଫେରିବା ବେଳେ ତାଙ୍କର ଏସ୍କର୍ଟ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଖୁଣ୍ଟା ନିକଟସ୍ଥ ପୁରୁଣାପାଣି ଛକଠାରେ ଅପରାହ୍ନ ୨ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଗାଡ଼ିରେ ଥିବା ପ୍ରାୟ ୭ ଜଣ ସୁରକ୍ଷା କର୍ମଚାରୀ ଓ ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ,ଏସ୍କର୍ଟ-୧ ଗାଡ଼ି ସମ୍ମୁଖକୁ ହଠାତ୍ ଜଣେ ସାଇକଲ ଚାଳକ ଚାଲି ଆସିବାରୁ ଡ୍ରାଇଭର ବ୍ରେକ୍ ମାରିଥିଲେ। ଫଳରେ ପଛରେ ଥିବା ଏସ୍କର୍ଟ-୨ ଗାଡ଼ି ପଛପଟୁ ଏସ୍କର୍ଟ-୧ ଗାଡ଼ିକୁ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଡୁକୁରା ଫାଣ୍ଡିରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟପାଳ ଶୁକ୍ରବାର ବାରିପଦାରେ ରାତ୍ରିଯାପନ କରିବେ ଓ ପୁଣି ଶନିବାର ପୂର୍ବାହ୍ନରେ କରଞ୍ଜିଆସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦୁଝର ଜିଲା ଗସ୍ତ କରିବେ।

# ଡାକ୍ତରଖାନା ପରିସରରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର

**ଅନୁଗୋଳ ଅଫିସ, ୧୮।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଶୁକ୍ରବାର ଭୋର ସମୟରେ ଜଣେ ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ଶିଶୁର ଦେହରେ ନାଭି ଲାଗିଥିବାବେଳେ କେହି କପଡାରେ ଗୁଡାଇ ମେଡିକାଲର ପୁରୁଣା ଓଟି(ଏମ୍‌ଆରଆଇ ପାର୍ଶ୍ୱରେ ଥିବା ଔଷଧ ବିତରଣ କେନ୍ଦ୍ର) ସମ୍ମୁଖରେ ଫିଙ୍ଗି ଦେଇଥିବା ଜଣାପଡିଛି। ତେବେ ଶିଶୁକନ୍ୟା ସେଠାକୁ କିପରି ଆସିଲା, କିଏ ଏପରି ଅବସ୍ଥାରେ ଶିଶୁଟିକୁ ଛାଡିଥିବା ସମ୍ପର୍କରେ ମେଡିକାଲ ପ୍ରଶାସନ ନିକଟରେ ଖବର ନ ଥିବା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ମୁତାବକ, ଭୋର ପ୍ରାୟ ସାଢେ ୪ଟାରୁ ସାଢେ ୫ଟା ସମୟରେ ମେଡିକାଲର ସଫେଇ କର୍ମଚାରୀମାନେ ଔଷଧ ବିତରଣ କେନ୍ଦ୍ର ନିକଟରେ ନବଜାତ ଶିଶୁକନ୍ୟାର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସକାଳ ପ୍ରାୟ ୬ଟା ବେଳେ ମୃତଦେହକୁ ସଫେଇ କର୍ମଚାରୀମାନେ ଉଠାଇ ନେଇଥିବା ଜଣାପଡିଛି। ହେଲେ ଏ ସଂକ୍ରାନ୍ତରେ ମେଡିକାଲ ସୁପରଭାଇଜର ସାନ୍ତନୁ କୁମାର ସ୍ୱାଇଁଙ୍କୁ ପଚାରିବାରେ ଏଭଳି କିଛି ଘଟଣା ଡାକ୍ତରଖାନାରେ ଘଟି ନ ଥିବା କହିଛନ୍ତି। ଶିଶୁର ମୃତଦେହକୁ ବାୟୋବର୍ଜ୍ୟ ପରିଚାଳନା ସ୍ଥାନରେ ପକାଯାଇଥିବା ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଏଡିଏମ୍‌ଓ (ମେଡିକାଲ)ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ପଚାରିବାରେ, ଡାକ୍ତରଖାନା ପରିସରରେ ଏଭଳି ଘଟଣା ଘଟିଥିବା ସମ୍ପର୍କରେ ଗଣମାଧ୍ୟମ ନିକଟରୁ ଖବର ପାଇଥିବା ସେ କହିଥିଲେ। କିପରି ମେଡିକାଲ ପରିସରକୁ ମୃତଦେହ ଆସିଲା ସେ ସମ୍ପର୍କରେ ତଦନ୍ତ କରାଯିବ। ମେଡିକାଲରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଏଡିଏମ୍‌ଓ କହିଛନ୍ତି। ଡାକ୍ତରଖାନା ପରିସରରୁ ଶିଶୁକନ୍ୟା ମୃତଦେହ ଉଦ୍ଧାର କରାଯିବା ଓ ସେଠାରୁ ସଫେଇ କର୍ମଚାରୀମାନେ ମୃତଦେହ ସ୍ଥାନାନ୍ତର କରିବା ଘଟଣା କିପରି ଖୋଦ ମେଡିକାଲ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



- ମେଡିକାଲ ପ୍ରଶାସନ ନିକଟରେ ଖବର ନାହିଁ
- ମୃତଦେହ ଉଠାଇଲେ ସଫେଇ କର୍ମଚାରୀ
- ଏଡିଏମ୍‌ଓ କହିଲେ ତଦନ୍ତ ହେବ

## ଓଡ଼ିଶା ଟ୍ରାଭେଲ ବଜାର

# ୫୩ ଷ୍ଟଲ୍‌ରେ ଓଡ଼ିଶା ପର୍ଯ୍ୟଟନ ଉତ୍ପାଦ

**ଭୁବନେଶ୍ୱର,୧୮।୧୦(ବ୍ୟୁରୋ)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ୩ୟ ଥର ପାଇଁ ଚାଲିଥିବା ଓଡ଼ିଶା ଟ୍ରାଭେଲ ବଜାର ଆନୁକୂଲ୍ୟରେ ୫୩ଟି ଷ୍ଟଲ ଖୋଲା ଯାଇଛି। ଶୁକ୍ରବାର ଏହି ଷ୍ଟଲ୍‌ଗୁଡ଼ିକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ଏହି ଷ୍ଟଲ୍‌ଗୁଡ଼ିକୁ ମନ୍ତ୍ରୀ ପାଣିଗ୍ରାହୀ ବୁଲି ଦେଖିବା ସହ ଓଡ଼ିଶାର ପର୍ଯ୍ୟଟନ ସାମଗ୍ରୀ ବିପଣନରେ ନିୟୋଜିତ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାଗୁଡ଼ିକର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସେ ଓଡ଼ିଶା ପର୍ଯ୍ୟଟନର ବ୍ୟାପକ ଅଭିବୃଦ୍ଧି ଦିଗରେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଭାରତର ବିଭିନ୍ନ ରାଜ୍ୟରୁ ୬୦ଜଣ ଆଗଧାଡ଼ିର ଟୁର ଅପରେଟରଙ୍କ ସହ ୨୫ ବିଦେଶୀ ଟୁର୍ ଅପରେଟର ଓଡ଼ିଶା ଟ୍ରାଭେଲ୍ ବଜାରର ତୃତୀୟ ସଂସ୍କରଣରେ ଯୋଗଦେଇଛନ୍ତି। ଓଡ଼ିଶାର ପର୍ଯ୍ୟଟନ ସାମଗ୍ରୀକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି। ରାଜ୍ୟର ଟ୍ରାଭେଲ୍ ଏଜେନ୍ସି, ଟୁର୍ ଅପରେଟର, ହୋଟେଲିୟର ଏବଂ ହସ୍‌ପିଟାଲିଟି ସଂସ୍ଥା ମଧ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରୁଛନ୍ତି। ଶୁକ୍ରବାରଠାରୁ ଦୁଇଦିନ ଧରି ଦେଶର ଟୁର ଅପରେଟରମାନଙ୍କ ସହିତ ବ୍ୟବସାୟିକ ଓ ବୈଷୟିକ ଆଲୋଚନା ତଥା 'ବି-ଟୁ-ବି' (ବିଜ୍‌ନେସ୍ ଟୁ ବିଜ୍‌ନେସ୍) ବୈଠକ ଆରମ୍ଭ ହୋଇଛି। ୨୦ ତାରିଖରେ ବିଦେଶର ଟୁର୍ ଅପରେଟରମାନେ ଟ୍ରାଭେଲ୍ ବଜାରରେ ଯୋଗଦେବେ। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ବିଭବ ପରିଦର୍ଶନ କରିବା ଲାଗି ବିଦେଶୀ ଟୁର ଅପରେଟରମାନଙ୍କୁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ଫ୍ୟାମ୍ ଟ୍ରିପ୍‌ରେ ନିଆଯାଇଛି। ଶୁକ୍ରବାର ଅନୁଷ୍ଠିତ ବ୍ୟବସାୟିକ ଓ ବୈଷୟିକ ଆଲୋଚନାରେ ମନ୍ତ୍ରୀ ପାଣିଗ୍ରାହୀଙ୍କ ସମେତ ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ଜେ.କେ. ମହାନ୍ତି, ଭାରତୀୟ ବାଣିଜ୍ୟ ମହାସଂଘ (ଫିକି)ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଓଡ଼ିଶା ଟ୍ରାଭେଲ ବଜାର ଆନୁକୂଲ୍ୟରେ ଖୋଲିଥିବା ଷ୍ଟଲକୁ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରୁଛନ୍ତି।

**ଆରମ୍ଭ ହେଲା ବି ଟୁ ବି ବୈଠକ**

## ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବିକଲା କଂଗ୍ରେସ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ କଂଗ୍ରେସ ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ସତ୍ୟ ପ୍ରକାଶ ନାୟକ କହିଛନ୍ତି, ସ୍ଥାନୀୟ ପୋଲିସ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ଯେଭଳି ତଦନ୍ତ କରୁଛି ତାହା ସନ୍ଦେହପୂର୍ଣ୍ଣ। ପୋଲିସର କାର୍ଯ୍ୟକଳାପ ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇ ଦେବା ଏବଂ ତଥ୍ୟ ପ୍ରମାଣକୁ ନଷ୍ଟ କଲାଭଳି ପ୍ରତୀୟମାନ ହେଉଛି। କାହିଁକି ଏପର୍ଯ୍ୟନ୍ତ ହରିଦାସପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ଏବଂ ଅନ୍ୟ ୫ ଜଣଙ୍କୁ ପୋଲିସ ଗିରଫ ନ କରି ଅଟକ ରଖିଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁକୁ ଯେଭଳିଭାବେ ଆତ୍ମହତ୍ୟାର ରୂପ ଦିଆଯାଉଛି, ଏହା ପଛରେ ଶାସକ ଦଳର ନେତା ଏବଂ ମାଫିଆଙ୍କ ହାତ ରହିଛି। ମୁଖ୍ୟ ଅଭିଯୁକ୍ତ ଅର୍ଥ ଓ ବାହୁବଳ ଲଗାଇ ତଦନ୍ତକୁ ବାଟବଣା କରିବାକୁ ପ୍ରୟାସ କରୁଥିବା ସାଧାରଣରେ ଅଭିଯୋଗ ହେଉଛି ବୋଲି ସତ୍ୟପ୍ରକାଶ କହିଛନ୍ତି।

ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଓ ସ୍ୱାମୀ ଅଭିଯୋଗ କରିଥିବାବେଳେ ସେମାନଙ୍କୁ ରାଜ୍ୟ ଭାଜପା ଓ କଂଗ୍ରେସ ପକ୍ଷରୁ ପୃଥକ୍ ଟିମ୍ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ଭାଜପା ଓ କଂଗ୍ରେସ ଟିମ୍ ଯାଜପୁର ଏସ୍‌ପିଙ୍କୁ ଭେଟି ତଦନ୍ତ ସମ୍ପର୍କରେ ପଚାରି ବୁଝିଛନ୍ତି।

# କୋଟିପତି ସଂସ୍କୃତି ଅଧିକାରୀ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

- ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି
- ୧.୨ କୋଟି ଟଙ୍କାର ସମ୍ପତ୍ତି ଠାବ

**ଢେଙ୍କାନାଳ ଅଫିସ/ ବ୍ରହ୍ମପୁର ଅଫିସ, ୧୮।୧୦**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ଫସିଛନ୍ତି ଢେଙ୍କାନାଳ ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଜିଲା ସଂସ୍କୃତି କାର୍ଯ୍ୟାଳୟ ସମେତ ଭୁବନେଶ୍ୱର ଏବଂ ବ୍ରହ୍ମପୁରର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଖବର ଲେଖାଯିବା ସୁଦ୍ଧା ମୋଟ ୧ କୋଟି ୨ଲକ୍ଷ ୭ହଜାର ୧୨୫ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଖୋଳତାଡ଼ ଜାରି ରହିଥିବାରୁ ଏହାର ପରିମାଣ ଆହୁରି ବଢ଼ିବା ସମ୍ଭାବନା ରହିଛି।

ଢେଙ୍କାନାଳସ୍ଥିତ ସଂସ୍କୃତି କାର୍ଯ୍ୟାଳୟ, ସେ ରହୁଥିବା ଲୋକକଳା କାର୍ଯ୍ୟାଳୟରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି କାଗଜପତ୍ର, ବ୍ୟାଙ୍କ ପାସବୁକ୍ ଯାଞ୍ଚ କରିଛନ୍ତି। ଭୁବନେଶ୍ୱର ଶିଶୁପାଳଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠାର ମୂଲ୍ୟ ୩୬ଲକ୍ଷ ୯୫ହଜାର ୫୦୦ ଟଙ୍କା ଏବଂ ଶକ୍ତିନଗରରେ ଥିବା ଘରର ମୂଲ୍ୟ ୨୫ଲକ୍ଷ ୯୪ହଜାର ୬୫୮ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଉଭୟ କୋଠା ତାଙ୍କ ସ୍ତ୍ରୀଙ୍କ ନାମରେ ରହିଛି। ସେହିପରି ଭୁବନେଶ୍ୱର ଶିଶୁପାଳଗଡ଼ ଗଡ଼ମହାବୀର ଅଞ୍ଚଳରେ ଥିବା ଗ୍ୟାଲାକ୍ସି କମ୍ପ୍ୟୁଟର ସେଣ୍ଟର, ଭୁବନେଶ୍ୱର ଉତ୍ତରା ଶାସନରେ ସ୍ତ୍ରୀଙ୍କ ନାମରେ ୧୭ଲକ୍ଷ ୪୫ ହଜାର ଟଙ୍କାର ଜମି ସହିତ ଭୁବନେଶ୍ୱର ଏବଂ ବ୍ରହ୍ମପୁରରେ ୪ଟି ଜାଗା ରହିଛି। ଠାବ କରାଯାଇଥିବା ସମସ୍ତ ମୂଲ୍ୟବାନ ଉପକରଣ ଏବଂ ୩ ବାଇକ୍‌ର ମୂଲ୍ୟ ୮ ଲକ୍ଷ ୮୦ ହଜାର ଟଙ୍କା ହେବ। ଏଥିସହ ୧୭୫ ଗ୍ରାମ ସୁନା ଏବଂ ୪୭୦ ଗ୍ରାମ୍ ରୁପା ଅଳଙ୍କାର ମିଳିଛି। ୧୭୨ ଗ୍ରାମ୍ ସୁନା ଛତ୍ରପୁର ଏସ୍‌ବିଆଇ ଶାଖାରେ ଋଣ ପାଇଁ ବନ୍ଧା ପଡ଼ିଛି। ଏହାକୁ ବାଦ୍ ଦେଲେ ବିଭିନ୍ନ ବ୍ୟାଙ୍କରେ ସ୍ତ୍ରୀ ଏବଂ ତାଙ୍କ ନାମରେ ୨ଲକ୍ଷ ୫୬ହଜାର ୯୫୦ ଟଙ୍କା ଜମା ରାଶି ରହିଛି। ତାଙ୍କ ପାଖରୁ ନଗଦ ୮ଲକ୍ଷ ୪୧୦ଟଙ୍କା ଠାବ କରାଯାଇଛି। ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନ ଏସ୍‌ପି ମାୟାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଚଢ଼ାଉ ଜାରିରହିଛି।

ସୂଚନାଯୋଗ୍ୟ, ଶୁକ୍ରୁ ୧୯୯୯ ଫେବୃୟାରୀ ୬ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଢେଙ୍କାନାଳରେ ସଂସ୍କୃତି ଅଧିକାରୀ ଭାବେ କାର୍ଯ୍ୟ କରିବା ପରେ ତାଙ୍କ ବଦଳି ଗଞ୍ଜାମ ଜିଲାକୁ ହୋଇଥିଲା। ଗତ ଅଗଷ୍ଟ ୩୧ରେ ସେ ପୁନର୍ବାର ଢେଙ୍କାନାଳକୁ ବଦଳି ହୋଇ ଆସିଥିଲେ।



ବ୍ରହ୍ମପୁର ଶକ୍ତିନଗର ଅଞ୍ଚଳରେ ଥିବା କୋଠା।

ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ

# ମତ-ପ୍ରତିମତ

## ପ୍ରସଙ୍ଗ: ଆର୍ଥିକ ମାନ୍ଦାବସ୍ଥା

**ଭାରତୀୟ ଅର୍ଥନୀତିରେ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ଏହା ଦେଶର ଅଧିକାଂଶ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରଭାବିତ କରିଛି। ଏହାର ମୁକାବିଲା ସ୍ୱରୂପ କେନ୍ଦ୍ର ସରକାର ନିକଟରେ କେତେକ ପଦକ୍ଷେପ ମଧ ନେଇଛନ୍ତି। ଏହି ପଦକ୍ଷେପ କିଭଳି ଉପାଦେୟ ହେବ, ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ସାମ୍ପ୍ରତିକ ପରିସ୍ଥିତିକୁ ନେଇ ସପକ୍ଷ-ବିପକ୍ଷ ଯୁକ୍ତି (ମତ-ପ୍ରତିମତ ) ସଂକ୍ଷେପରେ ଉପସ୍ଥାପନ କରାଯାଇଛି।**

### ସପକ୍ଷବାଦୀ: ମାନ୍ଦାବସ୍ଥା ରୂପଦେବା ବିଭ୍ରାନ୍ତିକର



ଗତ ଏପ୍ରିଲ-ଜୁନ୍ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତକୁ ଖସି ଆସିଲା। ବିଗତ ୭ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ। ତେଣୁ ଅର୍ଥନୀତି ଧିମାରେ ଗତି କରୁଛି ବୋଲି ଆଶଙ୍କା ପାଇବା ସ୍ୱାଭାବିକ। ହେଲେ ଏହାକୁ ମାନ୍ଦାବସ୍ଥା ରୂପ ଦେବା ସମ୍ପୂର୍ଣ୍ଣରୂପେ ବିଭ୍ରାନ୍ତିକର। ଆଇଏମ୍‌ଏଫ୍ କର୍ପୋରେଟ ଓ ପରିବେଶ ସଂକ୍ରାନ୍ତୀୟ ନିୟାମକ ବ୍ୟବସ୍ଥାର ଅନିୟମିତତା ଓ ଅଣବ୍ୟାଙ୍କିଙ୍ଗ୍ କମ୍ପାନୀଗୁଡିକ ପ୍ରଲମ୍ବିତ ଦୁର୍ବଳତାକୁ ଦାୟୀ କରିଛି। ହେଲେ ଆମ ଅର୍ଥନୀତିରେ ଦୀର୍ଘଦିନରୁ ଆଚ୍ଛାଦିତ କରି ରଖିଥିବା ଛାୟା ଅର୍ଥନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ (ବିମୁଦ୍ରୀକରଣ ଓ ଜିଏସ୍‌ଟି) କାରଣରୁ ଏପରି ଭ୍ରମ ସୃଷ୍ଟି ହୋଇଛି। ଦେଶରେ ବାଣିଜ୍ୟିକ ରିୟଲଇଷ୍ଟେଟ୍ ଚାହିଦା ବୃଦ୍ଧି ପାଉଛି। ସେହିପରି କିଛିବର୍ଷ ହେବ ମେଟ୍ରୋରେ ସମ୍ପ୍ରସାରଣ ହୋଇଛି। ଦୈନିକ ୨୫ ଲକ୍ଷ ଲୋକ ମେଟ୍ରୋରେ ଯାଉଛନ୍ତି। ପ୍ରାୟ ୫ ଲକ୍ଷ ଓଲା, ଉବେର ବ୍ୟବହାର କରୁଛନ୍ତି ଓ ଦିଲ୍ଲୀଭଳି ସହରରେ ଦୈନିକ ୪୦ ଲକ୍ଷ ଲୋକ ବସ୍‌ରେ ଯାତାୟାତ କରୁଛନ୍ତି। ତେଣୁ ଯାନବାହନ କ୍ରୟ ହ୍ରାସ ପାଇବା ସ୍ୱାଭାବିକ। ସ୍ୱୀକାର କରିବାକୁ ହେବ ଯେ, ଭାରତୀୟ ଅର୍ଥନୀତିର ସୂଚକାଙ୍କଗୁଡିକ ବର୍ତ୍ତମାନ ଏକ ମିଶ୍ରିତ ଫଳାଫଳ ପ୍ରଦର୍ଶନ କରୁଛି। ବିତ୍ତୀୟ ଶୃଙ୍ଖଳା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। ବର୍ତ୍ତମାନ ସମୟରେ ସରକାର ନେଇଥିବା କୋହଳ ଆର୍ଥିକ ନୀତିର ପ୍ରଭାବ ଆସନ୍ତା ଆର୍ଥିକ ବର୍ଷରୁ ଦେଖିବାକୁ ମିଳିବ। ସ୍ୱାଭାବିକ ବର୍ଷା କାରଣରୁ ଆସିବାକୁ ଥିବା ଖରିଫ ଫସଲ ବଜାରକୁ ୬ ଲକ୍ଷ କୋଟି ଟଙ୍କାର ଜୀବନୀଶକ୍ତି ଭରି ଦେବ। ଭାରତୀୟ ଅର୍ଥନୀତି ଢାଞ୍ଚାକୁ ବିଶ୍ୱ ସୁନଜରରେ ଦେଖୁଛି।

**- ସତ୍ୟବ୍ରତ ପଣ୍ଡା, ଅର୍ଥନୀତି ପ୍ରକୋଷ୍ଠ ପ୍ରମୁଖ, ଭାଜପା, ଓଡ଼ିଶା**

### ବିପକ୍ଷବାଦୀ: ଅର୍ଥନୀତି ଆହୁରି ଖରାପ ଦିଗକୁ ଯାଉଛି



ଅର୍ଥନୀତି ମାନ୍ଦାବସ୍ଥାରେ ନାହିଁ। ଏହା ଆହୁରି ଖରାପ ଦିଗକୁ ଯାଉଛି। ସରକାରଙ୍କ ସମସ୍ତ ତଥାକଥିତ ପଦକ୍ଷେପ ସାମୟିକ ଫଳ ଦେବ, ଏହା ସୁଦୂରପ୍ରସାରୀ ନୁହେଁ। ଯାନବାହନ କ୍ରୟ କମିବା ସ୍ୱାଭାବିକ କଥା ନୁହେଁ। ଲୋକମାନେ ସାଧାରଣ ପରିବହନ ବ୍ୟବସ୍ଥାରେ ଯିବା ଆସିବା କରିପାରନ୍ତି, ହେଲେ ମାଲ୍ ପରିବହନ କରୁଥିବା ଯାନର ଉତ୍ପାଦନ ମଧ ହ୍ରାସ ପାଇଛି। ଟ୍ରକ୍ ଏବଂ ବସ୍ ଉତ୍ପାଦନକୁ ଅହେତୁକଭାବେ କମାଇ ଦିଆଯାଇଛି। କର୍ମସିଆଲ ଯାନ ଉତ୍ପାଦନ ୩୯ ପ୍ରତିଶତ, ମୋଟରସାଇକେଲ ୨୨ ପ୍ରତିଶତ କମିଛି। ଦେଶର ଜିଡିପିକୁ ଏହି କ୍ଷେତ୍ରର ୭.୫ ପ୍ରତିଶତ ଅବଦାନ ରହିଛି। ତେଣୁ ଉତ୍ପାଦନ ହ୍ରାସ ଗଭୀର ପ୍ରଭାବ ପକାଇଛି। ଦେଶର ବାହ୍ୟ ଋଣର ପରିମାଣ ୨୦୧୭ରେ ୪୮୫ ନିୟୁତ ଡଲାର ରହିଥିଲା। ଏବେ ତାହା ବୃଦ୍ଧି ପାଇ ୫୫୭ ନିୟୁତ ଡଲାରରେ ପହଞ୍ଚିଲାଣି। କୃଷିକ୍ଷେତ୍ରର ଅଭିବୃଦ୍ଧି ମାତ୍ର ୨ ପ୍ରତିଶତ ରହିଛି, ଯାହା ଗତବର୍ଷ ଏହି ସମୟରେ ୫ ପ୍ରତିଶତ ରହିଥିଲା। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୬ରୁ ୫.୭କୁ ଖସି ଆସିଛି। ଏତଦ୍ ବ୍ୟତୀତ ଯୋଗାଯୋଗ, ହୋଟେଲ ଶିଳ୍ପ, ଟେଲିକମ୍ ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ୭.୮ ପ୍ରତିଶତରୁ ୭.୧ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାର ଏହାକୁ ସ୍ୱୀକାର ନ କରିବା ଦୁର୍ଭାଗ୍ୟଜନକ। ସାମ୍ପ୍ରତିକ ସ୍ଥିତିରେ ବେକାରି ସଂଖ୍ୟା ୯ କୋଟି ୬୦ ଲକ୍ଷରେ ପହଞ୍ଚିଛି। ଏଥିପାଇଁ ୨୦୧୬ ମସିହାରେ କରାଯାଇଥିବା ବିମୁଦ୍ରୀକରଣ ଏବଂ ପରବର୍ତ୍ତୀ ସମୟରେ ଲାଗୁ କରାଯାଇଥିବା ସାମଗ୍ରୀ ଓ ସେବାକର(ଜିଏସ୍‌ଟି) ଦାୟୀ। ଦେଶର ସଂଖ୍ୟାଧିକ ଜନତା ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି। ହେଲେ ଏମାନଙ୍କ ଅର୍ଥନୈତିକ ସୁରକ୍ଷା ଅପେକ୍ଷା ସରକାର ପୁଞ୍ଜିପତିଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଣେ ମଧ୍ୟବିତ୍ତ ଦେଉଥିବା କର ଶତକଡ଼ା ପୁଞ୍ଜିପତିମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ପ୍ରତିଶତଠାରୁ ଅଧିକ। ତେଣୁ ଅର୍ଥନୀତିର ଅବସ୍ଥା କ'ଣ, ଏଥିରୁ ଅନୁମେୟ।

**- ଅଳି କିଶୋର ପଟ୍ଟନାୟକ, ସମ୍ପାଦକ, ସିପିଏମ୍, ଓଡ଼ିଶା**

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgent Required**
1. Autocadd Civil - 03 Nos.
2. Diploma Civil - 10 Nos.
3. Matric to Graduate - 50 Nos.
Contact : 7873563668 9556880775

**SALES JOB VACANCY**
Salary: 40,000/- Per Month
Qualification: Minimum 50% in 10th, +2 and Graduation.
Posting PAN INDIA.
Call: 9438684191
email:- gour.patnaik@manipalprolearn.com

**Railway Job**
- Petty Repair (ITI) Rs.14000/-
- Supervisor (+2,+3) : Rs.14000/-
- Bad Roll (10th) : Rs.12000/-
- House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

ଭୁବନେଶ୍ୱରରେ ଏକ ମହିଳା ହଷ୍ଟେଲ୍ ପାଇଁ ୱାର୍ଡେନ୍ (ମହିଳା) ଆବଶ୍ୟକ। ଭଲ ଦରମା ଏବଂ ରହିବା, ଖାଇବା ମାଗଣା । ବୟସ ସୀମା ୨୦ ବର୍ଷରୁ ଉର୍ଦ୍ଧ୍ୱ ।
Contact : 10 A.M. to 7 P.M.
9556514837 7978508564

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୧୦୦୦/-
Ph : 7894458655 (Call Timing : 12.00-6.00 ମଧ୍ୟରେ)

**PART / FULL TIME**
ଘରକାମ/ରୋଷେଇ/ ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ ।
Contact : 9090909300 7381222430

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 10 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately Mob: 8763257042

**Apex Ltd,** An ISO certified company working for Doctors and Specialists in all over India is looking for Boys & Girls preferably fresher's to be inducted as Sales Officers, Legal Co-ordinator for Dhenkanal, Kendrapara, Jajpur, Paradwip & all adjoining areas of Odisha. Very good salary package with incentives & allowances offered. Candidates willing to join immediately must only walk in on 23rd & 24th of October'19 at Apex, Room No. 205, Plot-191/A, Kharavela Nagar, Unit-3, Bhubneshwar-751001 from 11 am-6 pm. Ph-9771498846, 9631677777. Additionally you may mail your C.V. to shashi@aiclindia.com

**REQUIRED**
Experienced Marketing Groups / Managers for a Real Estate Company.
Walk-on 16.10.19, 17.10.19 & 21.10.19 (11 A.M. to 7 P.M.) at A/61, Kharavel Nagar, BBSR
Ph.: 7653060821

**JOB OPPORTUNITY**
ODISHA'S BIGGEST WATER PARK (Wonder World) A Unit of Unlimited Water Fun & Entertainment pvt.ltd, Is looking for some energetic & self motivated female candidates for the following Positions.

| Name of Positions | Qualifications | Experience | Salary | No. of Vacancies |
| --- | --- | --- | --- | --- |
| Sales Executive | Graduate | Min-2yrs in Hotel & Tourism Industries | Min-10k | 2nos |

Interested candidates can apply along with CV on or before 24.10.2019 to the following mail id-humanresource.nbgroup@gmail.com, contact - 7606007076. Only Short listed Candidates will be called for interview.
Place of Interview- NB GROUP, Utkal Signature Building, Room No- 501/502, 5th Floor, Pahala, Bhubaneswar-751001

**REQUIRED**
Requirement for a JCBOPERATOR
Contact: Eminence Network Solutions
M.: 7609050333, 7682089514
Paikanagar, Plot No.- 192(p), Lane-1, Bhubaneswar
Walk-in on 16th, 17th, 18th, 19th, 21st & 22nd Oct. 2019, Time: 11.30 AM - 4.30 PM

**URGENTLY REQUIRED**
English Teacher 1 No.
Qualification : B.Ed.
KG Teacher 2 Nos.
Qualification : CT/B.Ed/NTT
Cook for Home 1 No.
N.B.: Only Female
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



“ ଏସିଆରେ ମୁଁ କ୍ରମାଗତ ୯ଥର ଟସ୍ ହାରିସାରିଥିବାରୁ ତୃତୀୟ ଟେଷ୍ଟରେ ଯଦି ଅନ୍ୟ ଜଣଙ୍କୁ ଟସ୍ ପାଇଁ ପଠାଯାଏ କିଛି ମନେ କରିବି ନାହିଁ।
–ଫାଫ୍ ଡୁ'ପ୍ଲେସି, ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ



“ ଆସନ୍ତା ବାଂଲାଦେଶ ପ୍ରିମିୟର ଲିଗ୍ ଟି ୨୦ରେ ପ୍ରତ୍ୟେକ ଦଳ ଜଣେ ଲେଖାଏଁ ଲେଗ୍ ସ୍ପିନର ଖେଳାଇବା ବାଧ୍ୟତାମୂଳକ।
–ନାଜମୁଲ ହସନ, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି

## ସଂକ୍ଷେପରେ

### ଲେଗ୍ ସ୍ପିନର ନ ଖେଳାଇ ବାଂଲାଦେଶର ଦୁଇ କୋଚ୍ ବହିଷ୍କୃତ

**ଢାକା,୧୮।୧୦(ପି.ଟି.):** ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶର ବ୍ୟାଟ୍ସମ୍ୟାନମାନେ ଲେଗ୍ ସ୍ପିନରଙ୍କ ସାମ୍ନାରେ ସଂଘର୍ଷ କରୁଥିବାରୁ ବିସିବି ଏବେ ଲେଗ୍ ସ୍ପିନରଙ୍କୁ ଅଧିକ ଗୁରୁତ୍ୱ ଦେଉଛି। ଜାତୀୟ କ୍ରିକେଟ ଲିଗ୍‌ର ଦୁଇଟି ଦଳରେ ଲେଗ୍ ସ୍ପିନରଙ୍କୁ ସାମିଲ ନ କରିବାରୁ ଦୁଇ କୋଚ୍‌ଙ୍କୁ ବିଦା କରାଯାଇଛି। ନିୟମ ନ ମାନିବାରୁ ଦୁଇ କୋଚ୍‌ଙ୍କୁ ବିଦା କରାଯାଇଥିବା ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଶୁକ୍ରବାର ସ୍ପଷ୍ଟ କରିଛି। ଢାକା ଦଳ ଲେଗ୍ ସ୍ପିନର ଜୁବିର ହୋସେନ ଓ ଖୁଲନା ଦଳ ରଶିଦ ହୋସେନଙ୍କୁ ଖେଳାଇ ନ ଥିଲେ। ଏନ୍‌ସିଏଲରେ ଲେଗ୍ ସ୍ପିନର ଖେଳାଇବାକୁ ଆମେ ନିର୍ଦ୍ଦେଶ ଦେଇଥିଲୁ। କିନ୍ତୁ ଦୁଇ କୋଚ୍ ସେମାନଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ଦେଇ ନ ଥିଲେ। ଆମେ ଯଦି ଲେଗ୍ ସ୍ପିନରଙ୍କୁ ସୁଯୋଗ ନ ଦେବା, ତେବେ ସେମାନେ ଉନ୍ନତର କେଉଁ ଭଳି ହେବେ ବୋଲି ବୋର୍ଡ ସଭାପତି ନାଜମୁଲ ହାସନ କହିଛନ୍ତି। ସେ ଆହୁରି କହିଛନ୍ତି ଆଗାମୀ ବାଂଲାଦେଶ ପ୍ରିମିୟର ଲିଗ୍‌ରେ ମଧ ଲେଗ୍ ସ୍ପିନର ଖେଳିବା ବାଧତାମୂଳକ କରାଯିବ।

### ଅଧିନାୟକରୁ ବିଦା ହେଲେ ସର୍ଫରାଜ

**କରାଚୀ,୧୮।୧୦:** ସର୍ଫରାଜ ଅହମ୍ମଦଙ୍କୁ ଶୁକ୍ରବାର ପାକିସ୍ତାନ ଟେଷ୍ଟ ଓ ଟି୨୦ ଦଳର ଅଧିନାୟକ ପଦରୁ ବିଦା କରାଯାଇଛି। ଶ୍ରୀଲଙ୍କା ବିପକ୍ଷ ଘରୋଇ ସିରିଜ୍‌ରେ ପରାଜୟ ଯୋଗୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଶୁକ୍ରବାର ହୋଇଥିବା ବିଧିବଦ୍ଧ ଘୋଷଣା ଅନୁଯାୟୀ, ଅଭିଜ୍ଞ ବ୍ୟାଟ୍ସମ୍ୟାନ ଆଝାର ଅଲି ଟେଷ୍ଟ ଦଳର ନେତୃତ୍ୱ ନେବେ। ସେ ପ୍ରଥମ ଥର ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଖେଳିବେ। ସେହିଭଳି ଟି୨୦ ଫର୍ମାଟରେ ଉଦୀୟମାନ ତାରକା ବ୍ୟାଟ୍ସମ୍ୟାନ ବାବର ଆଜାମ ଅଧିନାୟକ ହେବେ। ଟି୨୦ ବିଶ୍ୱକପ୍‌କୁ ପ୍ରାୟ ଏକ ବର୍ଷ ଥିବାବେଳେ ନେତୃତ୍ୱରେ ପରିବର୍ତ୍ତନ ହେବା ଫଳରେ ବାବରଙ୍କୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୨୦୧୭ଠାରୁ ସର୍ଫରାଜ ସମସ୍ତ ଫର୍ମାଟରେ ପାକିସ୍ତାନ ଦଳର ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଦଳ ୨୦୧୭ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଦଳ ଶୀର୍ଷ ସ୍ଥାନ ମଧ ଅଧିକାର କରିଥିଲା। କିନ୍ତୁ ସର୍ଫରାଜଙ୍କ ନେତୃତ୍ୱରେ ଉଭୟ ଟେଷ୍ଟ ଓ ଟି୨୦ ର୍‍ୟାଙ୍କିଙ୍ଗ୍ ତାଲିକାରେ ପାକସ୍ତାନ ତଳକୁ ଖସିଥିଲା।

### ରାଞ୍ଚି ଟେଷ୍ଟ: ଧୋନୀଙ୍କୁ ଅପେକ୍ଷା

ରାଞ୍ଚି,୧୮।୧୦- ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧରେ ଏଠାରେ ରବିବାରଠାରୁ ୩ୟ ଟେଷ୍ଟ ଖେଳାଯିବ। ଏହା ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ହୋମ ଗ୍ରାଉଣ୍ଡ। ବିଶ୍ୱକପ୍‌ର ସେମିଫାଇନାଲରୁ ଭାରତୀୟ ଦଳର ବିଦାୟ ପରେ କ୍ରିକେଟ ପଡ଼ିଆକୁ ଫେରି ନ ଥିବା ଧୋନୀଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳିବ କି ନାହିଁ ସେ ନେଇ ଅନିଶ୍ଚିତତା ଲାଗି ରହିଛି। ଏହି ପ୍ରଶ୍ନ ତାଙ୍କର ପ୍ରଶଂସକଙ୍କ ମନରେ ମଧ ରହିଛି। ଏଠାରେ ଭାରତୀୟ ଦଳର ଅଭ୍ୟାସବେଳେ ଗଣମାଧମ ପ୍ରତିନିଧି ଓ ତାଙ୍କ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ସେମାନେ କିମ୍ବଦନ୍ତୀ ଧୋନୀ କେଉଁଠାରେ ପ୍ରଶ୍ନ ପଚାରିଥିଲେ। ତେବେ ସେ କେବେ ପଡ଼ିଆକୁ ଫେରିବେ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିସିସିଆଇ ନୂଆ ଅଧକ୍ଷ ହେବାକୁ ଯାଉଥିବା ସୌରଭ ଗାଙ୍ଗୁଲି ଏ ସମ୍ପର୍କରେ ଚୟନକର୍ତ୍ତାଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବା ନେଇ କହିଛନ୍ତି।




କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ପାଇଁ ଶୁକ୍ରବାର ମନୋନୀତ ଭାରତୀୟ ମହିଳା ଓ ପୁରୁଷ ଦଳ।

# ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ହକି ଦଳ

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଆଗାମୀ ନଭେମ୍ବର ୧ ଓ ୨ ତାରିଖରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଖେଳିବେ। ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା ଥିବାବେଳେ ପୁରୁଷ ଦଳ ରୁଷିଆ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଉଭୟ ଦଳ ୨ଟି ଲେଖାଏ ମ୍ୟାଚ ଖେଳିବେ। ଏହାପରେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ କେଉଁ ଦଳ ଯୋଗ୍ୟତା ଅର୍ଜନ କରିବ ତାହା ସ୍ପଷ୍ଟ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଶୁକ୍ରବାର ଭାରତୀୟ ହକି ଦଳ ଘୋଷିତ ହୋଇଛି। ଅଧିନାୟିକା ରାଣୀ ରାମପାଲଙ୍କ ଉପସ୍ଥିତିରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମହିଳା ଦଳ ତାଲିକା ଘୋଷଣା କରିଥିବାବେଳେ ଅଧିନାୟକ ମନପ୍ରୀତ ସିଂ ଉପସ୍ଥିତ ଥାଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୁରୁଷ ଦଳ ଘୋଷଣା କରିଥିଲେ।

ରାଣୀଙ୍କ ନେତୃତ୍ୱାଧୀନ ମହିଳା ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ। ମନପ୍ରୀତଙ୍କ ପୁରୁଷ ଦଳରେ କିନ୍ତୁ ମାତ୍ର ଜଣେ ଓଡ଼ିଆ ଖେଳାଳି ଅମିତ ରୋହିଦାସ ସ୍ଥାନ ହାସଲ କରି ପାରିଛନ୍ତି। ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ବାଦ୍ ପଡ଼ିଛନ୍ତି। ସବିତାଙ୍କୁ ମହିଳା ଦଳର ଏବଂ ଏସ.ଭି. ସୁନୀଲଙ୍କୁ ପୁରୁଷ ଦଳର ଉପଅଧିନାୟିକା ଓ ଉପଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ଟୋକିଓ ଅଲିମ୍ପିକ୍ସ ୨୦୨୦ ଜୁଲାଇ ୨୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୧୨ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ।

### ସନ୍ତୁଳନକୁ ଧାନରେ ରଖାଯାଇଛି

ବେଲଜିୟମ ଟୁର୍‌ରେ ଶତପ୍ରତିଶତ ବିଜୟ ରେକର୍ଡ ନେଇ ଫେରିବାପରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସହଜ ନ ଥିଲା ବୋଲି କହିଛନ୍ତି ମୁଖ୍ୟ କୋଚ୍ ରିଡ୍। ଦଳରେ ସନ୍ତୁଳନକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ବିଭାଗରେ ବିକଳ୍ପ ଖେଳାଳିଙ୍କୁ ଧାନରେ ରଖି ଆମେ ଏହି ଦଳ ଚୟନ କରିଛୁ। ରୁଷିଆ ବିପକ୍ଷରେ ଆମକୁ ଏକାଗ୍ରତାର ସହିତ ଖେଳିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।



### ରିଦିମ ଗୁରୁତ୍ୱପୂର୍ଣ୍ଣ

ଅଲିମ୍ପିକ୍ କ୍ୱାଲିଫାୟର୍ସ ପୂର୍ବରୁ ପ୍ରସ୍ତୁତି ପାଇଁ ଇଂଲଣ୍ଡ ଟୁର୍‌ରେ ଯାଇଥିବା ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛି। ତେଣୁ ଆମେ ଦଳ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛୁ। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଇଂଲଣ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ ହୋଇଥିବାରୁ ସେହି ରିଦିମକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆମେରିକା ଏକ ଭଲ ଦଳ। ତେଣୁ ଆମେ ଏହି ଦଳକୁ ଭେଟିବା ପୂର୍ବରୁ କୌଣସି ତ୍ରୁଟି କରିବାକୁ ଚାହୁଁନାହୁଁ ବୋଲି ମାରିଜନେ ପ୍ରକାଶ କରିଛନ୍ତି।



### ଓଡ଼ିଶା ଖେଳାଳି ଅବିଚ୍ଛେଦ୍ୟ ଅଙ୍ଗ

ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା ଓଡ଼ିଶା ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଆସିଛନ୍ତି। ଆମେ କୌଣସି ବ୍ୟକ୍ତିଗତ ନୁହେଁ ଦଳଗତ ଭାବେ ଭଲ ଖେଳି ଆସୁଛୁ। ପ୍ରଦର୍ଶନ ଦୃଷ୍ଟିରୁ ଓଡ଼ିଶା ଖେଳାଳିମାନେ ଏବେ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ନିକଟ ଅତୀତରେ ଆମେରିକା ଭଲ ଖେଳି ଆସୁଥିଲେ ହେଁ ଆମେ ମଧ ପ୍ରସ୍ତୁତ ଅଛୁ। ଆମର ଫିଟ୍‌ନେସ୍ ସ୍ତରରେ ବହୁ ଉନ୍ନତି ଆସିଛି। ଆମେ ଏବେ ବିଶ୍ୱର ଯେ କୌଣସି ଦଳକୁ ହରାଇବାର କ୍ଷମତା ରଖିଛୁ। ତେଣୁ ଆମେରିକା କିପରି ଖେଳିବ ତା' ଉପରେ ଗୁରୁତ୍ୱ ନ ଦେଇ ଆମେ ନିଜ ଦକ୍ଷତା ଅନୁସାରେ ଖେଳି ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ଅଧିନାୟିକା ରାଣୀ ପ୍ରକାଶ କରିଛନ୍ତି। ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ଯାଉଛି। ଓଡ଼ିଶା ଦର୍ଶକ ହକିକୁ ସର୍ବଦା ସମର୍ଥନ ଦେଇ ଆସିଛନ୍ତି। ବର୍ଷା କିମ୍ବା ଶୀତକୁ ଏମାନେ ଖାତିର ନ କରି ଦଳକୁ ଉତ୍ସାହିତ କରିଛନ୍ତି। ତେଣୁ ଆମେ ମଧ ଏହି ଷ୍ଟାଡିୟମରେ ମ୍ୟାଚ ଖେଳିବାକୁ ବ୍ୟଗ୍ର। ଦର୍ଶକଙ୍କ ଭରପୂର ଉପସ୍ଥିତି ନିଶ୍ଚିତ ଆମକୁ ଅଧିକ ଉତ୍ସାହ ପ୍ରଦାନ କରିବ ବୋଲି ରାଣୀ କହିଛନ୍ତି।



### ରୁଷିଆକୁ ହାଲ୍କା ନେଉନାହୁଁ

ର୍‍ୟାଙ୍କିଙ୍ଗ୍‌ରେ ଭାରତ ତୁଳନାରେ ରୁଷିଆ ବହୁ ପଛରେ ଥିଲେ ହେଁ ଏହି ଦଳକୁ କୌଣସି ପରିସ୍ଥିତିରେ ହାଲ୍କା ଭାବେ ନେଇ ହେବନି। କାରଣ ଆମକୁ ମନେ ରଖିବାକୁ ହେବ ଯେ ଏହି ଦଳ ମଧ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଖେଳିବାକୁ ଆସିଛି। ଦଳର ପ୍ରସ୍ତୁତି ମଧ ସେହି ଅନୁସାରେ ହୋଇଥିବ ନିଶ୍ଚିତ। ଆମେ ପ୍ରତିପକ୍ଷ ଦଳକୁ ସମ୍ମାନ ଜଣାଇ ନିଜ ଦକ୍ଷତା ଅନୁସାରେ ଖେଳିବୁ ଏବଂ ଯୋଗ୍ୟତା ହାସଲ କରିବାକୁ ଚେଷ୍ଟା କରିବୁ ବୋଲି ଅଧିନାୟକ ମନପ୍ରୀତ ପ୍ରକାଶ କରିଛନ୍ତି।



#### ପୁରୁଷ ହକି ଦଳ

ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ, ହରମନପ୍ରୀତ ସିଂ, ବରୁଣ କୁମାର, ସୁରେନ୍ଦର କୁମାର, ଗୁରିନ୍ଦର ସିଂ, ରୂପିନ୍ଦର ପାଲ୍ ସିଂ, ଅମିତ ରୋହିଦାସ, ମନପ୍ରୀତ ସିଂ(ଅଧିନାୟକ), ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ଲଳିତ କୁମାର ଉପାଧ୍ୟାୟ, ଏସ.ଭି. ସୁନୀଲ(ଉପ–ଅଧିନାୟକ), ମନଦୀପ ସିଂ, ଆକାଶଦୀପ ସିଂ, ରମଣଦୀପ ସିଂ, ସିମରନଜିତ ସିଂ।

#### ମହିଳା ହକି ଦଳ

ସବିତା(ଉପ–ଅଧିନାୟିକା), ରଜଜନୀ ଏଟିମାରପୁ, ଦୀପ୍ ଗ୍ରେସ୍ ଏକ୍କା, ଗୁରଜିତ କୌର, ରୀନା ଖୋଖର, ସାଲିମା ଟେଟେ, ସୁଶିଲା ଚାନୁ ପୁଖରାମବାମ, ନିକ୍କି ପ୍ରଧାନ, ମୋନିକା, ନେହା ଗୋୟଲ, ଲିଲିମା ମିଞ୍ଜ, ନମିତା ଟପ୍ପୋ, ରାଣୀ ରାମପାଲ (ଅଧିନାୟିକା), ବନ୍ଦନା କାଟରିୟା, ନଭନୀତ କୌର, ଲାଲରେମସିଆମି, ନଭଜୋତ କୌର, ଶର୍ମିଳା ଦେବୀ।

### ବାଦ୍ ପଡ଼ିଲେ ବୀରେନ୍ଦ୍ର

ଭୁବନେଶ୍ୱର, ୧୮।୧୦
(କ୍ରୀଡ଼ା ପ୍ରତିନିଧି)

ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଶୁକ୍ରବାର ଘୋଷିତ ଦଳରୁ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ବାଦ୍ ପଡ଼ିଛନ୍ତି। ଏହା ଓଡ଼ିଶା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବାବେଳେ ଅଭିଜ୍ଞ ବୀରେନ୍ଦ୍ର ଦଳରେ ସ୍ଥାନ ନ ପାଇବାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଗତ କିଛିବର୍ଷ ଧରି ବୀରେନ୍ଦ୍ର ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଥିଲେ। ବେଲ୍‌ଜିୟମ



ଟୁର୍‌ରେ ୫ଟି ଯାକ ମ୍ୟାଚ ଜିତିଥିବା ଭାରତୀୟ ଦଳ ପକ୍ଷରୁ ମଧ ସେ ଖେଳିଥିଲେ। ତେବେ ସମ୍ଭବତଃ ତାଙ୍କ ପ୍ରଦର୍ଶନ ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍‌ଙ୍କୁ ପ୍ରଭାବିତ କରିପାରି ନାହିଁ। ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରିଡ୍ ଏ ସମ୍ପର୍କରେ ବିଶେଷ କିଛି ସ୍ପଷ୍ଟ କରି ନ ଥିଲେ ହେଁ ଦଳୀୟ ସନ୍ତୁଳନକୁ ଗୁରୁତ୍ୱ ଦିଆ ଯାଇଛି ଏବଂ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ପରେ ୧୮ ଜଣିଆ ଦଳ ଚୟନ ହୋଇଛି ବୋଲି ପ୍ରକାଶ କରିଛନ୍ତି। ବେଲଜିୟମ ଟୁର୍‌ରେ ପ୍ରଦର୍ଶନ ଭିତ୍ତିରେ ଖେଳାଳି ମନୋନୟନ କରାଯାଇଛି ଏବଂ ପେନାଲ୍ଟି କର୍ନରକୁ ମଧ ଧ୍ୟାନରେ ରଖା ଯାଇଛି ବୋଲି ସେ କହିଛନ୍ତି। ଦଳକୁ ଡ୍ରାଗ୍ ଫ୍ଲିକର ରୂପିନ୍ଦର ପାଲ୍ ସିଂଙ୍କ ପ୍ରତ୍ୟାବର୍ତ୍ତନ, ଯୁବ ଖେଳାଳିଙ୍କ ଉତ୍ସାହୀ ପ୍ରଦର୍ଶନର ପ୍ରଭାବ ମଧ ଦଳ ଚୟନ ଉପରେ ପଡ଼ିଛି ବୋଲି ଆଲୋଚନା ହେଉଛି। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୫ରେ ରାୟପୁରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍‌ରେ ବ୍ରୋଞ୍ଜ, ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୨ରେ ଦୋହାରେ ଆୟୋଜିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୬ରେ କ୍ୱାଣ୍ଟାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୮ରେ ବ୍ରେଡାରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୩ରେ ଇପୋରେ ଅନୁଷ୍ଠିତ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୮ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଘରୋଇ ପରିବେଶରେ ସେ ହକି ବିଶ୍ୱକପ ମଧ ଖେଳିଥିଲେ।

## ପୂର୍ବତନ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନଙ୍କୁ ୫ ବର୍ଷ ଜେଲ୍

**ଜୋହାନ୍ସବର୍ଗ, ୧୮।୧୦ (ଏଏଫ୍‌ପି)**

ଦୁର୍ନୀତି ଅଭିଯୋଗରେ ଦକ୍ଷିଣ ଆଫ୍ରିକାର ଜଣେ ପୂର୍ବତନ ବ୍ୟାଟ୍ସମ୍ୟାନ ଗୁଲାମ ବୋଦିଙ୍କୁ ୫ବର୍ଷ ଜେଲ୍ ଦଣ୍ଡ ହୋଇଛି। ବୋଦି ନିଜ ଦେଶ ତରଫରୁ ମାତ୍ର ୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିଛନ୍ତି। ତାଙ୍କ ବିରୋଧରେ ହୋଇଥିବା ୮ଟି ଦୁର୍ନୀତି ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୫ରେ ଏକ ଘରୋଇ ଟି୨୦ ପ୍ରତିଯୋଗିତାରେ ମ୍ୟାଚଗୁଡ଼ିକୁ ସେ ପ୍ରଭାବିତ ଅବା ଫିକ୍ସ କରିବାକୁ ଚେଷ୍ଟା କରିଥିଲେ। ଏଥିପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ (ସିଏସ୍‌ଏ) ଏହି ବ୍ୟାଟ୍ସମ୍ୟାନଙ୍କୁ ୨୦ ବର୍ଷ ବାସନ୍ଦ କରିସାରିଛି। ସିଏସଏ କହିବା ଅନୁସାରେ ବୋଦିଙ୍କ ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେ ଗତବର୍ଷ ପୋଲିସ୍ ନିକଟରେ ସମର୍ପଣ କରିଥିଲେ। ପରେ ପ୍ରିଟୋରିଆର ଏକ କମର୍ସିଆଲ କୋର୍ଟ ତାଙ୍କୁ ଦଣ୍ଡବିଧାନ କରିଛି। ବୋଦି କିନ୍ତୁ ତାଙ୍କୁ କରାଯାଇଥିବା ଦଣ୍ଡବିଧାନ ବିରୋଧରେ କୋର୍ଟରେ ଅପିଲ କରିବେ। ୩,୦୦୦ ର୍‍ୟାଣ୍ଡ (୨୦୨ ଆମେରିକୀୟ ଡଲାର/୧୮୨ ୟୁରୋ) ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଆଦକୁ ବୃଦ୍ଧି କରିବେ।

## ଜୁନିୟର ଏସିଆନ ଚାମ୍ପିୟନଶିପ୍: ଭାରତକୁ ୬ ସ୍ୱର୍ଣ୍ଣ ସମେତ ୨୧ ପଦକ

**ନୂଆଦିଲ୍ଲୀ,୧୮।୧୦(ପି.ଟି.):** ଏସିଆନ୍ ଜୁନିୟର ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ୬ ସ୍ୱର୍ଣ୍ଣ ସହ ମୋଟ ୨୧ ପଦକ ଜିତିଛନ୍ତି। ଏଥିରେ ୯ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ରହିଛି। ଭାରତୀୟ ପୁରୁଷ ଦଳ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ସମାନ ସଂଖ୍ୟକ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ମହିଳାମାନେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ଜିତିଥିବା ଭାରତୀୟ ବକ୍ସରଙ୍କ ମଧ୍ୟରେ ବିଶ୍ୱନାଥ ସୁରେଶ (୪୬କେଜି), ବିଶ୍ୱମିତ୍ର ଚୋଙ୍ଗଥାମ (୪୮କେଜି), କଲପନା (୪୬ କେଜି), ପ୍ରୀତି ଡାହିୟା (୬୦ କେଜି), ତାଂଶବୀର କୌର ସାନ୍ଧୁ (୮୦କେଜି) ଓ ଅଲଫିୟା ତାରାନୁମ ପଠାନ (+୮୦କେଜି) ରହିଛନ୍ତି। ଏହି ପ୍ରତିଯୋଗିତାରେ ୨୬ ଦେଶର ବକ୍ସରମାନେ ଅଂଶଗ୍ରହଣ କରିଥିଲେ। ୨୦୦୩ ଓ ୨୦୦୪ରେ ଜନ୍ମିତ ୬୯ ବାଳିକା ଓ ୧୭୦ ବାଳକ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଭାରତୀୟ ଦଳଠାରୁ ଗୋଟିଏ କମ୍ ପଦକ ଜିତିଥିଲେ ମଧ ଉଜବେକିସ୍ତାନ ୮ ସ୍ୱର୍ଣ୍ଣ ଯୋଗୁ ପଦକ ତାଲିକା ଶୀର୍ଷରେ ରହି ଅଭିଯାନ ଶେଷ କରିଛି।

## ଭାରତ-ବ୍ରିଟେନ ଫାଇନାଲ ମୁକାବିଲା

**ସୁଲତାନ ଜୋହର କପ୍ ହକି**

**ଜୋହର ବାହରୁ(ମାଲେସିଆ), ୧୮।୧୦**

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିୟର ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଭାରତ-ଗ୍ରେଟ୍ ବ୍ରିଟେନ ମ୍ୟାଚ ୩–୩ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ମଧରେ ଶନିବାର ଫାଇନାଲ ମୁକାବିଲା ହେବ। ପୂର୍ବରୁ ଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ସଫଳ ପ୍ରତ୍ୟାବର୍ତ୍ତନ ସହ ଏହି ମ୍ୟାଚରେ ଭଲ ଅଭ୍ୟାସ କରିପାରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଶୀଳାନନ୍ଦ ଲାକ୍ରା, ମନଦୀପ ମୋର ଓ ଶାରଦାନନ୍ଦ ତିୱାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ପ୍ରଥମ କ୍ୱାର୍ଟରେ ଖେଳ ଭାରତ ନିୟନ୍ତ୍ରଣରେ ରହିଥିଲା। ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିସିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ୧୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଦୀନଚନ୍ଦ୍ର ସିଂ ଗୋଲରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ ଭାରତୀୟ ଖେଳାଳିମାନେ ପ୍ରଭାବୀ ରହିଥିଲେ। ଗୁରସାହିବଜିତ ସିଂ, ସୁଦୀପ ଚିରମାକୋ ଗୋଲ ଦେବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ପେନାଲ୍ଟି କର୍ନରରୁ ସଞ୍ଜୟଙ୍କ ଡ୍ରାଗ୍‌ଫ୍ଲିକ୍ ୱାଇଡ ହୋଇଯାଇଥିଲା। ୨୭ତମ ମିନିଟରେ ବ୍ରିଟେନକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ଲୋନ୍ ୱାଲ୍ସ ଡ୍ରାଗ୍‌ଫ୍ଲିକ୍ ଜରିଆରେ ଏହାକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ଆଣ୍ଡ୍ରୁ ମ୍ୟାକକୋନେଲଙ୍କ ଗୋଲ ବଳରେ ବ୍ରିଟେନ ଏହାର ଗୋଲ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲା। ୪ର୍ଥ କ୍ୱାର୍ଟରରେ ଭାରତ ଭିନ୍ନ ଧରଣର ଖେଳ ଦେଖାଇଥିଲା। ଗୋଲ ପରିଶୋଧ ପାଇଁ ବ୍ୟଗ୍ର ଥିବା ଖେଳାଳିମାନେ ଏଥର କିନ୍ତୁ ସୁଯୋଗକୁ ହାତଛଡ଼ା କରି ନ ଥିଲେ। ୪୮ତମ ମିନିଟରେ ସର୍କଲ ଭିତରେ ପାଇଥିବା ପାସ୍‌କୁ ଶୀଳାନନ୍ଦ ଗୋଲରେ ପରିଣତ କରି ଗୋଲ ବ୍ୟବଧାନକୁ ହ୍ରାସ କରାଇଥିଲେ। ଏହାର ୩ ମିନିଟ ପରେ ମନଦୀପ ମୋର ଗୋଟିଏ ଗୋଲ ଦେଇ ମ୍ୟାଚକୁ ୨–୨ରେ ପହଞ୍ଚାଇ ଦେଇଥିଲେ। ଫାଇନାଲରେ ପ୍ରବେଶ ପାଇଁ ବ୍ରିଟେନ ଅତିକମ୍‌ରେ ମ୍ୟାଚକୁ ଡ୍ର ରଖିବା ଆବଶ୍ୟକ ହେଉଥିଲା। ମାତ୍ର ଭାରତ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୫୭ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଶାରଦାନନ୍ଦ ଗୋଲରେ ପରିଣତ କରି ବ୍ରିଟେନ ଉପରେ ଚାପ ପ୍ରୟୋଗ କରିଥିଲେ। ଭାଗ୍ୟଦେବୀ ବ୍ରିଟେନକୁ ସହାୟକ ହୋଇଥିଲେ। ୫୯ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ମାଥ୍ୟୁ ରେନ୍‌ଶ ଗୋଲରେ ପରିଣତ କରିବାରୁ ମ୍ୟାଚ ଅମୀମାଂସିତଭାବେ ଶେଷ ହୋଇଥିଲା।



ଭାରତ ଓ ଗ୍ରେଟ୍ ବ୍ରିଟେନ୍ ମଧରେ ଅନୁଷ୍ଠିତ ମ୍ୟାଚ୍।

## ରାଜ୍ୟ ପୋଲିସ କବାଡ଼ି, ହ୍ୟାଣ୍ଡବଲ ଉଦ୍‌ଘାଟିତ

**କଟକ ଅଫିସ, ୧୮।୧୦**

୭୬ତମ ରାଜ୍ୟ ପୋଲିସ କବାଡ଼ି ଓ ୮ମ ହ୍ୟାଣ୍ଡବଲ ପ୍ରତିଯୋଗିତା–୨୦୧୯ ଶୁକ୍ରବାର ୬ଷ୍ଠ ସ୍ୱତନ୍ତ୍ର ବାଟାଲିୟନ ପରିସରରେ ଆରମ୍ଭ ହୋଇଯାଇଛି। ଅତିରିକ୍ତ ପୋଲିସ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ପୋଲିସ ଜିଲା ଓ ପ୍ରତିଷ୍ଠାନଗୁଡ଼ିକରୁ ୨୫ଟି କବାଡ଼ି ଦଳ ଓ ୧୦ଟି ହ୍ୟାଣ୍ଡବଲ ଦଳର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୮ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଖେଳ ସମସ୍ତ ଲିଗ୍ ଓ ନକ୍–ଆଉଟ ଭିତ୍ତିରେ ଖେଳାଯିବ। ପ୍ରତିଯୋଗିତାର ସମସ୍ତ କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ମ୍ୟାଚ ଅକ୍ଟୋବର ୨୪ରେ ଏବଂ ୨୫ ତାରିଖରେ ଫାଇନାଲ ଖେଳାଯିବ। ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ସଶସ୍ତ୍ର ପୋଲିସର ସ୍ୱତନ୍ତ୍ର ଡିଜି ମନୋଜ ଛାବ୍ରା ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟିର ଅଧ୍ୟକ୍ଷ ତଥା ଏସ୍‌ଏପିର ଆଇଜି ଯତୀନ୍ଦ୍ର କୋଏଲ, ୬ଷ୍ଠ ବାଟାଲିୟନର ଦୁର୍ଗପତି ବୈକୁଣ୍ଠ ବିହାରୀ ରାଉତ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟ ପୋଲିସ କବାଡ଼ି, ହ୍ୟାଣ୍ଡବଲର ଉଦ୍‌ଘାଟନୀ ଉତ୍ସବ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଭେଲୋରରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଜୁନାଗଡ,୧୮।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ଗୋଡିପଡାର ଜଣେ ଯୁବକ ଗତ ସେପ୍ଟେମ୍ବରରେ ଭେଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ଶୁକ୍ରବାର ହୃଦ୍‌ଘାତ ଯୋଗୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଦାଦନ ଶ୍ରମିକଙ୍କ ନାମ ପବିତ୍ର ଭୋଇ (୨୫)। ସୂଚନା ଅନୁଯାୟୀ ଜୁନାଗଡ ଗୋଡିପଡାର ପବିତ୍ର ଗତ ସେପ୍ଟେମ୍ବରରେ ନୂଆଁଖାଇ ପରେ ସାଙ୍ଗଙ୍କ ସହିତ ଭେଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ନିର୍ମାଣାଧୀନ ଏକ ଡାକ୍ତରଖାନା କୋଠାରେ ଦିନ ମଜୁରିଆ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ସକାଳେ ପବିତ୍ର ହୃଦ୍‌ଘାତ ଯୋଗୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଡାକ୍ତରଖାନା ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସରେ ପବିତ୍ରଙ୍କ ମୃତଦେହକୁ ଜୁନାଗଡ ଅଣାଯାଉଛି। ଶନିବାର ମୃତଦେହ ଜୁନାଗଡ ଗୋଡିପଡାକୁ ପହଞ୍ଚିବ ବୋଲି ଜଣାପଡିଛି। ପବିତ୍ର ୪ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର କୌଣସି ଝିଅପୁଅ ନାହିଁ। ସେ ପରିବାରର ବଡପୁଅ ହୋଇଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ନିଜେ କାମ କରୁଥିଲେ। ପବିତ୍ରଙ୍କ ମୃତ୍ୟୁ ପରେ ପରିବାର ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଅସହାୟ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା କରିବା ପାଇଁ ଦାବି ହୋଇଛି।

## ଜନ୍ମଦିନ ଶୁଭେଚ୍ଛା



**କରମ୍‌ଜିତ୍ ଯଶରାଜ ବିହାରୀ (ଡୁଗୁ)**
ଗ୍ରାମ: ବରିମୁଣ୍ଡେଇ, ପୋ: ବଗଲ ବାହାରାଣା, ଥାନା: ନିଆଳି, ଜିଲା: କଟକ
ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ**
ବାପା, ମା', ଜେଜେବାପା, ଜେଜେମା', ଦାଦା, ଖୁଡ଼ୀ, ଡୁଗୁ, ସ୍ନେହା।
ଧ-୧୪୭୩୪

# ମାଧବଙ୍କ ମୋଟରଚାଳିତ ସାଇକେଲକୁ ନେଇ ଚର୍ଚ୍ଚା

**ବିନିକା,୧୮।୧୦(ଡି.ଏନ୍.ଏ):** ଟ୍ରାଫିକ୍ ସମସ୍ୟା ମାଧବଙ୍କୁ କିଛି ନୂଆ ଉଦ୍‌ଭାବନ କରିବାର ପ୍ରେରଣା ଦେଇଛି। ମାଧବ ତାଙ୍କ ପୁରୁଣା ସାଇକେଲରେ ବ୍ୟାଟେରି, ମୋଟର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ବ୍ୟବହାର କରି ବିନା ଇନ୍ଧନରେ ଚାଲୁଥିବା ଏକ ଅଭିନବ ସାଇକେଲ ନିର୍ମାଣ କରି ଚର୍ଚ୍ଚିତ ହୋଇପାରିଛନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ତାଲମୁଣ୍ଡା ଗ୍ରାମର ମାଧବ ଭୋଇଙ୍କ ଘରକୁ ଅଭିନବ ସାଇକେଲ ଦେଖିବାକୁ ଲୋକଙ୍କ ଭିଡ ଜମୁଛି। ଗତମାସରେ ମାଧବ ବରଗଡ଼କୁ ଏକ ମେଡିକାଲ କାମରେ ଯାଉଥିଲେ। ହେଲେ ବରଗଡ଼ ଜିଲା ବରପାଲି ରେଳ ଫାଟକ ନିକଟରେ ସେ ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଫଳରେ ସେ ମେଡିକାଲ କାମ କରି ନ ପାରି ନିରାଶ ହୋଇ ଫେରିଥିଲେ। ଯାହାକି ମାଧବଙ୍କ ମନରେ ଆଘାତ ଦେଇଥିଲା। ସେଦିନଠାରୁ ମାଧବ ନିଜ ସାଇକେଲକୁ କି ଭଳି ଭାବେ ବାଇକ୍ ଭଳି ବିନା ଇନ୍ଧନରେ ଚଲାଇ ପାରିବେ ସେନେଇ ଗବେଷଣା ଆରମ୍ଭ କରିଥିଲେ। ପରେ ସେ ୟୁଟ୍ୟୁବ୍ ସାହାଯ୍ୟ ନେଇ ଶକ୍ତି ସଂରକ୍ଷଣ ବିଷୟରେ ଜାଣିବାର ପ୍ରୟାସ କରିଥିଲେ। ଏକ ମାସ ପରିଶ୍ରମ ପରେ ବ୍ୟାଟେରି, ମୋଟର ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ବ୍ୟବହାର କରି ସେ ତାଙ୍କ ଏକ ପୁରୁଣା ସାଇକେଲକୁ ବାଇକ୍ ଭଳି ପ୍ରସ୍ତୁତ କରିବାରେ ସଫଳ ହୋଇଥିଲେ । ମାଧବ ତାଙ୍କ ଅଭିନବ ସାଇକେଲରେ ବସି ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ସାଇକେଲରେ ବାଇକ୍ ସଦୃଶ ଏକ୍ସିଲରେଟର, ଲାଇଟ୍, ହର୍ନ ,ବ୍ରେକ୍ ଏବଂ ହ୍ୟାଣ୍ଡଲ୍ ଲକ୍ କରିବା ଆଦି ବ୍ୟବସ୍ଥା କରିଛନ୍ତି। ଚାବି ଲଗାଇ ସ୍ୱିଚ୍‌କୁ ଅନ୍ କଲେ ଦୌଡିବାରେ ଲାଗିଛି ସାଇକେଲ। ସାଇକେଲ ଘଣ୍ଟା ପ୍ରତି ୩୦କି.ମି ବେଗରେ ଚାଲୁଛି। ବାଇକ୍ ଭଳି ସାଇକେଲ ଚଲାଇବା ପାଇଁ ୪ଘଣ୍ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ବ୍ୟାଟେରୀକୁ ଚାର୍ଜ କରିବାକୁ ପଡୁଛି । ସାଇକେଲଟି ୧୨ଭୋଲ୍ଟର ୨ଟି ମୋଟର ଏବଂ ୧୨ୱାଟ୍‌ର ୨ଟି ବ୍ୟାଟେରି ଶକ୍ତି ଦ୍ୱାରା ଚାଲୁଛି। ମାତ୍ର ୮ହଜାର ଟଙ୍କା ଖର୍ଚ୍ଚରେ ପୁରୁଣା ସାଇକେଲକୁ ବାଇକ୍ ଭଳି ପ୍ରସ୍ତୁତ କରି ପାରିଥିବା ମାଧବ କହିଛନ୍ତି। ମାଧବଙ୍କ ଅଭିନବ ସାଇକେଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ମାଧବଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ସୂଚନା ଯୋଗ୍ୟ, ମାଧବ ତାଲମୁଣ୍ଡା ଗ୍ରାମର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବାପା ଗୁଲା ଭୋଇ(୮୫), ମା' ମିଥିଲା ଭୋଇ(୮୦) ଏବଂ ସ୍ତ୍ରୀ ସୌଭାଗିନୀ ଭୋଇଙ୍କୁ ନେଇ ତାଙ୍କ ସଂସାର।



ମାଧବଙ୍କ ଦ୍ୱାରା ନିର୍ମିତ ହୋଇଥିବା ମୋଟରଚାଳିତ ସାଇକେଲ।

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କ୍ଷୀରେଶ ଚନ୍ଦ୍ର ମହାନ୍ତି**
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୨୮।୦୨।୧୯୫୪
ତିରୋଧାନ: ୦୯।୧୦।୨୦୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ! ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୁଣ୍ୟ ଏକାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ**
ଧର୍ମପତ୍ନୀ: ତିଳୋତ୍ତମା ମହାନ୍ତି, ପୁଅ: ରାଜେଶ କୁମାର ମହାନ୍ତି, ରାକେଶ କୁମାର ମହାନ୍ତି, ପୁତ୍ରବଧୂ: ପ୍ରତିଭା ମହାନ୍ତି ଓ ସ୍ୱାଗତିକା ମହାନ୍ତି, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୫୭୧

## ଶ୍ରଦ୍ଧାସୁମନ

**ଂ ନୀଳମଣୀ ଦେବୀ**
ସା- ଂ ଗୋବର୍ଦ୍ଧନ ଦାଶ
ଦାଣ୍ଡମୁକୁନ୍ଦପୁର, ପିପିଲି, ଜିଲ୍ଲା-ପୁରୀ
ତିରୋଧାନ- କାର୍ତ୍ତିକ କୃଷ୍ଣପକ୍ଷ ୬ଷ୍ଠୀ, ୧୯୬୨ ମସିହା
ବୋଉଲୋ ...,
ସାରା ଜୀବନ ଦୁଃଖ, ଯନ୍ତ୍ରଣା, କଷ୍ଟ, ଅଶାନ୍ତି ଭିତରେ ଆମକୁ ଦୁନିଆର ଆଲୋକ ଦେଖାଇଲୁ। ତତେ ଟିକେ ଭଲକରି ଦେଖିବା ଆଗରୁ ଆମକୁ ଅନାଥ କର ଛାଡି ଚାଲିଗଲୁ । ପ୍ରତିଟି ମୁହୂର୍ତ୍ତ ଆମେ ତୋର ଅନୁପସ୍ଥିତି ଅନୁଭବ କରିଛୁ । ତୋରି ସ୍ନେହ ଆଦର୍ଶ, ଆଶୀର୍ବାଦ ଓ ପଣତକାନିର ଆଶ୍ରା ଅଦୃଶ୍ୟରେ ଆମ ଜୀବନରେ ବଞ୍ଚିବାର ପାଥେୟ, ପ୍ରେରଣା ଓ ଆଲୋକବର୍ତ୍ତିକା । ତୋ ଋଣ ଏ ଜନ୍ମରେ ସୁଝିବାର ସୁଯୋଗ ମିଳିଲାନି । ଅନ୍ତରର କୋହ ଓ ଆଖିର ଲୁହ, ତୋରି ଉଦ୍ଦେଶ୍ୟରେ ଅର୍ପଣ କଲୁ । ସାରା ଜୀବନ ସେମିତି ଆମକୁ ତୋ ପଣତକାନି ତଳେ ରଖିଥା ।
ଅମର ଆତ୍ମା ଉଦ୍ଦେଶ୍ୟରେ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳୀ । ତୋର ଅଲିଅଳ, ହତଭାଗ୍ୟ- ସନ୍ତାନ, ସନ୍ତତି ।
ଧ-୬୮୧୩୭

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ହୃଦାନନ୍ଦ ରାଉତ**
ରଘୁନାଥପୁର, ବାରଙ୍ଗ, ନନ୍ଦନକାନନ, ଭୁବନେଶ୍ୱର
ଆବିର୍ଭାବ: ୧୫।୦୬।୧୯୪୬
ତିରୋଧାନ: ୦୯।୧୦।୨୦୧୯
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ। ପରିବାର ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ଆପଣଙ୍କର ତ୍ୟାଗ ଓ ଦିଗ୍‌ଦର୍ଶନ ପାଇଁ ଆପଣ ଆମ୍ଭମାନଙ୍କ ନିକଟରେ ଚିରସ୍ମରଣୀୟ ରହିବେ।
**ଶୋକସନ୍ତପ୍ତ:**
ପରିବାର ଓ ବନ୍ଧୁବର୍ଗ ।
ଧ-୧୪୫୨୪

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ପଦ୍ମନାଭ ସାହୁ**
ସିଲନ୍ଦି, ବସନ୍ତିଆ, ଭଦ୍ରକ
ଆବିର୍ଭାବ: ୧୮।୦୮।୧୯୪୮
ତିରୋଧାନ: ୦୯।୧୦।୨୦୧୯
ବାପା, ତୁମର ଅଭୁଲା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
**ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ:**
ପୁତ୍ର ଓ ପୁତ୍ରବଧୂ: ବନମାଳୀ-ରୀନା, ରବୀନ୍ଦ୍ର-ମଞ୍ଜୁଲତା, ବିଷ୍ଣୁମୋହନ-ତୁଳସୀ, ଅକ୍ଷୟ-ମାନସୀ, ମାନସ, ସନ୍ତୋଷ, ସତ୍ୟବ୍ରତ ଓ ସଞ୍ଜୟ
ଝିଅଜ୍ୱାଇଁ: ସରସ୍ୱତୀ-ଶ୍ରୀଧର, ରାହାସମଣୀ-ରତ୍ନାକର, ଜୟନ୍ତୀ-ରମେଶ
ଧ-୧୪୮୨୯

## କୃତିତ୍ୱ



ଅଙ୍କିତ ପଟ୍ଟନାୟକ



ଲକ୍ଷ୍ମୀକାନ୍ତ ସୁତାର



ରାଜନନ୍ଦନ ଦାସ



ରାଜେଶ୍ୱରୀ ସ୍ୱାଇଁ

**ଭୁବନେଶ୍ୱର:** ଶିକ୍ଷାବର୍ଷ (୨୦୧୮-୧୯) ସରକାରୀ ବୃତ୍ତି ପରୀକ୍ଷାରେ ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ୟ ଓ ୫ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ସମଗ୍ର ଭୁବନେଶ୍ୱର ଶିକ୍ଷାଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟର ଗର୍ବ ଓ ଗୌରବ ବୃଦ୍ଧି କରିଛନ୍ତି। ୩ୟ ଶ୍ରେଣୀର ଶ୍ରୀମାନ ଅଙ୍କିତ ପଟ୍ଟନାୟକ ୧୦ମ ସ୍ଥାନ ଓ ଶ୍ରୀମାନ ଲକ୍ଷ୍ମୀକାନ୍ତ ସୁତାର ୧୨ଶ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୫ମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ରାଜେଶ୍ୱରୀ ସ୍ୱାଇଁ ୨ୟ ସ୍ଥାନ ଓ ଶ୍ରୀମାନ ରାଜନନ୍ଦନ ଦାସ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତି ସଂପୃକ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ଓ ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଧ-୧୪୮୨୮

# ଖବରକାଗଜରେ ଜୀବନ

**ଦିନକର କାହାଣୀ**

ରାଉରକେଲା ପୁରୁଣା ଷ୍ଟେଶନ ରୋଡ ବାସିନ୍ଦା ଉମାତ ରସୁଲ ଖାନ(୪୭)। ବାପାଙ୍କ ପଦ ଅନୁସରଣ କରି ଖବରକାଗଜ ବିତରଣ କରୁଛନ୍ତି ସେ। ବାପାଙ୍କ ସାଇକେଲ ବାସ୍କେଟରେ ଖବରକାଗଜ ଦେଖି ପଢ଼ିବାକୁ ଇଚ୍ଛା ହୁଏ ତାଙ୍କର। କ'ଣ ଖବର ଛପା ଯାଇଛି ସେନେଇ ଉତ୍ସୁକତା ପ୍ରକାଶ କରନ୍ତି ରସୁଲ। ଘରକୁ ଫେରିଥିବା ବଳକା କାଗଜ ପଢି ବସନ୍ତି ସେ। ଏଥିରୁ ଉପଲବ୍ଧି କରନ୍ତି ଯେ ଖବର କାଗଜ କିଣିବା ଓ ପଢିବା ସହଜ କଥା ନୁହେଁ। ଖବର ଭିତରେ ଅନେକ ତଥ୍ୟ ରହିଛି। ଆଞ୍ଚଳିକ ସମସ୍ୟାଠାରୁ ଆରମ୍ଭ କରି ଦେଶ ବିଦେଶର ଘଟଣା ତାଙ୍କୁ ଆନ୍ଦୋଳିତ କରେ..। ବାପାଙ୍କ ଦେହାନ୍ତ ପରେ ରସୁଲ ସେହି ପେସାକୁ ଆପଣାଇ ନେଲେ। ତାଙ୍କ ମତରେ ଏହା ଏକ ଶୃଙ୍ଖଳିତ ଓ ସମ୍ମାନଜନକ ପେସା। ଦେଶ ସୁରକ୍ଷା ଦାୟିତ୍ୱରେ ଥିବା ଯବାନମାନେ ଯେମିତି ଖରା, ବର୍ଷା ଓ ଝଡ ବତାସକୁ ଖାତିର ନ କରି କର୍ତ୍ତବ୍ୟ ପାଳନ କରନ୍ତି ଜଣେ ଖବର କାଗଜ ବିକ୍ରେତା ମଧ ସମାନ ଢଙ୍ଗରେ ନିଜ ଦାୟିତ୍ୱ ନିର୍ବାହ କରେ। ଏହି ଆଦର୍ଶକୁ ପାଥେୟ କରି ରସୁଲ ରାତି ୪ଟାରୁ ଉଠି ନିତ୍ୟକର୍ମ ସାରନ୍ତି। ବସଷ୍ଟାଣ୍ଡରେ କାଗଜ ଗାଡି ପହଞ୍ଚିବା ପୂର୍ବରୁ ସେଠି ପହଞ୍ଚି ଯାଆନ୍ତି। ବସ କିମ୍ବା ଟ୍ରେନ ଟାଇମିଂ ତାଙ୍କର ଦେହସୁହା ହୋଇଯାଇଛି । ଏଥିରେ ସାମାନ୍ୟ ବିଳମ୍ବ ହେଲେ ଗ୍ରାହକଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚି ହୁଏନି। ଏଥିରେ ମୁଁ କେବେ ଅବହେଳା କରେନି ବୋଲି କହନ୍ତି ରସୁଲ। ସକାଳ ୫ଟାରୁ ଖବର କାଗଜ ଧରି ଏସ୍‌ଟିଆଇ ପର୍ଯ୍ୟନ୍ତ ବୁଲିବାକୁ ପଡେ। କାଗଜ ବିତରଣ ସରୁ ସରୁ ଅପରାହ୍ନ ୩ଟା ବାଜେ। ଖାଇ ସାରି ସାମାନ୍ୟ ବିଶ୍ରାମ ନିଏ। ତା'ପରେ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ବକେୟା ଆଦାୟ କରିବାକୁ ଘର ଘର ବୁଲିବାକୁ ପଡେ। ସକାଳ କାଗଜ କିଣିବାକୁ ଅର୍ଥ ଯୋଗାଡ କରିବାକୁ ହୁଏ। ଏହି ସମୟ ଭିତରେ ମୋତେ ପନିପରିବା କିଣାକିଣି ସହ ଘର ସଉଦା ସଂଗ୍ରହ କରିବାକୁ ପଡିଥାଏ। ମୋର ୩ ପୁଅ ଓ ଗୋଟିଏ ଝିଅଙ୍କ ଅଳିଅର୍ଦ୍ଦଳି ବୁଝନ୍ତି ସ୍ତ୍ରୀ ଗୁଲମାତ୍। କାଗଜ ବିକ୍ରିର ଦୀର୍ଘଯାତ୍ରା ପଥରେ ସମସ୍ୟା ଦେଖାଦେଲେ ପ୍ରେରଣା ଦିଅନ୍ତି ସେ। ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦିଅନ୍ତି। ପାରିବାରିକ ସୁଖ ଶାନ୍ତି ବିନା ଏଭଳି କାର୍ଯ୍ୟ କରିବା ଏକ ଦୁରୂହ ବ୍ୟାପାର ବୋଲି ରସୁଲଙ୍କ ମତ। ଆମକୁ ଦିନଭରି ବହୁ ଗ୍ରାହକଙ୍କୁ ସାମନା କରିବାକୁ ପଡେ। ବହୁ ଲୋକ ସହଯୋଗ କରନ୍ତି। ସମ୍ମାନ ଜଣାନ୍ତି। ଏହା ମୋତେ କର୍ମପ୍ରବଣତା ପାଇଁ ବଳ ଯୋଗାଏ। ସବୁ ବ୍ୟବସାୟରେ ଭଲ ମନ୍ଦ ରହିଛି। ଏହି ବେପାରରେ ବି ସେପରି ସମସ୍ୟା ଅଛି। ତେବେ ଖବରକାଗଜ ବିକ୍ରି ଏକ ସ୍ୱଚ୍ଛ, ସମ୍ମାନଜନକ ଓ ପବିତ୍ର ପେସା। ଏହାକୁ କେହି ହୀନଚକ୍ଷୁରେ ଦେଖିବା ଅନୁଚିତ ବୋଲି ରସୁଲ କୁହନ୍ତି ।

**ରିପୋର୍ଟ: ବସନ୍ତ ଧଳ**



ଉମାତ ରସୁଲ ଖାନ।

# ଚେନ୍ନାଇରେ ଦୁର୍ଘଟଣା, ଓଡ଼ିଆ ଯୁବକ ମୃତ୍ୟୁ

**ସୋର, ୧୮।୧୦(ଡି.ଏନ.ଏ.)**

ସୋର ଥାନା ସରଣଙ୍ଗ ପଞ୍ଚାୟତ ଢିଙ୍କିଆପଦା ଗ୍ରାମର ହରିହର ପଣ୍ଡା(୫୦) ନାମକ ବ୍ୟକ୍ତିଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସେଠାରେ ଗତ ୧୩ ତାରିଖରେ କାର୍ଯ୍ୟକ୍ଷେତ୍ରରୁ ବାଇକ ନେଇ ବସାକୁ ଫେରୁଥିବା ବେଳେ ସାମ୍ନାରୁ ଏକ ଅଟୋ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଚିଦାନନ୍ଦ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରୁ ଏକ ଘରୋଇ ଆମ୍ବୁଲାନ୍ସରେ ତାଙ୍କୁ ଭୁବନେଶ୍ୱର ଆଣି କିମ୍ସ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା।






ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୧୯/୨୦୧୯ Sambalpur, Saturday, October 19 / 2019

## ସଂକ୍ଷେପରେ

### ସିଙ୍ଗଲ୍ସ, ଡବଲ୍ସ ସେମିରେ ପ୍ରମୋଦ



**ଭୁବନେଶ୍ୱର, ୧୮।୧୦ (କ୍ରୀଡ଼ା ପ୍ରତିନିଧି):** ଡେନମାର୍କର କୋପେନହାଗେନ ଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ପେରୁର ପେଡ୍ରୋ ପାବ୍‌ଲୋ ଡେଭିନାଟିଙ୍କୁ ୨୧-୧୧, ୨୨-୨୦ ପଏଣ୍ଟରେ ପରାସ୍ତ କରିଛନ୍ତି। ସେହିପରି ଭାରତର ମନୋଜ ସରକାରଙ୍କୁ ସାଥିକରି ଖେଳି ଆସୁଥିବା ପ୍ରମୋଦ ଡବଲ୍ସ କ୍ୱାର୍ଟର ଫାଇନାଲରେ ସ୍କଟଲାଣ୍ଡର ରିଚାର୍ଡ ୱିଲିୟମ ଲିନ୍ ଏବଂ କଲିନ ଲେସ୍‌ଲି ଯୋଡ଼ିଙ୍କୁ ୨୪-୨୨, ୨୧-୧୪ ପଏଣ୍ଟରେ ହରାଇ ସେମିରେ ପହଞ୍ଚିଛନ୍ତି। ପ୍ରମୋଦ-ମନୋଜ ସେମିଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାସ ଲି'ଙ୍କୁ ଭେଟିବେ। ସିଙ୍ଗଲ୍ସ ସେମିଫାଇନାଲରେ ନିଜ ଡବଲ୍ସ ପାର୍ଟନର ମନୋଜଙ୍କ ସହ ମୁକାବିଲା କରିବେ ଏହି ଓଡ଼ିଆ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

### ଗାଙ୍ଗୁଲିଙ୍କୁ ଇମ୍ରାନଙ୍କ ସହ ତୁଳନା କଲେ ଅଖତର

**କରାଚୀ,୧୮।୧୦:** ପୂର୍ବତନ ପାକିସ୍ତାନ ସ୍ପିଡ୍‌ଷ୍ଟାର ଶୋଏବ ଅଖତର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ସଭାପତି ହେବାକୁ ଯାଉଥିବା ସୌରଭ ଗାଙ୍ଗୁଲିଙ୍କୁ ସମର୍ଥନ କରିଛନ୍ତି। ଏହା ଏକ ଭଲ ଖବର କହିବା ସହ ଗାଙ୍ଗୁଲିଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ସହ ତୁଳନା କରିବାକୁ ପଛାଇ ନାହାନ୍ତି। ପ୍ରଥମତଃ ଗାଙ୍ଗୁଲି ସର୍ବଦା ନୂଆ ପ୍ରତିଭା ଉପରେ ବିଶ୍ୱାସ କରନ୍ତି। ଦ୍ୱିତୀୟଟି ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଅନ୍ତି। ଏହା ହିଁ ଇମ୍ରାନ ପାକିସ୍ତାନ ଦଳ ପାଇଁ କରିଥିଲେ। ଗାଙ୍ଗୁଲି ଅଧିନାୟକ ହେବା ପରେ ଭାରତୀୟ ଦଳର ଭାଗ୍ୟ ପରିବର୍ତ୍ତନ କରି ଦେଇଥିଲେ। ମୁଁ କଦାପି ଚିନ୍ତା କରି ନ ଥିଲି ଭାରତ ପାକିସ୍ତାନକୁ ହରାଇ ଦେବ। କିନ୍ତୁ ଗାଙ୍ଗୁଲି ସବୁ ବଦଳାଇ ଦେଲେ। ସେ ଅଧିନାୟକ ହେବା ପରେ ବୀରେନ୍ଦ୍ର ସେହ୍ୱାଗ, ଯୁବରାଜ ସିଂ, ଜାହିର ଖାଁଙ୍କ ଭଳି ବହୁ ଯୁବ ଖେଳାଳିଙ୍କୁ ଦଳକୁ ଆଣିଥିଲେ ବୋଲି ଅଖତର ନିଜ ୟୁଟ୍ୟୁବ ଚ୍ୟାନେଲରେ ଅପଲୋଡ୍ କରିଥିବା ଏକ ଭିଡିଓରେ କହିଛନ୍ତି। ୪୪ ବର୍ଷୀୟ ଅଖତର ଆହୁରି କହିଛନ୍ତି, ଗାଙ୍ଗୁଲିଙ୍କ କ୍ରିକେଟ ସମ୍ପର୍କିତ ଜ୍ଞାନ ରହିଛି। ସେ ଟ୍ୟାଲେଣ୍ଟ ଯୁବ ଖେଳାଳିଙ୍କ ଉପରେ ନଜର ରଖନ୍ତି, ଯାହାକି ଭାରତୀୟ କ୍ରିକେଟ ଦଳର ଉନ୍ନତି କରିବ। ଗାଙ୍ଗୁଲିଙ୍କ ସହ କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିବାବେଳର କିଛି ଭଲ ସ୍ମୃତି ରହିଛି।

---

> ମୋର ବ୍ୟକ୍ତିଗତ ଜର୍ଜିଆନ କୋଚ୍ ଶାକୋ ବେଣ୍ଟିନିଡିସ୍‌ଙ୍କୁ ମୁଁ ବହିଷ୍କାର କରିଛି ବୋଲି ଯାହା ଶୁଣାଯାଉଛି ତାହା ଏକ ଗୁଜବ।
> **– ବଜରଙ୍ଗ ପୁନିଆ, ଭାରତର ଷ୍ଟାର ରେସ୍‌ଲର**



> ମାଞ୍ଚେଷ୍ଟର ସିଟି ଯଦିଓ କ୍ରମାଗତ ତୃତୀୟ ଥର ପ୍ରିମିୟର ଲିଗ୍ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି, ଆମେ କିନ୍ତୁ ଏଥର ଦୃଢ଼ ଆଶା ରଖିଛୁ।
> **– ଭର୍ଗିଲ ଭାନ୍ ଡିକ୍, ଲିଭରପୁଲ୍ ଟିମ୍ ଷ୍ଟାର ଡିଫେଣ୍ଡର**



## ଆଜିଠାରୁ ଅନ୍ତିମ ଟେଷ୍ଟ

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ରାଞ୍ଚି,୧୮।୧୦(ପି.ଟି.)**

ସ୍ଥାନୀୟ ଝାଡଖଣ୍ଡ ଷ୍ଟେଟ୍ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶନିବାରଠାରୁ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆୟୋଜନ ହେବାକୁ ଯାଉଛି। ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ତେବେ ଅନ୍ତିମ ମ୍ୟାଚ୍ ଜିତି ଭାରତ ୩-୦ରେ ସିରିଜ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଏହି ସିରିଜ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ହୋଇଥିବାରୁ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କାଭାବେ ନେବ ନାହିଁ। ବିଜୟୀ ହେଲେ ଭାରତ ୪୦ ପଏଣ୍ଟ ହାସଲ କରି ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ କରିବ। ଅନ୍ୟପଟେ ଅନ୍ତିମ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ସାନ୍ତ୍ୱନାମୂଳକ ବିଜୟ ହାସଲ ଲକ୍ଷ୍ୟରେ ରହିଛି।

ସିରିଜରେ ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦୟନୀୟ ପ୍ରଦର୍ଶନ କରିଛି। ସବୁ ବିଭାଗରେ ଭାରତ ପ୍ରଭାବ ବିସ୍ତାର କରି ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୨୦୩ ରନରେ ବିଜୟୀ ହୋଇଥିଲା। ସେହିପରି ପୁଣେରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ଏକ ଇନିଂସ ଓ ୧୩୭ରେ ବିଜୟୀ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ୪ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୨୦୦ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଭାରତଠାରୁ ୧୪୦ ପଏଣ୍ଟ କମ୍ ପାଇ ନ୍ୟୁଜିଲାଣ୍ଡ ୬୦ ପଏଣ୍ଟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ୬୦ ପଏଣ୍ଟ ପାଇଥିଲେ ମଧ୍ୟ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଟେଷ୍ଟକୁ ଭାରତ ବେଶ୍ ଗୁରୁତ୍ୱ ଦେଉଛି। ତେଣୁ ପୂରା ସାମର୍ଥ୍ୟ ସହ ଭାରତ ପଡିଆକୁ ଓହ୍ଲାଇବ ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ବ୍ୟାଟିଂ ଓ ବୋଲିଂରେ ଥିବା ସାମାନ୍ୟ କେତୋଟି ତ୍ରୁଟିକୁ ଭାରତ ସୁଧାରିବା ଲକ୍ଷ୍ୟରେ ରହିଛି। ପ୍ରଥମ ଟେଷ୍ଟର ଦୁଇଟି ଇନିଂସରେ ଶତକ ହାସଲ କରିଥିବା ତାରକା ଓପନର ରୋହିତ ଶର୍ମା ଦ୍ୱିତୀୟ ଟେଷ୍ଟରେ ଅବଶ୍ୟ ସଫଳ ହୋଇ ପାରି ନ ଥିଲେ। ସେ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ତାଙ୍କ ସାଥୀ ଓପନର ମୟଙ୍କ ଅଗ୍ରୱାଲ ପ୍ରଥମ ଟେଷ୍ଟରେ କ୍ୟାରିୟର ପ୍ରଥମ ଶତକକୁ ଦ୍ୱିଶତକରେ ପରିଣତ କରିଥିଲେ। ଏଥି ସହିତ ଦ୍ୱିତୀୟ ଟେଷ୍ଟରେ ସେ ଆଉ ଏକ ଶତକ ଅର୍ଜନ କରିଥିଲେ। ତେବେ ଦ୍ୱିତୀୟ ଟେଷ୍ଟରେ କୋହଲି ୨୫୪ ରନର ଦ୍ୱିଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକାଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସିରିଜରେ ଏପର୍ଯ୍ୟନ୍ତ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏଥର ସେ ଶତକ ହାସଲ କରିବେ ବୋଲି ଆଶା କରାଯାଉଛି। ଗତ ଦୁଇଟି ଯାକ ଟେଷ୍ଟରେ ଭାରତ ମାତ୍ର ୧୬ ଉଇକେଟ ହରାଇ ଆଧିପତ୍ୟ ଜାହିର କରିଛି। ଟସ୍ ଜିତିବା ମଧ୍ୟ ଭାରତ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା। ଏଥର ଭାଗ୍ୟ ସହାୟ ହେଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ଟସ୍ ଜିତିବେ। ଦକ୍ଷିଣ ଆଫ୍ରିକାର ଗତ ଭାରତ ଗସ୍ତରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଏଥର କିନ୍ତୁ ଉଭୟ ଦ୍ରୁତ



ଶୁକ୍ରବାର ନେଟ୍ସ ସେସନରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କ କ୍ୟାଚ ପ୍ରାକ୍ଟିସ୍।

ବୋଲର ଓ ସ୍ପିନର ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଦ୍ୱିତୀୟ ଟେଷ୍ଟରେ ୨୨ ରନ ଦେଇ ଦ୍ରୁତ ବୋଲର ଉମେଶ ଯାଦବ ୩ ଉଇକେଟ ଅକ୍ତିଆର କରି ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଇକେଟକିପର ରିଦ୍ଧିମାନ ଶାହା ମଧ୍ୟ କୋତୋଟି ଦର୍ଶନୀୟ କ୍ୟାଚ୍ ନେଇଛନ୍ତି। ହନୁମା ବିହାରୀଙ୍କୁ ବସାଇ କୋହଲି ଅତିରିକ୍ତ ଦ୍ରୁତ ବୋଲର ଭାବେ ଉମେଶଙ୍କୁ ଖେଳାଇଥିଲେ। ଅନ୍ତିମ ଟେଷ୍ଟରେ କୋହଲି ଅନ୍ତିମ ଏକାଦଶ ନେଇ କି ନିଷ୍ପତ୍ତି ନେବେ ତାହା କହିବା ମୁସ୍କିଲ।

ରାଞ୍ଚିରେ ବଲ୍ ସ୍ପିନ୍ କରିବ ବୋଲି ଡୁପ୍ଲେସି କହି ସାରିଛନ୍ତି। ତେଣୁ ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବ ଖେଳିବା ଆଶା କରାଯାଉଥିଲା। ତେବେ କୁଲଦୀପ କାନ୍ଧରେ ଦେଖାଦେଇଥିବା ଆଘାତ ସମସ୍ୟା କାରଣରୁ ଦଳରୁ ବାଦ ପଡିଛନ୍ତି। ଫଳରେ ତାଙ୍କ ସ୍ଥାନରେ ଝାଡଖଣ୍ଡ ବାମହାତୀ ସ୍ପିନର ଶାହବାଜ ନଦିମଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି ଓ ସେ ଅନ୍ତିମ ଏକାଦଶରେ ସାମିଲ ହେବେ ବୋଲି ଆଶା କରାଯାଉଛି।

ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଲଢେଇ କରିଥିଲେ ମଧ୍ୟ ପୁନେରେ ହାତ ଟେକିଦେଇଥିଲେ। କେବଳ ଟେଲଏଣ୍ଡର କିଛି ମାତ୍ରାରେ ସଂଘର୍ଷ କରିଥିଲେ। ଡିନ୍ ଏଲଗାର, କ୍ୱିଣ୍ଟନ ଡି କକ ଓ ଟେମ୍ବା ବଭୁମା ଭଲ ପ୍ରଦର୍ଶନ କରିବାକୁ ଡୁପ୍ଲେସି ଆହ୍ୱାନ ଦେଇଛନ୍ତି। ଇଞ୍ଜୁରି କାରଣରୁ ଓପନର ଏଡେନ ମାରାକ୍ରାମ ଦଳରୁ ବାଦ ପଡିଛନ୍ତି। ଫଳରେ ଦଳର ଚିନ୍ତା ବଢିଯାଇଛି।

କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଅନରିଚ ନୋର୍ଜ ଏପର୍ଯ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇ ନାହାନ୍ତି ଓ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଅଭିଜ୍ଞ ସ୍ପିନର କେଶବ ମହାରାଜ ଦଳରୁ ବାଦ୍ ପଡିଥିବାରୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚ୍ୟାଲେଞ୍ଜ୍ ଦେବା ଦକ୍ଷିଣ ଆଫ୍ରିକା ପାଇଁ କଷ୍ଟକର ହେବ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ରୋହିତ ଶର୍ମା, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ ଅଧିନାୟକ), ହନୁମା ବିହାରୀ, ରିଦ୍ଧିମାନ ଶାହା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାହବାଜ ନଦିମ, ଉମେଶ ଯାଦବ, ଇଶାନ୍ତ ଶର୍ମା, ରିଷଭ ପନ୍ତ ଓ ଶୁବମନ ଗିଲ।

**ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବଭୁମା (ଉପ ଅଧିନାୟକ), ଥେଉନିସ ଡି ବ୍ରୁଇନ୍, କ୍ୱିଣ୍ଟନ ଡିକକ୍, ଡିନ ଏଲଗାର, ଜୁବେର ହମଜା, ଜର୍ଜ ଲିଣ୍ଡ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ୍ ପିଟ୍, କାଗିସୋ ରାବାଡ଼ା ଓ ରୁଡି ସେକେଣ୍ଡ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ରାଞ୍ଚି, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

### ଇଂଲଣ୍ଡର ସ୍ପିନ ବୋଲିଂ ପରାମର୍ଶଦାତା ଜିତନ ପଟେଲ

**ଲଣ୍ଡନ,୧୮।୧୦**

ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ଜିତନ ପଟେଲ ଇଂଲଣ୍ଡ ଜାତୀୟ ଦଳର ସ୍ପିନ ବୋଲିଂ ପରାମର୍ଶଦାତା ପଦରେ ନିଯୁକ୍ତ ହୋଇଛନ୍ତି। ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍ ଲାଗି ତାଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ସାକଲିନ ମୁସ୍ତାକଙ୍କ ସ୍ଥାନ ନେବାକୁ ଯାଉଛନ୍ତି। ପୂର୍ବତନ ପାକିସ୍ତାନ ସ୍ପିନର ମୁସ୍ତାକଙ୍କ ଚୁକ୍ତିର ସମୟ ସୀମାରେ ବୃଦ୍ଧି କରାଯାଇ ନାହିଁ। ଏଣୁ ପଟେଲ ଇଂଲଣ୍ଡର ନିୟମିତ ସହାୟକ କୋଚ୍ ପଦରେ ଥିବା ପଲ କଲିଙ୍ଗଉଡ୍ ଓ ମୁଖ୍ୟକୋଚ୍ କ୍ରିସ୍ ସିଲଭରଉଡଙ୍କ ସହ କାର୍ଯ୍ୟ କରିବେ। ସେ ନ୍ୟୁଜିଲାଣ୍ଡ ପାଇଁ ୨୪ ଟେଷ୍ଟ ଓ ୪୩ ଦିନିକିଆ ଖେଳିଛନ୍ତି।

### ବେଲିସ୍ ଟିମ୍ ଆବୁଧାବି କୋଚ୍

**ଆବୁଧାବି, ୧୮।୧୦ (ପି.ଟି.)**

ଏଠାରେ ନଭେମ୍ବର ୧୫ରୁ ଆରମ୍ଭ ହେବାକୁଥିବା ଟି୧୦ ଟୁର୍ଣ୍ଣାମେଣ୍ଟ ଲାଗି ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲି ଆବୁଧାବି ଟିମ୍‌ର ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଥିବାବେଳେ ବିଶ୍ୱକପ୍ ବିଜୟୀ କୋଚ୍ ଟ୍ରେଭର ବେଲିସ୍ ଦଳର କୋଚ୍ ଦାୟିତ୍ୱ ତୁଲାଇବେ। ବାର୍ଷିକ ଖେଳାଳି ତାଲିକାରେ ସ୍ଥାନ ପାଇଥିବା ୧୧୦ ଜଣଙ୍କୁ ୮ଟି ଦଳ ମଧ୍ୟରେ ବାଣ୍ଟି ଦିଆଯାଇଛି। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ନାମୀ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଶ୍ରୀଲଙ୍କା ପେସ୍ ବୋଲର ଲସିଥ ମାଲିଙ୍ଗା, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ ଏବଂ ପାକିସ୍ତାନ ସ୍ପିଡ୍‌ଷ୍ଟର ମହମ୍ମଦ ଅମିର। ଟିମ୍ ଆବୁଧାବି ପ୍ରତି ଆବୁଧାବି ସ୍ପୋର୍ଟ୍ସ କାଉନ୍‌ସିଲର ସମର୍ଥନ ରହିଛି। ଦଳ ବେଲିସ୍‌ଙ୍କ ବ୍ୟତୀତ ୟୁଏଇ ନ୍ୟାଶନାଲ କ୍ରିକେଟ ଟିମ୍‌ର କୋଚ୍ ଡଗ୍ ବ୍ରାଉନ୍‌ଙ୍କ ଅଧୀନରେ ଟ୍ରେନିଂ ନେବ। ଇଂଲଣ୍ଡ ଅଲରାଉଣ୍ଡର ଅଲିଙ୍କୁ ଦଳର ଆଇକନ୍ ଖେଳାଳି ଭାବେ ମନୋନୀତ କରାଯାଇ ସାରିଛି। ଦଳ ଆହୁରି ମଧ୍ୟ ଶ୍ରୀଲଙ୍କାର ଷ୍ଟାର ଖେଳାଳି ନିରୋଶାନ ଡିକ୍‌ୱେଲା, ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୋରେ ଆଣ୍ଡରସନ ଏବଂ ଅମିରଙ୍କୁ ଦଳରେ ସ୍ଥାନ ଦେଇଛି। ଗତ ଥରର ଚାମ୍ପିୟନ ନର୍ଦର୍ନ ୱାରିୟର୍ସ ୱେଷ୍ଟଇଣ୍ଡିଜର ଡାରେନ ସାମିଙ୍କୁ ଟିମ୍‌ର ଆଇକନ୍ ଖେଳାଳି ଭାବେ ମନୋନୀତ କରିଛି। ଦି ମାରାଠା ଆରବିୟାନ୍ସ ଏକ ସନ୍ତୁଳିତ ଦଳ ଗଠନ କରିଛି। ଦଳର ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ। ଅଷ୍ଟ୍ରେଲିଆର କ୍ରିସ୍ ଲିନ୍ ହେଉଛନ୍ତି ଦଳର ଆଇକନ୍ ଖେଳାଳି। ଦଳ ଲସିଥ୍ ମାଲିଙ୍ଗା ଏବଂ ଡ୍ୱେନ ବ୍ରାଭୋଙ୍କୁ ସାମିଲ କରିଛି। ଡେକାନ ଗ୍ଲାଡିୟର୍ସ ତରଫରୁ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରଣ ପୋଲାର୍ଡ ଖେଳିବେ। ଇଅନ୍ ମୋର୍ଗାନ ଦିଲ୍ଲୀ ବୁଲ୍ସର ନେତୃତ୍ୱ ନେବେ। ଏହି ଦଳରେ ସ୍ଥାନ ପାଇଛନ୍ତି ପୂର୍ବତନ ପାକିସ୍ତାନ ଅଧିନାୟକ ଶୋଏବ ମଲିକ, ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ଏବଂ ଶ୍ରୀଲଙ୍କାର କୁସାଲ ପେରେରା। ଟିମ୍ କ୍ୱାଲାଣ୍ଡାର୍ସ ଦଳରେ ପାକିସ୍ତାନର ମହମ୍ମଦ ହାଫିଜ୍ ଏବଂ ଇମାଦ୍ ୱାସିମ୍‌ଙ୍କୁ ନେଇଛି।

### ମହିଳା ସପୋର୍ଟ ଷ୍ଟାଫ୍ ନିଯୁକ୍ତି ନେଇ ଇଦୁଲ୍‌ଜୀ, ଶାନ୍ତାଙ୍କ ଆପତ୍ତି

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**

କ୍ରିକେଟ ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଏନା ଇଦୁଲଜୀ ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୂଆ ଆପେକ୍ସ କାଉନ୍‌ସିଲ ସଦସ୍ୟା ଶାନ୍ତା ରଙ୍ଗାସ୍ୱାମୀ ଭାରତୀୟ ମହିଳା କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍ ନିଯୁକ୍ତି ନେଇ ଅସନ୍ତୋଷ ଜାହିର କରିବା ସହ ଆପତ୍ତି ଉଠାଇଛନ୍ତି। ଷ୍ଟାଫ୍‌ଙ୍କ ନିଯୁକ୍ତି ଅଣ ସାମ୍ବିଧାନିକ ବୋଲି ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ରାହୁଲ ଜୋହରୀଙ୍କୁ ଏହି ଦୁଇ ମହିଳା ପ୍ରଶାସିକା ଚିଠି ଲେଖି ଜଣାଇଛନ୍ତି।

କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର (ଜିଏମ୍) ସବା କରିମ ମହିଳା କ୍ରିକେଟର ଇନ୍ ଚାର୍ଜ ଅଛନ୍ତି ଓ ତାଙ୍କୁ ଏହି ନିଯୁକ୍ତି ନେଇ ଦାୟୀ କରାଯାଇଛି। ଗୋଟିଏ ଦିନ ପୂର୍ବରୁ ହେମଲତା କାଲାଙ୍କ ନେତୃତ୍ୱାଧୀନ ଚୟନ କମିଟି ସପୋର୍ଟ ଷ୍ଟାଫ୍ ନିଯୁକ୍ତି ପ୍ରକ୍ରିୟାରେ ଅଣଦେଖା ହେଉଥିବାର ଅଭିଯୋଗ ଆଣି ସିଇଓଙ୍କୁ ଚିଠି ଲେଖିଥିଲେ। ବିସିସିଆଇ ସମ୍ବିଧାନ ଅନୁସାରେ ଚୟନକର୍ତ୍ତାମାନେ ହିଁ ପୁରୁଷ ଓ ମହିଳା ଦଳ ପାଇଁ ସପୋର୍ଟ ଷ୍ଟାଫ୍ ନିଯୁକ୍ତ କରିଥାନ୍ତି। ଏହି ପ୍ରକ୍ରିୟା ପୁରୁଷ ଦଳ ସପୋର୍ଟ ଷ୍ଟାଫ୍ ନିଯୁକ୍ତି ପ୍ରକ୍ରିୟାରେ ଅନୁସରଣ କରାଯାଇଥିଲା। ମହିଳା ଦଳର ବୋଲିଂ ଓ ଫିଲ୍ଡିଂ କୋଚ୍ ନିଯୁକ୍ତିରେ ଚୟନକର୍ତ୍ତାଙ୍କୁ ଅନ୍ଧାରରେ ରଖାଯାଇଥିଲା। କେବଳ ମାତ୍ର ଭିଡିଓ ଆନାଲିଷ୍ଟ ସାକ୍ଷାତକାର ନେବାକୁ କୁହାଯାଇଥିଲା ଓ ଏହି ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରକରଣରେ ନିୟମର ଉଲ୍ଲଂଘନ ହୋଇଛି ବୋଲି ଇଦୁଲଜୀ ଓ ରଙ୍ଗାସ୍ୱାମୀ କହିଛନ୍ତି। ଏନ୍‌ସିଏ ବୋଲିଂ କୋଚ୍ ନରେନ୍ଦ୍ର ହିରୱାନୀ ଓ ଟି. ଦିଲୀପ ଯଥାକ୍ରମେ ବୋଲିଂ ଓ ଫିଲ୍ଡିଂ କୋଚ୍ ହିସାବରେ ଭାରତୀୟ ଦଳ ସହ ୱେଷ୍ଟଇଣ୍ଡିଜ ଗସ୍ତ କରିବେ। ଏହି ବିବାଦରେ ସବା କରିମ୍‌ଙ୍କୁ ମୁଖ୍ୟ ବୋଲି କୁହାଯାଉଥିବା ବେଳେ ସେ କିଛି ମତାମତ ଦେଇନାହାନ୍ତି। ସିଇଓଙ୍କୁ ଇମେଲ୍ ପଠାଯାଇଥିବାରୁ ସେ ହିଁ ଏ ସଂକ୍ରାନ୍ତରେ କିଛି କହିପାରିବେ ବୋଲି କରିମ କହିଛନ୍ତି।

### ନୂଆ ଭୂମିକାରେ ଗାଙ୍ଗୁଲି ସଫଳ ହେବେ

**ଗୌତମ ଗମ୍ଭୀର**

ଭାରତୀୟ କ୍ରିକେଟ ଏବେ ଚମତ୍କାର ମନେ ହେଉଛି। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ହେବା ଘୋଷଣା ହୋଇଛି। ଜଣେ ପୂର୍ବତନ କ୍ରିକେଟର ଏହି ପଦରେ ନିଯୁକ୍ତ ହେବା ଏକ ବଡ଼ କଥା ନିଶ୍ଚିତ। ଏହା କିପରି ସମ୍ଭବ ହେଲା ତାହା ଜାଣିନାହିଁ ଓ ଏହା ଜାଣିବାକୁ ମଧ୍ୟ ମୋର ଇଚ୍ଛା ନାହିଁ। କ୍ରିକେଟକୁ ଭଲଭାବେ ଜାଣିଥିବା ଜଣେ ବ୍ୟକ୍ତି ଭାରତୀୟ କ୍ରିକେଟ ପ୍ରଶାସନର ନେତୃତ୍ୱ ନେବା ଆନନ୍ଦର ବିଷୟ। ଦାଦା କେବଳ ଜଣେ ଭଲ ଅଧିନାୟକ କିମ୍ବା ଖେଳାଳି ନୁହନ୍ତି, ସେ ଜଣେ ଭଲ କ୍ରିକେଟ ପ୍ରଶାସକ ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ୍ (ସିଏବି)ରେ ହୋଇଥିବା ଦୃଷ୍ଟାନ୍ତମୂଳକ ପରିବର୍ତ୍ତନରୁ ଜଣାପଡିଛି। ଦାଦାଙ୍କ ପ୍ରଶାସନିକ ଦକ୍ଷତା ଅବଶ୍ୟ ପରୀକ୍ଷାର ସମ୍ମୁଖୀନ ହେବ। ତେବେ ତାଙ୍କୁ ମୁଁ ଯେତିକି ଜାଣିଛି ସେ ନୂଆ ଭୂମିକାରେ ସଫଳ ହେବେ ବୋଲି ଜୋର ଦେଇ କହିପାରେ। ୧୦ ମାସରୁ ଊର୍ଦ୍ଧ୍ୱ ସେ ଦାୟିତ୍ୱରେ ରହିବେ ଓ କିଛି କରିଦେଖାଇବା ପାଇଁ ପ୍ରୟାସ କରିବେ ବୋଲି ଆଶା କରୁଛି।

ଦାଦାଙ୍କୁ ସମସ୍ତେ ସହଯୋଗ କରିବେ ବୋଲି ଆଶା କରୁଛି। କ୍ରିକେଟର ହିସାବରେ ତାଙ୍କୁ ଡ୍ରେସିଂ ରୁମ୍ ଓ ବୋର୍ଡରୁ ଯଥେଷ୍ଟ ସମର୍ଥନ ମିଳିଥିଲା। ସ୍ୱର୍ଗତ ଜଗମୋହନ ଡାଲମିଆଙ୍କ ସମର୍ଥନ ନ ମିଳିଥିଲେ ତାଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଦାଦା ଓ ସେତେବେଳର ହେଡ୍ କୋଚ୍ ଜନ ରାଇଟ୍ ବୀରେନ୍ଦ୍ର ସେହ୍ୱାଗ, ଆଶିଷ ନେହେରା, ହରଭଜନ ସିଂ, ଜାହିର ଖାଁଙ୍କ ଭଳି ଖେଳାଳିଙ୍କୁ ଗଢି ତୋଳିଥିଲେ। ତାଙ୍କୁ ମଧ୍ୟ ରାହୁଲ ଦ୍ରାବିଡ୍, କୁମ୍ବଲେ, ସଚିନ ତେନ୍ଦୁଲକର ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କର ସମର୍ଥନ ମିଳିଥିଲା। ତେଣୁ ବର୍ତ୍ତମାନ ମଧ୍ୟ ତାଙ୍କୁ ଏହିପରି ସମର୍ଥନର ଆବଶ୍ୟକତା ରହିଛି। ଏଥର ଭାରତୀୟ କ୍ରିକେଟରେ ନୂଆ କିଛି ଦେଖିବାକୁ ମିଳିବ।

ଭାରତୀୟ ଦଳକୁ ନେଇ କିମ୍ବଦନ୍ତୀ କ୍ରିକେଟର ବ୍ରାଏନ ଲାରାଙ୍କ ମନ୍ତବ୍ୟ ବେଶ୍ ଆନନ୍ଦଦାୟକ। ଭାରତୀୟ ବୋଲିଂ ଏବେ ସେତେବେଳର ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲିଂ ବିଭାଗ ଭଳି ମନେ ହେଉଥିବା କଥା ଲାରା କହିଛନ୍ତି। ତେବେ ଏହାର ଶ୍ରେୟ ଅଧିନାୟକ ବିରାଟ କୋହଲିଙ୍କୁ ଦିଆଯିବା ଉଚିତ୍। ଭାରତୀୟ ଦଳରେ ଦ୍ରୁତ ବୋଲିଂ ଏକ ଭିନ୍ନ ପ୍ରକାରର କଥା ବୋଲି କୁହାଯାଇପାରେ। ଯଶପ୍ରୀତ ବୁମ୍‌ରାଙ୍କ ବିନା ଭାରତ ଚଳିତ ଟେଷ୍ଟ ସିରିଜ ଜିତିଛି। ତେଣୁ ଭାରତୀୟ ଦ୍ରୁତ ବୋଲିଂ ବିଭାଗରେ ଦମ୍ ରହିଛି ବୋଲି କୁହାଯାଇପାରେ। ଭାରତୀୟ କ୍ରିକେଟର ଉନ୍ନତିରେ ଦ୍ରାବିଡ଼, ବୋଲିଂ କୋଚ୍ ଭରତ ଅରୁଣ, ଫିଲ୍ଡିଂ କୋଚ ଆର. ଶ୍ରୀଧର ଓ ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗରଙ୍କ ଭୂମିକା ବେଶ୍ ପ୍ରଶଂସନୀୟ। ଭଲ ତଥା ଲୋଭନୀୟ ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଦ୍ରାବିଡ୍ ଜୁନିୟର କ୍ରିକେଟରଙ୍କ ସହ କାର୍ଯ୍ୟ କରିବାକୁ ଶ୍ରେୟ ମଣିଥିଲେ। କୋହଲି ଓ ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରୟାସ ରାଞ୍ଚି ଟେଷ୍ଟରେ ସକାରାତ୍ମକ ଫଳାଫଳ ଆଣିଦେବ ବୋଲି ଆଶା କରୁଛି।

**(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)**




---

#### ୧୯ ବର୍ଷରୁ କମ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା

## କଟକର ଶ୍ରେୟାସ ଶୁଭମ ଚାମ୍ପିୟନ

**ବୌଦ୍ଧ,୧୮।୧୦ (ସ୍ୱ.ପ୍ର):** ରାଜ୍ୟ ଚେସ ଆସୋସିଏଶନ ଓ ବୌଦ୍ଧ ଜିଲା ଚେସ ଆସୋସିଶନର ମିଳିତ ସହଯୋଗରେ ବୌଦ୍ଧ ଇନଡୋର ଷ୍ଟାଡିୟମରେ ଚାଲିଥିବା ୧୯ ବର୍ଷରୁ କମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି। ଏହି ପ୍ରତିଯୋଗିତାରେ କଟକର ଶ୍ରେୟାସ ଶୁଭମ ପଟ୍ଟନାୟକ ୧୯୩୦ ରେଟିଂ ସହିତ ୫.୫ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି । ସେହିପରି ବାଳିକା ବିଭାଗରେ ଖୋର୍ଦ୍ଧାର ରତ୍ନପ୍ରଭା ବିଭାର ୧୮୪୭ ରେଟିଂ ସହ ୪ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି। ବାଳକ ବିଭାଗରେ କଟକର ନିଲୁସ ପଟ୍ଟନାୟକ ଦ୍ୱିତୀୟ, ପୁରୀର ଜଗଦୀଶ ବାରିକ ତୃତୀୟ, କଟକର ଅଂଶୁମାନ ସାମଲ ଚତୁର୍ଥ, ଯାଜପୁରର ଶ୍ରୀନିବାସ ଦାଶ ପଞ୍ଚମ, ଢେଙ୍କାନାଳର ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଏସପି ଷଷ୍ଠ, ଖୋର୍ଦ୍ଧାର ନିଖିଲ ସାହୁ ସପ୍ତମ, ଓମ୍ ମିଶ୍ର ଅଷ୍ଟମ, କଟକର ମୃତ୍ୟୁଞ୍ଜୟ ମଣ୍ଡଳ ନବମ ଓ ଯାଜପୁରର ପ୍ରିନାଶ ଦାଶ ୧୦ମ ସ୍ଥାନ ଅଧିକାର କରିଥିଲେ । ସେହିପରି ବାଳିକା ବିଭାଗରେ ଖୋର୍ଦ୍ଧାର ମିରାକେଲ ପଣ୍ଡା ଦ୍ୱିତୀୟ, ସଚ୍ଚୀ ସାହୁ ତୃତୀୟ, ଅନନ୍ୟା ଚାଟାର୍ଜି ଚତୁର୍ଥ ଓ ପୁରୀର ଶୋଭନା ସୋନାଲି ଜେନା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଉଭୟ ବିଭାଗର ୬ ଜଣ ବିଜେତା ରାଜ୍ୟ ଚେସ ସଂଘ ପକ୍ଷରୁ ଜାତୀୟସ୍ତରକୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଚେସ ସଂଘ ସଭାପତି ରଜନିକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସନ୍ଧ୍ୟାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଆଲୁମ୍ନି ଅଫ ଲଣ୍ଡନ ସ୍କୁଲ ଅଫ ବିଜନେସର ପରିଚାଳନା ନିର୍ଦ୍ଦେଶକ ରିଚାର୍ଡ କେମ୍ପ ଓ ଚିଫ୍ ଆର୍ବିଟର ସୁରେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ସଂଘର କାର୍ଯ୍ୟକାରୀ ସଦସ୍ୟ ଆଶୁତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ଯଦୁମଣି ପ୍ରଧାନ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଓ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଜିଲା ସଂଘର ସଦସ୍ୟ ସଜନ କୁମାର ଅଗ୍ରୱାଲା, ଗଜେନ୍ଦ୍ର କୁମାର ସାହୁ, ଶତ୍ରୁଜିତ ମହାପାତ୍ର, ସୁପ୍ରିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

#### ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍‌ର ସୁପରଲିଗ୍‌ର ଚତୁର୍ଥ ମ୍ୟାଚ୍

## ମର୍ନିଂ କ୍ଲବ୍ ୧-୦ ଗୋଲରେ ବିଜୟୀ

**ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଶୁକ୍ରବାର ସୁପରଲିଗ୍‌ର ଚତୁର୍ଥ ମ୍ୟାଚ୍ ଗୋଲଡେନ୍ ଏଫ୍‌ସି ବନାମ ମର୍ନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ମର୍ନିଂ କ୍ଲବ ୧ ଗୋଲ ଦେଇଥିବା ବେଳେ ଗୋଲଡେନ୍ ଏଫ୍‌ସି ଗୋଟିଏ ବି ଗୋଲ ଦେଇପାରି ନ ଥିଲା। ଫଳରେ ମ୍ୟାଚ୍‌ରେ ମର୍ନିଂ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ପୂର୍ବତନ ଶାରୀରିକ ଶିକ୍ଷା ନୀରିକ୍ଷକ ତଥା ବିଶିଷ୍ଟ କ୍ରୀଡା ସଙ୍ଗଠକ ସମ୍ଭୁପ୍ରସାଦ ରାଉତ ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ନବୀନ ନାଏକ, ପିଭି ରାଓ, ରଞ୍ଜନ କୁମାର ଦାସ, ହର ପ୍ରସାଦ ପଟେଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ୍



ସୁପରଲିଗ୍‌ର ଚତୁର୍ଥ ମ୍ୟାଚ୍‌ରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ ।

ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ୍ କୁମାର ମହାପାତ୍ର ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ୧୯ ତାରିଖରେ ଗୁଡମର୍ନିଂ କ୍ଲବ ବନାମ ମର୍ନିଂ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ରୀଡ଼ା ସଂସ୍ଥା ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ବୃଦ୍ଧଙ୍କୁ ମିଳୁନି ଆବାସ ଗୃହ

ତଳଗାଁ,୧୮।୧୦(ସ୍ୱ.ପ୍ର)
ଏସିସି ତାଲିକାରେ ନାଁ ଥାଇ ସୁଦ୍ଧା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ ରୁଗୁଡିପାଲି ଗ୍ରାମର ବୃଦ୍ଧ ମାର୍କଣ୍ଡ ଦାସ(୭୪)ଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇନାହିଁ। ଏଥିପାଇଁ ବୃଦ୍ଧ ଜଣକ ତିନି ବର୍ଷ ହେଲା ଦୌଡି ଦୌଡି ନୟାନ୍ତ ହେଲେଣି। ଏ ନେଇ ପୁରୁଣାକଟକ ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ବିରଞ୍ଚି କାଲସେଙ୍କୁ ପଚାରିବାରୁ ସେ କହିଲେ, ବୃଦ୍ଧ ଜଣକ ଘର ପାଇବା ପାଇଁ ଯୋଗ୍ୟ । କିନ୍ତୁ ପୂର୍ବରୁ ତାଙ୍କର ପକ୍କା ଘର ଅଛି ବୋଲି ଉଲ୍ଲେଖ ଅଛି, ତେଣୁ ମିଳିପାରୁନାହିଁ ବୋଲି ସେ ପ୍ରକାଶ କରିଥିଲେ ।

### ମନମୁଣ୍ଡାରେ ସୁରଭି କାର୍ଯ୍ୟକ୍ରମ

ମନମୁଣ୍ଡା, ୧୮।୧୦ (ଡି.ଏନ.ଏ)
ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମନମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଏହି କାର୍ଯ୍ୟକ୍ରମ ସିଆରସିସି ପ୍ରଜିଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ମନମୁଣ୍ଡା, ଦେଉଳି, କପାସିରା, ମହୁଲବାହାଲି, ନୂର୍ପା, ଭାଲିଆପଦର, କପାସିରା, ବିଚଣାପାଟି, ଖଇରମାଳ, ସାହୁପଡା, ବାସୁଦେବପାଲି ଆଦି ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୀତ, କୁଇଜ, ସାଧାରଣ ଜ୍ଞାନ, କ୍ରିଏଟିଭ ରାଇଟିଂ, ରଚନା, ବକ୍ତୃତା, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତା ହୋଇ ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଗିରଥି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ସାବତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପରମେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାକୁ କ୍ଲଷ୍ଟର ଶିକ୍ଷକ ବିଶ୍ୱାମିତ୍ର ଭୋଇ, ରଶ୍ମିତା ମହାପାତ୍ର, କୈବଲ୍ୟ ଚରଣ ମହାକୁଡ, ରୀନାରାଣୀ ବସ୍ତିଆ, ସସ୍ମିତା ମେହେର, ଅନୀତା ମେହେର, ଭକ୍ତିରାଣୀ ମହାପାତ୍ର, କଲ୍ୟାଣୀ ବିଶ୍ୱାଳ, ସୁଦାମ ମେହେର, ମନୋଜ ନାଏକ ପ୍ରମୁଖ ପରିଚାଳନା କରିଥିଲେ ।

### ଗଞ୍ଜେଇ ଜବତ, ଜଣେ ଗିରଫ

ବୌଦ୍ଧ,୧୮।୧୦(ସ୍ୱ.ପ୍ର)
ବୌଦ୍ଧ ଅବକାରୀ ବିଭାଗ ଗୁନ୍ଦୁଳିଆ ପଞ୍ଚାୟତର ତିଳପଙ୍ଗା ଗ୍ରାମରେ ଚଢାଉ କରି ୩୧ କିଲୋ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି । ଅବକାରୀ ବିଭାଗ କର୍ମଚାରୀ ଖବର ପାଇ ତିଳପଙ୍ଗା ଗ୍ରାମର ଦଣ୍ଡୁଆ ରଣାଙ୍କ ଘର ଉପରେ ଚଢାଉ କରି ତାଙ୍କ ନିକଟରୁ ୩୧ କିଲୋ ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରାଯାଇଥିବା ଅବକାରୀ ଇନିସପେକ୍ଟର ବିଜୟ କୁମାର ଧରୁଆ ସୂଚନା ଦେଇଛନ୍ତି । ସେହିପରି ଆମ୍ୱଝରୀ ପଞ୍ଚାୟତର ଜଣେ ମହିଳାଙ୍କ ଠାରୁ ୧୦ ଲିଟର ମଦ ଜବତ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଚଢାଉରେ ସବଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡା, ଏଏସଆଇ ରୂପେଶ ମୁଖୀ, କନଷ୍ଟେବଳ ପ୍ରିୟଜନ କହଁର ଓ ଅଞ୍ଜଳି ଅମାତ ସାମିଲ ହୋଇଥିଲେ ।

### ବନ୍ଧାପଥର ଗ୍ରାମରେ ଗଜଲକ୍ଷ୍ମୀ ପୂଜା

ବୌଦ୍ଧ,୧୮।୧୦(ସ୍ୱ.ପ୍ର)
ବୌଦ୍ଧ ଜିଲା ବନ୍ଧାପଥର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଛି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହି ପୂଜା ତ୍ରିବେଣୀ ଛକରେ କରାଯାଇଥିଲା । ଦୀର୍ଘ ଛଅ ଦିନ ଧରି ପୂଜା ପାଳିତ ହୋଇଥିବା ବେଳେ ପ୍ରତିଦିନ କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଭୋଗ ବଣ୍ଟନ କରାଯାଉଥିଲା। କମିଟିର ଘାସିରାମ ଗୁରୁ, ସୁବାସ ଚନ୍ଦ୍ର ରଣା, ସତ୍ୟପ୍ରିୟ ଯୋଶୀଙ୍କ ନେତୃତ୍ୱରେ ପୂଜା ପାଳିତ ହୋଇଥିବା ବେଳେ ପୂଜକ ଭାବେ ଜ୍ଞାନଞ୍ଜନ ଯୋଶୀ ଏବଂ କର୍ତ୍ତା ଭାବେ ବୀର ଧଳ ଓ ତାଙ୍କ ସ୍ତ୍ରୀ କାମିନୀ ଧଳ ଦାୟିତ୍ୱ ତୁଲାଇଥିଲେ । ପୂଜା ମଣ୍ଡପକୁ ଆଲୋକ ମାଳାରେ ସଜ୍ଜିତ କରିବା ସହ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ଚଣ୍ଡାଳ ଏବଂ ସାଥିଙ୍କ ଦ୍ୱାରା ପଶ୍ଚିମ ଓଡିଶାର ଲୋକପ୍ରିୟ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।

# ଜଂଗଲଜାତ ଦରବ୍ ଦେଇଛେ ଜୀବ୍‌କା

**ଅତାବିରା, ୧୮।୧୦(ଡି.ଏନ୍.ଏ.)**

ଲୋକ୍ ପେଟ୍ ଲାଗି ନାନା ଉପେରେ ଦୁଇ ପଏସା ରୁଜଗାର କରୁଛନ୍। କିଏ ବାହାଜାଂଗଲ ମାଜି ତ କିଏ ବୁଧିବିବେକ ଖଟେଇ ରୁଜଗାର କରୁଛନ୍। ଏନ୍‌ତା ଦୁଇଝନ ମହିଲା ଜଂଗଲଜାତ ଦରବ୍ ବିକି ଦୁଇ ପଏସା କମାବାର ସଂଗେ ନିଜର ନିଜର କୁଟୁମ୍ ପୁଷୁଥିବାର ଦେଖିବାକେ ମିଳିଛେ।

ସୂଚନା ଅନ୍‌ସାରେ ସମ୍ବଲପୁର ଜିଲା ଦେଓଗାଁର ସରୋଜିନୀ ବାଗ ଆର ସର୍ବେଶ୍ୱରୀ ଦୀପ। ସରୋଜିନୀକଁର ଝିଁ ଜୁଏଁ, ନାତିନାତେନକୁ ନେଇ ସଁସାର ଥିଲାବେଲେ ସର୍ବେଶ୍ୱରୀକଁର ଆପ୍‌ନେ ଆର ପୁଓକେ ନେଇ ସଁସାର। ଦୁଇ ପରିବାର ନିହାତି ଗରିବ୍ ହେଇଥିଲାବେଲେ। ଇ ଦୁଇ ମହିଲା କୁଟୁମ ପୁଷିବାର ଲାଗି ଅଁଟା ଭିଡ଼ିଛନ୍। ଦୁଇ ମହିଲା ଗାଁପାସର ଜଂଗଲରୁ ସରଗୀ ପତର, କାଠି ଠୁଲଉଛନ୍। ଘରେ ସରଗୀ ପତରରେ ଦନା ଟିପ୍‌ବାର ସଂଗେ ମାଲଗୁଁଥୁଛନ୍। ଆରକ ଦିନ ଦେଓଗାଁରୁ ଡଂଗାରେ ମହାନଦୀ ପାର ହେଇ ବରଗଡ଼ ଜିଲାର ଅତାବିରା, ଗୋଡ଼ଭଗା, ତୁରୁମ ଅଂଚଲରେ ଦନା, କଁଚା ସରଗୀ ପତର, କାଠି ବିକି ଦୁଇ ପଏସା ରୁଜଗାର କରୁଛନ୍। ଇ ବେପାର ବାବ୍‌ଦେ ଦୁଇ ମହିଲାକୁଁ ପଚରାଲାରୁ ଆଗିଆଁ ଆମେ ଗରିବ୍‌ଦୁଖି ଖଟିଖିଆ ପରିବାରର ଝିଁ ବହ ଆଏ। ଆଏଜ୍‌କାଲିର ମହଂଗା ଯୁଗେ ସଭେ ଦୁଇ ପଏସା ଲେଖେଁ ରୁଜଗାର ନାଇଁକଲେ ଦୁଇବେଲା ଦୁଇମୁଠା ଖାଏବାକେ ନାଇଁ ମିଲବାର। ଆମକୁ ସରଗୀ କାଠି ଆର ପତର ଠୁଲାବାକେ ବେଲେ ଲାଗୁଛେ, ଆର ବେଲେ ଘରେ କୁଟୁମବସିଆ ବସି ଦନା ଟିପୁଛୁଁ। ଆରକ ଦିନ ବିକାଭଂଗା ଲାଗି ମହାନଦୀ ପାର ହେଇ ବରଗଡ଼ ଜିଲା ଅଂଚଲକେ ଆସୁଛୁଁ। ଆମେ ଦନା ମାଲ୍‌କେ ୧୫ ଟଁକା ଆର କାଠି ବିଡ଼ାକ ୫ ଟଁକାରେ ବିକୁଛୁଁ। ବଛରକୁତା ଆମର ବେପାର ହେଉଛେ, ହେଲେ ପୁଓ ଜୁଉଁତିଆ, ଭାଇ ଜୁଉଁତିଆ, ପରବ୍ ପରବାନୀମାନକେ ଦୁଇ ପଏସା ଅଧିକା ରୁଜଗାର ହେସି। ଇ ପଏସାରୁ ଆମର ମାସ ଯାକର ତେଲନୁନ୍ ଖରଚା ଉଠିଯାଉଛେ ବଲି ସେମାନେ କହିଥିଲେ।



ସରୋଜିନୀ ଆର ସର୍ବେଶ୍ୱରୀ ବରଗଡ଼ ଜିଲା ଅଂଚଲରେ ବୁଲି ବୁଲି ବେପାର କରୁଛନ୍।



ଭେଡେନ ବିଡିଓ ପର୍ବତାରୋହୀ ଲିପିକା ସେଟଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି ।

## ପର୍ବତାରୋହୀ ଲିପିକାଙ୍କୁ ସମ୍ବର୍ଦ୍ଧନା

**ଅତାବିରା, ୧୮।୧୦ (ଡି.ଏନ.ଏ)**

ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ସଫଳତାର ସହ ଆରୋହଣ କରି ଘରକୁ ଫେରିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲିପିକା ସେଟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି। ଗୁରୁବାର ବରଗଡ଼ ଜିଲା ଭେଡେନ ବିଡିଓ ମୁରଲିଧର ନାୟକ ତାଙ୍କ ବାସଭବନକୁ ପହଞ୍ଚି ଲିପପିକା ସେଟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ସେହିପରି ବୁଧବାର ଭାଜପା ନେତା ବିଜୟ ମହାପାତ୍ର ମଧ୍ୟ ଲିପିକାଙ୍କ ଘରକୁ ପହଞ୍ଚି ସମ୍ବର୍ଦ୍ଧନା ଜଣାଇବା ସହିତ ନଗଦ ୧୦ ହଜାର ଟଙ୍କା ସହାୟତା ରାଶି ଦେଇଥିଲେ ।



ବରଗଡ଼ ଜିଲା ଭେଡେନ ବ୍ଲକ ସୁନାଲରମ୍ଭା ଉଚ୍ଚପ୍ରାଥମିକ ସ୍କୁଲରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ କରାଯାଉଛି ।

## ସୁରଭିରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଭେଡ଼େନ, ୧୮।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ବଡ଼ପିପିଲିପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ସୁନାଲରମ୍ଭା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସିଆରସିସି ପଞ୍ଚାନନ ଭୁଏଁଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସୁନାଲରମ୍ଭା ସ୍କୁଲ କମିଟି ସଭାପତି ଅଶୋକ ଦାଶ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୀତ, ନ୍ୟତ୍ୟ, ପ୍ରବନ୍ଧ, କୁଇଜ, ସୃଜନଶୀଳ ଲେଖନ, ହସ୍ତାକ୍ଷର, ତର୍କ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ରୁଦ୍ର ଦାସ, ଶରତ ପଧାନ, ସାଧବ କୁଦେଇ, ଆଦିତ୍ୟ ଭୋଇଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

■ ଜଳଛତ୍ର ବଣ୍ଟନ ପ୍ରାପ୍ୟ ହଡ଼ପ

# ଜିଲାପାଳଙ୍କୁ ଫେରାଦ

**ବୌଦ୍ଧ,୧୮।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତରେ ଜଳଛତ୍ର ବଣ୍ଟନ ପ୍ରାପ୍ୟ ଟଙ୍କା ହଡପ ହୋଇଥିବା ନେଇ ତିନି ହିତାଧିକାରୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ସରକାର ଖରାଦିନ ଆସିଲେ ପଥଚାରୀଙ୍କ ପାଇଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ପାଣି ବଣ୍ଟନ କରିଥାନ୍ତି । ଏଥିପାଇଁ ବିଭିନ୍ନ ପଞ୍ଚାୟତରେ କିଛି ଲୋକଙ୍କୁ ଟଙ୍କା ଦେଇ ଏହି ପାଣି ବଣ୍ଟା ଯାଇଥାଏ । କିନ୍ତୁ ଉକ୍ତ ବ୍ୟକ୍ତିମାନେ ଟାଣଖରାରେ କିଛି ପଇସା ପାଇବା ପାଇଁ ରାସ୍ତା ଉପରେ କୁଡିଆ କରି ଲୋକଙ୍କୁ ପାଣି ବାଣ୍ଟିଥାନ୍ତି । କିନ୍ତୁ କରଞ୍ଜକଟା ପଞ୍ଚାୟତର କିଛି ହିତାଧିକାରୀ ପାଣି ବଣ୍ଟନ କରି ଅର୍ଥ ପାଇ ନ ଥିବାରୁ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ସୂଚନା ଅନୁସାରେ, କରଞ୍ଜକଟା ପଞ୍ଚାୟତର ତୁକୁଲୁଣ୍ଡା ଗ୍ରାମର ବିଧବା ମହିଳା ସସ୍ମିତା ଲହରା ୨୦୧୭ ମସିହାରୁ ପାଣି ଦେଇଆସୁଥିଲେ । ତାଙ୍କୁ କିଛି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବକେୟା ଅର୍ଥ ପଞ୍ଚାୟତ କର୍ତ୍ତୃପକ୍ଷ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ପଞ୍ଚାୟତର ଲକ୍ଷ୍ମଣପୁର ଗ୍ରାମରେ ବିନିତ ପ୍ରଧାନ ମଧ୍ୟ ତିନି ବର୍ଷ ହେଲା ପାଣି ଦେଇଆସୁଥିବା ବେଳେ ତାଙ୍କୁ ମାତ୍ର ଦୁଇଟି କିସ୍ତିରେ ମାତ୍ର ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଛି । କରଞ୍ଜକଟା ଗ୍ରାମର ଶଙ୍କର ମଲିକ ଦୁଇ ବର୍ଷ ହେଲା ପାଣି ଦେଇଆସୁଥିବା ବେଳେ ତାଙ୍କୁ ମାତ୍ର ୧୫୦୦ ଟଙ୍କା ପ୍ରଦାନ କରାଯାଇ ଆଉ ସବୁ ଟଙ୍କା ପଞ୍ଚାୟତ କର୍ମଚାରୀ ହଡପ କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲା ପ୍ରଶାସନ ଏହାର ତଦନ୍ତ କରି ଗରିବ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି ହେଉଛି । ଏ ନେଇ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ରଙ୍କ ପଚାରିବାରୁ ମୋ ପାଖରେ କେହି ଅଭିଯୋଗ କରିନାହାନ୍ତି । ତେବେ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ ।

■ ଲାଞ୍ଚମଗା ଅଡିଓ ଭାଇରାଲ ଘଟଣା

# ରିଲିଭ ଅର୍ଡର ଗ୍ରହଣ ନ କରି ଛୁଟିରେ ଗଲେ ଡାକ୍ତର

**କନ୍ଧମାଳ, ୧୮।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗୋଛା ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ବିଲ୍ କରେଇଦେବା ପାଇଁ ମେଡିକାଲ ଅଫିସର ଓ ସୁପରଭାଇଜରଙ୍କ ଲାଞ୍ଚ ମାଗିବା ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମେଡିକାଲ ଅଫିସର ଓ ସୁପରଭାଇଜରଙ୍କ ବଦଳି ହୋଇଛି। ଗତ ୧୬ ତାରିଖର ଏହି ବଦଳି ନିର୍ଦ୍ଦେଶ ପରେ ମେଡିକାଲ ଅଫିସର ଡାକ୍ତର ମହେନ୍ଦ୍ର ସଏ ରିଲିଭ ଅର୍ଡର ଗ୍ରହଣ ନ କରି ଅନଧିକୃତ ଛୁଟିରେ ଚାଲିଯାଇଛନ୍ତି। ଡାକ୍ତର ସଏଙ୍କ ସ୍ଥାନରେ ବିଭାଗୀୟ ନିର୍ଦ୍ଦେଶ ମତେ ଡାକ୍ତର ମାନସ ରଞ୍ଜନ ତ୍ରିପାଠୀଙ୍କୁ ମେଡିକାଲ ଅଫିସର ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଲାଞ୍ଚର ପ୍ରତିବାଦ କରିବାରୁ ଝୁମି ସାହୁ ନାମକ ସ୍ୱାସ୍ଥ୍ୟକର୍ମୀଙ୍କୁ ଗର୍ଭାବସ୍ଥାରେ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସୂତୀ ସ୍ୱାସ୍ଥ୍ୟକର୍ମୀଙ୍କ ନବଜାତକର ମୃତ୍ୟୁ ଘଟିଥିବା ନେଇ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ହେବା ପରେ କମିଶନ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ପରେ ଡାକ୍ତର ସଏ ଓ ସୁପରଭାଇଜର ସୁଦର୍ଶନ ପ୍ରଧାନଙ୍କୁ ବଦଳି କରାଯାଇଛି । ଏ ନେଇ ବୌଦ୍ଧ ସିଡିଏମଓ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତରଙ୍କ କାର୍ଯ୍ୟକଳାପ ନେଇ ତାଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ମଞ୍ଜୁର ନ ହୋଇ ସେ ଅନଧିକୃତ ଛୁଟିରେ ଅଛନ୍ତି । ତାଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

■ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ୧୧ ସ୍କୁଲର ୧୪୩ ଛାତ୍ରୀଛାତ୍ରଙ୍କ ଯୋଗଦାନ

**ସୋହେଲା,୧୮।୧୦(ଡି.ଏନ.ଏ)**

ବରXଗଡ଼ ଜିଲା ସୋହେଲା ବ୍ଲକ କନଗାଁ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଡାମାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନଗାଁ କ୍ଲଷ୍ଟର ଅନ୍ତର୍ଗତ ମୋଟ ୧୧ଟି ବିଦ୍ୟାଳୟରୁ ୧୪୩ଜଣ ଛାତ୍ରୀଛାତ୍ର ଯୋଗଦେଇ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣସାଗର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୋହେଲା ବିଇଓ ରାହାସ ବିହାରୀ ବାଗ ମୁଖ୍ୟ ଅତିଥି, ଡା. ଭୁବନେଶ୍ୱର ପଧାନ, ଠାକୁର ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ, ସିଆରସିସି ସଞ୍ଜୟ କୁମାର ଦେବତା ବିବରଣୀ ପାଠ ଏବଂ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଥବୀର ମେହେରେ, ବାସୁଦେବ ମହାନନ୍ଦ, ଶ୍ରୀବତ୍ସ ସାହୁ, ଗଣନାଥ ବାରିକ, ନୀଳମଣି ପଧାନଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ।

# ବିଜେପୁର ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ

**ବରଗଡ଼ ଅଫିସ୍/ବରପାଲି, ୧୮।୧୦(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପ୍ରଚାର ପାଇଁ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବରପାଲି ବ୍ଲକ ମହଦା ଗ୍ରାମରୁ ସେ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ। ସେ ଘର ଘର ବୁଲି ମହଦା ସମେତ ଖେମେଶରା, ତିଲେଇମାଳ, କେବାଡ଼ ଆଦି ଗ୍ରାମକୁ ଯାଇ ସନତଙ୍କ ପାଇଁ ଭୋଟ୍ ମାଗିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସୁଶାନ୍ତ ମିଶ୍ର, ନିରୋଜ ପ୍ରଧାନ, ସଙ୍ଗୀତା ସୁନା ପ୍ରମୁଖ ଉପସ୍ଥିତ ଥିଲେ । ବରପାଲି ବ୍ଲକରେ ପ୍ରଚାର ସାରି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବିଜେପୁର, ଗାଇସିଲେଟ୍ ଯାଇ ପ୍ରଚାର କରିଥିଲେ ।



ବରପାଲି ବ୍ଲକରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ପ୍ରଚାର କରୁଛନ୍ତି ।

# ଫୁଟବଲ: ଅତାବିରା ଟିମ୍ ଚାମ୍ପିୟନ

**ଗଣ୍ଡତୁରୁମ, ୧୮।୧୦ (ଡି.ଏନ.ଏ)**

ଭେଡେନ ବ୍ଲକ ଅନ୍ତର୍ଗତ କେଶ୍ରିପାଲି ମାଁ ମେଟାକାନୀ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିଦିବସୀୟ ଫାଇନାଲ ମ୍ୟାଚରେ ପ୍ରତିପକ୍ଷ କେଶ୍ରିପାଲି ଦଳକୁ ଟାଇବ୍ରେକର ଜରିଆରେ ହରାଇ ଅତାବିରା ଦଳ ଚାମ୍ପିୟନ ହୋଇଛି। ପ୍ରଥମ ଦିନ ଗୋଡଭଗା, ଚିଚିଣ୍ଡା, ଲସ୍ତଲା ଏବଂ କେଶ୍ରିପାଲି ଦଳ ମଧ୍ୟରେ ଖେଳ ହୋଇଥିଲା। ଏଥିରେ କେଶ୍ରିପାଲି ଦଳ ୧-୦ ଗୋଲରେ ଗୋଡଭଗାକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ଦିନ ପର୍ଶୁରାମ ସ୍ପୋର୍ଟିଂ, ଅତାବିରା, ଜୟଭାରତ କ୍ଲବ ଏବଂ ବର୍ଲା ମଧ୍ୟରେ ଖେଳ ହୋଇଥିଲା । ସେମିଫାଇନାଲ ମ୍ୟାଚରେ ଜୟଭାରତ କ୍ଲବକୁ ୨-୦ ଗୋଲରେ ହରାଇ ଅତାବିରା ଦଳ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିଲା। କେଶିପାଲି ଏବଂ ଅତାବିରା ମଧ୍ୟରେ ଅନୁଷ୍ଠିତ ଖେଳ ନିର୍ଦ୍ଧାରିତ ସମୟରେ ଫଳାଫଳ ଅସୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ଅତାବିରା ଦଳ ୩-୨ ଗୋଲରେ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଅତାବିରା ଦଳର ଖେଳାଳି ଉମେଶ ଭୋଇ, ଗୋଲ ରକ୍ଷକ ଟି. ରମେଶ ଏବଂ କେଶ୍ରିପାଲି ଦଳର ମିଲୁ ମିର୍ଦ୍ଧା ଭଲ ଖେଳାଳି ଭାବେ ଚୟନ ହୋଇଥିଲେ । ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମହୁଲପାଲି ସରପଞ୍ଚ ପିଙ୍କି ବଡ଼େଇ, ନାଏବ ସରପଞ୍ଚ ସଞ୍ଜୟ କର, ଗରିବ ବାଗ, ଖବରଦାତା ସୁଦନ ମହାକୁର ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ବରୁଣ ନାଏକ, ରାଜାରାମ ଓରାମ, ବିଜୟ ମୁଣ୍ଡା ଖେଳ ପରିଚାଳନା କରିଥିବା ବେଳେ ଘନଶ୍ୟାମ ବଢ଼େଇ, ଜିକୁ ଦାଶ, ପ୍ରମୋଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଫାଇନାଲ ଖେଳର ଉଭୟ ଦଳର ଖେଳାଳି ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଲୋକେଶ



କୈଳାସ



ନରେନ



ପ୍ରକାଶ



ମିଳନ



ଅଭିଷେକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ସେବା ଘୋଷଣା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ନାଗରିକ କମିଟି

**ପୁରୁଣାକଟକ,୧୮।୧୦(ଡି.ଏନ.ଏ)**

ବୌଦ୍ଧରେ କିଡ୍‌ନୀ ରୋଗୀଙ୍କୁ ଡାକ୍ତରୀ ସହାୟତା ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇଥିବାରୁ ହରଭଙ୍ଗା ବ୍ଲକ ନାଗରିକ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛି। ଏ ନେଇ ଶୁକ୍ରବାର ପୁରୁଣାକଟକ ସ୍ଥିତ ଶୈବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କମିଟିର ପକ୍ଷରୁ ସୂଚନା ଦେଇ କୁହାଯାଇଛି, ଗତ ୧୨ ତାରିଖରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ୫ ଟି ସଚିବ କେ. ପାଣ୍ଡିଆନ ଗସ୍ତ କରିଥିଲେ। ତାଙ୍କୁ କିଡ୍‌ନୀ ରୋଗ ସମସ୍ୟା ନେଇ ନାଗରିକ କମିଟି ପକ୍ଷରୁ ଜଣାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଏହାର ପ୍ରତିକାର ପାଇଁ ସେ ଏକ ୧୫ ଜଣିଆ ଡାକ୍ତରି ଟିମ୍ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାସହିତ କିଡ୍‌ନୀ ରୋଗୀ ତଥା ପ୍ରଭାବିତ ଅଞ୍ଚଳଗୁଡ଼ିକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ନେଇ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ହରଭଙ୍ଗା ବ୍ଲକରେ ଏହି ରୋଗ ମହାମାରୀ ରୂପ ନେଇଛି । ଏପରିକି ବ୍ଲକର କେତେକ ଗାଁ ପୁରୁଷ ଶୂନ୍ୟ ହୋଇଥିବା ଦେଖାଯାଇଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାର ପ୍ରତିକାର ପାଇଁ ବାରମ୍ବାର ଗଣମାଧ୍ୟମ ଗୁଡ଼ିକରେ ଖବର ପ୍ରକାଶିତ ହେବା ପରେ ମଧ୍ୟ ପ୍ରଶାସନ କିମ୍ବା ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହି ଘଟଣାର ଗୁରୁତ୍ୱ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଏକ ନାଗରିକ କମିଟି ଗଢ଼ି ରାଜ୍ୟପାଳଙ୍କୁ ମଧ୍ୟ ଭେଟିଥିଲେ। ରାଜ୍ୟପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ପ୍ରତିକାର ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏସବୁ ଘଟଣାକୁ ନେଇ ନାଗରିକ କମିଟି ପକ୍ଷରୁ ସଭାପତି ପ୍ରମୋଦ କୁମାର ଦେହୁରୀ, ସମ୍ପାଦକ ବିକାଶ ଚନ୍ଦ୍ର ମହାକୁଡ, ସହ ସମ୍ପାଦକ ପ୍ରତିଭା କୁମାର ସାହୁଙ୍କ ସମେତ ଡାକ ଭାଇ, ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁରଥ ପ୍ରଧାନ, ସଦାନନ୍ଦ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

**ବିନିକା,୧୮।୧୦(ଡି.ଏନ୍.ଏ)**

ବିନିକା ବ୍ଲକ ଅଧୀନ ସିନ୍ଦୂରପୁର ପଞ୍ଚାୟତ ଅନ୍ତର୍ଗତ ବିଶାଳପାଲି ସମ୍ବଲେଶ୍ୱରୀ ଆଥେଲେଟିକ୍ ଆସୋସିଏଶନ ପକ୍ଷରୁ ୨୦ତମ ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଟଙ୍କଧର ମେଲ୍ଲୀଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଆସନ୍ତା ୨୬ତାରିଖରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ବୈଠକରେ ସଂଘର ସୁରୁ ସାଲମା, କିରଟି ଭୁଏ, ଲକ୍ଷ୍ମୀକାନ୍ତ ସାଲମା, ଟିକେଶ୍ୱର ସାଲମା, ଡାକ୍ତର ଷାଣ୍ଢେ, ଗୋପୀନାଥ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଅଜଣା ରୋଗରେ ଗୋରୁ ଆକ୍ରାନ୍ତ ଚିକିତ୍ସା କଲେ ପ୍ରାଣୀଧନ ଚିକିତ୍ସକ

**ପୁରୁଣାକଟକ,୧୮।୧୦(ଡି.ଏନ.ଏ)**

ହରଭଙ୍ଗା ବ୍ଲକରେ ଅଜଣା ରୋଗରେ ଶତାଧିକ ଗାଈଗୋରୁ ଆକ୍ରାନ୍ତ ହେବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ଶୁକ୍ରବାର ପ୍ରାଣୀଧନ ଚିକିତ୍ସକ ସୁଧାମୟୀ ମେହେର ଓ ଧଳପୁର ପ୍ରାଣୀଧନ ନିରୀକ୍ଷକ ନାରାୟଣ ବାରିକ ଉକ୍ତ ଗ୍ରାମକୁ ଯାଇ ଆକ୍ରାନ୍ତ ଗୋରୁଙ୍କୁ ଚିକିତ୍ସା କରିଛନ୍ତି। ଏହାସହ ଭୟଭୀତ ନ ହେବା ପାଇଁ ଗୋପାଳକ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ହରଗୌରୀ ଯାତ୍ରାରେ ସ୍ୱତନ୍ତ୍ର କୁମ୍‌କୁମ୍ ପୂଜା



ମହିଳାମାନେ କୁମ୍‌କୁମ୍ ପୂଜା କରୁଛନ୍ତି ।



ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଛନ୍ତି।

**ସୋନପୁର,୧୮।୧୦(ନି.ପ୍ର.)**

ସହରର ଢେରାପଡ଼ାରେ ଚାଲିଥିବା ହରଗୌରୀ ଯାତ୍ରାର କୁମ୍‌କୁମ୍ ପୂଜା, ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ଓ ବିଲ୍ୱ ପତ୍ର ପୂଜା ଶୁକବାର ଅନୁଷ୍ଠିତ ହୋଇଯାଇଛି। ଦେବାଙ୍ଗ ପରମ୍ପରା ଅନୁଯାୟୀ ମହିଳାମାନଙ୍କ ଦ୍ୱାରା ଅନୁଷ୍ଠିତ କୁମ୍‌କୁମ୍ ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପୂଜା ମଣ୍ଡପରେ ଜଣେ ମହିଳା ପାରମ୍ପରିକ ଧୁନକେଲ ବାଦନ କରିଥିଲେ। ସନ୍ଧ୍ୟାରେ ହରିଓମ୍ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଶୋକ ପୂଜାରୀ ଓ ପ୍ରମୋଦ ମହାପାତ୍ର ମଞ୍ଚାସୀନ ଥିଲେ। ଗୁରୁବାର ସାଂସ୍କୃତିକ ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ନୀଳାମ୍ବର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହରଗୌରୀ ଯାତ୍ରାର ଐତିହ୍ୟ, ପରମ୍ପରା ଓ ଦେବାଙ୍ଗ ସଂସ୍କୃତି ବିଷୟରେ ବକ୍ତବ୍ୟ ରଖିଥିଲେ । ଯାତ୍ରା କମିଟି ସଭାପତି ଦଲୀପ ପାତ୍ର, ଉପସଭାପତି ଆନନ୍ଦ ପାତ୍ର, ସମ୍ପାଦକ ଜନ୍ମେଜୟ ପାତ୍ର, ଯୁଗ୍ମ ସମ୍ପାଦକ ବି.ସତ୍ୟନାରାୟଣ ରାଓ ଓ ଉପଦେଷ୍ଟା ସହଦେବ ପାତ୍ର ମଞ୍ଚାସୀନ ଥିଲେ । ଟିଟିଲାଗଡ଼ର ନ୍ୟୁ ଲାଇଫ ଷ୍ଟାଇଲ ଡ୍ୟାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବୌଦ୍ଧ ବ୍ଲକରେ ମିଶନ ଶକ୍ତି କାର୍ଯ୍ୟକ୍ରମ

**ବୌଦ୍ଧ,୧୮।୧୦(ସ୍ୱ.ପ୍ର)**

ବୌଦ୍ଧ ବ୍ଲକ ମହିଳା ଓ ଶିଶୁ ବିକାଶ ପକ୍ଷରୁ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଫିସ୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦଶରଥ ମେହେର ଅଧ୍ୟକ୍ଷତା କରିଥିଲେ । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ, ସିଡିପିଓ ମିନତି ଦେଓ ଓ ଡିପିସି ଦେବଦୂତ ମିଶ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭର ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ସସ୍ମିତା ବାଦି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଦାସ ମହିଳା ସଶକ୍ତୀକରଣ କିପରି ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ବିଡିଓ ମେହେର ସମସ୍ତ ସ୍ୱୟଂ ସହାୟକ ଦଳ ଯେପରି ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ ଓ ମହିଳା ମାନଙ୍କର ଉନ୍ନତି ହୋଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ମିଶନ ଶକ୍ତିର ବ୍ଲକ ସଂଯୋଜିକା ସୂର୍ଯ୍ୟମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହମ୍ପରେ ଦୋହଲିଗଲା କେନ୍ଦ୍ରମନ୍ତ୍ରୀଙ୍କ ରୋଡ ଶୋ' ଗାଡ଼ି

**ବିଜେପୁର, ୧୮।୧୦ (ଡି.ଏନ.ଏ)**

ବିଜେପୁର ଉପନିର୍ବାଚନରେ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଡ ଶୋ ମାଧ୍ୟମରେ ସ୍ଥାନୀୟ ସହର ପରିକ୍ରମା କରୁଥିଲେ। ରୋଡ ଶୋ ଗାଡି କଂସାରୀପଡାରୁ ତଳିପଡା ଅତିକ୍ରମ କରି ବସଷ୍ଟାଣ୍ଡ ରାସ୍ତାକୁ ଯାଉଥିବା ବେଳେ ହମ୍ପ ଯୋଗୁ ଦୋହଲି ଯାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଗାଡିର ସାମ୍ନା ପଟରେ ଛିଡା ହୋଇଥିବା ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଓ ପ୍ରାର୍ଥୀ ସନତ କୁମାର ଗଡତିଆ ଖସି ପଡିଥିଲେ। ପଛରେ ସେଠାରେ ଉପସ୍ଥିତ ନେତା ସେମାନଙ୍କୁ ଧରି ପକାଇବାରୁ ଉଭୟ ନେତାଦ୍ୱୟ ସୌଭାଗ୍ୟବଶତଃ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଉକ୍ତ ରୋଡ ଶୋ ଗାଡିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସଭାପତି ତଥା ଏମପି ବସନ୍ତ ପଣ୍ଡା, ବରଗଡ ଏମପି ସୁରେଶ ପୂଜାରୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଅଶ୍ୱିନୀ ଷଡଙ୍ଗୀଙ୍କ ସମେତ ବହୁ ନେତା ଛିଡା ହୋଇଥିଲେ ।

## ଖୁଣ୍ଟିଗୋରାରେ କ୍ଲଷ୍ଟରସ୍ତରୀୟ ସୁରଭି ଭାଗନେଲେ ୯୦ ଛାତ୍ରୀଛାତ୍ର

**ଘଣ୍ଟାପଡା, ୧୮।୧୦ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଖଇରମାଳ (କ) ଏମ୍‌ଇ ବିଦ୍ୟାଳୟରେ ଖୁଣ୍ଟିଗୋରା କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ସୁରଭି- ୨୦୧୯ ଅନୁଷ୍ଠିତ ହୋଇଯାଇଛି । ନାଚ, ଗୀତ, ହସ୍ତଲିଖନ, ବକ୍ତୃତା ଆଦି ୧୦ଟି ବିଭାଗରେ କ୍ଲଷ୍ଟର ଅଧୀନରେ ଥିବା ୧୦ଟି ସ୍କୁଲର ୯୦ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟର ସଂଯୋଜକ ଦେବାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟଅତିଥି, ଦିବାକର ମିଶ୍ର, ରାମଚନ୍ଦ୍ର ମହାରଣା, ଗୋବିନ୍ଦ ସାହୁ, ଚକାମନ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଧର୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅରବିନ୍ଦ ସାହୁ, ପ୍ରଶାନ୍ତ ସାହୁ, ଅରୁଣ ଭୋଇ, ତ୍ରିନାଥ କହଁର, ସୌମ୍ୟରଞ୍ଜନ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

## ଅବକାରୀ ବିଭାଗର ଚଢାଉ, ଜଣେ ଗିରଫ

**ସୋନପୁର,୧୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ କପାସିରା ଜଙ୍ଗଲରେ ଶୁକ୍ରବାର ଚଢାଉ କରାଯାଇ ଦେଶୀ ମଦ ଜବତ ସହ ପରିମାଣର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଉଲୁଣ୍ଡା ଥାନା କପାସିରା ଗ୍ରାମର ମଙ୍ଗୁଲୁ ବାଗ(୪୦) ଗିରଫ ହୋଇଛନ୍ତି । ବିଭାଗ ପକ୍ଷରୁ ୩୫ ଲିଟର ରନ୍ଧା ମଦ ସହ ମଦ ରନ୍ଧାରେ ବ୍ୟବହୃତ ୩ଟି ଆଲୁମିନିୟମ ଡେକ୍‌ଚି ଜବତ ହୋଇଛି। ସେହିପରି ୪୦୦କିଲୋ ମହୁଲି ପୋଚ ନଷ୍ଟ କରା ଯାଇଥିବା ସୂଚନା ଦିଆଯାଇଛି। ଶୁକ୍ରବାର ମଙ୍ଗୁଲୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକ୍ଷକ ସାମୁଏଲ ଏକ୍କାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ରମ୍ଭା ବାଗଙ୍କ ନେତୃତ୍ୱରେ ଏଏସ୍ଆଇ ପ୍ରଦୀପ ରଥ, କନେଷ୍ଟବଳ ପିଣ୍ଟୁ ସାହୁ, ନନ୍ଦି କର୍ମୀ, ଉରବି ମାଝି , ପୃଥ୍ୱୀରାଜ କୁଅଁର ଏହି ଚଢାଉରେ ସାମିଲ ଥିଲେ ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

**ଅମରପାଲି,୧୮।୧୦(ଡି.ଏନ.ଏ.)**



ପୂଜା କମିଟି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀରେ ୩୭ତମ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଥିବା ମୁରାସୁର ରାଜର ଶୁକ୍ରବାର ଥିଲା ଷଷ୍ଠ ରଜନୀ । ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିନୟରେ ମୁରାସୁର ରାଜଦରବାରରେ ଶେଷ ଓ ନୃସିଂହ ପ୍ରବେଶ କରିଥିଲେ। ଶେଷ ଓ ନୃସିଂହଙ୍କୁ ମୁରାସୁର ତାର ପୁତ୍ରନାତିଙ୍କୁ ଶିକ୍ଷାଦାନ କରାଇବା ପାଇଁ ଗୁରୁ ଭାବେ ବରଣ କରିଥିଲେ। ଅରଣ୍ୟ ମଧ୍ୟରେ କୁଟୀର ନିର୍ମାଣ କରି ମୁରାସୁରର ବଂଶକୁ ଶେଷ ଓ ନୃସିଂହ ଶିକ୍ଷାଦାନ କରିଛନ୍ତି । ଶେଷ ନୃସିଂହଙ୍କୁ ଖାଦ୍ୟରେ ବିଷ ଦେଇ ମାରିବା ପାଇଁ ମୁରାସୁର ପ୍ରଚେଷ୍ଟା କରି ବିଫଳ ହୋଇଛନ୍ତି। ତେଣୁ ଏଥିରେ ବ୍ୟସ୍ତବିବ୍ରତ ହୋଇ ରଙ୍ଗସଭାରେ ଯୋଜନା କରାଯାଇଛି। ଚିନ୍ତାମୁକ୍ତ ହେବା ପାଇଁ ନୃତ୍ୟଗୀତର ଆୟୋଜନ କରାଯାଇଛି । ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବେ ସୁବର୍ଣ୍ଣପୁର ଏଡିଏମ୍ ଶରତ ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ଇ. ରାକେଶ ତ୍ରିପାଠୀ, ବହଲପଦର ସମିତି ସଭ୍ୟ ତଥା ଧରିତ୍ରୀ ପ୍ରତିନିଧି ପିତାମ୍ବର ସାହୁ, ମୁର୍ଷୁଣ୍ଡୀ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁ ଯୋଗଦେଇ ଅଞ୍ଚଳର ଲୋକ କଳା ଓ ସଂସ୍କୃତିକୁ ଉଜ୍ଜିବିତ କରିବା ପାଇଁ ଆୟୋଜକଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଅଞ୍ଚଳରେ ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାର ଏକ ସ୍ୱତନ୍ତ୍ରତା ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପୂଜା କମିଟି ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଫଳକ ପ୍ରଦାନ କରାଯାଇଥିଲା । ଷଷ୍ଠ ରଜନୀରେ ଦର୍ଶକଙ୍କ ବେଶ ଗହଳି ହୋଇଥିଲା। ଦର୍ଶକ ମିନାବଜାର, ଅପେରା, ରାମାୟଣ ପାରାୟଣର ମଜା ନେଇଥିଲେ । ମଞ୍ଚକୁ ଆସିବା ପୂର୍ବରୁ ମୁରାସୁର ବସ୍ତି ପରିକ୍ରମା କରି ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରେଡରୋଜ--ଇଲେଭେନ ଷ୍ଟାର ଫାଇନାଲ

**ଅମରପାଲି,୧୮।୧୦ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅଧୀନ ପଣ୍ଡିଆପାଲି ଗ୍ରାମରେ ଚାଲିଥିବା ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ରେଡରୋଜ ସୋନପୁର ଓ ଇଲେଭେନ ଷ୍ଟାର ସୋନପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶନିବାର ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଏମ୍‌ଏନ୍‌ସିସି ହିଲୁଙ୍ଗ ପ୍ରଥମେ ବ୍ୟାଟିଂ କରି ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ୍ କରିଥିଲା । ରେଡରୋଜ ସୋନପୁର ୯ ଓଭରରେ ୩ ଉଇକେଟ ହରାଇ ୭୯ ରନ୍ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ବୀରମହାରାଜପୁର ଓ ଇଲେଭେନ ଷ୍ଟାର ସୋନପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ବିଷ୍ଣୁଙ୍କ ୨୯ ରନ ସହାୟତାରେ ସମସ୍ତ ଉଇକେଟ ହରାଇ ୭୦ ରନ୍ କରିଥିଲା। ଇଲେଭେନ ଷ୍ଟାର ସୋନପୁର ସୁମିତଙ୍କ ୩୧ ରନ୍ ସହାୟତାରେ ୯ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକୀୟ ୭୧ ରନ୍ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ରିଜର୍ଭ ପୋଲିସ ସଂଘର ସଭାପତି କୁମୁଦ ରଞ୍ଜନ ମେହେର ଓ ସମ୍ପାଦକ ଦିନେଶ ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ୫-ଟି ସଚିବଙ୍କ ଭୟ, ୪ ବେଆଇନ ପାଥୋ କ୍ଲିନିକ୍ ବନ୍ଦ

**ସୋନପୁର,୧୮।୧୦(ନି.ପ୍ର.)**

୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନରେ ଯାଉଛନ୍ତି । ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଚିକିତ୍ସାଳୟରେ କିପରି ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ରୋଗୀଙ୍କ ଠାରୁ ପଚାରି ବୁଝୁଛନ୍ତି। ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରୁଥିବା ରୋଗୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ଡାକ୍ତର ଓ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ତେଣୁ କେଉଁ ସମୟରେ ପାଣ୍ଡିଆନ ଆସିବେ ଏହାକୁ ନେଇ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟରତ ଡାକ୍ତର ଓ ଅଧିକାରୀଙ୍କର ଛାତି ଧଡଧଡ ହେଉଛି। ହେଲେ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ଆଗୁଆ ସୂଚନା ନ ଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଚିନ୍ତା ବଢୁଛି । ୫-ଟି ସଚିବ ଯେକୌଣସି ମୁହୂର୍ତ୍ତରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିଦର୍ଶନରେ ଆସିବେ। ସେଥିପାଇଁ ଚିକିତ୍ସାଳୟର ପରିମଳ ବ୍ୟବସ୍ଥାକୁ ସୁଧୁରା ଯାଉଛି । ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ୪ଟି ବେଆଇନ ପାଥୋ କ୍ଲିନିକ୍ ୪ ଦିନ ହେଲା ବନ୍ଦ ରହିଛି । ବେଆଇନ ପାଥୋ କ୍ଲିନିକରେ ଲେଖା ଯାଇଥିବା କ୍ଲିନିକ୍‌ର ନାମଗୁଡ଼ିକ ମଧ୍ୟ ପାଣ୍ଡିଆନଙ୍କ ଭୟରେ ଲିଭାଇ ଦିଆଯାଇଛି। କ୍ଲିନିକ୍ ସ୍ଥାନରେ ଏବେ ଅନ୍ୟ ଦୋକାନ ଖୋଲିଲାଣି । କିନ୍ତୁ ସହରର ଅନ୍ୟ ସ୍ଥାନରେ ଥିବା ୮ରୁ ଊର୍ଦ୍ଧ୍ୱ ବେଆଇନ କ୍ଲିନିକ୍ ବେଧଡକ ଚାଲିଛି । ଜିଲା ମୁଖ୍ୟ ଚିକିତ୍ସାଳୟର କିଛି ଡାକ୍ତର ଔଷଧ ଦୋକାନର ପଛ ପଟେ ବସି ରୋଗୀ ଦେଖୁଛନ୍ତି । ସେମାନେ ଏଭଳି ବେଆଇନ ପାଥୋ କ୍ଲିନିକ୍‌ଗୁଡ଼ିକୁ ପ୍ରୋତ୍ସାହନ ଦେଉଛନ୍ତି । ଜିଲା ସଦର ମହକୁମାର ମଝିପଡ଼ା, ନଳିନୀ ଛକ, ଖଦାଳପଡ଼ା ଓ ଫକୀର ପଟ୍ଟନାୟକ ଛକରେ ଏଭଳି କ୍ଲିନିକ୍ ଚାଲିଛି । ସୂଚନାଯୋଗ୍ୟ, ଜିଲାରେ ୬୩ଟି ଅଣପଞ୍ଜୀକୃତ କ୍ଲିନିକ୍ ରହିଛି । ଗତ ମାସ ୨୨ ତାରିଖରେ ଜିଲାପାଳ ମୋନିଷା ବାନାର୍ଜୀ ସିଡିଏମ୍‌ଓଙ୍କ ଉପସ୍ଥିତିରେ ଏଭଳି କ୍ଲିନିକ୍ ମାଲିକଙ୍କୁ ଡାକି ୭ ଦିନ ମଧ୍ୟରେ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ । ଏପରି କି କ୍ଲିନିକ୍‌ଗୁଡ଼ିକ ପଞ୍ଜୀକରଣ ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ । ପରେ କ୍ଲିନିକ୍ ମାଲିକ ଜିଲାପାଳଙ୍କୁ ଭେଟି ୩ ମାସ ସମୟ ଦେବାକୁ ଅନୁରୋଧ କରିଥିଲେ । ଏହି ସମୟ କିନ୍ତୁ ଜିଲାପାଳ ଦେଇନଥିଲେ । ତେବେ ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ବିନା ପଞ୍ଜୀକରଣରେ କ୍ଲିନିକ୍‌ଗୁଡ଼ିକ ଚାଲୁଥିଲେ ମଧ୍ୟ କୌଣସି ଚଢାଉ ହେଉନାହିଁ। ଜିଲାର ବୀରମହାରାଜପୁର, ଉଲୁଣ୍ଡା, ବିନିକା, ଡୁଙ୍ଗୁରିପାଲି ଓ ତରଭାରେ ୫୫ଟି ବେଆଇନ ପାଥୋ କ୍ଲିନିକ୍ ବେଧଡକ ଭାବେ ଚାଲୁଥିବା ଅଭିଯୋଗ ହେଉଛି । ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିବା ଲୋକେ ଅଧିକାଂଶ ଅଣପଞ୍ଜୀକୃତ କ୍ଲିନିକଗୁଡ଼ିକ ଚଳାଉ ଥିବାରୁ ରୋଗୀଙ୍କ ବିଭିନ୍ନ ପରୀକ୍ଷା ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି । ଜିଲା ପ୍ରଶାସନ ଏହି ଦିଗରେ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।

- ଆର.ଡବ୍ଲ୍ୟୁ. ଇମରସନ



# ବେଆଇନ ପଥର ଚାଲାଣକାରୀଙ୍କୁ ଅନୁକମ୍ପା

**ବଲାଙ୍ଗୀର ଅଫିସ,୧୮।୧୦**

ପୁଇଁତଲା ବ୍ଲକ ଦଶପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ଜାନିପାଲି ମୌଜାରୁ ବେଆଇନ୍ ପଥର ଚାଲାଣ କରୁଥିବା ବେଳେ ଗୁରୁବାର ୨ଟି ପଥର ବୋଝେଇ ଟ୍ରାକ୍ଟରକୁ ପୁଇଁତଲା ତହସିଲଦାର ଘଟଣାସ୍ଥଳରେ ଧରିଥିଲେ। ତେବେ ଦୁଇ ପଥର ବୋଝେଇ ଟ୍ରାକ୍ଟର ବିରୋଧରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ଛାଡି ଦିଆଯାଇଥିବା ଜଣାପଡିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନାରୁ ସୁର୍ଡା-ଛତାପିପଲ ରାସ୍ତାକଡରେ ଥିବା ପଥର ଖାଦାନ୍‌ରୁ ଦୀର୍ଘଦିନରୁ ବେଆଇନ୍ ଭାବେ ପଥର ଚାଲାଣ ହୋଉଛି। ଏନେଇ ସ୍ଥାନୀୟ ଆର୍‌ଆଇ କିମ୍ବା ତହସିଲଦାର କୌଣସି ପଦକ୍ଷେପ ନେଉ ନ ଥିଲେ। ଗୁରୁବାର ଉକ୍ତ ପଥର ଖାଦାନରୁ ବେଆଇନ୍ ଭାବେ ପଥର ଚାଲାଣ ହେଉଥିବା ନେଇ ପୁଇଁତଲା ତହସିଲଦାର ନିରୁପମା ବୁଡେକ ଖବର ପାଇଥିଲେ। ଖବର ପାଇବା ପରେ ତତ୍‌କ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ସେଠାରେ ୨ଟି ଟ୍ରାକ୍ଟରରେ ପଥର ବୋଝେଇ ହୋଇରହିଥିଲା। କାହା ନିର୍ଦ୍ଦେଶରେ ଏଠାରୁ ପଥର ନିଆଯାଉଛି ବୋଲି ତହସିଲଦାର ଟ୍ରାକ୍ଟର ଡ୍ରାଇଭର ଓ ଶ୍ରମିକଙ୍କୁ ପ୍ରଶ୍ନ କରିବା ସହ ସେମାନଙ୍କୁ ତାଗିଦ୍ କରିଥିଲେ। ପରେ ଟ୍ରାକ୍ଟରରେ ଲଦା ହୋଇଥିବା ପଥରକୁ ଅନ୍‌ଲୋଡ କରି ଦୁଇ ଟ୍ରାକ୍ଟର ସେଠାରୁ ଫେରାର ହୋଇଯାଇଥିଲା। ଏନେଇ ପୁଇଁତଲା

- ପଥର ବୋଝେଇ ଦୁଇ ଟ୍ରାକ୍ଟରକୁ ଛାଡିଦେଲେ
- ତହସିଲଦାର କହୁଛନ୍ତି ଫାଇନ୍ କଟାଯାଇଛି
- ଆରଆଇ କହୁଛନ୍ତି ଫାଇନ୍ କଟାଯାଇନାହିଁ
- କାହା ନିର୍ଦ୍ଦେଶରେ ଭାଜପା ନେତାଙ୍କୁ ଅନୁକମ୍ପା

ତହସିଲଦାର ବୁଡେକଙ୍କୁ ପଚାରିବାରୁ ବେଆଇନ୍ ଭାବେ ପଥର ନେଉଥିବା ଦୁଇ ଟ୍ରାକ୍ଟରକୁ ୨୦ ହଜାର ଟଙ୍କା ଫାଇନ୍ କଟାଯାଇଛି ବୋଲି ସେ କହିଛନ୍ତି। ଗୋଟିଏ ଟ୍ରାକ୍ଟର ପିଛା ୧୦ ହଜାର ଟଙ୍କାର ଫାଇନ୍ କଟା ଯାଇଥିବା କହିଥିଲେ। ଏନେଇ ଦଶପୁର ଆର୍‌ଆଇଙ୍କ ପାଖରେ ସବିଶେଷ ତଥ୍ୟ ରହିଛି ବୋଲି ସେ କହିଥିଲେ। କେଉଁ କାରଣରୁ ଉକ୍ତ ପଥର ବୋଝେଇ ଦୁଇ ଟ୍ରାକ୍ଟରକୁ ଜବତ୍ କଲେ ନାହିଁ ଓ ଛାଡିଦେଲେ ବୋଲି ପଚରାଯିବାରୁ ଫାଇନ୍ କରାଯାଇଛି ବୋଲି ସେ କହିଥିଲେ। ଏହି ସମ୍ପର୍କରେ ଦଶପୁର ଆର୍‌ଆଇ ରାଜେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ତହସିଲଦାର ସମ୍ପୃକ୍ତ ଦୁଇ ଟ୍ରାକ୍ଟର ବାବଦରେ ୨୦ ହଜାର ଟଙ୍କା ଫାଇନ୍ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଟ୍ରାକ୍ଟର ମାଲିକ ଏପର୍ଯ୍ୟନ୍ତ ଫାଇନ୍ ଦାଖଲ କରିନାହାନ୍ତି ବୋଲି କହିଛନ୍ତି। ବେଆଇନ୍ ପଥର ଚୋରା ଚାଲାଣରେ ଜଣେ ଭାଜପା ନେତା ସମ୍ପୃକ୍ତ ଥିବା ଜଣାପଡିଛି। ଘଟଣା ଦିନ ଟ୍ରାକ୍ଟର ଧାରାପଡିବା ପରେ ସେ ଘଟଣାସ୍ଥଳକୁ ଆସି ତହସିଲଦାରଙ୍କ ସହ କଥା ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହାପରେ ଟ୍ରାକ୍ଟରକୁ ଛଡାଯାଇଥିବା ଜଣାପଡିଛି। ବେଆଇନ୍ କାମ କରିବା ସତ୍ତ୍ୱେ ଭାଜପା ନେତାଙ୍କୁ କାହିଁକି ଏତେ ଅନୁକମ୍ପା ଦେଖାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳର କିଛି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। କାହା ନିର୍ଦ୍ଦେଶରେ ବେଆଇନ୍ ପଥର ବୋଝେଇ ଟ୍ରାକ୍ଟରକୁ ଛଡାଯାଇଛି ଓ ଫାଇନ୍ ଆଦାୟ ହୋଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ୫-ଟିରେ ସ୍ୱଚ୍ଛତା କଥା କହୁଥିବାବେଳେ ଏଠାରେ ଖୋଲାଖୋଲି ଆଇନ୍ ଉଲ୍ଲଂଘନ କରାଯାଉଛି ଓ ଆଇନ୍ ଉଲ୍ଲଂଘନକାରୀଙ୍କୁ ଘଣ୍ଟଘୋଡାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚିତ ହେବ ବୋଲି ଦାବି କରିଛନ୍ତି।

## ପୁଅର ଦଶାହରେ ବାପାଙ୍କ ମୃତ୍ୟୁ

**ଦେଓଗାଁ,୧୮।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଅଧୀନ କୁଡାସିଂହାରେ ପୁତ୍ରର ଦଶାହ ଦିନରେ ବାପାଙ୍କ ମୃତ୍ୟୁ ଘଟିବା ଏକ ଅଭାବନୀୟ ଘଟଣା ଘଟିଛି। ଗତ ୭ ତାରିଖରେ ସନ୍ନ୍ୟାସୀ ମଲ୍ଲିକଙ୍କ ପୁଅ ଶୁଭେନ୍ଦୁ ମଲ୍ଲିକ(୧୭) ପଙ୍ଖା ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ। ହେଲେ ବାପା ସନ୍ନ୍ୟାସୀ କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସକାଳ ପାହିଲେ ପୁତ୍ରର ଏକଦଶାହ କାର୍ଯ୍ୟ ଥିବା ବେଳେ ଦଶାହ ରାତିରେ ସନ୍ନାସୀଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ବାପ, ପୁଅଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି। ଅନ୍ୟପକ୍ଷେ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଆଶାକର୍ମୀଙ୍କ ବ୍ଲକସ୍ତରୀୟ ବୈଠକ

**ଗୁଡ଼ଭେଲା,୧୮।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଶାକର୍ମୀମାନଙ୍କ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାନେତ୍ରୀ ଯଶୋବନ୍ତି ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆଶାକର୍ମୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଶାକର୍ମୀମାନେ ୫ଦଫା ଏକ ଦାବିପତ୍ର ବ୍ଲକ ଅଧକ୍ଷ ଦୋରା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଆଶାକର୍ମୀମାନଙ୍କ ପ୍ରୋତ୍ସାହନ ରାଶି ନିର୍ଦ୍ଧାରିତ ତାରିଖରେ ପ୍ରଦାନ, ପ୍ରତିମାସ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଦିଆଗଲା ତାହା ସୂଚନା ଫଳକରେ ଦର୍ଶାଇବା, ତାଲିମ ନେଇଥିବା ଆଶାକର୍ମୀଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଶୌଚାଳୟ ଏବଂ ବିଶ୍ରାମ ଗୃହ ନିର୍ମାଣ, ମାସିକ ବୈଠକର ତାରିଖ ଓ ସମୟ ଧାର୍ଯ୍ୟ ଓ ପ୍ରତ୍ୟେକ ସର୍ଭେ ପାଇଁ ଆବଶ୍ୟକୀୟ ଫର୍ମ ସହ ପ୍ରାପ୍ୟ ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ବୈଠକରେ ନମିତାରାଣୀ ଦାଶ, ପ୍ରମିଳା ସୁନା, ଭାଗ୍ୟଶ୍ରୀ ରଣା, ଗୀତାଞ୍ଜଳୀ ସାହୁ, ଦୁଃଖୀ ସାହୁ, ମୋହିନୀ ଭୋଇ, ରାଜକୁମାରୀ ରଣାଙ୍କ ସମେତ ସମସ୍ତ ଆଶାକର୍ମୀ ଉପସ୍ଥିତ ଥିଲେ।

### ପାଚିଲା ଧାନ ଖାଇଗଲେ ବାର୍‌ହାପଲ

**ଲୋଇସିଂହା,୧୮।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅଞ୍ଚଳରେ ଗତ କିଛିଦିନ ହେଲା ବାର୍‌ହା ପଲ ଉପଦ୍ରବ ବୃଦ୍ଧି ପାଇଛି। ବାର୍‌ହାପଲ ଧାନ ଖେତରେ ପଶି ଧାନ ଖାଇ ଯିବା ସହ ଫସଲ ମାଡି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁର୍ଡା-ମେଣ୍ଡା ପିଡବୁଡି ରାସ୍ତାର ବାରପାହାଡ ତଳି ଅଞ୍ଚଳରେ ରାଣୀସର୍ଡା ପଞ୍ଚାୟତ ଅଧୀନ କୁମୁଣ୍ଡେ ଗ୍ରାମର ଅନେକାଂଶ ଚାଷ ଜମି ରହିଛି। ଚାଷ ହୋଇଥିବା ଛୋଟ ଧାନ ପ୍ରାୟତଃ ପରିପକ୍ୱ ହୋଇଯାଇଛି। ଆଉ କିଛିଦିନ ପରେ ଅମଳ ହୋଇଥାନ୍ତା। ହେଲେ ବାରପାହାଡର ଅପରପାର୍ଶ୍ୱରୁ ଗତ କିଛିଦିନ ହେଲା ରାତିରେ ବାର୍‌ହାପଲ ଆସି କୁମୁଣ୍ଡେ ସୁଲିଆ ପୀଠ ଅଞ୍ଚଳରେ ଥିବା ସାଗର ଦନ୍ତା, ଚମ୍ପେ ସେଲମା, ଜଙ୍କେ ସେଲମା ଓ ଶ୍ରୀକର ଷାଣ୍ଡଙ୍କ ଚାଷଜମିରେ ବାର୍‌ହାପଲ ପଶି ଧାନ ଖାଇବା ସହ ମାଡି ନଷ୍ଟ କରିଛି। ବହୁ କଷ୍ଟରେ ଚାଷୀ ଚାଷ କରିଥିବା ବେଳେ ଅମଳ ଫସଲ ସୁରକ୍ଷା ନେଇ ଚିନ୍ତିତ ହୋଇପଡିଛନ୍ତି। ଅପରପକ୍ଷେ ବନ କର୍ମଚାରୀ ରାତ୍ରିକାଳିନ ଡ୍ୟୁଟି କରୁ ନ ଥିବାରୁ ଚାଷୀମହଲରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

କଣ୍ଟାବାଞ୍ଜି,୧୮।୧୦ (ଡି.ଏନ୍.ଏ.):କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଚଟୁଅନକା ସରକାରୀ ହାଇସ୍କୁଲ୍ ନିକଟରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ କାଳିନ୍ଦୀ ପାଲଙ୍କର ମୃତ୍ୟୁ ଘଟିଛି। ବିଶିକେଶନ ତାଣ୍ଡି ଓ ହୃଷୀକେଶ ଆପ୍ପା ଗୁରୁତର ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗୀର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି।

### ଗେଟସରୋବର ବନ୍ଧରୁ ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ,୧୮।୧୦:** ବଲାଙ୍ଗୀର ସହର ଗେଟ୍ ସରୋବର ବନ୍ଧରୁ ଶୁକ୍ରବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବନ୍ଧରେ ମୃତଦେହ ଭାସୁଥିବା ଖବର ମିଳିବା ପରେ ପୋଲିସ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରି ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ୍‌କୁ ନେଇ ଶବାଗାରରେ ରଖାଯାଇଛି।

# ଗ୍ରାମ ସମୃଦ୍ଧି, ସ୍ୱଚ୍ଛତା ପକ୍ଷ ପାଳନ

**ମୁରିବାହାଲ,୧୮।୧୦(ଡି.ଏନ.ଏ.)**




ଗ୍ରାମ ସମୃଦ୍ଧି ଓ ସ୍ୱଚ୍ଛତାପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ପକ୍ଷରୁ ଶୁକ୍ରବାର ହଳଦୀ ସାପ୍ତାହିକ ବଜାର ପ୍ରାଙ୍ଗଣଠାରେ ଗ୍ରାମ ସମୃଦ୍ଧି ଓ ସ୍ୱଚ୍ଛତାପକ୍ଷ ପାଳନ କରାଯାଇଥିଲା। ଏହି ଅବସରରେ ୪୯ଜଣ ବ୍ୟବସାୟୀଙ୍କୁ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା। ଏପରି କି ସ୍ୱଚ୍ଛତା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଗ୍ରାମର ୨ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ହଳଦୀ ପଞ୍ଚାୟତ ସରପଞ୍ଚ ଗୋପୀନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ସଭ୍ୟ ମଧୁସୂଦନ ମହାନନ୍ଦଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁରିବାହାଲ ବିଡିଓ ସିପକ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏପରି କି ଡଷ୍ଟବିନ ବ୍ୟବହାର, ରୋଗ ମୁକ୍ତ ପାଇଁ ସ୍ୱଚ୍ଛତା ଏବଂ ଗ୍ରାମ ସମୃଦ୍ଧି ଦ୍ୱାର ସମାଜର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବଲାଙ୍ଗୀର ଏମ୍‌ପିଙ୍କ ମୁରିବାହାଲ ବ୍ଲକ ପ୍ରତିନିଧି ଶ୍ରୀବସ୍ତ ବେହେରା, ମୁରିବାହାଲ ସାମ୍ବାଦିକ ସଂଘ ସଭାପତି ଭଗବାନ ମହାନ୍ତି, ସମାଜିକ କର୍ମୀ ନିମାଇଁଚରଣ ବଘାର, ଗଙ୍ଗାଧର ହେର୍ଣ୍ଣା, ଆଦିବାସୀ ନେତା ସୁରେଶ ଭୋଇ, ହଳଦୀ ବଣିକ ସଂଘ ସଭାପତି ମାନୁ ମଲ୍ଲିକ ପ୍ରମୁଖ ଯୋଗଦେଇ ମୁରିବାହାଲ ବ୍ଲକର ୨୨ଟି ପଞ୍ଚାୟତରୁ ହଳଦୀ ପଞ୍ଚାୟତ ଗ୍ରାମ ସମୃଦ୍ଧି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରୁଥିବାରୁ ଖୁସି ପ୍ରକାଶ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମ ସହ ଅନ୍ୟ ପଞ୍ଚାୟତରେ କିପରି ଏହା କାର୍ଯ୍ୟକାରୀ ହୋଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ହଳଦୀ ଗ୍ରାମର ଛତିସ ମହାନନ୍ଦଙ୍କୁ ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ସେବା କ୍ଷେତ୍ରରେ ଗୋପବନ୍ଧୁ ପୁଟେଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଣିକ ସଂଘର କର୍ମକର୍ତ୍ତା, ୱାର୍ଡ ମେମ୍ବର ଏବଂ ବୁଦ୍ଧିଜୀବୀମାନେ ଯୋଗଦେଇ ଆଗାମୀ ଦିନରେ ଗ୍ରାମ ଓ ବଜାରକୁ ସ୍ୱଚ୍ଛତା କରିବା ନେଇ ଶପଥ ନେଇଥିଲେ।

- ୪୯ ବ୍ୟବସାୟୀଙ୍କୁ ଡଷ୍ଟବିନ୍ ବଣ୍ଟନ
- ସ୍ୱଚ୍ଛତା ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ
- .କାର୍ଯ୍ୟ ପାଇଁ ୨ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

## ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଗୁଡ଼ଭେଲା,୧୮।୧୦(ଡି.ଏନ୍.ଏ.):**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ନୂତନ ଭାବେ ଯୋଗଦେଇଥିବା ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କୁ ସ୍ଥାନୀୟ ସରପଞ୍ଚ ସଂଘ ପକ୍ଷରୁ ଶୁକ୍ରବାର ସ୍ୱାଗତ କରାଯାଇଥିଲା। ଏପରି କି ପୂର୍ବତନ ବିଡିଓ ରାମବିଳାସ ମଙ୍ଗରାଜଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକ ଅନ୍ତର୍ଗତ ରୁଷୁଡା ପଞ୍ଚାୟତ ପରିସରରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଚିଞ୍ଚେଡ ସରପଞ୍ଚ ଗୋପାଳ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସରକାରଙ୍କ ବହୁମୁଖୀ ଯୋଜନାରୁ ଲୋକେ କିପରି ଲାଭବାନ ହେବା ସହ ଅଞ୍ଚଳର ଉନ୍ନତି ହୋଇପାରିବ ସେନେଇ ସମସ୍ତଙ୍କ ସହଯୋଗ ଆଶା କରିଥିଲେ। ସରପଞ୍ଚ ସବିତା ବେହେରା, ପ୍ରଭାସିନୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ସରୋଜ ମଲ୍ଲିକଙ୍କ ସହ ସମସ୍ତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ରୁଷୁଡା କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସୁନ୍ଦରଗଡ଼ ଜିଲା ଡେପୁଟି ଜିଲାପାଳ ଭାବେ କାର୍ଯ୍ୟରତ ନାୟକ ଗୁଡଭେଲା ବ୍ଲକର ନୂତନ ବିଡିଓ ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଡିଓ ମଙ୍ଗରାଜଙ୍କୁ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକକୁ ବଦଳି କରାଯାଇଥିବା ଜଣାପଡିଛି।



ନବୀନତା ପତ୍ରିକାକୁ ଜିଲାପାଳ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସାହିତ୍ୟ ପତ୍ରିକା ନବନୀତାର ଶାରଦୀୟ ସଂଖ୍ୟା ଉନ୍ମୋଚିତ

**ବଲାଙ୍ଗୀର ଅଫିସ,୧୮।୧୦**

ସାହିତ୍ୟ ପତ୍ରିକା ନବନୀତାର ଶାରଦୀୟ ସଂଖ୍ୟା ସ୍ଥାନୀୟ ସର୍କିଟ୍ ହାଉସଠାରେ ଉନ୍ମୋଚିତ ହୋଇଛି। ପତ୍ରିକା ପ୍ରକାଶକ ରାଜେଶ ଝାଙ୍କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାରଦୀୟ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। ମଣିଷ ସଭ୍ୟତାର ଦୀର୍ଘ ଯାତ୍ରାରେ ସାହିତ୍ୟ ଗବେଷଣା ଓ ଜୀବନର ମୂଲ୍ୟ ନିର୍ଦ୍ଧାରଣ ନିରନ୍ତର ଚାଲିଆସିଛି ବୋଲି ଜିଲାପାଳ ଡାକୁଆ କହିଥିଲେ। ବିଭିନ୍ନ ଉପଲବ୍ଧିକୁ ନେଇ ସାହିତ୍ୟ, ସଂସ୍କୃତି ଓ ସମାଜ ସମୃଦ୍ଧ ହୋଇଆସିଛି ଓ ଏଦିଗରେ ସାହିତ୍ୟ ପତ୍ରିକାର ଏକ ବଡ ଭୂମିକା ରହିଛି ବୋଲି ସେ କହିଥିଲେ। ଏହି ଅବସରରେ କବି ଡ.ପ୍ରହ୍ଲାଦ ଶତପଥୀ, ଶିକ୍ଷାବିତ୍ ସନାତନ ଠାକୁର, କବିୟତ୍ରୀ ଡା. ଜ୍ୟୋତି ସାହୁ, ଜୟନ୍ତ ମହାନ୍ତି, ସତ୍ୟସୁନ୍ଦର ଭଞ୍ଜ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର ଝାଙ୍କର, ପ୍ରଶାନ୍ତ ମହାକୁର, ନବୀନ ବେହେରା, ସୁଜିତ୍ ଶତପଥୀ ଉପସ୍ଥିତ ଥିଲେ। ନବନୀତାର ଶାରଦୀୟ ସଂଖ୍ୟା ପାଠକୀୟ ଆଦୃତି ଲାଭ କରିବ ବୋଲି ବକ୍ତାମାନେ ଆଶାପୋଷଣ କରିଥିଲେ। ସଭା ପ୍ରାରମ୍ଭରେ ଲୋକ କଳାକାର ଦିଲୀପ ଦୀପ ହଲିଆ ଗୀତ ପରିବେଷଣ କରିଥିଲେ। ସଭାକୁ ଯୁଜେଷ୍ଟି ମେହେର ସଂଯୋଜନା କରିଥିଲେ।




ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକ ବିଭାଗର ବାର୍ଷିକ କ୍ରୀଡା ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ସରସ୍ୱତୀ ଶିଶୁ ମନ୍ଦିର ବାଟିକା ବିଭାଗର ବାର୍ଷିକ କ୍ରୀଡ଼ା

**ଦେଓଗାଁ,୧୮।୧୦(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଶିଶୁ ବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଶାରୀରିକ ଶିକ୍ଷକ କୁନୁ ସାହୁଙ୍କ ପରିଚାଳନାରେ ୨୫ ମିଟର ଦୌଡ଼, ପତାକା ଦୌଡ଼, ବେଙ୍ଗ ଦୌଡ଼, ବାଟି ଚାମଚ ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଖେଳକୁ ଆଚାର୍ଯ୍ୟା ରଶ୍ମୀତା ଖମାରୀ, ନନ୍ଦିନି ଠାକୁର, ସଞ୍ଜୁ ପାଣ୍ଡେ ଓ ଶାନ୍ତନୁ ଭୋଇ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅଗ୍ନୀଶମ ବିଭାଗ କେନ୍ଦ୍ର ଅଧିକାରୀ ଆଲୋଇସ ବାର୍ଲା, ସମ୍ମାନିତ ଅତିଥି ଭାବେ ଜନାର୍ଦ୍ଦନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସୁସ୍ଥ ଶରୀର ପାଇଁ କ୍ରୀଡ଼ା ନିତାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସହ ପ୍ରଧାନ ଅଚାର୍ଯ୍ୟ କୁନୁ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ

**ଦେଓଗାଁ,୧୮।୧୦(ଡି.ଏନ.ଏ.)**



କୁଡାସିଂହାରେ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବଲାଙ୍ଗୀର ଜିଲା ସଦରବ୍ଲକ ଅଧୀନ କୁଡାସିଂହା ତିଲକରାମ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଗୋପାଳଜୀ ଚୌଧୂରୀଙ୍କ ପରିଚାଳନା ତଥା ଶୁଶିଳ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କପିଳ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ବକ୍ତାଭାବେ ଦିଲୀପ କୁମାର ଯୋଷୀ, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ସାହୁ, ଅଏଁଲାବୁଆଁର ସିଆର୍‌ସିସି ଦଶରଥ ବରର୍ଡ଼ୀ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଲୁକାୟୀତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହରେକୃଷ୍ଣ ସାହୁ ,ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ଦାସ, ଚେତବନୀ ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କନିଷ୍ଠ ବିଭାଗରେ ଇଲୋକ୍ୟୁଶନରେ ଦେବଚନ୍ଦ୍ର ଭୋଇ ପ୍ରଥମ, ଚିତ୍ରାଙ୍କନରେ ଓମ ସାହିଲ ଭୋଇ ଓ କ୍ରିଏଟିଭିଟି ରାଇଟିଂରେ ପ୍ରିୟଙ୍କା ପାତ୍ର ପ୍ରଥମ ହୋଇଥିଲେ। ସେପରି ହସ୍ତଲିଖନରେ ମାନସ ଭୂଏ ପ୍ରଥମ ହୋଇଥିଲେ। ବରିଷ୍ଠ ବିଭାଗରେ ଗୀତରେ ମଧୁମିତା ସିରଦାର ପ୍ରଥମ, କ୍ରିଏଟିଭିଟି ରାଇଟିଂରେ ଚିକଲବାହାଲ ହାଇସ୍କୁଲର ସୁରୁଚି ଭୂଏ, ଇଲୋକ୍ୟୁଶନରେ ଅନାମିକା ଭୋଇ ଓ ବକ୍ତୃତାରେ ଅନୁଭବ ଦାଶ ପ୍ରଥମ ହୋଇଥିଲେ। ପ୍ରବନ୍ଧ ଲିଖନ ଓ ସାଧରଣଜ୍ଞାନରେ ରାଜେଶ ସାହୁ ପ୍ରଥମ, ଚିତ୍ରାଙ୍କନରେ ବିଷ୍ଣୁପ୍ରସାଦ ସିରଦାର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ସୁରେନ୍ଦ୍ର ସାହୁ, ପଦ୍ମାବତୀ ବରର୍ଡ଼ୀ, ନୀଳକଣ୍ଠ ସୁନା, ବୈଜୟନ୍ତୀ ମେହେର, ସବିତା ପଣ୍ଡା, ଭାରତୀ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷକ ରବୀନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ, ଧ୍ରୁବ ଚରଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଫଟୋରେ ଖବର










ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଜିଲାସ୍ତରୀୟ ପୁସ୍ତକ ମେଳା ସ୍ଥଳରେ ମହିଳାମାନେ ଗାନ୍ଧିଜୀଙ୍କ ଫଟୋ ବୁଲି ଦେଖୁଛନ୍ତି (ବାମ)। ପୁସ୍ତକମେଳା ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି (ମଝି)। ପୁସ୍ତକମେଳା ଚତୁର୍ଥ ସନ୍ଧ୍ୟାରେ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ସୁନୀଲ)



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍‌ସିସ୍ ବାକନ

## ସଂକ୍ଷେପରେ




### ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ବୋଡେନ,୧୮।୧୦ (ଡି.ଏନ.ଏ.)-** ନୂଆପଡା ଜିଲା ବୋଡେନ ବ୍ଲକ ପଲସଦା ଶିବ ମନ୍ଦିରଠାରୁ ଶୁକ୍ରବାର ପାତାଳେଶ୍ୱର ମଣ୍ଡଳ ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଏହି ପଦଯାତ୍ରା ଡମଝର, ଡୋଡକିବାହାଲ, ରାଜପଦର, କର୍ଲାକୋଟ, କିରେଝୋଲା, ଅମେରା, ଦାବରି ଗ୍ରାମ ପର୍ଯ୍ୟନ୍ତ ଯାଇ ସଭା କାର୍ଯ୍ୟ କରାଯାଇଥିଲା। ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ଉକ୍ତ ପଦଯାତ୍ରାରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଅତିନ୍ଦ୍ର ଜିତ ସିଂ ମଲ୍ଲିକ, ଦେବଦେବ ସିଂ ଦେଓ, ସୁବ୍ରତ ଠାକୁର, ହରି ପ୍ରଧାନି, କିଶୋର ନାଗ, ମୁରଲି ହଂସ ଖିରସିନ୍ଧୁ ହଂସ ପ୍ରମୁଖ ସାମିଲ ହୋଇଥିଲେ। ଭାଜପାର ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ।

### ଅବ୍ୟବସ୍ଥା ଘେରରେ ପେଙ୍ଗଜୁସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୁଳ ରାମପୁର ବ୍ଲକ ଅଡ୍ରୀ ପଞ୍ଚାୟତ ଅନ୍ତର୍ଗତ ପେଙ୍ଗଜୁସି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ୧୯୬୩ରେ ସ୍ଥାପିତ ଏହି ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲର ପୁରୁଣା କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ଦୁଇଟି ଶ୍ରେଣୀ ଗୃହ ଥିବା ନୂଆ କୋଠାରେ ସବୁ ପିଲା ପାଠ ପଢୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସ୍କୁଲର ସୁରକ୍ଷା ବାଡ ନ ଥିବାରୁ ବିଭିନ୍ନ ସମୟରେ ସରିସୃପ ଶ୍ରେଣୀଗୃହ ମଧକୁ ପଶି ଆସୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଲାଞ୍ଜିଗଡ଼ ନୋଡାଲ ସ୍କୁଲରେ ସୁରଭି ଶିଶୁ ମହୋତ୍ସବ

**ଲାଞ୍ଜିଗଡ଼,୧୮।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନୋଡାଲ ସ୍କୁଲଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସିଆର୍‌ସିସି ଏମ୍. ସୁନ୍ଦରଶେଖରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ସରପଞ୍ଚ ସୁଶ୍ରୀ ମଣି ମାଝି, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ଗୋପବନ୍ଧୁ ପୁଷ୍ଟି, ସମ୍ମାନିତ ଅତିଥି ଜମ୍ବେଶ୍ୱର ମାଝି, ଜିତେନ୍ଦ୍ର ନାରାୟଣ ନାଗ, ମନୋଜ କୁମାର ମହାକୁଡ଼, ଅବିନାଶ ସିଂ ପ୍ରମୁଖ ଯୋଗଦେଇଥିଲେ। । ଲଳିତମୋହନ ଭୋଇ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିବାବେଳେ ମୁରଲୀଧର ଗଉଡ଼ଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଡମ୍ବରୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ସ୍ଥାନରେ ସୁରଭି କାର୍ଯ୍ୟକ୍ରମ-୨୦୧୯

# ଶିଶୁଙ୍କ ପ୍ରତିଭାର ବିକାଶକରେ ସୁରଭି

**ନୂଆପଡା ଅଫିସ/ କୋମନା/ ସିନାପାଲି,୧୮।୧୦ (ଡି.ଏନ.ଏ.)**

ଶିଶୁଙ୍କ ମଧ୍ୟରେ ଅମାପ ଧୀ ଶକ୍ତି ରହିଥାଏ। ଏହାକୁ ଉନ୍ମୋଚନ କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଦ୍ୱାରା ଆୟୋଜିତ ସୁରଭି କାର୍ଯ୍ୟକ୍ରମ ଏହାକୁ ପରଦା ବାହାରକୁ ଆଣିବାରେ ସହାୟକ ହୋଇଥାଏ ବୋଲି ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଏହା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡା ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସତପଥୀ ମୁଖ୍ୟଅତିଥି, ଶିକ୍ଷୟିତ୍ରୀ ଅନୀତା ମୁଣ୍ଡ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅହିଂସା ରଞ୍ଜନ ପଟ୍ଟନାୟକ, କିଶୋର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକର ୧୫ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥା । ଏହିଭଳି ସ୍ଥାନୀୟ କୁରୁମପୁରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆରସିସି ସୁବଳ ଶ୍ୟାମ ପଣ୍ଡା ସଭାପତିତ୍ୱ କରିଥିବାବେଳେ କୁରୁମପୁରୀ ସରପଞ୍ଚ ଈନେଶ୍ୱରୀ ଅହୀର, ସମରସିଂ ସରପଞ୍ଚ ଶେଫାଳୀ ରଣା ବିଶେଷ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ପାଢୀ ମୁଖବକ୍ତା, ବିଶ୍ୱମ୍ବର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୭ଟି ବିଦ୍ୟାଳୟ ୧୫୮ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ। ତେଜରାଜ ହରିଜନ ଧନ୍ୟବାଦ ଦେଇଥିଲେ। ଲଖନା ଆନଚଳିକ ସାଧନ କେନ୍ଦ୍ରର ଲଖନା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି । ଏଥିରେ ସିଆରସିସି ବିଶ୍ୱଦେବ ପଣ୍ଡା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ସୋନପତି ଜୈନ ମୁଖ୍ୟଅତିଥି, ମୁଣ୍ଡାପଲା ସରପଞ୍ଚ ପାରେଶ୍ୱର ମାଝିବିଶେଷ ଅତିଥି, ନୋଡାଲ ସଭାପତି ଉତମ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସହଦେବ ମହାନନ୍ଦ ଏବଂ ପ୍ରହଲ୍ଲାଦ ଭୋଇ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୪୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଠାରେ କୁଳମଣୀ ରଣା ନାମକ ଜଣେ ଦିବ୍ୟାଙ୍ଗ ଛାତ୍ର ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର ହୋଇ ବ୍ଲକସ୍ତରକୁ ଉନ୍ନୀତ ହୋଇଛନ୍ତି । ପୁରନମଲ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋହର ସୁନାନୀ, ରତନ ତାଣ୍ଡି, ବେଣୁ ମାଝି, ସଲିଲ ମିଶ୍ର, ନାରାୟଣ ସାହୁ, ଅନୁପମା ସାହୁ ପ୍ରମୁଖ ସହଯୋଗ କରିଥିଲେ। କୋମନା ବ୍ଲକ ଟିକ୍ରାପଡାସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିକ୍ରାପଡା କ୍ଲଷ୍ଟର ସିଆରସିସି ଗଉର ଚନ୍ଦ୍ର ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଟିକ୍ରାପଡା ସମିତିସଭ୍ୟ ତୋଫାନ ସିଂ ଦଳପତି, ସମ୍ମାନିତ ଅତିଥି କମକେଡା ସେବାଶ୍ରମ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ହୋତା, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ହାଇସ୍କୁଲ ପ୍ରଧାନଶିକ୍ଷକ ତୁଲସୀରାମ ମେହେର ଯୋଗଦେଇ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଯତ୍ନବାନ ହୋଇ ପିଲାର ଅନ୍ତଃନିହିତ ଗୁଣକୁ ବିକାଶ କରିବାକୁ ହେବ ବୋଲି କହିଥିଲେ। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇ ନିଜ କଳା ପ୍ରଦର୍ଶନ କରିଥିଲେ। ପରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତି ବିଭାଗର ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି।

ସିନାପାଲି ବ୍ଲକ କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କେନ୍ଦୁମୁଣ୍ଡାଠାରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସଭାରେ ବରିଷ୍ଠ ଶିକ୍ଷକ ଚନ୍ଦ୍ରଶେଖର ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷୀରମତୀ ମାଝି ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବ ସିଆରସିସି ହୃଦାନନ୍ଦ ମେହେର, ନୀଳାଞ୍ଚଳ ନାଏକ, ସ୍କୁଲ ଚେୟାରମ୍ୟାନ ଏବଂ ମୁଖ୍ୟବକ୍ତା ଭାବରେ ଏପିଇଓ ଭାବଗ୍ରାହୀ ପଣ୍ଡା ଯୋଗଦେଇଥିଲେ। ଶିକ୍ଷକ ବୈଷ୍ଣବ ମେହେର ଅତିଥି ପରିଚୟ ପ୍ରଦାନ ସହ ଆଜିର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଆରସିସି ଦୀବ୍ୟରଞ୍ଜନ ପାଢ଼ୀ ସ୍ୱାଗତ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତ। ପୁରସ୍କାର ବିତରଣ ଉତ୍ସବରେ ଚନ୍ଦ୍ରଶେଖର ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ଖଗେଶ୍ୱର ମାଝି ଓ ସମ୍ମାନିତ ଅତିଥି ଭାବରେ ହେରାମ୍ବ ହଂସ, ଲକ୍ଷ୍ମଣ ପୋଢ଼, ଶେଷରାମ ମାଝି, ହୃଦାନନ୍ଦ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଫଳତାରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସିଆରସିସି ଦିବ୍ୟରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ଜଣେ ଦିବ୍ୟାଙ୍ଗ ଛାତ୍ର ସଙ୍ଗୀତରେ ପ୍ରଥମ ପୁରସ୍କାର ଗ୍ରହଣ କରୁଛନ୍ତି ।


ଅତିଥିଙ୍କ ଦ୍ୱାରା ଜଣେ କୃତୀ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି ।


କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ପରିବାର

**ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୁମୁଡୁମାହା ଗ୍ରାମରେ ୨୦୧୬ ଜୁଲାଇ ୮ ତାରିଖରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ଆଦିବାସୀଙ୍କ ପରିବାର ଲୋକେ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ କରିଛନ୍ତି। ଶନିବାର ତୋଷାଳି ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୃତକଙ୍କ ପରିବାର ଲୋକେ କ୍ଷୋଭ ପ୍ରକାଶ କହିଛନ୍ତି । ଗୁଳିମାଡରେ ନିଜ ଦେଢ ବର୍ଷର ପୁଅ, ସ୍ତ୍ରୀଙ୍କୁ ହରାଇ ନିଜେ ମଧ ଆହତ ହୋଇଥିବା ଲୁଟୁ ଦିଗଲ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିଭଳିନିଜ ପରିବାର ସଦସ୍ୟଙ୍କୁ ହରାଇଥିଲେ ବିବି ମଲିକ, ବନମାଳୀ ମଲିକ ଓ ଡୁଲାର ଦିଗଲ ମଧ କମିଶନରଙ୍କୁ ଗୁହାରି କରିଛନ୍ତି । ସୁଚନାଯୋଗ୍ୟ, ୨୦୧୬ ମସିହା ଜୁଲାଇ ୮ ତାରିଖରେ ନକ୍ସଲ ସନ୍ଦେହରେ ପୁଲିସ ଗୁଳିମାଡରେ ୫ ଜଣ ନିହତ ଏବଂ ୮ ଜଣ ଗୁରୁତର ଆହତ ହୋଇଥିଲେ । ମୃତକଙ୍କ ମଧରେ ଜଣେ ଦେଢବର୍ଷର ଶିଶୁ ମଧ ରହିଥିଲା। ଏ ସମ୍ପର୍କରେ ରାଜ୍ୟ ସରକାର କନ୍ଧମାଳ ଜିଲା ଜଜ୍‌ଙ୍କ ଦ୍ୱାରା ତଦନ୍ତ କରିଥିଲେ । ଏହି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରା ନ ଯାଇ ପୋଲିସକୁ ଘଣ୍ଟ ଘୋଡାଇବା ପାଇଁ ସରକାର ଏହି ରିପୋର୍ଟକୁ ଚାପି ଦେଇଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୭ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯୋଗାଇ ଦେଇଥିଲେ । ସରକାର ସେମାନଙ୍କ ବଞ୍ଚିବା ଅଧିକାରରୁ ସୁରକ୍ଷା ଦେଇପାରି ନ ଥିବାରୁ ମାନବିକ ଅଧିକାର ଆଇନ ପରିସରରେ ନିଜସ୍ୱ ଅଧିକାର ପ୍ରୟୋଗ କରି ମାନବାଧିକାର କମିଶନ ପ୍ରତ୍ୟେକ ମୃତକଙ୍କ ପରିବାରରୁ ୨ ମାସ ମଧରେ ଅଧିକ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ୨୦୧୮ ଅଗଷ୍ଟ ୨୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏ ଭିତରେ ଏକ ବର୍ଷ ବିତି ଯାଇଥିଲେ ମଧ କ୍ଷତିପୂରଣ ମିଳିନାହିଁ । ଘଟଣା ପରେ ସରକାର ଉକ୍ତ ଅଞ୍ଚଳର ଆଦିବାସୀଙ୍କ ପାଇଁ ବହୁତ କିଛି କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତା, ପାନୀୟଜଳ ଓ ବିଦ୍ୟୁତ୍‌ସେବା ମଧ ଠିକ୍‌ଭାବରେ ଯୋଗାଇ ଦିଆଯାଇନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଗୁଳିକାଣ୍ଡରେ ଜଡିତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସରକାର ମାନବଧିକାର କ୍ଷୁର୍ଣ୍ଣ କରୁଛନ୍ତି । ମାଓବାଦୀ ଦମନ ଆଳରେ ସରକାର ଯାହା କରିବେ ତାହା କ'ଣ ନ୍ୟାୟସଙ୍ଗତ ବୋଲି ପ୍ରଶ୍ନ କରିଛନ୍ତି ମୃତକଙ୍କ କରିବାର ଲୋକେ।

## ବୋଇରଗାଁ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ

**ବୋଡେନ,୧୮।୧୦(ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ବୋଇରଗାଁ ପଞ୍ଚାୟତକୁ ମଦମୁକ୍ତ କରିବାକୁ ସଂଘ ସହାୟକ ଗୋଷ୍ଠି ମହିଳାମାନେ ଗୁରୁବାର ସପଥ ନେଇଛନ୍ତି । ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅନ୍ଦୋଳନରେ ପଞ୍ଚାୟତର ୯୧ଟି ସଂଘ ସହାୟକ ଗୋଷ୍ଠୀର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଛନ୍ତି । ଆଜି ପର୍ଯ୍ୟନ୍ତ ନୂଆପଡା ଜିଲାରେ ହୋଇଥିବା ମଦ ବିରୋଧୀ ଆନ୍ଦୋଳନ ମଧ୍ୟରେ ଏହା ସବୁଠାରୁ ବଡ ଆନ୍ଦୋଳନ ବୋଲି ଚର୍ଚ୍ଚା ହେଉଛି । ପ୍ରଥମେ ମହିଳାମାନେ ଗାଁ ଗାଁ ବୁଲି କୋଚିଆ ମଦ ବିକାଳିଙ୍କୁ ମଦବିକ୍ରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଅନୁରୋଧ ସତ୍ତ୍ୱେ ବି ଯେଉଁମାନେ ମଦ ବିକ୍ରି କରୁଥିଲେ ସେମାନଙ୍କୁ ଧରି ପୋଲିସ ଜିମା ଦେବା ଘଟଣା ମଦ କୋଚିଆଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି । ଏ ପର୍ଯ୍ୟନ୍ତ ପଞ୍ଚାୟତର ୩ ଜଣଙ୍କୁ ବୋଡେନ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆଗାମି ଦିନରେ ଏହି ଆନ୍ଦୋଳନକୁ ଆଉ ତୀବ୍ର କରାଯିବ ବୋଲି ମହିଳାମାନେ ଯୋଜନା ପ୍ରସ୍ତାବ କରୁଥିବା ସୂଚନା ମିଳିଛି। ସମସ୍ତ ପଞ୍ଚାୟତ ପ୍ରତିନିଧୀ, ପୋଲିସ ସପ୍ରଶାସନ, ବାର ଆସୋସେଏଶନ ଭଳି ବିଭିନ୍ନ ସରକାରୀ, ବେସରକାରୀ, ସଙ୍ଗଠନକୁ ନେଇ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି ।

## ସୌଭାଗ୍ୟ ଯୋଜନାରେ ବିଜୁଳି ଯୋଗାଣ ପ୍ରହସନ

# ଖଡ଼ିଆଳ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଘେରାଉ

**ଖଡିଆଳ,୧୮।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଚନାବେଡା ପଞ୍ଚାୟତର ୪ଟି ଗାଁରେ ସରକାରଙ୍କ ସୌଭାଗ୍ୟ ଯୋଜନାର ବିଜୁଳି ଯୋଗାଣ ପ୍ରହସନ ପାଲଟିଛି। ଗାଁରେ ବିଦ୍ୟୁତ ପାଇଁ ଖୁଣ୍ଟ ପୋତିବା ସହ ଘରେ ସୁଇଚ ବୋର୍ଡ ମଧ ଲଗାଯାଇଛି। ହେଲେ ଆଜକୁ ୫ବର୍ଷ ବିତିଯାଇଥିଲେ ମଧ ଗାଁର ବିପିଏଲ ପରିବାରକୁ ଏ ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇନାହିଁ। ବିଦ୍ୟୁତ୍ ସଂଯୋଗ ପାଇଁ ପଞ୍ଚାୟତ ଲୋକେ ଖଡିଆଳ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଛନ୍ତି। କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଶୁକ୍ରବାର ଚନାବେଡା ପଞ୍ଚାୟତ ବରପଦର ଗ୍ରାମବାସୀ ଖଡିଆଳ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଘେରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଖଡିଆଳଠାରୁ ଚନାବେଡା ଗ୍ରାମପଞ୍ଚାୟତ ମାତ୍ର ୪ କି.ମି. ଦୂରରେ ରହିଛି। ଏହି ପଞ୍ଚାୟତର ବରପଦର ଗ୍ରାମରେ ବିପିଏଲ ପରିବାରକୁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ ଯୋଗାଇ ଦେବା ପାଇଁ ମଞ୍ଜୁର ହୋଇ ଗାଁରେ ଖୁଣ୍ଟ ପୋତା ହୋଇଛି। ଏଥିସହ ତାର ଟାଣିବା ସହ ଘରେ ଘରେ ବିଦ୍ୟୁତ୍ ସୁଇଚ ବୋର୍ଡ ମଧ ବସାଯାଇଛି। ହେଲେ ବିଦ୍ୟୁତ ବିଭାଗ ୱେସ୍କୋ ଅଧିକାରୀ ଓ ଠିକା କମ୍ପାନୀ ମନମୁଖୀ କାର୍ଯ୍ୟ ଯୋଗୁ ଦୀର୍ଘ ୫ ବର୍ଷ ହେଲା ଚନାବେଡା ଗ୍ରାମପଞ୍ଚାୟତର ୪ଖଣ୍ଡ ଗାଁ ବରପଦର, ରୋହେନପଦର, ଚନାବେଡା ଓ ଛିତ୍ରିବୋଡା ଗାଁକୁ ଏଯାଏଁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଦୀର୍ଘ ୫ବର୍ଷ ହେଲା ଏହି ୪ଖଣ୍ଡ ଗାଁର ଗରିବ ପରିବାର ଲୋକମାନେ ଅନ୍ଧକାରରେ ଜୀବନଯାପନ କରୁଛନ୍ତି। ଅପରପକ୍ଷରେ ଖଡିଆଳ ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଗଗନବିହାରୀ ଜେନା ଆଗାମୀ ଡିସେମ୍ବର ୩୧ ତାରିଖ ସୁଦ୍ଧା ଚନାବେଡା ଗ୍ରାମପଞ୍ଚାୟତର ୪ ଗାଁରେ ବିଦ୍ୟୁତ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘେରାଉ ବେଳେ ଚନାବେଡା ଗ୍ରାମପଞ୍ଚାୟତର ପ୍ରଦୀପ ନାଏକ, ଶ୍ୟାମ ବେହେରା, ରମଣୀରଞ୍ଜନ ବେହେରା, ପ୍ରକାଶ ବେହେରା ଓ ୪ ଗ୍ରାମବାସୀ ଯୋଗଦେଇଥିଲେ।



ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଘେରାଉ କରିବାକୁ ଆସିଥିବା ଗ୍ରାମବାସୀ ।

## ଦାଦନ ଶ୍ରମିକ ଚମରୁ ପହରିଆଙ୍କ ଆଙ୍ଗୁଠି କଟା ଘଟଣା

# ଶ୍ରମ ସଚିବଙ୍କ ସହ ଉଚ୍ଚସ୍ତରୀୟ ଟିମ୍‌ର ତଦନ୍ତ

**କୋମନା,୧୮।୧୦ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଟିକ୍ରାପଡା ଗାଁସ୍ଥିତ ପହରିଆପଡାର ଚମରୁ ପହରିଆଙ୍କ ଡାହାଣ ଗୋଡର ଆଙ୍ଗୁଠି କଟା ଘଟଣାରେ ଶ୍ରମ ସଚିବଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁରବାର ମଧ୍ୟାହ୍ନରେ ଶ୍ରମ ସଚିବ କିଶାଳୟ ଶତପଥୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଟିକ୍ରାପଡାସ୍ଥିତ ଚମରୁ ପହରିଆଙ୍କ ଘରେ ପହଞ୍ଚିଥିଲେ। ସେଠାରେ ପରିବାର ସହିତ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ଗାଁ ଲୋକଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଜିଲା ହସ୍ପିଟାଲରେ ଚିକିତ୍ସିତ ଚମରୁଙ୍କୁ ଭେଟି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ଏହା ପରେ ସାଙ୍ଗରେ ଯାଇଥିବା ବିଦେଶୀ ସତନାମୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରି ନୂଆପଡା ଫେରି ଯାଇଥିଲେ। ତଦନ୍ତ ଟିମରେ କଳାହାଣ୍ଡି ଶ୍ରମ ବିଭାଗ ଡିଭିଜନାଲ ସଚିବ ପ୍ରଦୀପ ମହାନ୍ତି, ଉପଜିଲାପାଳ ତରଣିସେନ ନାୟକ, ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ ଓ କୋମନା ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।


ଶ୍ରମ ସଚିବଙ୍କ ନେତୃତ୍ୱରେ ଟିମ୍ ଟିକ୍ରାପଡା ଗାଁରେ ପହଞ୍ଚି ତଦନ୍ତ କରୁଛନ୍ତି ।

# ଆୟୁଷ ଡାକ୍ତର, ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି

**ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅନେକ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ନ ଥିବା ବେଳେ ଡାକ୍ତର ନ ଥିବା ଯୋଗୁ ଫର୍ମାସିଷ୍ଟ ଏବଂ ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ ସେବା ଚାଲୁଛି ନଜରକୁ ଆସୁଛି। ଭବାନୀପାଟଣା ବ୍ଲକ ଅଧୀନ ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୁଷ ଡାକ୍ତର, ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି। ଏଠାରେ ଜଣେ ଭାରପ୍ରାପ୍ତ ମେଡିକାଲ ଅଫିସର ଓ ୬ ଜଣ ଡାକ୍ତର, ଜଣେ ବିଶେଷଜ୍ଞ ରହିବା ସ୍ଥଳେ ମାତ୍ର ଜଣେ ମେଡିକାଲ ଅଫିସର ଏଠାରେ ଅଛନ୍ତି। ଜଣେ ଡାକ୍ତର ଅଫିସ କାର୍ଯ୍ୟରେ ବ୍ୟସ୍ତ ରହିବା ବେଳେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟ ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସଦର ବ୍ଲକ ୧୩ ପଞ୍ଚାୟତ, ଟିଟିଲାଗଡ ବ୍ଲକର ୪ ପଞ୍ଚାୟତ, ଗୋଲାମୁଣ୍ଡା ବ୍ଲକ ୪ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଏଠାରେ ଡାକ୍ତର ଓ କର୍ମଚାରୀ ରହିପା ପାଇଁ କ୍ୱାର୍ଟର୍ସର ଅଭାବ ରହିଛି। ରୋଗୀ ଓ ଡାକ୍ତର କର୍ମଚାରୀ ପାଇଁ ପାନୀୟ ଜଳର ଘୋର ଅଭାବ ରହିଛି। ଡାକ୍ତରଖାନା ପରିସରରେ ରୋଗୀଙ୍କ ପାଇଁ ଶୌଚାଳୟର ଅଭାବ ଥିବାରୁ ରୋଗୀମାନେ ଖୋଲା ପଡିଆରେ ଝାଡା ଫେରିବା ସହ ନିକଟରେ ଥିବା ପୋଖରୀରେ ଉପରେ ନିର୍ଭର କରିଥାନ୍ତି। ଆବଶ୍ୟକ କର୍ମଚାରୀ ଓ ଟେକ୍ନିସିଆନର ଅଭାବ ଯୋଗୁ ଅନେକ ଯନ୍ତ୍ରପାତି ଖତ ଖାଉଛି। ସେହିପରି ଏହି ସିଏଚ୍‌ସି ଅଧୀନରେ ଥିବା କର୍ଲାପଡା, ଦେପୁର, ଦାଦପୁର, ଅର୍ତ୍ତଲ ପିଏଚ୍‌ସିରେ ଡାକ୍ତର ନ ଥିବାରୁ ଫାର୍ମାସିଷ୍ଟ ଭରସାରେ ରୋଗୀ ସେବା ଚାଲିଛି। ଯୋଗସାଏପାଟଣା ପିଏଚସିରେ ଜଣେ ଡାକ୍ତର ଥିବା ସ୍ଥଳେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ଏହାର ସୁଯୋଗ ନେଇ ଗ୍ରାମାଞ୍ଚଳରେ କ୍ୱାକମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି।


ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

**ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଘରେ ପଶି ବୁଲା କୁକୁର ୧୦ ମାସର ଶିଶୁକୁ କାମୁଡ଼ିଲା

କେଗାଁ,୧୮।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଗାଁର ଜଣଙ୍କ ଘରେ ପଶି ଶୁକ୍ରବାର ଏକ ବୁଲା କୁକୁର ୧୦ ମାସର ଶିଶୁକୁ କାମୁଡ଼ିଛି। ସୂଚନା ଅନୁଯାୟୀ ବୃନ୍ଦବାହାଲ ଗ୍ରାମର ଅମିତ ମଙ୍ଗରାଜଙ୍କର୧୦ ମାସର ଶିଶୁ ଘରେ ଖେଳୁଥିବା ବେଳେ ହଠାତ ଏକ ବୁଲା କୁକୁର ଭିତରକୁ ପଶି ଶିଶୁର ମୁହଁରେ କାମୁଡ଼ି ରକ୍ତାକ୍ତ କରିଛି। ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ନିକଟ ଦଶପୁର ଗ୍ରାମରେ ପୂର୍ବରୁ ଜଣେ ବୃଦ୍ଧା ଓ ଜଣେ ଶିଶୁକୁ ବୁଲା କୁକୁର କାମୁଡ଼ି ଦେଇଥିବା ବେଳେ ଶୁକ୍ରବାରୁ ପୁଣି ଥରେ ଜଣେ ଶିଶୁକୁ କୁକୁର ଆକ୍ରମଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

### ଆରମ୍ଭ ହେଲା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)- କଳାହାଣ୍ଡି କଳାକାର ସଂଘ ପକ୍ଷରୁ ସ୍ଥାନୀୟ ଲେଖକ କଳା ପରିଷଦ ରଙ୍ଗମଞ୍ଚରେ ୧୮ରୁ ୨୦ ତାରିଖ ଯାଏଁ ୩ ଦିନ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୧୯ ଆରମ୍ଭ ହୋଇଛି। ଏ ନେଇ କଳାକାର ସଂଘର ସଭାପତି ସତ୍ୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ରଜନୀରେ ପଦମପୁରର ନାଟକ 'ଗାନ୍ଧୀ ଛକ' ଓ ବରଗଡ ଢୋଲବନ୍ଧର ନାଟକ 'କୁନ୍ଦଲି ରାଏଜର୍ ଝି', ୧୯ ତାରିଖରେ ବୌଦ୍ଧର ନାଟକ 'କୁଇଲି', ବରପାଲିର ନାଟକ 'ଲାଲସା' ଓ ଲୋକସିଂହାର ନାଟକ 'ଅଭାଗା' ମଞ୍ଚସ୍ଥ ହେବ । ସେହିପରି ୨୦ ତାରିଖ ଉଦ୍‌ଯାପନୀ ରଜନୀରେ ସମ୍ବଲପୁରର ଦୁଇଟି ନାଟକ 'ବୈଷ୍ଣବ ଜନ ତୁ' ଓ 'କାରୁବାକୀ' ମଞ୍ଚସ୍ଥ ହେବ। ଚଳିତବର୍ଷ ଏହି ଅବସରରେ ବରିଷ୍ଠ ମଞ୍ଚ, ଦୂରଦର୍ଶନ ଓ ଚଳଚିତ୍ର ଅଭିନେତା ଅବଦୁଲ କାଦିର, ମଥୁରାର ଭାଗୀରଥି ପଣ୍ଡା ଓ କେସିଙ୍ଗା କେରୋକୁଡାର ଲାବନ୍ୟ ଶବରକଙ୍କୁ ସମ୍ବର୍ଦ୍ଧିତ କରାଯିବ।



### ଭାଜପାର ବରିଷ୍ଠ ନେତା ହିମାଞ୍ଚଳ ଭୋଇଙ୍କ ପରଲୋକ

ପଲମ,୧୮।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଟକର୍ଲା (ପିତାପଡା) ଗ୍ରାମର ହିମାଞ୍ଚଳ ଭୋଇ(୯୮)ଙ୍କ ଗତ ୧୪ ତାରିଖରେ ପରଲୋକ ଘଟିଛି। ସେ ଭାଜପାର ଜଣେ ବରିଷ୍ଠ ନେତା ଭାବେ ପରିଚିତ ଥିଲେ ଏବଂ କଳାହାଣ୍ଡି ମହାରାଜାଙ୍କ ସମ୍ପର୍କୀୟ ଭାବେ ସୁପରିଚିତ। ଦେହାନ୍ତ ସମୟରେ ତାଙ୍କ ପରିବାରବର୍ଗ ସମସ୍ତେ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତ ହେବା ଖବରରେ ଅଞ୍ଚଳବାସୀଙ୍କ ଭିତରେ ଶୋକରଛାୟା ଖେଳିଯାଇଛି ।

ଭୂମିହୀନମାନଙ୍କୁ ଘରଡିହ ପ୍ରଦାନ, ମଦମୁକ୍ତି ଦାବି

# କିଷାନ ସଂଘର ତହସିଲ ଅଫିସ ଘେରାଉ

**ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଗୋଲାମୁଣ୍ଡା,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ପକ୍ଷରୁ ଶୁକ୍ରବାର ଭୂମିହିନମାନଙ୍କୁ ଘରଡିହ ପ୍ରଦାନ ଓ ମଦମୁକ୍ତି ଦାବିରେ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ଶତାଧିକ ଲୋକ ସାମିଲ ହୋଇ ଦୀର୍ଘ ୨ କି.ମି. ଚାଲି ଗୋଲାମୁଣ୍ଡା ସହର ପରିକ୍ରମା କରିଥିଲେ। ତହସିଲ ଅଫିସ ସମ୍ମୁଖରେ ପହଞ୍ଚି ଧାରଣା ଦେବା ସହ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରଭାସ ବିତାୟକଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଗୋଲାମୁଣ୍ଡା ବ୍ଲକର ଭୂମିହିନମାନଙ୍କୁ ଯଥାଶୀଘ୍ର ୪ ଡେସିମିଲ ଘରଡିହ ପ୍ରଦାନ ଓ ବ୍ଲକର ବିଭିନ୍ନ ଗ୍ରାମର ଗଳିକନ୍ଦିରେ ଅବାଧରେ ଚାଲୁଥିବା ମଦ କୋଠିକୁ ବନ୍ଦ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଦିନରେ କିଷାନ ସଂଘ ପକ୍ଷରୁ ଉକ୍ତ ଦାବି ନେଇ ଅନେକ ଥର ଦାବିପତ୍ର ଓ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ଶୁକ୍ରବାର ବାଧ୍ୟ ହୋଇ କିଷାନ ସଂଘ ପକ୍ଷରୁ ତହସିଲ ଅଫିସ ଘେରାଉ କରାଯାଇଛି ବୋଲି କିଷାନ ସଂଘ ସଭାପତି ମଙ୍ଗରାଜ ପ୍ରକାଶ କହିଛନ୍ତି। ଉକ୍ତ ଘେରାଉରେ ପ୍ରସନ୍ନ କୁମାର ରାଉତ, ଗୋଲାମୁଣ୍ଡା ଜିଲା ପରିଷଦ ବୃଷଭ ନାଏକ, ଗୋଲାମୁଣ୍ଡା ସମିତି ସଭ୍ୟ ରାମବିଲାସ ସାଗର, ମାନଝରି ସରପଞ୍ଚ ଗିରିଧାରି ତେଜି, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ମନୋଜ ବିଶି, କୃଷ୍ଣଚନ୍ଦ୍ର ମୁଣ୍ଡ, ରମେଶ ଅଗ୍ରୱାଲ, ତୁଳସି ମାଝି, ଆନନ୍ଦ ପଟେଲ, ପୁଷ୍ପଲତା ବିହାରୀ, ବାସନ୍ତି ରାଉତ, ଜ୍ୟୋତି ବିଶି, ଯମୁନା ଚଲାନଙ୍କ ସମେତ ହଜାର ହଜାର ସଂଖ୍ୟାରେ ମହିଳା ଓ ଚାଷୀମାନେ ସାମିଲ ହୋଇଥିଲେ।



ତହସିଲ ଅଫିସ ସମ୍ମୁଖରେ କିଷାନ ସଂଘର ଧାରଣା ।



ଜୁନାଗଡ଼ ଆର୍‌ଏମସି ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଖବରଦାତାମାନେ ।

## ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଇଁ ପ୍ରସ୍ତୁତି ବୈଠକ

ଜୁନାଗଡ,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମସି ସଭାଗୃହଠାରେ ଶୁକ୍ରବାର କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଅନେକ ଖବରଦାତା ଯୋଗଦେଇଥିଲେ। ଆସନ୍ତା ନଭେମ୍ବର ୧୬ରେ ଜୁନାଗଡରେ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ପ୍ରେସ ଦିବସକୁ କିପରି ସୂଚାରୁ ରୂପେ ପାଳନ କରାଯିବ ସେ ନେଇ ଉପସ୍ଥିତ ଖବରଦାତାଙ୍କ ମତ ନିଆଯାଇଥିଲା। ଜିଲା ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ଇଙ୍ଗିତ ପଣ୍ଡା, ଜିଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଜନ କୁମାର ରଥ, କାର୍ଯ୍ୟାଳୟ ସମ୍ପାଦକ ମନମୋହନ ପଧାନ, ଜିଲା ସଙ୍ଗଠନ ସମ୍ପାଦକ ଅଂଶୁମାନ ପାତ୍ର, ଜିଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ମୁକେଶ ଅଗ୍ରୱାଲ, ଦୁଷ୍ମନ୍ତ କୁମାର ପଣ୍ଡା, ଉତ୍ତମ କୁମାର ଦାଶ, କୁମର ମଣି ଦୁର୍ଗା, ସୁନୀଲ କୁମାର ସିଂହ, ତ୍ରିଲୋଚନ ସୁନାନୀ, ରଜନୀ ମିଶ୍ର, ଅନୀଲ ପଣ୍ଡା, ପହଲି ପ୍ରଧାନ, ଦିନେଶ ପଣ୍ଡା, ଚମ୍ପକ ଅଗ୍ରୱାଲ, ବିମଲ ଚନ୍ଦ୍ର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଜଣେ ମୃତ

ଗୋଲାମୁଣ୍ଡା,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଧର୍ମଗଡ ମୁଖ୍ୟ ରାସ୍ତା ଖଲିଆକାନି ନିକଟରେ ଶୁକ୍ରବାର ସକାଳେ ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନକଟିକାନି ପଞ୍ଚାୟତ ଅମୁର୍ଲାପଦର ଦର୍ଲିପଡା ଗ୍ରାମର ଦୁର୍ଜନ ମାଝି। ସକାଳେ ସ୍ଥାନୀୟ ଲୋକେ ଖଲିଆକାନୀ ପଞ୍ଚାୟତ ସମ୍ମୁଖ ମୁଖ୍ୟ ରାସ୍ତା କଡରେ ଦୁର୍ଜନଙ୍କ ମୃତଦେହ ପଡିଥିବାର ଦେଖି ଲୋକେ ପୋଲିସରେ ଖବର ଦେଇଥିଲେ। ସେଠାରେ ଏକ କୁକୁଡା ପଡିଥିବା ବେଳେ ତାଙ୍କ ପାଖରେ ଏକ ଚାରିଚକିଆ ଗାଡିର ସାଇଡ୍ ମିରର ପଡିଥିବା ଦେଖିଥିଲେ। ରାତିରେ ଏକ ଚାରିଚକିଆ ଗାଡି ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବା ଆଶଙ୍କା କରାଯାଉଛି। ଗୋଲାମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

## ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତଙ୍କୁ ଗିରଫ ଦାବି

ଭବାନୀପାଟଣା,୧୮।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ମୁଖିଗୁଡା ଇରିଗେସନ କେଲୋନୀରେ ରହୁଥିବା ରାଇଟ୍ କେନାଲ ଡିଭିଜନ ନଂ. ୨ର ଏସ୍‌ଡିଓ ଏବଂ ପିଅନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। କିନ୍ତୁ ଏଯାଏ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ମୁଖିଗୁଡା ଡିପ୍ଲୋମା ଆସୋସିଏଶନ୍ ତରଫରୁ ସେମାନଙ୍କ ସୁରକ୍ଷା ପ୍ରଦାନ ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଗତ ୧୦ ତାରିଖରେ ମୁଖିଗୁଡା ଇରିଗେସନ କଲୋନୀ କ୍ୱାର୍ଟର ନମ୍ବର ଆସିଆର୍-୫ରେ ଇନ୍ଦ୍ରାବତୀ ଡାହାଣ କେନାଲ ଡିଭିଜନ ନଂ. ୨ କଲମପୁର ଏସ୍‌ଡିଓ ନେଲସନ୍ ତାଣ୍ଡି ଏବଂ ତାଙ୍କର ପିଅନ ରାହାସ ଭଏଁସାଲ ଥିବା ବେଳେ ରାତି ପ୍ରାୟ ୧୦ଟା ବେଳେ ତେନ୍ତୁଳିଖୁଣ୍ଟି ଗ୍ରାମର ଭକ୍ତ ଦୁର୍ଗା ଏବଂ ମୁଖିଗୁଡାର ଉପେନ୍ଦ୍ର ଆସି ଏସ୍‌ଡିଓ ଏବଂ ପିଅନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଏସ୍‌ଡିଓ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ଅନ୍ୟ ସରକାରୀ କର୍ମଚାରୀମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଇନ୍ଦ୍ରାବତୀ ଡାହାଣ କେନାଲରେ ଖରିଫରେ କେନାଲ ପାଣି ଦିଆଯାଉ ନ ଥିବାରୁ କର୍ମଚାରୀମାନେ ଫିଲ୍ଡ ଡ୍ୟୁଟି କରୁଥିବା ବେଳେ ରାତ୍ରିରେ ସେମାନଙ୍କୁ ଅଫିସ କାମ ମଧ୍ୟ କରିବାକୁ ପଡୁଥିବାରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ଅବଗତ କରିଥିବା ଜଣାଯାଇଛି । ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଜଣାପଡିଛି ।

## କଳାହାଣ୍ଡି ଜିଲା: ଗୋରୁଙ୍କୁ ଚର୍ମ ବିଣ୍ଡା ରୋଗ

ଭବାନୀପାଟଣା,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗୋରୁଙ୍କୁ ଚର୍ମବିଣ୍ଡା ରୋଗ ଆକ୍ରାନ୍ତ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଧର୍ମଗଡ ବ୍ଲକ ଗଡିଆଯୋରରେ ୨୮ ଗାଇଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କୋକସରା ବ୍ଲକ ଓ ଅନ୍ୟ ବ୍ଲକକୁ ଏହା ବ୍ୟାପିବାରେ ଲାଗିଛି। ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ଗୋରୁଙ୍କ ରକ୍ତ ନମୁନା ଫୁଲନଖରା ଗବେଷଣା କେନ୍ଦ୍ରକୁ ପଠାଯାଇଛି। ସୂଚନା ମୁତାବକ, ଧର୍ମଗଡ ବ୍ଲକର ଗଡିଆଯୋର ଗ୍ରାମରେ ସମ୍ବାରୁ ନାଏକ, ଅଙ୍କିତ ସୁନାନୀ, ଗମ୍ଭୀର ପରି, ଭୁଜବଳ ପରି, କ୍ଷୀରସିନ୍ଧୁ ପରି, ପି. ପରି, ଯୋଗେଶ୍ୱର ଗୋପାଳ, ମନହର ଗୋପାଳ, ଦାମୋଦର ନାଏକ, ଦେବେନ୍ଦ୍ର ଗୋପାଳ, ନରେନ୍ଦ୍ର ପରି, ତୁଳାରାମ ଗୋପାଳ, ପ୍ରଦୀପ ନାଏକ, କୁମାର ଗୋପାଳ ସମେତ ବହୁ ଚାଷୀଙ୍କ ପ୍ରାୟ ୨୮ରୁ ଅଧିକ ଗାଇଗୋରୁ ଚର୍ମବିଣ୍ଡା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ଗାଁରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା ବେଳେ ଗାଁଇଗୋରୁଙ୍କ ରକ୍ତ ନମୁନା ଓ ଚର୍ମ ନମୁନା ଫୁଲନଖରା ରାଜ୍ୟ ଗବେଷଣାଗାରକୁ ପଠା ଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଜିଲାର କୋକସରା ବ୍ଲକର କିଛି ଅଞ୍ଚଳ ଓ ପଡୋଶୀ ବ୍ଲକକୁ ଏହି ରୋଗ ବ୍ୟାପିବାରେ ଲାଗିଛି। ଛତିଶଗଡ ଅଞ୍ଚଳରୁ ଗାଇଗୋରୁଙ୍କ ଦେହରେ ଏହି ଚର୍ମରୋଗ ଆସିଥିବା ପ୍ରାଣୀ ଚିକିତ୍ସା ବିଭାଗ ସନ୍ଦେହ କରୁଛି। ଗୋଟିଏ ପଟେ ଚାଷୀମାନେ କପା ଓ ଧାନରେ ରୋଗପୋକ ବ୍ୟାପିବା ନେଇ ଚିନ୍ତାରେ ପଡିଥିବା ବେଳେ ବର୍ତ୍ତମାନ ଗାଈଗୋରୁଙ୍କୁ ଏହି ରୋଗ ବ୍ୟାପିବା ନେଇ ଅଧିକ ଚିନ୍ତା ବଢାଇ ଦେଇଛି। ପ୍ରାଣୀ ବିଭାଗ ପକ୍ଷରୁ ତୁରନ୍ତ ରାଜ୍ୟସ୍ତରୀୟ ଟିମ ଏହି ଗାଁକୁ ପରିଦର୍ଶନ କରି ପ୍ରତିଷେଧକ ବ୍ୟବସ୍ଥା କରା ନ ଗଲେ ଏହି ରୋଗ ଆହୁରି ବ୍ୟାପିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ନେଇ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ମିଶ୍ରଙ୍କୁ ପଚାରିବାରୁ ଚର୍ମବିଣ୍ଡା ରୋଗ ବ୍ୟାପିବା ଜଣାପଡ଼ିବା ପରେ ଗଡିଆଯୋର ଗ୍ରାମରେ ଚିକିତ୍ସା ଆରମ୍ଭ ହୋଇଛି। ଗାଈଗୋରୁଙ୍କ ଚର୍ମ ଓ ରକ୍ତ ନମୁନା ଅଧିକ ବିଶ୍ଳେଷଣ ପାଇଁ ରାଜ୍ୟ ଗବେଷଣାଗାରକୁ ପଠାଯାଇଛି ବୋଲି କହିଥିଲେ।



ଗୋଟିଏ ଗୋରୁ ଚିକିତ୍ସା କରାଯାଉଛି।

## ସ୍ୱଦେଶୀ ଜାଗରଣ ମଞ୍ଚର ସ୍ମାରକପତ୍ର

ଭବାନୀପାଟଣା,୧୮।୧୦(ଡି.ଏନ.ଏ.)

କଳାହାଣ୍ଡି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଭାରତ ସରକାରଙ୍କୁ କ୍ଷେତ୍ରୀୟ ବ୍ୟାପାର ଆର୍ଥିକ ବୁଝାମଣାରେ ସ୍ୱାକ୍ଷର ନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତ ସରକାର ଅନ୍ୟ ୧୫ ଦେଶ ସହ ମିଶି କ୍ଷେତ୍ରୀୟ ବ୍ୟାପାର ଆର୍ଥିକ ବୁଝାମଣା ନାମକ ଏକ ମୁକ୍ତ ବ୍ୟାପାର ବୁଝାମାଣା କରିବା ପାଇଁ ଅଗ୍ରସର ହେଉଛନ୍ତି। ଯଦି ସରକାର ବୁଝାମାଣା ପାଇଁ ଅଗ୍ରସର ହୁଅନ୍ତି ତେବେ ଏହା ବିରୋଧରେ ତୀବ୍ର ଜନଆନ୍ଦୋଳନ କରିବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ବାଧ୍ୟ ହେବ ବୋଲି ଏକ ପ୍ରେସ ବିବୃତିରେ ମଞ୍ଚ ପକ୍ଷରୁ ବିଭାଗ ସଂଯୋଜକ ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ କେଶବ ବିହାରୀ ଜଣାଇଛନ୍ତି। ଏହି ଅବସରରେ ମଞ୍ଚ ରାଜ୍ୟ ପରିଷଦ ସଦସ୍ୟ ମନୋଜ ନାୟକ, ନଗର ସମିତି ସଦସ୍ୟ ଦିଲୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

## ଶିଶୁ ମହୋତ୍ସବ ସୁରଭି ୨୦୧୯

ପଲମ,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୁଜ କୁମାର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଲମ ପଞ୍ଚାୟତ ସରପଞ୍ଚ ସାବେତ୍ରୀ ମାଝି, ମୁଖ୍ୟବକ୍ତା ଭାବେ ରାଏଧୁନିପଦର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଗେଶ୍ୱର ସାହୁ ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ କମିଟି ସଭାପତି ଲକ୍ଷ୍ମଣ ଭୋଇ, ନଟବର ସାହୁ, ବିରଞ୍ଚି ନାରାୟଣ ନାଏକ, ବିପ୍ର ବରର୍ଡ଼ୀ, ହେମରାଜ ମାଝି, ପ୍ରତାପ ସାହୁ, ପ୍ରଶାନ୍ତ କୁମାର ବେହେରା, ବିଶ୍ୱମ୍ବର ପରିଡ଼ା ପ୍ରମୁଖ ଯୋଗଦାନ ଦେଇଥିଲେ। ପଲମ କ୍ଲଷ୍ଟର ସିଆରସିସି ଜ୍ଞାନେନ୍ଦ୍ର ଗହିର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କେସିଙ୍ଗା/ତୁଣ୍ଡଲା,୧୮।୧୦ (ଡି.ଏନ.ଏ.

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ଳେଲା କ୍ଲଷ୍ଟର ଅଧୀନ ଚାଚା ନେହେରୁ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ। ଉକ୍ଳେଲା କ୍ଲଷ୍ଟର କେନ୍ଦ୍ରାଧୀନ ସମସ୍ତ ବିଦ୍ୟାଳୟର ୨୪୫ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉକ୍ଳେଲା ପଞ୍ଚାୟତ ସରପଞ୍ଚ ସଞ୍ଜିତା ବାଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଉମେଶ ଚନ୍ଦ୍ର ନାଗ ଓ ମୁଖ୍ୟବକ୍ତା ଅନିରୁଦ୍ଧ ସାହୁ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ଳେଲା ସିଆରସିସି ସୁରେନ୍ଦ୍ର କୁମାର ଦୋରା, ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ପଧାନ, ଶିକ୍ଷକ ହେମନ୍ତ ସାହୁ, ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଦୀପ୍ତିରେଖା ଦାସ, ପ୍ରତିଭା ସାହୁ, ପ୍ରମିଳା ଦୋରା, ଦୁଃଖିମଣି ଦେଈ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷକ ଶରତ ଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବ୍ଲକର ହାତୀଖୋଜ ପଞ୍ଚାୟତ ପିପଲପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସିଆରସିସି ଦୀନବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାତୀଖୋଜ, ସିର୍ଜାପାଲି, ବେଲଖଣ୍ଡି କ୍ଲଷ୍ଟର ୧୭ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଗୀତ, ନାଚ, ଚିତ୍ରାଙ୍କନ, ସୁଲିଖନ, କୁଇଜ, ରଚନା ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। ପିପଲପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାପତି ଯୁବରାଜ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଧନଞ୍ଜୟ ରଣା, ହର୍ଷବର୍ଦ୍ଧନ ଭୋଇ, ଜଲେକ କୁମାର, ପାର୍ଥବୀର ସେଲମା, ସୁଶିଲ ସାହୁ, ଫଟୁଲାଲ ପଧାନ ପ୍ରମୁଖ ରହିଥିଲେ । ମଞ୍ଚ ପରିଚାଳନା ସହକାରୀ ଶିକ୍ଷକ ସୁରେଶ ବାଗ କରିଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସହଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଶିକ୍ଷକ ଭଜରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ମଧ୍ୟାହ୍ନଭୋଜନ ଚାଉଳ ଆତ୍ମସାତ୍

## ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର

**ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀରବ**

କେସିଙ୍ଗା,୧୮।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳକୁ ବିଭିନ୍ନ ସ୍କୁଲର ଶିକ୍ଷକମାନେ ଆତ୍ମସାତ କରିଥିବା ଏକ ଅଡିଟ ରିପୋର୍ଟରୁ ଜଣାପଡିଛି । କେସିଙ୍ଗା ବ୍ଲକରେ ୧୮୭ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥି ମଧ୍ୟରୁ ୧୦୦ଟି ସ୍କୁଲର ଅଡିଟ ରିପୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ଅଡିଟ ରିପୋର୍ଟ ମୁତାବକ ବ୍ଲକର ୫୩ଟି ସ୍କୁଲରେ ଗତ ୧ ଏପ୍ରିଲ, ୨୦୧୫ରୁ ୩୧ ଅକ୍ଟୋବର, ୨୦୧୭ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ନିମନ୍ତେ ୨ ହଜାର ୭୨୬ କୁଇଣ୍ଟାଲ ୫୦ କେଜି ଚାଉଳ ପ୍ରଦାନ କରାଯାଇଥିଲା ଏବଂ ୨ ହଜାର ୫୩୨ ଖର୍ଚ୍ଚ କରାଯାଇଛି । କିନ୍ତୁ ବାକି ୧୯୪ କୁଇଣ୍ଟାଲ ୫୦ କେଜିର ବିଲ କିମ୍ବା ଭାଉଚରର କୌଣସି ହିସାବ ମିଳୁ ନ ଥିବା ଅଡିଟ ରିପୋର୍ଟରେ ଦର୍ଶାଯାଇଛି । ଗତ ଅକ୍ଟୋବର ୨୦୧୮ରେ ଫାଇନାନ୍ସ ଡିପାର୍ଟମେଣ୍ଟ ଅଫ୍ ଓଡିଶା ପକ୍ଷରୁ କେସିଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଡିଟ ହୋଇଥିଲା । ଅଡିଟ ମେମୋ ନଂ. ୧୨୩, ୫ ଅକ୍ଟୋବର, ୨୦୧୮ ପ୍ରକାରରେ ୧୯୪ କୁଇଣ୍ଟାଲ ୫୦ କେଜିର ମୂଲ୍ୟ ୫ ଲକ୍ଷ ୫୬ ହଜାର ୭୮୦ ଟଙ୍କା ଆତ୍ମସାତ କରାଯାଇଥିବା ସୂଚନା ମିଳିଛି। ସରକାରୀ ଅଡିଟ ରିପୋର୍ଟ ପ୍ରକାରରେ କୁଇଣ୍ଟାଲ ପିଛା ୨ ହଜାର ୮୭୦ ଟଙ୍କା ଦରରେ ଭରଣ କରିବା ପାଇଁ ଅଡିଟ ଦର୍ଶାଇଛି । ଏହି ଅଡିଟ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀ କଳାହାଣ୍ଡିଙ୍କ ହସ୍ତଗତ ହେବା ପରେ ଡିଇଓଙ୍କ କାର୍ଯ୍ୟାଳୟ ଚିଠି ନଂ. ୮୪୩୨/ ତା. ୧ ନଭେମ୍ବର, ୨୦୧୮ରେ ଜିଲାଶିକ୍ଷା ଅଧିକାରୀ କଳାହାଣ୍ଡି ଓ କେସିଙ୍ଗାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୧୫ ଦିନ ମଧ୍ୟରେ ଚିଠି ମାଧ୍ୟମରେ ରିପୋର୍ଟ ମାଗିଥିଲେ । କିନ୍ତୁ ଆଜକୁ ୧୧ ମାସ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୁପ୍ ରହିଛନ୍ତି । କେସିଙ୍ଗା ବ୍ଲକର ୫୩ଟି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସହଶିକ୍ଷକମାନେ ମଧ୍ୟାହ୍ନ ଭୋଜନ ଚାଉଳକୁ ହଡପ କରିଥିଲେ ସୁଦ୍ଧା ଶିକ୍ଷା ବିଭାଗ ନିଦାବିସ୍ଥୁ ପାଲଟିଛି । ଏ ସଂକ୍ରାନ୍ତରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀମାଞ୍ଚଳ ବୁଦ୍ଧିଆଙ୍କୁ ପଚାରିବାରୁ ସମସ୍ତ ସ୍କୁଲର ଏମଡିଏମ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ ରିପୋର୍ଟ ମାଗି ତଦନ୍ତ କରିବି ବୋଲି କହିଥିଲେ ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଲୋକେଶ



କୈଳାସ



ନରେନ



ପ୍ରକାଶ



ମିଳନ



ଅଭିଷେକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ଜିଲାସ୍ତରୀୟ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟା

# ପରିବେଶ ସୁରକ୍ଷା ସଚେତନତା ନେଇ ଗୁରୁତ୍ୱ

**ବଲାଙ୍ଗୀର ଅଫିସ,୧୭।୧୦**

ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ଜିଲାସ୍ତରୀୟ ପୁସ୍ତକମେଳାର ଚତୁର୍ଥ ଦିନ ଶୁକ୍ରବାର ସନ୍ଧ୍ୟାରେ ସଭ୍ୟତାର ଉତ୍ତରଣ ଓ ଆଜିର ପରିବେଶ ଶୀର୍ଷକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ସମ୍ମାନିତ ଅତିଥିଭାବେ ଆଡିସନାଲ ଏସ୍‌ପି ଦିଲୀପ କୁମାର ପଟେଲ ଯୋଗ ଦେଇଥିଲେ। ବକ୍ତା ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ ପରିବେଶ ସୁରକ୍ଷା ଉପରେ କହିଥିଲେ। ପରିବେଶ ପ୍ରଦୂଷଣକୁ ନ ରୋକିଲେ ସଭ୍ୟତା ସଙ୍କଟଜନକ ହୋଇଯିବ ବୋଲି କହିଥିଲେ। ମଣିଷ ନିଜ ସଭ୍ୟତାକୁ ସବୁଠୁ ବେଶୀ ସଂକ୍ରମିତ ଓ ପ୍ରଦୂଷିତ କରୁଛି ବୋଲି କହିଥିଲେ। ଅତିଥି ଏମ୍‌ପି ସିଂଦେଓ ବକ୍ତବ୍ୟରେ ବହି ମାଧ୍ୟମରେ ହିଁ ଆମେ ଗୋଟିଏ ସ୍ଥାନରେ ବସି ପୃଥିବୀ ଭ୍ରମଣ କରିପାରିବା ବୋଲି କହିଥିଲେ। ଜଳବାୟୁ ପରିବର୍ତ୍ତନର ଭୟାବହତା ସମ୍ପର୍କରେ କହି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ସମ୍ମାନିତ ଅତିଥି ପୁସ୍ତକ ମେଳାର ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସଭାପତୀୟ ଭାଷଣରେ ଡ ସ୍ୱାଇଁ ପୁସ୍ତକ ମେଳାର ମହତ୍ୱ ଓ ସମାଜ ଉପରେ ଏହାର ସୁଦୂର ପ୍ରଭାବ ବିଷୟରେ କହି ଆଗାମୀ ଦିନରେ ଏହା ଆହୁରି ପ୍ରସାରିତ ହେବ ବୋଲି କହିଥିଲେ । ସଭାକୁ ସତ୍ୟସୁନ୍ଦର ଭଞ୍ଜ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସ୍ୱାଗତ ବକ୍ତବ୍ୟ ଓ ଶେଷରେ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ବଲାଙ୍ଗୀର କୁଇଜ୍ ଅନୁଷ୍ଠିତ ହୋଇଥିଲା । ସଭା ପରେ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।




ଜିଲାସ୍ତରୀୟ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥି ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବକ୍ତବ୍ୟ ରଖୁଛନ୍ତି ।

ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ୮ ଅଧାପକଙ୍କ ବଦଳି

# ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

**ସମ୍ବଲପୁର,୧୮।୧୦(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ୮ ଜଣ ଅଧ୍ୟାପକଙ୍କୁ ଏକାଥରକେ ମଙ୍ଗଳବାର ଅନ୍ୟତ୍ର ବଦଳି କରାଯାଇଛି। ୨୪ ଘଣ୍ଟା ଭିତରେ ଏମାନଙ୍କୁ ନୂଆ ଜାଗାରେ ଯୋଗ ଦେବାକୁ କଡା ନିର୍ଦ୍ଦେଶ ରହିଛି। ହେଲେ ଏହା ବଦଳରେ କାହାକୁ ଏଠାରେ ନିଯୁକ୍ତି ମିଳି ନାହିଁ । ଅଧାପକମାନଙ୍କୁ ରିଲିଭ କରାଯିବ ନାହିଁ ବୋଲି କଲେଜ ଅଧକ୍ଷା ସୁଜ୍ଞାନୀ ଜେମା ପ୍ରତିଶ୍ରୁତି ଦେଇଥିଲେ। ହେଲେ ସନ୍ଧ୍ୟାରେ ରିଲିଭ କରିଦେଇ ନିଜେ ଛୁଟିରେ ଚାଲି ଯାଇଛନ୍ତି। ଏହାକୁ ନେଇ ଶୁକ୍ରବାର ଛାତ୍ରୀଛାତ୍ର ତାତି ଉଠିଥିଲେ। ସକାଳ ୯ ଟାରେ ଛାତ୍ରୀଛାତ୍ର ଗେଟ୍ ସମ୍ମୁଖରେ ପହଞ୍ଚି ତାଲା ମାରି ଦେଇ ଧାରଣାରେ ଥିଲେ। ଏଥିଯୋଗୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଭିତରକୁ ପ୍ରବେଶ କରି ନ ପାରି ବାହାରେ ଛିଡା ହୋଇ ରହିଥିଲେ। ୧୧ଟା ପର୍ଯ୍ୟନ୍ତ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ହୋ ହାଲ୍ଲା କରିଥିଲେ। ପୋଲିସ ପହଞ୍ଚି ବୁଝାଇବାକୁ ଚେଷ୍ଟା କରିଥିଲେ ବି ବିଫଳ ହୋଇଥିଲା। ଶେଷରେ ବାଧହୋଇ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ସରକାରଙ୍କ ସହ ଆଲୋଚନା କରି ନୂଆ ଅଧାପକଙ୍କୁ ଜଏନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ହେଲେ ନୂଆ ଅଧାପକ ନ ଆସିଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଅତିରିକ୍ତ ଜିଲାପାଳଙ୍କୁ ସଫା ସଫା ଶୁଣାଇ ଦେଇଛନ୍ତି। ଅନ୍ୟପକ୍ଷେ ଛାତ୍ରୀଛାତ୍ର ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭେଟି ସେମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରିଛନ୍ତି। ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ ଏମାନଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ଦରକାର ପଡିଲେ ଆନ୍ଦୋଳନରେ ଓକିଲମାନେ ସାମିଲ ହେବେ ବୋଲି ମଧ୍ୟ କହିଛନ୍ତି। ସେହିଭଳି ଅତିରିକ୍ତ ଜିଲାପାଳ ପଣ୍ଡାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ସେହିଭଳି ଛାତ୍ରୀଛାତ୍ର ଜିଲାର ଅନ୍ୟ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟ ସହଯୋଗ ଲୋଡିଛନ୍ତି। ସୂଚନାଯୋଗ୍ୟ, ୪ ଜଣ ପ୍ରାଧାପକ ଓ ୪ ଜଣ କନିଷ୍ଠ ଅଧାପକଙ୍କୁ ଏଠାରୁ ବଦଳି କରାଯାଇଛି । ଶିକ୍ଷା ବର୍ଷ ମଝିରେ ବଦଳି ହେଲେ ପାଠ ପଢାରେ ବାଧା ସୃଷ୍ଟି ହେବ। ସହଜେ ଅଧାପକ କମ୍ ଅଛନ୍ତି। ଏବେ ଗୋଟିଏ ବିଭାଗରେ ଜଣେ ମାତ୍ର ଅଧାପକ ରହିବେ । ନଭେମ୍ବରରେ ଟେଷ୍ଟ ପରୀକ୍ଷା ରହିଛି । ଏଭଳି ହେଲେ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯିବ ବୋଲିଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପୁରରୁ ନିର୍ବାଚନ ପ୍ରଚାର ସାରି ଫେରୁଥିବା ବେଳେ ସମ୍ବଲପୁର ରେଳ ଷ୍ଟେଶନରେ ଶୁକ୍ରବାର ରାତିରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର କର୍ମକର୍ତ୍ତା ଭେଟି ଏହି ସମସ୍ୟା ନେଇ ଅବଗତ କରାଇଛନ୍ତି ।

# ବଲାଙ୍ଗୀରରେ ଖୋଲିଲା ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ଓପିଡି ସେବା

**ବଲାଙ୍ଗୀର ଅଫିସ,୧୮।୧୦**

କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ବଲାଙ୍ଗୀରରେ ଓପିଡି ସେବା ଆରମ୍ଭ କରାଯାଇଥିବା ଘୋଷଣା କରାଯାଇଛି। ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଶ ଚନ୍ଦ୍ର ମିଶ୍ର କ୍ୟାସନର ରୋଗୀଙ୍କ ଚିକିତ୍ସା ସେବା ଉପରେ ସବିଶେଷ ସୂଚନା ଦେଇଥିଲେ। ଅଞ୍ଚଳର କ୍ୟାନସର ରୋଗୀ କିଭଳି ଚିକିତ୍ସା ସେବା ପାଇପାରିବେ ସେନେଇ ଅଧିକ ଧ୍ୟାନ ଦିଆଯାଉଛି ବୋଲି ସେ କହିଥିଲେ। ସନ୍ଧ୍ୟାରେ ଗୋଲାପୀ ଟର୍ଚ୍ଚ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଇଂ ହ୍ୟୁମାନ୍ ଫାଉଣ୍ଡେଶନ୍‌ର କାର୍ଯ୍ୟକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ ।




ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ବିଶ୍ୱନାଥପୁର, ଲାଞ୍ଜିଗଡରୋଡ

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,୧୮।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗ୍ରାମପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଶୁକ୍ରବାର ସଡକ ସୁରକ୍ଷା ଓ ନୂତନ ମୋଟରଯାନ ଆଇନ ସମ୍ପର୍କରେ ଜନସଚେତନତା କାର୍ଯ୍ୟକ୍ରମ ରକ୍ଷକ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଅଧକ୍ଷ ଇଂ. ଫକୀରମୋହନ ମାଝି, ସମ୍ମାନିତ ଅତିଥି ଏବିଡିଓ ବିଭୁତିଭୂଷଣ ଶତପଥି, ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକ, ବିଶ୍ୱନାଥପୁର ସରପଞ୍ଚ ପିଙ୍କି ସିରିକାକା, ନିର୍ବାହୀ ଅଧିକାରୀ ବେଣୁଧର କନ୍ଧପାଣି, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜଗସନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱନାଥପୁର ବିଜୁ ଯୁବବାହିନୀ ପକ୍ଷରୁ ସମ୍ପାଦକ ଅଜିତ କୁମାର ପ୍ରଧାନୀ, କୋଷାଧକ୍ଷ ବିନୟ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜୁ ଯୁବବାହିନୀ ସଦସ୍ୟ ଧର୍ମେନ୍ଦ୍ର ସାହୁ, ତ୍ରିଲୋଚନ ଦଣ୍ଡସେନା, ପ୍ରହ୍ଲାଦ ଭୋଇ, ରାଘବ ପ୍ରଧାନୀଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସଦସ୍ୟମାନେ ସାମିଲ ହୋଇଥିଲେ। ଏଥିରେ ବିଶ୍ୱନାଥପୁର ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇ ସଚେତନତା କରିଥିଲେ। ବିଶ୍ୱନାଥପୁର ଥାନା ପକ୍ଷରୁ ଏଏସ୍‌ଆଇ ଅର୍ଜୁନ ଚରଣ ନାଏକଙ୍କ ନେତୃତ୍ୱରେ ପୋଲିସ ନିୟୋଜିତ ହୋଇଥିଲେ। ସେହିପରି ଲାଞ୍ଜିଗଡ଼ରୋଡ଼ ଗ୍ରାମପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସିକେରକୁପା ଛକଠାରେ ଆୟୋଜିତ ରକ୍ଷକ କାର୍ଯ୍ୟକ୍ରମରେ ଲାଞ୍ଜିଗଡରୋଡ ସରପଞ୍ଚ ଟଙ୍କଧର ମାଝି, ଯୁବସାମାଜିକ କର୍ମୀ ସୁଶୀଲ କୁମାର ବାଗ ଅତିଥି ଭାବେ ଯୋଗଦେଇଥିଲେ। ବିଜୁ ଯୁବବାହିନୀ ସଭାପତି ସତ୍ୟ ନାରାୟଣ ପଟ୍ଟନାୟକ, ସମ୍ପାଦକ ଡିଲେଶ କୁମାର ନାଗ, ସଦସ୍ୟ ସୌରଭ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସିକେରକୁପା ପୋଲିସ ପକ୍ଷରୁ କନ୍‌ଷ୍ଟେବଲ୍ ଭୁବନେଶ୍ୱର ସାହୁଙ୍କ ସମେତ ପୋଲିସ କର୍ମୀ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ। ସଦସ୍ୟ ସରୋଜ ପ୍ରଧାନ, ଜ୍ୟୋତିର୍ମୟ ସଗରିଆ, ପ୍ରଦୀପ ଶବର, ହେମରାଜ ଗଉଡଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇ ଗାଡିଚାଳକମାନଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ।



ରକ୍ଷକ କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରାଯାଉଛି।

# ୨୦ରେ ଆନ୍ତଃ ଜିଲା ସ୍କୁଲ କରାଟେ ପ୍ରତିଯୋଗିତା

**ଟିଟିଲାଗଡ଼,୧୮।୧୦(ଡି.ଏନ.ଏ.)**

ଆସନ୍ତା ୨୦ ତାରିଖରେ ଟିଟିଲାଗଡ଼ ଗୋବିନ୍ଦ ବାଟିକା ପରିସରରେ ଆନ୍ତଃ ଜିଲାସ୍କୁଲ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ଆସୋସିଏଶନ ତଥା ରାଜ୍ୟ କରାଟେ ଆସୋସିଏଶନର ଅନୁମୋଦନ କ୍ରମେ ଟିଟିଲାଗଡ଼ କରାଟେ ଆସୋସିଏଶନ ପକ୍ଷରୁ ଓମ୍‌ଭେଲି ସ୍କୁଲ ଏବଂ ରାଜ ଜ୍ୟୋତି ସେବା ସମିତିର ସହଯୋଗରେ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏଥିରେ ରାଜ୍ୟର ୩ଟି ଜିଲାର ୨୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେବେ। ଏନେଇ ଶୁକ୍ରବାର ସ୍ଥାନୀୟ ଓମଭେଲି ସ୍କୁଲ ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୁଚନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଓମ୍‌ଭେଲି ସ୍କୁଲ ପକ୍ଷରୁ ପ୍ରତିଯୋଗିତା ଆୟୋଜନ ନେଇ ସହାୟତାର ହାତ ବଢାଯାଇଥିବା ଖବରଦାତା ସମ୍ମିଳନୀରେ ପ୍ରିନ୍ସିପାଲ ବଦ୍ରିନାଥ ମିଶ୍ର ସୂଚନା ଦେଇଥିଲେ। ସମ୍ମିଳନୀରେ ଟିଟିଲାଗଡ଼ କରାଟେ ଆସୋସିଏଶନର ମୁଖ୍ୟ ବୈଷୟିକ ପରାମର୍ଶଦତା ସେନସାଇ ସୁରେଶ ଜାଲ, ଓମ୍‌ଭେଲି ସ୍କୁଲ ଭାଇସ ପ୍ରିନ୍ସିପାଲ ବର୍ଷା କୁଲେଶ୍ରଷ୍ଠ, ମାନବ ସମ୍ବଳ ଅଧିକାରୀ ଅରିନ୍ଦମ ଗୁହା, ସଭାପତି ଅମରଜିତା ବାଦ, ସମ୍ପାଦକ କେଦାର କବାଟ, ସଦସ୍ୟ ବ୍ୟୋମକେଶ ବେହେରା, ବଲାଙ୍ଗୀର ଜିଲା ଓୟୁକେ ସମ୍ପାଦକ ଦୀପକ ସମ୍ପାଦାର ପ୍ରମୁଖ ଉପସ୍ଥିତ ଥିଲେ। ଓମଭେଲି ସ୍କୁଲ ଭାଇସ ପ୍ରିନ୍ସିପାଲ ଧରିତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗର ଚଢାଉ, ଜଣେ ଗିରଫ

**ସୋନପୁର,୧୮।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ କପାସିରା ଜଙ୍ଗଲରେ ଶୁକ୍ରବାର ଚଢାଉ କରାଯାଇ ଦେଶୀ ମଦ ଜବତ ସହ ବିପୁଳ ପରିମାଣର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ଉଲୁଣ୍ଡା ଥାନା କପାସିରା ଗ୍ରାମର ମଙ୍ଗୁଲୁ ବାଗ(୪୦) ଗିରଫ ହୋଇଛନ୍ତି । ବିଭାଗ ପକ୍ଷରୁ ରବର ଟ୍ୟୁବ୍ ଭିତରେ ଥିବା ୩୫ ଲିଟର ରନ୍ଧା ମଦ ସହ ଜଙ୍ଗଲ ମଧ୍ୟରୁ ମଦ ରନ୍ଧାରେ ବ୍ୟବହୃତ ୩ଟି ଆଲୁମୁନିୟମ ଡେକ୍‌ଚି ଜବତ ହୋଇଛି ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୮ ।୧୦ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଦମେଇପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବଡଉଡେନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ସୁବାଷ ନାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆର୍‌ସିସି ଗୋପୀନାଥ ସାହୁ, ଯତନ ବୁଡେକ ପ୍ରମୁଖ ଯୋଗ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ପ୍ରକାଶ କରିବାର ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ ଆଦିବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ହେମସାଗର ଧରୁଆ, ରଞ୍ଜନ ମେହେର, ଅବଦୁଲ ରେହେମାନ ଅଲ୍ଲିଖାନ୍, ଟିକେଲାଲ ମହାନନ୍ଦ, ତ୍ରିଲୋଚନ ମେହେର, ତପ ସୁନା, ସ୍ନିଗ୍ଧାରାଣୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଦମେଇପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



“ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

ରାଉରକେଲା ଅଫିସ,୧୮।୧୦- ଦୀର୍ଘଦିନ ହେବ କର୍କଟରୋଗରେ ପୀଡିତ ଥିବା ସାମାଜିକ କର୍ମୀ ମିହିର ସାହୁଙ୍କ କଟକ ଡାକ୍ତରଖାନା ଯିବା ବାଟରେ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି।



ସାହୁ ଦକ୍ଷିଣ ରାଉରକେଲା ଆଇଡିଏଲ କଲୋନୀ ବାସିନ୍ଦା। ସେ ସହରର ବିଭିନ୍ନ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଦକ୍ଷିଣ ରାଉରକେଲା ଉନ୍ନୟନ ପରିଷଦ ଓ କ୍ୟାନସର ସଚେନତନା କେନ୍ଦ୍ର ସକ୍ରିୟ କାର୍ଯ୍ୟ କରୁଥିଲା। ତାଙ୍କ ପରଲୋକ ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ କର୍ମକର୍ତ୍ତା ଦେବେନ୍ଦ୍ର ନାରାୟଣ ପତି, ମିନତି ବିଶ୍ୱାଳ, ସଚଳା ପଣ୍ଡା, ଅନ୍ତର୍ଯ୍ୟାମୀ ବେହୁରା, ମୋହିନୀ ନାୟକ ପ୍ରମୁଖ ଏଥିପାଇଁ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଫଳକରେ ସୀମିତ କଂକ୍ରିଟ ରାସ୍ତା ନିର୍ମାଣ

ରାଉରକେଲା ଅଫିସ,୧୮।୧୦

ନିର୍ବାଚନକୁ ଆଖି ଆଗରେ ରଖି ରାତି ଅଧିଆ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦିଆଗଲା। ଫଳକ ଲଗାଯିବା ସହ ବାଲି ଚିପସ୍ ଆଣି ଜମା କରାଗଲା। ହେଲେ କାମ ହେଲାନି । ନିର୍ବାଚନ ପାଇଁ କଟକଣା ଜାରି କରାଯାଇଛି ବୋଲି କୁହାଗଲା। ନିର୍ବାଚନ ଫଳ ପ୍ରକାଶନ ପରେ ରାସ୍ତା ନିର୍ମାଣ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ମିଳିଲା। ଇତିମଧ୍ୟରେ ନିର୍ବାଚନ ସରିବାକୁ ୬ମାସ ପୁରିବାକୁ ବସିଲାଣି। ଫଳକ ସେମିତି ଲାଗିଛି। ଜମା କରାଯାଇଥିବା ବାଲିଗୋଡି ଉଭାନ ହୋଇ ଗଲାଣି। ତଥାପି ରାସ୍ତା ନିର୍ମାଣ କରିବାକୁ ଆସୁନାହାଁନ୍ତି ଠିକାଦାର। ଏଭଳି ଅଭିଯୋଗ କରିଛନ୍ତି ଫର୍ଟାଲଇଜର ଟାଉନଶିପ(ସେକ୍ଟର-୨୨) ନିକଟ ଡି ବ୍ଲକ ବସ୍ତି ବାସିନ୍ଦା। କହିଛନ୍ତି ଆମକୁ ଲୋକ ପ୍ରତିନିଧିମାନେ ଭଣ୍ଡାଇ ଚାଲିଛନ୍ତି। ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଆମ ଦୁଃଖ ଶୁଣିବାକୁ କାହା ପାଖରେ ଫୁରୁସତ ନାହିଁ। ଯେତେ ଦାନ୍ତ ରଗଡିଲେ ବି ନେତାଙ୍କ ଉପରେ ପ୍ରଭାବ ପଡୁନି। ତାଙ୍କ ଉପରେ ଆମର କି ଆୟତ୍ତ ରହିଛି ବୋଲି ପ୍ରଶ୍ନ କରିଛନ୍ତି ସେମାନେ। ମୁଖ୍ୟମନ୍ତ୍ରୀଙ୍କ ‘୫-ଟି ’ମନ୍ତ୍ରକୁ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ପାଳନ କରୁ ନ ଥିବା ଏଥିରୁ ସ୍ପଷ୍ଟ ହୋଇଛି । ଏ ନେଇ ଆମେ ତାଙ୍କୁ ଲେଖି ଜଣାଇବୁ ବୋଲି ଚେତାବନୀ ଦେଇଛନ୍ତି ବସ୍ତିର ମହିଳାମାନେ।



ରାସ୍ତା ନିର୍ମାଣ ପାଇଁ ଲାଗିଥିବା ଫଳକ।

### ସେମାନେ ଯାହା କୁହନ୍ତି..



“ଏମିତି ପ୍ରତାରଣା କରିବା ଠିକ କଥା ନୁହେଁ। ଯଦି ରାସ୍ତା ନିର୍ମାଣ କରିବାର ନ ଥିଲା ତା’ହେଲେ ମିଛ କହିବା କ’ଣ ଦରକାର । ଲୋକଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇବା ପରେ ନେତାଙ୍କ ଦେଖା ନ ମିଳିବା କଷ୍ଟଦାୟକ କଥା।

ଜ୍ୟୋତି ରାମ



“ରାସ୍ତା ପାଇଁ ଶିଳାନ୍ୟାସ କରି ଭୁଲିଯିବା ଠିକ ହୋଇନି। ନିର୍ବାଚନ ବେଳେ ମାଳମାଳ ନେତା କର୍ମୀ ଆସି ଆମ ସମସ୍ୟା କଥା ପଚାରୁଥିଲେ । ରାସ୍ତା ନିର୍ମାଣ ବେଳକୁ କାହାର ଦେଖା ନାହିଁ। ଆଗାମୀ ଦିନରେ ଏହାର ଉତ୍ତର ଦିଆଯିବ।

ପଞ୍ଚମ ବିନ୍ଧାଣି



“ବର୍ଷାରେ ଏହି ରାସ୍ତା ପାଇଁ ଆମେ କେତେ ହଇରାଣ ହୋଇଛୁ। ପାହାଡ ପାଣିରେ ପଥର ବୋହି ଆସି ଆମ ଘର ଦୁଆରେ ଜମା ହେଲା। କାଦୁଅ ପଚପଚ ରାସ୍ତାରେ ଆମେ ଯା’ଆସ କଲୁ। ତଥାପି ରାସ୍ତା ନିର୍ମାଣ କରାଗଲାନି। ରାସ୍ତା ପାଇଁ ବ୍ୟବସ୍ଥା କରାଯାଇଥିବା ଅର୍ଥ ଗଲା କୁଆଡେ ସେନେଇ କାହା ପାଖରେ ଉତ୍ତର ନାହିଁ।

ଲକ୍ଷ୍ମୀ ଦୀପ



“ନିର୍ବାଚନ ପରେ ଆମ ରାସ୍ତା କଥା ନେତା ଭୁଲିଗଲେଣି। କ୍ଷମତା ହାତେଇବା ପରେ ଏମିତି ଅବସ୍ଥା ହୁଏ ଜନତାଙ୍କର। ଏନେଇ ବାରମ୍ବାର ଆମେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ତଥାପି ରାସ୍ତା ନିର୍ମାଣ ହେବା କି ନ ହେବ ସ୍ପଷ୍ଟ ଉତ୍ତର ମିଳୁନି। କେବଳ ଫଳକଟିକୁ ଦେଖି ଆତ୍ମସନ୍ତୋଷ ଲାଭ କରୁଛୁ।

ଉତ୍ତରା ମହାରଣା

### ମଞ୍ଜାବନ୍ଧା ଜଙ୍ଗଲରୁ ୪ ଜୁଆଡ଼ି ଗିରଫ

ବାରିପଦା ଅଫିସ,୧୮।୧୦

ବାରିପଦା ଟାଉନ ଥାନା ପୋଲିସ ଗୁରୁବାର ରାତିରେ ମଞ୍ଜାବନ୍ଧା ଜଙ୍ଗଲରେ ଚଢ଼ାଉ କରି ୪ ଜୁଆଡିଙ୍କୁ ଗିରଫ କରିଛି। ପୋଲିସ ଅବହେଳାରୁ ୮ରୁ ଊର୍ଦ୍ଧ୍ୱ ଜୁଆଡି ଲକ୍ଷାଧିକ ଟଙ୍କା ଓ ଜୁଆଖେଳ ସାମଗ୍ରୀ ନେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁଯାୟୀ, ବାରିପଦା ସହର ପାଲବଣୀ ବାଇପାସ୍ ତଥା ଜାତୀୟ ରାଜପଥକୁ ଲାଗିରହିଥିବା ମଞ୍ଜାବନ୍ଧା ଜଙ୍ଗଲରେ ଏକ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପରେ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତକତପୁର ଅଞ୍ଚଳର ଗୋବିନ୍ଦ ପାଲ, ଝିଁରି ବନ୍ଧ ଅଞ୍ଚଳର ପାଗଲୁ ଖମାରୀ, ଚିପଟ ଅସ୍ତିଆ ଅଞ୍ଚଳର ସେଖ ଇଲତାଫ ଓ କାଳିକାପୁର ଅଞ୍ଚଳର କୌଶିକ ବେହେରାଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ସେଠାରୁ ୨୨ ହଜାର ୯ଶହ ଟଙ୍କା, ୭ଟି ମୋଟରସାଇକେଲ ମଧ୍ୟ ପୋଲିସ ଜବତ କରିଛି। ଘଟଣାସ୍ଥଳରୁ ୮ରୁ ଊର୍ଦ୍ଧ୍ୱ ଜୁଆଡ଼ି ଫେରାର ହୋଇଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କେବଳ ୩ଜୁଆଡ଼ି ଖସି ଯାଇଥିବା ସୂଚନା ଦିଆଯାଇଛି। ଏଥିନେଇ ବାରିପଦା ଟାଉନ ଥାନାରେ ଏକ ମାମଲା (ନଂ.୨୯୫/୧୯) ରୁଜୁ ହୋଇଛି।

# ମନ୍ଦିର ଚତୁଃପାର୍ଶ୍ୱରେ ଆବର୍ଜନା ଜଳ

ରାଉରକେଲା ଅଫିସ, ୧୮ ।୧୦

### ଶ୍ରଦ୍ଧାଳୁଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

ସେକ୍ଟର-୨୨ ଇ ବ୍ଲକ ଅନ୍ତର୍ଗତ ମାଉସୀ ମା’ ମନ୍ଦିର ଚତୁଃପାର୍ଶ୍ୱରେ ଦୀର୍ଘଦିନ ହେବ ଆବର୍ଜନା ଜଳ ସୁଅ ଛୁଟିଛି। ଦିନସାରା ରାସ୍ତା ଉପରେ ଏହି ଦୂଷିତଜଳ ଚାଲିଥିବାରୁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାମେଶ୍ୱର ଶିବମନ୍ଦିର ଚାରିପାଖରେ ଏମିତି ଆବର୍ଜନା ଜଳ ଜମି ରହିବାରୁ ସମ୍ପୃକ୍ତ ଅଞ୍ଚଳରେ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି। କେଉଁ କାରଣରୁ ଦୀର୍ଘ ଦିନ ହେବ ଏଭଳି ଅବସ୍ଥା ଲାଗି ରହିଛି ସେନେଇ କାହା ପାଖରେ ଉତ୍ତର ନାହିଁ। ମନ୍ଦିର ପ୍ରବେଶ ପଥ ନାଳରେ ଆଣ୍ଠୁଏ ଉଚ୍ଚର ଆବର୍ଜନା ଜଳ ଭରି ରହି ଥିବାରୁ ଉକ୍ତ ଦୁର୍ଗନ୍ଧ ପଥଚାରୀଙ୍କୁ ନାକେଦମ କରୁଛି। ପବିତ୍ର କାର୍ତ୍ତିକ ବ୍ରତ ଚାଲିଥିବା ବେଳେ ରାମେଶ୍ୱର ମନ୍ଦିରକୁ ପ୍ରତିଦିନ ଭକ୍ତଙ୍କ ଯାତାୟାତ ଲାଗି ରହିଛି। ଏମିତି ଅବସ୍ଥାରେ ଆବର୍ଜନା ଜଳ ଅନେକଙ୍କୁ ଅତିଷ୍ଠ କରିଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ମାଉସୀ ମା’ ମନ୍ଦିର ସମ୍ମୁଖ ରାସ୍ତାରେ ଆବର୍ଜନା ପାଣି।

# ବାରିପଦାରେ କମନ ରିଭ୍ୟୁ ମିଶନ ପ୍ରତିନିଧି ଦଳ

ବାରିପଦା ଅଫିସ,୧୮।୧୦

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କମନ ରିଭ୍ୟୁ ମିଶନ(ସିଆରଏମ)ର ପ୍ରତିନିଧି ଦଳ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ଡା.ବିକେ ସ୍ୱାଇଁ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ବେଳେ ଟିମରେ ଡା.ଆର.ଆର ଶତପଥୀ, ମାନସ ଖରା, ସନ୍ତୋଷ ନାୟକ, ଦିଲ୍ଲୀପ ଦାଶ, ସ୍ୱରୂପ ଦାସ, ଶିବ ସୁତାର ଓ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ରହିଛନ୍ତି। ଶୁକ୍ରବାର ଏହି ଟିମ ଦୁଇ ଭାଗରେ ବିଭକ୍ତ ହୋଇଛି। ଗୋଟିଏ ଟିମ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ପରିଦର୍ଶନ କରିଛି। ପରିଦର୍ଶନ ବେଳେ ରୋଗୀ, ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀମାନଙ୍କ ସହିତ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଏହି ଟିମ ଆଲୋଚନା କରିଛି। ଭିତ୍ତିଭୂମି ସହିତ ସ୍ୱାସ୍ଥ୍ୟସେବାର ସ୍ଥିତି ଅନୁଧ୍ୟାନ କରିଛି। ପରେ ରଙ୍ଗମାଟିଆ ସିଏଚସି ଓ କରଞ୍ଜିଆ ଗ୍ରାମକୁ ଯାଇ ସ୍ଥାନୀୟ ଲୋକଙ୍କ ସହିତ ସେମାନେ ପାଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଏହି ଟିମ ସହିତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରଦୀପ ମହାପାତ୍ର ସାମିଲ ହୋଇଥିଲେ। ସେହିପରି ଅନ୍ୟ ଏକ ଟିମ ବିଜାତଳା ଗସ୍ତ କରିଥିଲା। ଗସ୍ତ ସମୟରେ ଟିମର ସଦସ୍ୟମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନବସମ୍ବଳ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସଫଳ କାର୍ଯ୍ୟକ୍ରମଗୁଡିକୁ କିପରି ଅନ୍ୟ ରାଜ୍ୟରେ ଉପଯୋଗ କରାଯିବ ସେ ନେଇ ଆଲୋଚନା କରିଛନ୍ତି। ଏହି ଟିମ ୧୮, ୧୯ ଓ ୨୦ ତାରିଖ ଜିଲା ଗସ୍ତ କରିବା ପରେ ୨୧ ତାରିଖରେ ଜିଲାପାଳ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିବ। ୨୨ରେ ଭୁବନେଶ୍ୱର ଫେରି ୨୩ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ସିଆରଏମ ପ୍ରତିନିଧି ଦଳର ଗସ୍ତ ନ ସରିବା ପର୍ଯ୍ୟନ୍ତ ଜିଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ଚିଠି ନଂ.୪୩୪୪ (୨/୧୦/୨୦୧୯) ରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।



ପିଆରଏମ ମେଡିକାଲ କଲେଜରେ ସିଆରଏମ ପ୍ରତିନିଧି ଦଳ ସ୍ଥିତି ପରଖୁଛନ୍ତି।

### ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ଅନୁଧ୍ୟାନ ମୁଖ୍ୟ ଲକ୍ଷ୍ୟ

# ହାଇକୋର୍ଟ ବାର ନିଷ୍ପତ୍ତିକୁ ସମର୍ଥନ, ଓକିଲଙ୍କ କୋର୍ଟ ବର୍ଜନ

ରାଉରକେଲା ଅଫିସ,୧୮ । ୧୦

କଲେଜିୟମ ବ୍ୟବସ୍ଥାରେ ଜଜ ନିଯୁକ୍ତ କରାଯାଉଥିବାରୁ ଦୀର୍ଘ ବର୍ଷ ହେବ ହାଇକୋର୍ଟରେ ପ୍ରାକ୍ଟିସ କରୁଥିବା ଅନେକ ବିଜ୍ଞ ଆଇନଜିବୀ ଉପେକ୍ଷିତ ହୋଇ ଆସୁଛନ୍ତି। ଏହା ବ୍ୟତୀତ ରାଜ୍ୟର ୬୮ ବାର ଆସୋସିଏଶନ ବିରୋଧରେ ଅତି ଅନ୍ୟାୟ ଭାବେ ନୋଟିସ ଜାରି କରାଯିବା ଘଟଣାକୁ ନେଇ ଓକିଲ ସଂଘ ପକ୍ଷରୁ ଶୁକ୍ରବାର କାର୍ଯ୍ୟ ବନ୍ଦ ପାଳନ କରାଯାଇଥିଲା। ଉଚ୍ଚ ନ୍ୟାୟଳୟଙ୍କ ଏହି ଆଦେଶକୁ ନ୍ୟାୟିକ ପ୍ରକ୍ରିୟାର ପରିପନ୍ଥୀ ବୋଲି କୁହାଯାଇଛି। ଉଚ୍ଚ ନ୍ୟାୟାଳୟ ଓକିଲଙ୍କ ଦାବି ପ୍ରତି କର୍ଣ୍ଣପାତ ନ କରିବା ଓ ହାଇକୋର୍ଟରେ ପ୍ରାକ୍ଟିସ କରି ନ ଥିବା ଆଡଭୋକେଟଙ୍କୁ ଜଜ ଭାବେ ନିଯୁକ୍ତି ଦେବା ଆଇନ ବିଭାଗର ଉତ୍ତମ ପ୍ରକ୍ରିୟା ନୁହେଁ ବୋଲି ହାଇକୋର୍ଟ ବାର ବାରମ୍ବାର ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି। ଏହା ପରେ ବି ଉଚ୍ଚ ନ୍ୟାୟାଳୟ ନୀରବ ରହିଛନ୍ତି। ଏମିତି ଅବସ୍ଥାରେ ହାଇକୋର୍ଟ ବାର ନିଷ୍ପତ୍ତି କ୍ରମେ ରାଜ୍ୟର ବିଭିନ୍ନ ବାର ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହାକୁ ରାଉରକେଲା ବାର ଆସୋସିଏଶନ ସମର୍ଥନ କରିଥିଲା। ଏହାଦ୍ୱାରା ଉଭୟ ଜୁଡିସିଆରି ଓ ସରକାରୀ ଦପ୍ତର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏଥିରେ ବାର ଆସୋସିଏଶନର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସାମିଲ ହୋଇ ଥିଲେ।




ଆନ୍ଦୋଳନରେ ସାମିଲ ହୋଇଥିବା ଓକିଲମାନେ।

# ଅସହାୟ ଟିକିଲିଙ୍କୁ ମିଳିଲା ନୂଆ ଜୀବନ

ଘସିପୁରା,୧୮।୧୦(ଡି.ଏନ.ଏ.)



ଚିକିତ୍ସାଧୀନ ଟିକିଲି।

### ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ହେଲା ଅସ୍ତ୍ରୋପଚାର

ଟିକିଲି ଜେନା(୨୬) ନାମ୍ନୀ ଜଣେ ଅସହାୟ ମାନସିକ ଅନଗ୍ରସର ଯୁବତୀ ଦୁର୍ଘଟଣାର ଶିକାର ହେବା ପରେ ଉପଯୁକ୍ତ ଚିକିତ୍ସାସେବା ନ ପାଇ ୮ ମାସ ଧରି ମୃତ୍ୟୁସହ ସଂଗ୍ରାମ କରୁଥିଲେ। ତାଙ୍କ ବାମ ହାତ ଭାଙ୍ଗିଥିବାରୁ ଏହା ସଂକ୍ରମିତ ହୋଇ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏଭଳି ପରିସ୍ଥିତିରେ ଜଣେ ଅଟୋ ଡ୍ରାଇଭରଙ୍କଠାରୁ ଖବରପାଇ ସମାଜସେବୀ ଦେବରାଜ ସାହୁ ତାଙ୍କୁ ଆଣି ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ପରେ ଅନ୍ୟ କେତେକ ବଦାନ୍ୟ ବ୍ୟକ୍ତି ଆଗେଇ ଆସି ଆର୍ଥିକ ସହାୟତା ଯୋଗାଇବାରୁ ଶୁକ୍ରବାର ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କ ଭଙ୍ଗା ହାତରେ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହାଫଳରେ ଟିକିଲିଙ୍କୁ ଏକ ନୂଆ ଜୀବନ ମିଳି ପାରିଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

ଟିକିଲିଙ୍କ ଘର କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଜଅଁରା ଅଞ୍ଚଳରେ । ତାଙ୍କ ମା’ ବାପାଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସ୍ୟାମ ହରାଇବସିଥିଲେ। ପରେ ଦୁର୍ଘଟଣାର ଶିକାର ହେବାରୁ ତାଙ୍କ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ଦୀର୍ଘଦିନ ଧରି ଏହି ଅସହାୟ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଟିକିଲିଙ୍କ ପକ୍ଷେ ଚିକିତ୍ସାସେବା ପାଇବା ସମ୍ଭବ ନ ଥିଲା। ସମାଜସେବୀ ଦେବରାଜ ପ୍ରଥମେ ଟିକିଲିଙ୍କୁ ଆଣି ଡାକ୍ତରଙ୍କୁ ଦେଖାଇବା ପରେ ଏକ ବଡ଼ ଧରଣର ଅସ୍ତ୍ରୋପଚାର ଦରକାର ବୋଲି ଜଣାପଡିଥିଲା। ଏଥିଲାଗି ଦେଖାଦେଇଥିଲା ଅର୍ଥାଭାବ । ଏ ନେଇ ସୋସିଆଲ ମିଡିଆରେ ପ୍ରଚାର ହେବାପରେ ବହୁ ବଦାନ୍ୟ ବ୍ୟକ୍ତି ରାଜ୍ୟ ତଥା ରାଜ୍ୟ ବାହାରୁ ସାହାଯ୍ୟର ହାତ ବଢାଇଥିଲେ। ଶେଷରେ ଶୁକ୍ରବାର ଏଠାକାର ଏକ ଘରୋଇ ଡାକ୍ତରଖାନାରେ ୩୦ରୁ ୪୦ ହଜାର ଟଙ୍କା ଖର୍ଚ୍ଚରେ ଟିକିଲିଙ୍କ ହାତରେ ସଫଳ ଅସ୍ତ୍ରୋପଚାର କରାଯାଇ ପାରିଛି। ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର କରାଯାଇଛି। ଉଦଳା ଅଞ୍ଚଳର କନିଷ୍ଠ ଯନ୍ତ୍ରୀ ପ୍ରାଚୀପ୍ରଜ୍ଞା ସାହୁ, ମଧୁସ୍ମିତା ହେମ୍ବ୍ରମ, ସ୍ୱେଚ୍ଛାସେବୀ ପ୍ରମୋଦ ନାୟକ, ପ୍ରକାଶ ବାରିକ, ଅରବିନ୍ଦ ପାତ୍ର, ସତ୍ୟଶଙ୍କର ମିଶ୍ର ପ୍ରମୁଖ ଅସ୍ତ୍ରୋପଚାର ପାଇଁ ଆର୍ଥିକ ସହାୟତା କରିଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯୋଡ଼ା ଖଣି ମଣ୍ଡଳରେ ପ୍ରଶାସନିକ ଅଚଳାବସ୍ଥା

ଯୋଡ଼ା, ୧୮।୧୦(ଡି.ଏନ.ଏ.)

- ବିଭିନ୍ନ ବିଭାଗରେ ନାହାନ୍ତି ମୁଖ୍ୟ ଅଧିକାରୀ
- କାର୍ଯ୍ୟକାରୀ ହୋଇ ପାରୁନି ସରକାରୀ ଯୋଜନା
- ରାଜସ୍ୱ ଦେବାରେ ଆଗୁଆ, ବିକାଶରେ ପଛୁଆ

କେନ୍ଦୁଝର ଜିଲା ଯୋଡା ବ୍ଲକର ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ ଅନ୍ୟ କର୍ମଚାରୀ ପଦବୀ ଖାଲି ପଡିଥିବା ଯୋଗୁ ପ୍ରଶାସନିକ ଅଚଳାବସ୍ଥା ଲାଗିରହିଛି। ଯୋଡା ଖଣି ମଣ୍ଡଳ ସମେତ ଏହି ବ୍ଲକରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ପାଉଥିବା ବେଳେ ମୁଖ୍ୟ କାର୍ଯ୍ୟାଳୟଗୁଡିକରେ ମୁଖ୍ୟ ଅଧିକାରୀ ନିଯୁକ୍ତି ଦିଆ ନ ଯିବା ବିଡମ୍ବନା ହୋଇଛି। ସହକାରୀ ଅଧିକାରୀ କିମ୍ବା କିରାଣିଙ୍କ ଦ୍ୱାରା କେତେକ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଜଣେ ଜଣେ ଅଧିକାରୀ ଦୁଇଟି ଲେଖାଏ ପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଛି । ଏଥିଲାଗି ଲୋକେ ଠିକ୍ ଭାବେ ପ୍ରଶାସନିକ ସେବା ପାଇ ପାରୁ ନ ଥିବା ବେଳେ ଉନ୍ନୟମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସରକାରଙ୍କ ବିକାଶମୂଳକ ଯୋଜନାର ରୂପାୟନରେ ଅନ୍ତରାୟ ସୃଷ୍ଟି ହେଉଛି।

ଯୋଡା ଖଣିମଣ୍ଡଳ ଖଣିବହୁଳ ଅଞ୍ଚଳ ହୋଇଥିବାରୁ ଏଠାକାର ଜନସାଧାରଣ ମୁଖ୍ୟତଃ ଖଣି ଉପରେ ନିର୍ଭର କରି ଚଳିଥାନ୍ତି। ଖଣି ଅଞ୍ଚଳରୁ ମିଳୁଥିବା ରାଜସ୍ୱରେ ସରକାରଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇଥାଏ। କିନ୍ତୁ ସମସ୍ତ ଖଣିର ତଦାରଖ କାର୍ଯ୍ୟ କରୁଥିବା ଯୋଡା ଖଣି ଉପନିର୍ଦ୍ଦେଶାଳୟରେ ଖଣି ଉପନିର୍ଦ୍ଦେଶକ ପଦବୀ ଖାଲି ପଡିଛି । ସମ୍ପ୍ରତି ଏହି ଖଣିମଣ୍ଡଳରେ ବିଭିନ୍ନ ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନେକ ଖଣି କମ୍ପାନୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଯାଉଥିବା ବେଳେ ପ୍ରଶାସନିକ ପଦପଦବୀ ଖାଲି ପଡିବା ଚିନ୍ତା ବଢ଼ାଇଛି। ଏବେ ଜଣେ ବରିଷ୍ଠ ଖଣି ଅଧିକାରୀ ପ୍ରଶାସନିକ ମୁଖ୍ୟ ଦାୟିତ୍ୱରେ ରହି କାର୍ଯ୍ୟ ତୁଲାଉଛନ୍ତି। ସେହିପରି ଯୋଡା ବ୍ଲକ କାର୍ଯ୍ୟାଳୟରେ ବିଡିଓ ପଦବୀ ଏକବର୍ଷ ହେବ ଖାଲିପଡିଛି। ବଡବିଲ ତହସିଲଦାର ଯୋଡା ବିଡିଓ ଦାୟିତ୍ୱରେ ଅବସ୍ଥାପିତ ହୋଇ କାର୍ଯ୍ୟ ତୁଲାଉଛନ୍ତି। ତହସିଲଦାରଙ୍କ ଉପରେ ଦୁଇଟି କାର୍ଯ୍ୟାଳୟ ଭାର ପଡିଥିବାରୁ ସେ ଗୋଟିଏ ଜାଗାରେ ଉପସ୍ଥିତ ରହିଲେ ଅନ୍ୟ କାର୍ଯ୍ୟାଳୟର କାର୍ଯ୍ୟ ହୋଇ ପାରୁ ନାହିଁ। ଉଲ୍ଲେଖନୀୟ ଯେ, ବଡବିଲ ତହସିଲ କାର୍ଯ୍ୟାଳୟଠାରୁ ଯୋଡା ବ୍ଲକ ମୁଖ୍ୟ କାର୍ଯ୍ୟାଳୟର ଦୂରତା ପ୍ରାୟ ୧୩ କି.ମି.। ଅନ୍ୟପକ୍ଷେ ଯୋଡା ବ୍ଲକ କାର୍ଯ୍ୟାଳୟରେ ଦୀର୍ଘ ୧୨ ବର୍ଷ ହେବ ସହକାରୀ ବିଡିଓ ପଦବୀ ଖାଲିପଡିଛି । ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ବ୍ଲକରେ ଅଭିଯୋଗ ପ୍ରକୋଷ୍ଠ ମଧ୍ୟ ଖୋଲିପାରୁ ନାହିଁ । ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ହଇରାଣ ହୋଇ ଫେରୁଛନ୍ତି।

ଯୋଡ଼ା ସହରର କମାରଯୋଡ଼ାଠାରେ ଥିବା ଏକମାତ୍ର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୮ ନଭେମ୍ବରଠାରୁ ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଖାଲିପଡିଛି । ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ତୁଲାଉଛନ୍ତି। ଜଣେ ଅଧିକାରୀ ଦୁଇଟି ଡାକ୍ତରଖାନାର ଦାୟିତ୍ୱ ତୁଲାଉଥିବାରୁ ସ୍ୱାସ୍ଥ୍ୟସେବା କିପରି ପରିଚାଳିତ ହେଉଥିବ ଅନୁମେୟ। ଶିକ୍ଷା କ୍ଷେତ୍ରରେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ପଦବୀ ଦୀର୍ଘବର୍ଷରୁ ଖାଲି ପଡିଛି। ଯୋଡା ଖଣି ମଣ୍ଡଳର ଯୋଡା ଥାନା ଓ ବାମେବାରୀ ଥାନା ଭଳି ସମ୍ବେଦନଶୀଳ ଅଞ୍ଚଳରେ ଥିବା ଥାନାରେ ଆଇଆଇସି ପଦବୀ ଖାଲି ରହିଥିଲା ଗତ ଗୁରୁବାର ଯୋଡ଼ା ଥାନାରେ ଜଣେ ଅଧିକାରୀ ଯୋଗ ଦେଇଛନ୍ତି। ବାମେବାରୀ ଥାନାର ଆଇଆଇସି ପଦବୀରେ ଜଣେ ସବ୍‌ଇନ୍ସପେକ୍ଟର କାର୍ଯ୍ୟ ତୁଲାଉଛନ୍ତି। ଖଣି ଅଞ୍ଚଳରୁ ସରକାରଙ୍କ ପକ୍ଷରୁ ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ(ଡିଏମ୍ଏଫ୍) ଜରିଆରେ ୩ହଜାର କୋଟି ଟଙ୍କା ଆଦାୟ କରାଯାଇଥିବା ବେଳେ ବିଭିନ୍ନ ସରକାରୀ ପଦବୀରେ ମୁଖ୍ୟ ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ଉକ୍ତ ଅର୍ଥର ସୁବିନିଯୋଗ ହୋଇପାରୁନାହିଁ । ବିଭିନ୍ନ ଯୋଜନା ଅଧାପନ୍ତରିଆ ହୋଇ ପଡିରହିଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବା ସକାଶେ ବିଭିନ୍ନ ମହଲରେ ଦାବି ହେଉଛି । ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ ଭଳି ବିକାଶ କାର୍ଯ୍ୟ ହୋଇପାରୁନାହିଁ। ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆଇନଶୃଙ୍ଖଳା ସ୍ଥିତି ବିଗିଡିବାରେ ଲାଗିଛି। ଚୋରି , ଡକାୟତି, ହତ୍ୟା ଭଳି ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ବିକାଶ ପରିଷଦ ଏନେଇ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛି।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଉତ୍ତେଜନା

ଲହୁଣୀପଡା, ୧୮।୧୦ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ପୁରୁଣାପାଣି ପଞ୍ଚାୟତ ଜୁନିଆନି ପତେଇକୁଡା ଗ୍ରାମ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଛି। ଚାଳକ ଟ୍ରକକୁ ଗାଁ ଭିତରକୁ ପଶାଇ ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଓଡି ୧୪ ଏସ- ୦୧୦୮ ନମ୍ବର ଟ୍ରକ ଜୁନିଆନି ଗ୍ରାମର ଏମ୍‌ଡି ରଫିକ ଚଳାଉଥିଲେ । କିନ୍ତୁ ଶୁକ୍ରବାର ତାଙ୍କ ସାନ ଭାଇ ଏମ୍‌ଡି ନସିବ ଉକ୍ତ ଟ୍ରକକୁ ନେଇ ନିଜ ଗ୍ରାମ ଭିତର ରାସ୍ତାରେ ପଶାଇଥିବା ବେଳେ ସେହି ରାସ୍ତାରେ ଚାଲି ଚାଲି ଯାଉଥିବା ସେହି ଗ୍ରାମର ଆଲ୍ଲାଉଦିନଙ୍କ ପୁଅ ଏମଡି ସମିମ (୪୫) ଉପରେ ଚଢ଼ି ଯାଇଥିଲା । ଫଳରେ ଏମଡି ସମିମଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଫଳରେ ଗ୍ରାମ ଭିତରେ ବଡ ଗାଡି କାହିଁକି ପଶାଉଥିଲା। ଚାଳକଙ୍କ ଭାଇ କିଭଳି ବେନିୟମ ଭାବେ ଗାଡି ଚଳାଉଥିଲା ବୋଲି ଗ୍ରାମବାସୀ ପାଟିତୁଣ୍ଡ କରିବାରୁ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ମୃତଦେହକୁ ଜବତ କରିଛି।

■ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ସଚିବଙ୍କ ଟାଙ୍ଗରପାଲି ଓ ଲେଫ୍ରିପଡ଼ା ବ୍ଲକ ଗସ୍ତ

# ସମସ୍ୟା ବୁଝିଲେ, ବିଭିନ୍ନ ପ୍ରକଳ୍ପ କଲେ ପରିଦର୍ଶନ

ଲେଫ୍ରିପଡା, ୧୮।୧୦ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଏବଂ ଲେଫ୍ରିପଡା ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ କମିଶନର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା ଶୁକ୍ରବାର ବିଭିନ୍ନ ସରକାରୀ ଯୋଜନାରେ ନିର୍ମିତ ପ୍ରକଳ୍ପ ବୁଲି ପରିଦର୍ଶନ କରିଛନ୍ତି। ସଚିବ ପ୍ରଥମେ ସୁନ୍ଦରଗଡ଼ର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଟାଙ୍ଗରପାଲି ବ୍ଲକର ବନ୍ଧପାଲି ସାର୍ଥକ ବିଦ୍ୟାଳୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ମହୁଲପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ରଙ୍ଗିଆମୁଣ୍ଡାଠାରେ ଉଠା ଜଳସେଚନର ବୋରେୱେଲ ପ୍ରକଳ୍ପ, ଚକ୍ରାମାଲଠାରେ କ୍ଲଷ୍ଟର ଲିଫ୍ଟ ପ୍ରୋଜେକ୍ଟ, ଟାଙ୍ଗରପାଲିଠାରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଟାଙ୍ଗରପାଲି ବ୍ଲକ ପରିଦର୍ଶନ ସାରି ଲେଫ୍ରିପଡା ବ୍ଲକ



ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅନ୍ୟମାନେ ଲେଫ୍ରିପଡା ପ୍ରାଥମିକ ଚିକିତ୍ସାକେନ୍ଦ୍ର ପରିଦର୍ଶନ କରୁଛନ୍ତି।

ଅଭିମୁଖେ ବାହାରିଥିଲେ। ଲେଫ୍ରିପଡା ବ୍ଲକର ଛଟେନପାଲିଠାରେ ସଚିବଙ୍କୁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ, ଅଧ୍ୟକ୍ଷା କାମିନୀ କାଲୋ, ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ନବୀନ ବାଗେ ସ୍ୱାଗତ ଜଣାଇଥିଲେ। ଛଟେନପାଲିଠାରେ ଆରଓ ପ୍ଲାଣ୍ଟ, ଲେଫ୍ରିପଡା ପ୍ରାଥମିକ ଚିକିତ୍ସାକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଜନସାଧାରଣଙ୍କ ଚିକିତ୍ସା ସକାଶେ ବିଭିନ୍ନ ଦିଗରେ ପରାମର୍ଶ ପ୍ରଦାନ କରିଥିଲେ। ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ସୁନ୍ଦରଗଡ ଜିଲା ଭାରପ୍ରାପ୍ତ ମୁଖ୍ୟଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଡିପିଏମ ଦୀପକ ମହାନ୍ତି, ସର୍ଗିପାଲି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ଚିକିତ୍ସା ଅଧିକାରୀ ଜଗଦିଶ ଦେହୁରୀ, ପିଏଚଇଓ ଦୀପକ ଶର୍ମା, ଲେଫ୍ରିପଡା ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ଆଲୋକ ପଟେଲ, ଫାର୍ମାସିଷ୍ଟ ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହିଥିଲେ । ପରେ ବାଜୁନଝରିଆ ଇକୋଟୁରିଜମ୍‌ଠାରେ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଇକୋଟୁରିଜିମରେ ମଧ୍ୟାହ୍ନ ଭୋଜନ ସାରି ଅପରାହ୍ନରେ ସର୍ଗିପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ କରି ବଡବଙ୍ଗାଠାରେ ସୋଲାର ମାଧ୍ୟମରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଶେଷରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଛୋଟବଙ୍ଗା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସୁନ୍ଦରଗଡ ଅଭିମୁଖେ ଫେରିଥିଲେ। ସଚିବଙ୍କ ସହିତ ସୁନ୍ଦରଗଡ ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଏବଂ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

### ବାଲିଶଙ୍କରା ବ୍ଲକରେ କ୍ୱାକ୍‌ଙ୍କ ହାତରେ ସ୍ୱାସ୍ଥ୍ୟସେବା

ବାଲିଶଙ୍କରା, ୧୮।୧୦ (ଡି.ଏନ.ଏ)

ସରକାର ସ୍ୱାସ୍ଥ୍ୟସେବା ନାଁରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକର ଗ୍ରାମାଞ୍ଚଳରେ କ୍ୱାକଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲିଛି। ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଆସୁଛି। ଅଞ୍ଚଳରେ ଅନେକ ସ୍ଥାନରେ ଗମନାଗମନର ସୁବିଧା ନ ଥିବା ଯୋଗୁ ବ୍ଲକର ବହୁ ଅଞ୍ଚଳବାସୀ କ୍ୱାକମାନଙ୍କ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି । ଫଳରେ ସେମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବହୁ ରୋଗୀଙ୍କ ଅକାଳ ମୃତ୍ୟୁ ଘଟୁଛି । ଏହାପରେ ବି ସମ୍ପୃକ୍ତ କ୍ୱାକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଶେଷକରି ବନଡେଗା, ଲୁଲକିଡିହ, ଶାଗବାହାଲ, ବିରକାଳଡିହ, ଶିକାଯୋର, ତଳସରା, କିଞ୍ଜିରକେଲା, କୁରାଇ, ରାମପୁର ଅଞ୍ଚଳରେ କ୍ୱାକଙ୍କ ହାତରେ ସ୍ୱାସ୍ଥ୍ୟସେବା ଚାଲିଛି। ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା କ୍ୱାକମାନେ କଲିକତା ଦିଲ୍ଲୀ, ମୁମ୍ବାଇରୁ ଶିକ୍ଷାଗତ ଯୋଗାଣ ପ୍ରମାଣପତ୍ର ଆଣି ଗ୍ରାମାଞ୍ଚଳରେ ସାଇନ ବୋର୍ଡ଼ ଲଗାଇ ବେଧଡକ ଭାବେ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି ।

# ରାଜ୍ୟପାଳଙ୍କ ସହ ବନବାସୀ କର୍ମକର୍ତ୍ତାଙ୍କ ସାକ୍ଷାତ ଆଲୋଚନା

ସୁନ୍ଦରଗଡ଼, ୧୮।୧୦ (ଡି.ଏନ୍.ଏ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୁନ୍ଦରଗଡ ଜିଲା ପରିଦର୍ଶନ ଅବସରରେ ରାଉରକେଲା ହାଉସଠାରେ ସୁନ୍ଦରଗଡ ବନବାସୀ କଲ୍ୟାଣ ଆଶ୍ରମ କର୍ମକର୍ତ୍ତାମାନେ ସାକ୍ଷାତ କରିଥିଲେ। ବନବାସୀ ଅଞ୍ଚଳରେ ରହିଥିବା ଜନଜାତି ମାନଙ୍କର କିପରି ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମର ଓଡ଼ିଶା ପ୍ରାନ୍ତ ଉପାଧ୍ୟକ୍ଷ ଓମପ୍ରକାଶ ଅଗ୍ରୱାଲଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ପ୍ରାନ୍ତ ସଂଯୋଜକ ପଙ୍କଜ ଠାକୁର, ବିଭୂତି ଭୂଷଣ ନାଏକ, ବଳଭଦ୍ର ଗଞ୍ଜୁ, ସୁରଜ ଚୌଧୁରୀ, ମନୋଜ ବଂଶଲ, ରାଉରକେଲା ନଗର ସଚିବ ରାଜୁ ରୋଠାନୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ରାଜ୍ୟପାଳଙ୍କ ସହ ବନବାସୀ କଲ୍ୟାଣ ଆଶ୍ରମର ବିଭିନ୍ନ ସୁବିଧା, ଅସୁବିଧା ଓ ଜନଜାତିମାନଙ୍କର ସୁରକ୍ଷା ତଥା ବିକାଶ ସହ ସେମାନେ କିଭଳି ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିପାରିବେ ସେ ନେଇ ରାଜ୍ୟପାଳଙ୍କ



ସୁନ୍ଦରଗଡ଼ ବନବାସୀ କଲ୍ୟାଣ ଆଶ୍ରମ କର୍ମକର୍ତ୍ତା ରାଜ୍ୟପାଳଙ୍କ ସହିତ ଆଲୋଚନା କରୁଛନ୍ତି।

ଦୃଷ୍ଟି ଆକର୍ଷଣ କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ସୁବିଧା ପାଇଁ ଉନ୍ନତମାନର ରୋଷାଇଶାଳା, ଶୌଚାଳୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ନିମନ୍ତେ ଜଣାଇଥିଲେ। ରାଜ୍ୟପାଳ ଏଦିଗରେ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେବା ସହ ତୁରନ୍ତ ୨ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀଙ୍କ ଅନୁରୋଧ କ୍ରମେ ଡିସେମ୍ବର ମାସରେ ବନବାସୀ କଲ୍ୟାଣ ଆଶ୍ରମର ବିଦ୍ୟାର୍ଥୀମାନଙ୍କର ପୁରୀ ଭ୍ରମଣ କାର୍ଯ୍ୟକ୍ରମରେ ରାଜଭବନରେ ରାଜ୍ୟପାଳଙ୍କ ସହ ସାକ୍ଷାତ ପାଇଁ ସହମତି ଦେଇଥିଲେ।

### ବୋଇରଗାଁ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ

ବୋଡେନ,୧୮।୧୦(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ଥାନା ଅନ୍ତର୍ଗତ ବୋଇରଗାଁ ପଞ୍ଚାୟତକୁ ମଦମୁକ୍ତ କରିବାକୁ ସଂଘ ସହାୟକ ଗୋଷ୍ଠି ମହିଳାମାନେ ଗୁରୁବାର ସପଥ ନେଇଛନ୍ତି । ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅନ୍ଦୋଳନରେ ପଞ୍ଚାୟତର ୯୧ଟି ସଂଘ ସହାୟକ ଗୋଷ୍ଠୀର ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଛନ୍ତି । ଆଜି ପର୍ଯ୍ୟନ୍ତ ନୂଆପଡା ଜିଲାରେ ହୋଇଥିବା ମଦ ବିରୋଧୀ ଆନ୍ଦୋଳନ ମଧ୍ୟରେ ଏହା ସବୁଠାରୁ ବଡ ଆନ୍ଦୋଳନ ବୋଲି ଚର୍ଚ୍ଚା ହେଉଛି । ପ୍ରଥମେ ମହିଳାମାନେ ଗାଁ ଗାଁ ବୁଲି କୋଚିଆ ମଦ ବିକାଳିଙ୍କୁ ମଦବିକ୍ରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଅନୁରୋଧ ସତ୍ତ୍ୱେ ବି ଯେଉଁମାନେ ମଦ ବିକ୍ରି କରୁଥିଲେ ସେମାନଙ୍କୁ ଧରି ପୋଲିସ ଜିମା ଦେବା ଘଟଣା ମଦ କୋଚିଆଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି । ଏ ପର୍ଯ୍ୟନ୍ତ ପଞ୍ଚାୟତର ୩ ଜଣଙ୍କୁ ବୋଡେନ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆଗାମି ଦିନରେ ଏହି ଆନ୍ଦୋଳନକୁ ଆଉ ତୀବ୍ର କରାଯିବ ବୋଲି ମହିଳାମାନେ ଯୋଜନା ପ୍ରସ୍ତାବ କରୁଥିବା ସୂଚନା ମିଳିଛି।





ଡୁମେରବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ମଞ୍ଚାସୀନ ଅତିଥି।

■ କ୍ଲଷ୍ଟର ସ୍ତରୀୟ ଶିଶୁମହୋତ୍ସବ ସୁରଭି

# ଅଂଶଗ୍ରହଣ କଲେ ୧୦୦ ଛାତ୍ରୀଛାତ୍ର

ସବ୍‌ଡେଗା, ୧୮।୧୦ (ଡି.ଏନ.ଏ)

ଡୁମେରବାହାଲ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧ୍ୟାହ୍ନଭୋଜନ ସଚେତନତା ମେଳା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ହମିରପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଅକ୍ଷୟ କୁମାର ବେହେରା, ହମିରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଅଞ୍ଜନା ଲାକ୍ରା ଯୋଗଦାନ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଅର୍ଜୁନ ରୋହିଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସ୍ୱଚାରୁରୂପେ ସମ୍ପନ୍ନ ହୋଇଥିଲା। ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ କନିଷ୍ଠ ଦଳ ଓ ଅଷ୍ଟମ, ନବମ, ଦଶମ ଛାତ୍ରୀଛାତ୍ରଙ୍କୁ ନେଇ ବରିଷ୍ଠ ଦଳରେ ବିଭକ୍ତ କରାଯାଇ କୁଇଜ, ତର୍କ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ପ୍ରବନ୍ଧ, ମଧ୍ୟାହ୍ନ ଭୋଜନ, ହସ୍ତକର୍ମ ଓ କଳା ଆଦି ପ୍ରତିଯୋଗିତାମାନ କରାଯାଇଥିଲା । କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଦୁବରାଜ ଗୋଖରା, ସହକାରୀ ଶିକ୍ଷକ, ସୁରଜ ପ୍ରକାଶ ଚୌଧୁରୀ, ବାସୁଦେବ ବେହେରା, ମମତା ପଟେଲ, ସୁବାଶିନୀ କଣ୍ଡୋ, ମଧୁସ୍ମିତା ପଣ୍ଡା, ରୋହିଣୀ ପଟେଲଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ପଟେଲ, ସୁଶିଲ କୁମାର ନାଏକ, କେଦାରନାଥ ବେହେରା, ସୁସ୍ମିତ ପଟେଲ, କବିତା ଦାଶ, ସୁକଦେବ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହମିରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁବରାଜ ଗୋଖରା ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରସାମ୍ୟ ହରାଇ ଯାତ୍ରୀବାହୀ ବସ୍ ଦୁର୍ଘଟଣା

# ଗାଡ଼ି ଚାଳକ ମୃତ, ୧୦ଯାତ୍ରୀ ଗୁରୁତର ଆହତ

ବେଦବ୍ୟାସ, ୧୮।୧୦ (ଡି.ଏନ.ଏ.)

ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡିର ଟାଇଁସର ଚନ୍ଦ୍ରିନାଳ ନିକଟରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ଦୁର୍ଘଟଣା ଘଟିଛି। ଗୁରୁଣ୍ଡିଆ ପାର୍ଶ୍ୱରୁ ରାଉରକେଲା ଆଡକୁ ଆସୁଥିବା ଯାତ୍ରୀବାହୀ ବସ ଚାନ୍ଦନୀ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡି ଚାଳକ ପାଉଲ ଏକ୍କା (୫୦)ଙ୍କ ମୃତ୍ୟୁ ଘଟିଛି। ବସରେ ଥିବା କେତେଜଣ ଯାତ୍ରୀ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସାଧିନ ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସର ନଂ. ଓଆର ୧୬ ସି- ୮୮୬୨। ଗାଡି ଚାଳକଙ୍କ ମୃତ ଶରୀର ଆର୍‌ଜିଏଚ୍‌ର ମର୍ଗ ହାଉସରେ ରଖାଯାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କଲା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ। କେତେ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ତାହା ଖବର ଲେଖାହେବା ପର୍ଯ୍ୟନ୍ତ ଠିକ୍ ଭାବେ ଜଣାପଡିନାହିଁ। ତେବେ ୧୦ରୁ ଅଧିକ ଗୁରୁତର ହୋଇଥିବା ଲୋକେ କହୁଛନ୍ତି। ଏ ବିଷୟରେ କଲୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ପୋଲିସ ଖବରପାଇ ଘଟଣାସ୍ଥଳକୁ ଯାଇ ଆହତ ହୋଇଥିବା ଯାତ୍ରୀମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଛି।

■ ସିଡିଏମ୍‌ଓଙ୍କ ନିଲମ୍ବନକୁ ନେଇ ବଢୁଛି ରାଜନୀତି

# ବିଜେଡି କହିଲା ଭାଜପା ଦୋମୁହାଁ ରାଜନୀତି କରୁଛି

ସୁନ୍ଦରଗଡ଼, ୧୮।୧୦ (ଡି.ଏନ୍.ଏ)

ସୁନ୍ଦରଗଡ଼ର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ ପଟେଲଙ୍କ ନିଲମ୍ବନକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଛି। ତାଙ୍କ ନିଲମ୍ବନ ଆଦେଶକୁ ଭାଜପା ବିରୋଧ କରି ଗତ ୧୪ ତାରିଖ ୬ଘଣ୍ଟିଆ ସୁନ୍ଦରଗଡ ବନ୍ଦ ପାଳନ କରିଥିଲା। ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପକ୍ଷରୁ ପ୍ରତୀକ ଧର୍ମଘଟ ଚାଲୁ ରହିଛି। ହେଲେ ସିଡିଏମ୍‌ଓଙ୍କ ନିଲମ୍ବନ ଆଦେଶକୁ ନେଇ ଭାଜପା ଦୋମୁହାଁ ରାଜନୀତି କରୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କୁହାଯାଇଛି ଯେ, ଜିଲା ଡାକ୍ତରଖାନାର ରୋଗୀସେବା ନେଇ ବିଭିନ୍ନ ଅବ୍ୟବସ୍ଥା ହେଉଥିବା ଅଭିଯୋଗ କରି ଭାଜପାର କେତେଜଣ କାର୍ଯ୍ୟକର୍ତ୍ତା ବାରମ୍ବାର ଡାକ୍ତରଖାନା ପରିଦର୍ଶନ କରିବା ଓ ବିଭିନ୍ନ ଗଣମାଧ୍ୟମ ଜରିଆରେ ଏହାର ସମାଧାନ ଓ ପଦକ୍ଷେପ ଗ୍ରହଣ ସକାଶେ ଦାବିକରି ଆନ୍ଦୋଳନର ଚେତାବନୀ ଦେଇ ଆସୁଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାର ଅବଗତ ହେବା ପରେ ମୋ ସରକାର କାର୍ଯ୍ୟକ୍ରମର ସ୍ଥିତି ପରଖିବା ପାଇଁ ସଚିବ ମାନଙ୍କର ଏକ ଟିମ୍ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସଚିବମାନଙ୍କ ଡାକ୍ତରଖାନା ପରିଦର୍ଶନବେଳେ ରୋଗୀମାନଙ୍କ ଠାରୁ ଡାକ୍ତରଖାନାରେ ଅବ୍ୟବସ୍ଥା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ମିଳିବା ପରେ ସିଡିଏମ୍‌ଓଙ୍କ ନିଲମ୍ବନ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଘଟଣାରେ ନିଜେ ନିଆଁ ଲଗାଇ ଭାଜପା କୁମ୍ଭୀର କାନ୍ଦଣା କାନ୍ଦି ଦୋମୁହାଁ ରାଜନୀତି କରୁଛି। ସରକାରଙ୍କ ଏଭଳି ପଦକ୍ଷେପ ଯଥାର୍ଥ ପଦକ୍ଷେପ ବୋଲି ବିଜେଡି ପକ୍ଷରୁ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଟଙ୍କା ଗାଏବ



ହିତାଧିକାରୀ ରାଥୁ ମାଝି।

ବାଲିଶଙ୍କରା, ୧୮।୧୦ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ଗ୍ରାମ ମହାଦେବ ଟାଙ୍ଗରପଡାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆର୍ଥିକ ବର୍ଷ ୨୦୧୯-୨୦ର ଯୋଜନାରୁ ପାଇଥିବା ହିତାଧିକାରୀ ରାଥୁ ମାଝିଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ ହୋଇଯାଇଥିବା ଜଣାପଡିଛି। ତାଙ୍କ ଖାତା ନଂ. ୩୨୩୫୨୩୭୪୨୧୮ ଅର୍ଡର ସିଟ ନଂ. ଓଆର ୦୨୦୦୮ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧.୧୧୪୮୦୭୦ ଅନୁଯାୟୀ ୨୧ ଅଗଷ୍ଟ, ୨୦୧୯ରେ ୨୦ ହଜାର ଅର୍ଡର ସିଟ ନଂ. ଓଆର ୦୨୦୦୮ ପ୍ରଧାନମନ୍ତ୍ରୀ ଆବାସ- ୨-୧୧୯୬୬୯୦ ତାରିଖ ୧୯ ସେପ୍ଟେମ୍ବର, ୨୦୧୯ ଅନୁସାରେ ୩୫ ହଜାର ଓଆର ୦୨୦୦୮ ପ୍ରଧାନମନ୍ତ୍ରୀ ଆବାସ- ୩- ୧୨୧୩୫୪୫ ଅନୁସାରେ ୨୫ ସେପ୍ଟେମ୍ବର, ୨୦୧୯ରେ ୪୫ ହଜାର ମଞ୍ଜୁର ହୋଇଥିଲା । ଏହି ଟଙ୍କାକୁ ଏଫଟିଓ ୨୨ ଅଗଷ୍ଟ, ୨୦୧୯, ୧୯ ସେପ୍ଟେମ୍ବର, ୨୦୧୯, ୨୫ ସେପ୍ଟେମ୍ବର, ୨୦୧୯ ଅନୁସାରେ ୨୦ ହଜାର, ୩୫ ହଜାର, ୪୫ ହଜାର ବ୍ୟାଙ୍କ ଖାତାରେ ପଶିଥିଲା ହେଲେ ଟଙ୍କା ଗୁଡିକ ୨୩ ଅଗଷ୍ଟ, ୨୦୧୯ରେ ଚେକ ନଂ. ୭୨୦୮୭୦୧୯୪୦୧୧୪ ତା ୨୧ ସେପ୍ଟେମ୍ବର, ୨୦୧୯ରେ ଚେକ ନଂ. ୧୯୦୯୨୦୧୯୪୦୬୬୬ ଓ ତା. ୨୭ ସେପ୍ଟେମ୍ବର, ୨୦୧୯ରେ ଚେକ ନଂ. ୭୫୦୯୨୦୧୯୪୦୬୫୮ ଯୋଗେ ଉଠାଣ କରାଯାଇଛି। ପରିତାପର ବିଷୟ କି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଘର ଖଣ୍ଡିଏ ପାଇବା ଆଶା ନେଇ ଆଶାବାନ୍ଧି ରହିଥିବାବେଳେ ତାଙ୍କ ଟଙ୍କା ବ୍ୟାଙ୍କ ଖାତାରୁ ଗାଏବ ହୋଇଯିବା ଯୋଗୁ ସେ ହତାଶ ଅବସ୍ଥାରେ ରହିଛନ୍ତି । ଏ ସମ୍ପର୍କିତ ବିଷୟ ନେଇ ବାଲିଶଙ୍କରା ଭାରପ୍ରାପ୍ତ ବିଡିଓ ଚନ୍ଦନ ନିଖଣ୍ଡିଆଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ତୁରନ୍ତ ଏହାର ତଦନ୍ତ କରି ରାଥୁ ମାଝିଙ୍କୁ ଘର ଖଣ୍ଡିଏ ପାଇବାର ବ୍ୟବସ୍ଥା କରିବା ପାଇଁ ମହାଦେବ ଟାଙ୍ଗର ପଡାବାସୀଙ୍କ ଦାବି ହେଉଛି ।

## ଫଟୋରେ ଖବର





ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପୂର୍ବତନ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧି ଦଳ ଶୁକ୍ରବାର ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗ, ସମସ୍ୟା ସମାଧାନ ନେଇ ଆଲୋଚନା କରୁଛନ୍ତି (ବାମ)।
ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ଦଲକିଠାରେ ଗଜଲକ୍ଷ୍ମୀ ପୂଜାଚାଲିଛି।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ବୃଦ୍ଧଙ୍କୁ ମିଳୁନି ଆବାସ ଗୃହ

ତଳଗାଁ,୧୮।୧୦(ସ୍ୱ.ପ୍ର)
ଏସିସି ତାଲିକାରେ ନାଁ ଥାଇ ସୁଦ୍ଧା ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ ରୁଗୁଡିପାଲି ଗ୍ରାମର ବୃଦ୍ଧ ମାର୍କଣ୍ଡ ଦାସ(୭୪)ଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଇନାହିଁ। ଏଥିପାଇଁ ବୃଦ୍ଧ ଜଣକ ତିନି ବର୍ଷ ହେଲା ଦୌଡି ଦୌଡି ନୟାନ୍ତ ହେଲେଣି। ଏ ନେଇ ପୁରୁଣାକଟକ ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ବିରଞ୍ଚି କାଲସେଙ୍କୁ ପଚାରିବାରୁ ସେ କହିଲେ, ବୃଦ୍ଧ ଜଣକ ଘର ପାଇବା ପାଇଁ ଯୋଗ୍ୟ । କିନ୍ତୁ ପୂର୍ବରୁ ତାଙ୍କର ପକ୍କା ଘର ଅଛି ବୋଲି ଉଲ୍ଲେଖ ଅଛି, ତେଣୁ ମିଳିପାରୁନାହିଁ ବୋଲି ସେ ପ୍ରକାଶ କରିଥିଲେ ।

### ମନମୁଣ୍ଡାରେ ସୁରଭି କାର୍ଯ୍ୟକ୍ରମ

ମନମୁଣ୍ଡା, ୧୮।୧୦ (ଡି.ଏନ.ଏ)
ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମନମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଏହି କାର୍ଯ୍ୟକ୍ରମ ସିଆରସିସି ପ୍ରଜ୍ଞା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ମନମୁଣ୍ଡା, ଦେଉଳି, କପାସିରା, ମହୁଲବାହାଲି, ନୂର୍ପା, ଭାଲିଆପଦର, କପାସିରା, ବିଚଣାପାଟି, ଖଇରମାଳ, ସାହୁପଡା, ବାସୁଦେବପାଲି ଆଦି ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୀତ, କୁଇଜ, ସାଧାରଣ ଜ୍ଞାନ, କ୍ରିଏଟିଭ ରାଇଟିଂ, ରଚନା, ବକ୍ତୃତା, ଏକକ ନୃତ୍ୟ, ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତା ହୋଇ ପୁରସ୍କାର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଭାଗିରଥି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ସାବତ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ପରମେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାକୁ କ୍ଲଷ୍ଟର ଶିକ୍ଷକ ବିଶ୍ୱାମିତ୍ର ଭୋଇ, ରଶ୍ମିତା ମହାପାତ୍ର, କୈବଲ୍ୟ ଚରଣ ମହାକୁଡ, ରୀନାରାଣୀ ବସ୍ତିଆ, ସସ୍ମିତା ମେହେର, ଅନୀତା ମେହେର, ଭକ୍ତିରାଣୀ ମହାପାତ୍ର, କଲ୍ୟାଣୀ ବିଶ୍ୱାଳ, ସୁଦାମ ମେହେର, ମନୋଜ ନାଏକ ପ୍ରମୁଖ ପରିଚାଳନା କରିଥିଲେ ।

### ଗଞ୍ଜେଇ ଜବତ, ଜଣେ ଗିରଫ

ବୌଦ୍ଧ,୧୮।୧୦(ସ୍ୱ.ପ୍ର)
ବୌଦ୍ଧ ଅବକାରୀ ବିଭାଗ ଗୁନ୍ଦୁଳିଆ ପଞ୍ଚାୟତର ତିଲପଙ୍ଗା ଗ୍ରାମରେ ଚଢାଉ କରି ୩୧ କିଲୋ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି । ଅବକାରୀ ବିଭାଗ କର୍ମଚାରୀ ଖବର ପାଇ ତିଲପଙ୍ଗା ଗ୍ରାମର ଦଣ୍ଡୁଆ ରଣାଙ୍କ ଘର ଉପରେ ଚଢାଉ କରି ତାଙ୍କ ନିକଟରୁ ୩୧ କିଲୋ ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରାଯାଇଥିବା ଅବକାରୀ ଇନିସପେକ୍ଟର ବିଜୟ କୁମାର ଧରୁଆ ସୂଚନା ଦେଇଛନ୍ତି । ସେହିପରି ଆମ୍ବଝରୀ ପଞ୍ଚାୟତର ଜଣେ ମହିଳାଙ୍କ ଠାରୁ ୧୦ ଲିଟର ମଦ ଜବତ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଏହି ଚଢାଉରେ ସବଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡା, ଏଏସଆଇ ରୂପେଶ ମୁଖୀ, କନଷ୍ଟେବଳ ପ୍ରିୟଜନ କହଁର ଓ ଅଞ୍ଜଳି ଅମାତ ସାମିଲ ହୋଇଥିଲେ ।

### ବନ୍ଧାପଥର ଗ୍ରାମରେ ଗଜଲକ୍ଷ୍ମୀ ପୂଜା

ବୌଦ୍ଧ,୧୮।୧୦(ସ୍ୱ.ପ୍ର)
ବୌଦ୍ଧ ଜିଲା ବନ୍ଧାପଥର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଛି । ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହି ପୂଜା ତ୍ରିବେଣୀ ଛକରେ କରାଯାଇଥିଲା । ଦୀର୍ଘ ଛଅ ଦିନ ଧରି ପୂଜା ପାଳିତ ହୋଇଥିବା ବେଳେ ପ୍ରତିଦିନ କମିଟି ପକ୍ଷରୁ ବିଭିନ୍ନ ପ୍ରକାର ଭୋଗ ବଣ୍ଟନ କରାଯାଉଥିଲା। କମିଟିର ଘାସିରାମ ଗୁରୁ, ସୁବାସ ଚନ୍ଦ୍ର ରଣା, ସତ୍ୟପ୍ରିୟ ଯୋଶୀଙ୍କ ନେତୃତ୍ୱରେ ପୂଜା ପାଳିତ ହୋଇଥିବା ବେଳେ ପୂଜକ ଭାବେ ଜ୍ଞାନଞ୍ଜନ ଯୋଶୀ ଏବଂ କର୍ତ୍ତା ଭାବେ ବୀର ଧଳ ଓ ତାଙ୍କ ସ୍ତ୍ରୀ କାମିନୀ ଧଳ ଦାୟିତ୍ୱ ତୁଲାଇଥିଲେ । ପୂଜା ମଣ୍ଡପକୁ ଆଲୋକ ମାଳାରେ ସଜ୍ଜିତ କରିବା ସହ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ ଚଣ୍ଡାଳ ଏବଂ ସାଥିଙ୍କ ଦ୍ୱାରା ପଶ୍ଚିମ ଓଡିଶାର ଲୋକପ୍ରିୟ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା।

ସାହାଜବାହାଲ ଲ୍ୟାମ୍ପ୍ସରେ ଅନିୟମିତତା ଘଟଣା

# ତଦନ୍ତ ସାରି ପଦକ୍ଷେପ ନିଆଯିବ

ବଡ଼ଗାଁ, ୧୮।୧୦ (ଡି.ଏନ.ଏ)



ଲ୍ୟାମ୍ପସର ଅଧିକାରୀ ଓ କର୍ମଚାରୀ।

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ଥିବା ସମବାୟ ସମିତି (ଲ୍ୟାମ୍ପ୍ସ)ରେ ଗତ ୧୦ ବର୍ଷ ମଧ୍ୟରେ ଅସାଧୁ କର୍ମଚାରୀମାନେ ବିଭିନ୍ନ ଉପାୟରେ ଦୁର୍ନୀତି, ଅନିୟମିତତା, ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଅଡିଟ ରିପୋର୍ଟରେ ଜଣାପଡିଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା ବେଳେ ଶୁକ୍ରବାର ସାହାଜବାହାଲ ଲ୍ୟାମ୍ପ୍ସକୁ ତଦନ୍ତ ପାଇଁ ଆସିଥିବା ବିଭାଗୀୟ ଜିଲା ଅଧିକାରୀ ଡିଆର ଜରେମ କେର୍କେଟା, ଏଆର ଗାବ୍ରିଏଲ ସୋରେଙ୍ଗ ଓ ଏଆରସିଏସ ପ୍ରଦୀପ ପ୍ରଧାନଙ୍କ ସମ୍ମୁଖରେ କେତେକ ଲ୍ୟାମ୍ପ୍ସ ଡାଇରେକ୍ଟର, ଚାଷୀ ପାଟିତୁଣ୍ଡ କରିଥିଲେ । ସେମାନେ ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଗୁରୁବାର ଦିନ ୧୦ଟାରୁ ରାତି ତମାମ ଜଣେ ଅବସରପ୍ରାପ୍ତ ଅଡିଟର ହରି ସାହୁ, ନିଲମ୍ବିତ ସୁପରଭାଇଜର ଚୁଡାମଣୀ ବେହେରା, ଲ୍ୟାମ୍ପ୍ସର ଏମଡି ଦାୟୀତ୍ୱରେ ଥିବା କ୍ୟାସିୟର ବେର୍ଣ୍ଣେଡ୍ କେର୍କେଟା ଲ୍ୟାମ୍ପ୍ସ ଭିତରେ କାହିଁକି ରହିଲେ ପ୍ରଶ୍ନ ଉଠାଇ ପାଟିତୁଣ୍ଡ କରିଥିଲେ । ନିଲମ୍ବିତ ସୁପରଭାଇଜର ବେହେରା ଓ ଅନ୍ୟ କର୍ମଚାରୀମାନେ କାଗଜ ପତ୍ର ଏପଟସେପଟ କରିବା ଆଶଙ୍କା କରି ରାତି ସମୟରେ ଲ୍ୟାମ୍ପ୍ସରେ କାହାରିକୁ ପ୍ରବେଶ କରିବାକୁ ନଦେବା ପାଇଁ ଡିଆରଙ୍କଠାରେ ଦାବି କରିଥିଲେ । ଅବସରପ୍ରାପ୍ତ ଅଡିଟର ହାରୀ ସାହୁଙ୍କୁ ପଚାରିବାରେ ଡାଇରେକ୍ଟର ମାନଙ୍କ ଚିଠି ପାଇ ଆସିଥିଲେ । ଏଠି ଅନେକ ଗୁଡାଏ ଝାମେଲା ତେଣୁ କାମ କରିବେ ନାହିଁ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଲ୍ୟାମ୍ପ୍ସରେ ୪୪୦ ବସ୍ତା ୟୁରିଆ ସାର ଲ୍ୟାମ୍ପ୍ସକୁ ନଆଣି ରାସ୍ତାରୁ ହଡପ, ଜିଲା ବାହାର ଲୋକଙ୍କ ନାଁ ରେଜିଷ୍ଟ୍ରେସନ କରାଇ ଧାନ କିଣା, ଭୁତ କର୍ମଚାରୀଙ୍କ ନାଁରେ ୫ ଲକ୍ଷ ହଡପ, ୩୧କୁ ୮୧ ଲେଖି ୫୦ ହଜାର ଟଙ୍କା ଆତ୍ମସାତ ଭଳି ଆଉ କେତେକ ଦୁର୍ନୀତି ଗତ ୧୦ ବର୍ଷ ମଧ୍ୟରେ ହୋଇଥିଲେ ମଧ୍ୟ ଜିଲା ଅଧିକାରୀଙ୍କ ଛତ୍ରଛାୟା ତଳେ ଅସାଧୁ କର୍ମଚାରୀମାନେ ଦୀର୍ଘ ବର୍ଷ ଲୁଟି ଚାଲିଥିଲେ । ଯେଉଁ କାରଣରୁ ଦୀର୍ଘ ବର୍ଷ ମଧ୍ୟରେ ଚରମ ଦୁର୍ନୀତି ହୋଇଥିଲେ ମଧ୍ୟ ଅଧିକାରୀମାନେ ଧୃତରାଷ୍ଟ୍ର ସାଜିଥିଲେ । ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ଅଡିଟ ରିପୋର୍ଟ କୁ ନାଲିଫିତା ତଳେ ଚାପି ଦେଇଥିବା ଅଧିକାରୀମାନେ ତଦନ୍ତ କରିବାକୁ ବାଧ୍ୟ ହୋଇଛନ୍ତି । ତଦନ୍ତ କରିଜଣେ ମାତ୍ର କର୍ମଚାରୀଙ୍କୁ ନିଲମ୍ବିତ କରିଥିଲେ ମଧ୍ୟ ଅନ୍ୟ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଚାଷୀ ମହଲରେ ଅଧିକାରୀମାନଙ୍କ ପ୍ରତି ଅସନ୍ତୋଷ ପ୍ରକଟ କରାଯାଇଛି। ଶୁକ୍ରବାର ସାହାଜବାହାଲ ଲ୍ୟାମ୍ପ୍ସକୁ ତଦନ୍ତରେ ଆସିଥିଲା ବେଳେ ଡିଆର ଜେରମ୍ କେର୍କେଟାଙ୍କୁ ପଚାରିବାରେ ୨୦୧୪-୧୫ ମସିହାରେ ଅଡିଟ ରିପୋର୍ଟରେ ଯାହା ବାହାରିଛି ତାର ତଦନ୍ତ ପାଇଁ ଆସିଛି । ସୋମବାର ସୁଦ୍ଧା ତଦନ୍ତ ସାରି ପଦକ୍ଷେପ ଗ୍ରହଣ କରିବେ କହିଛନ୍ତି ।



ଲିପିକା ସେଟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ପର୍ବତାରୋହୀ ଲିପିକାଙ୍କୁ ସମ୍ବର୍ଦ୍ଧନା

ଅତାବିରା, ୧୮।୧୦ (ଡି.ଏନ.ଏ)

ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବୃସ ସଫଳତାର ସହ ଆରୋହଣ କରି ଘରକୁ ଫେରିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲିପିକା ସେଟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି। ଗୁରୁବାର ବରଗଡ଼ ଜିଲା ଭେଡେନ ବିଡିଓ ମୁରଲିଧର ନାୟକ ତାଙ୍କ ବାସଭବନକୁ ପହଞ୍ଚି ଲିପପିକା ସେଟଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ସେହିପର ବୁଧବାର ଭାଜପା ନେତା ବିଜୟ ମହାପାତ୍ର ମଧ୍ୟ ଲିପିକାଙ୍କ ଘରକୁ ପହଞ୍ଚି ସମ୍ବର୍ଦ୍ଧନା ଜଣାଇବା ସହିତ ନଗଦ ୧୦ ହଜାର ଟଙ୍କା ସହାୟତା ରାଶି ଦେଇଥିଲେ ।

# ରିଲିଭ ଅର୍ଡର ଗ୍ରହଣ ନ କରି ଛୁଟିରେ ଗଲେ ଡାକ୍ତର

କନ୍ଧମାଳ, ୧୮।୧୦(ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗୋଛା ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ବିଲ୍ କରେଇଦେବା ପାଇଁ ମେଡିକାଲ ଅଫିସର ଓ ସୁପରଭାଇଜରଙ୍କ ଲାଞ୍ଚ ମାଗିବା ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମେଡିକାଲ ଅଫିସର ଓ ସୁପରଭାଇଜରଙ୍କ ବଦଳି ହୋଇଛି। ଗତ ୧୬ ତାରିଖର ଏହି ବଦଳି ନିର୍ଦ୍ଦେଶ ପରେ ମେଡିକାଲ ଅଫିସର ଡାକ୍ତର ମହେନ୍ଦ୍ର ସଏ ରିଲିଭ ଅର୍ଡର ଗ୍ରହଣ ନ କରି ଅନଧିକୃତ ଛୁଟିରେ ଚାଲିଯାଇଛନ୍ତି। ଡାକ୍ତର ସଏଙ୍କ ସ୍ଥାନରେ ବିଭାଗୀୟ ନିର୍ଦ୍ଦେଶ ମତେ ଡାକ୍ତର ମାନସ ରଞ୍ଜନ ତ୍ରିପାଠୀଙ୍କୁ ମେଡିକାଲ ଅଫିସର ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଲାଞ୍ଚର ପ୍ରତିବାଦ କରିବାରୁ ଝୁମି ସାହୁ ନାମକ ସ୍ୱାସ୍ଥ୍ୟକର୍ମୀଙ୍କୁ ଗର୍ଭାବସ୍ଥାରେ ମାନସିକ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସୂତୀ ସ୍ୱାସ୍ଥ୍ୟକର୍ମୀଙ୍କ ନବଜାତକର ମୃତ୍ୟୁ ଘଟିଥିବା ନେଇ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ହେବା ପରେ କମିଶନ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ପରେ ଡାକ୍ତର ସଏ ଓ ସୁପରଭାଇଜର ସୁଦର୍ଶନ ପ୍ରଧାନଙ୍କୁ ବଦଳି କରାଯାଇଛି । ଏ ନେଇ ବୌଦ୍ଧ ସିଡିଏମଓ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରୁ ସେ କହିଲେ, ଡାକ୍ତରଙ୍କ କାର୍ଯ୍ୟକଳାପ ନେଇ ତାଙ୍କୁ ବଦଳି ନିର୍ଦ୍ଦେଶ ଦିଆଯାଇଛି। ମଞ୍ଜୁର ନ ହୋଇ ସେ ଅନଧିକୃତ ଛୁଟିରେ ଅଛନ୍ତି । ତାଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ

# ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଦିଗରେ ସୁରଭି ବେଶ ଉପଯୁକ୍ତ ମାଧ୍ୟମ

ନୂଆଗାଁ, ୧୮।୧୦ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୧୯ ଶୁକ୍ରବାର ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ଦିଗରେ ସୁରଭି ବେଶ ଆଦୃତ ବା ଉପଯୁକ୍ତ ମାଧ୍ୟମ। ଏଣୁ ପ୍ରତିବର୍ଷ ଏହା ବ୍ଲକସ୍ତରୀୟ କରାଯାଇ ପ୍ରତ୍ୟେକ ବିଦ୍ୟାଳୟକୁ ଏଥିରେ ସାମିଲ କରାଗଲେ ଶିଶୁମାନଙ୍କ ମଧ୍ୟରେ ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇ ପାରିବ ବୋଲି କହିଥିଲେ। ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉପସ୍ଥିତ ରହି ବ୍ଲକ ଅଧ୍ୟକ୍ଷ ଏକ୍କା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ତଥା ମାନପତ୍ର ପ୍ରଦାନ କରିଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ୯ଟି ବିଦ୍ୟାଳୟରୁ ମୋଟ ୭୦ ଜଣ ଛାତ୍ରୀଛାତ୍ର ତଥା ୯ ଜଣ ଗାଇଡ ଶିକ୍ଷକ ଯୋଗଦାନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା, ରଚନା, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲେଖନୀ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକର ସିଆରସିସି ରଞ୍ଜିତ ଏକ୍କାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ଅଶୋକ ସିଂ, ଦଶରଥ ଖାଲଖୋ, ଥୋମାସ ଏକ୍କା, ପ୍ରେମାନ୍ତି ବୁଡ, ମିକିଲି ନାଏକ, ଚୁମାନୀ ଓରାମ, ମଧୁସୂଦନ କରିଆଲି, ଅପୁ ବରୁଆ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମ ନୂଆଗାଁ ବ୍ଲକର ୧୩ଟି କ୍ଲଷ୍ଟରରେ ଅନୁଷ୍ଠିତ ହେବାସହ ଶେଷରେ ବ୍ଲକରେ ଅନୁଷ୍ଠିତ ହେବ । ଏଭଳି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସ୍କୁଲ ସାମିଲ ହେବା ସହ ପିଲାମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତାମୂଳକ ଚିନ୍ତାଧାରା ସୃଷ୍ଟି ହୋଇଛି। ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ବେଶ ସହାୟକ ହୋଇପାରିବ ବୋଲି ପୂର୍ବତନ ସିଆରସିସି ମଙ୍ଗଳ କେର୍କେଟା ପ୍ରକାଶ କରିଛନ୍ତି ।



ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

■ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ୧୧ ସ୍କୁଲର ୧୪୩ ଛାତ୍ରୀଛାତ୍ରଙ୍କ ଯୋଗଦାନ

ସୋହେଲା,୧୮।୧୦(ଡି.ଏନ.ଏ)

ବରଗଡ଼ ଜିଲା ସୋହେଲା ବ୍ଲକ କନଗାଁ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବୁଡାମାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନଗାଁ କ୍ଲଷ୍ଟର ଅନ୍ତର୍ଗତ ମୋଟ ୧୧ଟି ବିଦ୍ୟାଳୟରୁ ୧୪୩ଜଣ ଛାତ୍ରୀଛାତ୍ର ଯୋଗଦେଇ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣସାଗର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୋହେଲା ବିଇଓ ରାହାସ ବିହାରୀ ବାଗ ମୁଖ୍ୟ ଅତିଥି, ଡା. ଭୁବନେଶ୍ୱର ପଧାନ, ଠାକୁର ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ, ସିଆରସିସି ସଞ୍ଜୟ କୁମାର ଦେବତା ବିବରଣୀ ପାଠ ଏବଂ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ସାହୁ, ଅବୀର ମେହେର, ବାସୁଦେବ ମହାନନ୍ଦ, ଶ୍ରୀବତ୍ସ ସାହୁ, ଗଣନାଥ ବାରିକ, ନୀଳମଣି ପଧାନଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।



ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ।

ଜଳଛତ୍ର ବଣ୍ଟନ ପ୍ରାପ୍ୟ ହଡ଼ପ

# ଜିଲାପାଳଙ୍କୁ ଫେରାଦ

ବୌଦ୍ଧ,୧୮।୧୦(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତରେ ଜଳଛତ୍ର ବଣ୍ଟନ ପ୍ରାପ୍ୟ ଟଙ୍କା ହଡପ ହୋଇଥିବା ନେଇ ତିନି ହିତାଧିକାରୀ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ସରକାର ଖରାଦିନ ଆସିଲେ ପଥଚାରୀଙ୍କ ପାଇଁ ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲି ପାଣି ବଣ୍ଟନ କରିଥାନ୍ତି । ଏଥିପାଇଁ ବିଭିନ୍ନ ପଞ୍ଚାୟତରେ କିଛି ଲୋକଙ୍କୁ ଟଙ୍କା ଦେଇ ଏହି ପାଣି ବଣ୍ଟା ଯାଇଥାଏ । କିନ୍ତୁ ଉକ୍ତ ବ୍ୟକ୍ତିମାନେ ଟାଣଖରାରେ କିଛି ପଇସା ପାଇବା ପାଇଁ ରାସ୍ତା ଉପରେ କୁଡିଆ କରି ଲୋକଙ୍କୁ ପାଣି ବାଣ୍ଟିଥାନ୍ତି । କିନ୍ତୁ କରଞ୍ଜକଟା ପଞ୍ଚାୟତର କିଛି ହିତାଧିକାରୀ ପାଣି ବଣ୍ଟନ କରି ଅର୍ଥ ପାଇ ନ ଥିବାରୁ ଶେଷରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁସାରେ, କରଞ୍ଜକଟା ପଞ୍ଚାୟତର ତୁକୁଲୁଣ୍ଡା ଗ୍ରାମର ବିଧବା ମହିଳା ସସ୍ମିତା ଲହରା ୨୦୧୭ ମସିହାରୁ ପାଣି ଦେଇଆସୁଥିଲେ । ତାଙ୍କୁ କିଛି ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବକେୟା ଅର୍ଥ ପଞ୍ଚାୟତ କର୍ତ୍ତୃପକ୍ଷ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି ପଞ୍ଚାୟତର ଲକ୍ଷ୍ମଣପୁର ଗ୍ରାମରେ ବିନିତ ପ୍ରଧାନ ମଧ୍ୟ ତିନି ବର୍ଷ ହେଲା ପାଣି ଦେଇଆସୁଥିବା ବେଳେ ତାଙ୍କୁ ମାତ୍ର ଦୁଇଟି କିସ୍ତିରେ ମାତ୍ର ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଛି । କରଞ୍ଜକଟା ଗ୍ରାମର ଶଙ୍କର ମଲିକ ଦୁଇ ବର୍ଷ ହେଲା ପାଣି ଦେଇଆସୁଥିବା ବେଳେ ତାଙ୍କୁ ମାତ୍ର ୧୫୦୦ ଟଙ୍କା ପ୍ରଦାନ କରାଯାଇ ଆଉ ସବୁ ଟଙ୍କା ପଞ୍ଚାୟତ କର୍ମଚାରୀ ହଡପ କରିଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ସ୍ପୋର୍ଟିଂ କ୍ଲବ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡା, ୧୮।୧୦ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଅର୍କେଇକଲା ଗ୍ରାମ୍ୟ ବିକାଶ କମିଟିର ସ୍ପୋର୍ଟିଂ କ୍ଲବ ପକ୍ଷରୁ ତିନି ଦିନିଆ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବାଙ୍କି ରେଞ୍ଜର ଅଜୟ ଖେସ, ସମ୍ମାନିତ ଅତିଥି ଭାବେ ରାଜାମୁଣ୍ଡା ସରପଞ୍ଚ ମୁରଲୀଧର ମୁଣ୍ଡା, ରଣଜିତ ସାହୁ, ମୁଖ୍ୟବକ୍ତା ଭାବେ ଫରେଷ୍ଟର ଗୋପାଳ ଓରାମ ଯୋଗଦେଇଥିଲେ। କୁମାର ଗୌତମ ବାରିକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅଶୋକ କୁମାର ବେହେରା ପରିଚୟ ପ୍ରଦାନ କରିଥିଲେ। ଏହି ତିନି ଦିନିଆ ଫୁଟବଲ ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭିକ ମ୍ୟାଚରେ ଅର୍କେଇକଲା ଓ ଟକରା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ସିଂ, ଦୀପକ ବେହେରା, ସଞ୍ଜୟ ନାଏକ, ଶତ୍ରୁଘ୍ନ କିଶାନ ଖେଳ ପରିଚାଳନା କରିଥିଲେ। କିରଣ ଦାସ, ସିପୁନ ସାହୁ, ସମିର ବାରିକ, ରାଜା ସାହୁ, ବାପୁନ ସାହୁ, ହରେରାମ ମହାକୁଳ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ, ଦିପୁ ଡାଙ୍ଗୁଆ, କୁମାର କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଫୁଟବଲ ପ୍ରତିଯୋଗିତାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ମଞ୍ଚାସୀନ ଅତିଥି।



“ ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍ସିସ୍ ବାକନ






ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଲୋକେଶ


କୈଳାସ


ନରେନ


ପ୍ରକାଶ


ମିଲନ


ଅଭିଷେକ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ଲଖନପୁରରେ 'ମୋ ସରକାର'ର ପ୍ରଭାବ

# ଉପଜିଲାପାଳଙ୍କ ତହସିଲ କାର୍ଯ୍ୟାଳୟ ଗସ୍ତ

- ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ
- ଅନୁପସ୍ଥିତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ଲଖନପୁର,୧୮।୧୦ (ଡି.ଏନ୍.ଏ.)**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜ୍ୟ ସରକାର ମୋ' ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ମୋ ସରକାର ମାଧ୍ୟମରେ ଜନସାଧାରଣଙ୍କୁ କିଭଳି ଉତ୍ତମ ସେବା ଯୋଗାଇ ଦିଆଯିବ ସେଥିପାଇଁ ବିଭାଗୀୟ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ କର୍ଣ୍ଣମନ୍ତ୍ର ଦେଇଛନ୍ତି। ଏଥିରେ ଯେଉଁ ଅଧିକାରୀ ଓ କର୍ମଚାରୀମାନେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଉଛନ୍ତି ସେମାନଙ୍କୁ ପଦୋନ୍ନତି ଦିଆଯାବ। ଯେଉଁ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ଘୋଷଣ କରିଛନ୍ତି। ୫ ଟି ସଚିବ ଭି.କେ. ପାଣ୍ଡିୟାନ୍ ମଧ୍ୟ ଅଚାନକ ବିଭିନ୍ନ ଜିଲା ଗସ୍ତକରି ନିଜେ କାର୍ଯ୍ୟ ତଦାରଖ କରୁଛନ୍ତି। ଜିଲାରେ ତଦାରଖ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ସ୍ଥିତିରେ ଜିଲାପାଳ ସରୋଜ ସାମଲଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଶିବ ଟପ୍ପୋ ଗତ ଗୁରୁବାର ସକାଳ ସାଢେ ୧୦ଟାରେ ଅଚାନକ ଲଖନପୁର ତହସିଲ କାର୍ଯ୍ୟାଳୟ ଗସ୍ତ କରିଥିଲେ। ତାଙ୍କ ଗସ୍ତ ସମୟରେ କାର୍ଯ୍ୟାଳୟ ଖୋଲା ରହିଥିଲେ ମଧ୍ୟ ତହସିଲଦାର, ଅତିରିକ୍ତ ତହସିଲଦାର ଓ କେତେକ କର୍ମଚାରୀ ଅନୁପସ୍ଥିତ ଥିବା ସେ ଦେଖିବାକୁ ପାଇଥିଲେ। ପରେ ସେ ତହସିଲରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଆଟେଣ୍ଡାନ୍ସ ଯାଞ୍ଚ କରିଥିଲେ। ଏଥିରୁ ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁ, ଅତିରିକ୍ତ ତହସିଦାର ମୁରଲୀଧର ଉର୍ମାଲଙ୍କ ସମେତ ୧୫ଜଣ କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଅନୁପସ୍ଥିତଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ଉପଜିଲାପାଳ ତହସିଲଦାର ସାହୁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜିଲାପ୍ରଶାସନର ଏଭଳି ଅଚାନକ ଗସ୍ତକୁ ନେଇ ଜିଲାରେ ଚର୍ଚ୍ଚା ଜୋରଧରିଛି। ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଏ ସମ୍ପର୍କରେ ମତାମତ ପାଇଁ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏନେଇ ଉପଜିଲାପାଳ ଟପ୍ପୋଙ୍କୁ ପଚାରିବାରୁ ଅଚାନକ ତହସିଲ କାର୍ଯ୍ୟାଳୟ ଗସ୍ତ କଲାବେଳେ ସେଠାରେ ଅଧିକାରୀ ଓ କର୍ମଚାରୀମାନେ ଅନୁପସ୍ଥିତ ଥିଲେ। ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରେ କାରଣ ଦର୍ଶାଅ ନୋଟିସର ଉତ୍ତର ମିଳିବାପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଲଖନପୁର ତହସିଲ କାର୍ଯ୍ୟାଳୟ।

## ଲୁଟ୍ ଉଦ୍ୟମ: ୨ବନ୍ଧୁକ ଜବତ, ୩ ଗିରଫ



**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୮।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅଞ୍ଚଳରେ ଶୁକ୍ରବାର ୩ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଦେଖାଇ ରାସ୍ତାରେ ଲୋକଙ୍କୁ ଭୟଭିତ କରି ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ବଡ଼ମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବୃତ୍ତମାନଙ୍କୁ ଗିରଫ କରିଥିଲେ। ଗିରଫ ଦୁର୍ବୃତ୍ତମାନେ ହେଲେ ଝାରସୁଗୁଡ଼ା ଅଞ୍ଚଳର ଦେବାନନ୍ଦ ପ୍ରଧାନ, ବସନ୍ତ ବେହେରା ଓ ଲୋକେଶ୍ୱର ପ୍ରତାପସିଂ। ପୋଲିସ ଏମାନଙ୍କ ନିକଟରୁ ୨ବନ୍ଧୁକ,୨ଗୁଳି, ୧ଛୁରି, ୩ ମୋବାଇଲ ଜବତ କରିଛି। ଏନେଇ ବଡ଼ମାଲ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# କିର୍ମିରାରେ ମା' ଗଜଲକ୍ଷ୍ମୀଙ୍କ ପୂଜା

**କିର୍ମିରା, ୧୮।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବିଭିନ୍ନ ସ୍ଥାନରେ ଉତ୍ସାହ ଓ ଉଦ୍ଦୀପନାର ସହ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଇଥିବାବେଳେ କିର୍ମିରା ଗ୍ରାମରେ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏନେଇ ଶନିବାର କଳସ ଶୋଭାଯାତ୍ରାରୁ ପୂଜା ଆରମ୍ଭ ହୋଇଛି। ପୂର୍ବାହ୍ନରେ କର୍ତ୍ତା ମହେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ କଳସ ଯାତ୍ରାରେ ଗ୍ରାମର ଶତାଧିକ ଯୁବତୀ ଓ ଯୁବକ ସାମିଲ ହୋଇଥିଲେ। ଏହି କଳସ ଶୋଭାଯାତ୍ରା ପୂଜା ମଣ୍ଡପରୁ ଘଣ୍ଟ, ଶଙ୍ଖ, ସଂକୀର୍ତ୍ତନ ସହ ବାହାରି ଗ୍ରାମ ପରିକ୍ରମା ପୂର୍ବକ ସ୍ଥାନୀୟ ବଡ଼କଟାରେ ପହଞ୍ଚିଥିଲା। ସେଠାରେ ପୂଜକ ଚିଣ୍ଟୁ ପାଣିଗ୍ରାହୀ ମା' ଗଜଲକ୍ଷ୍ମୀଙ୍କୁ ଆହ୍ୱାନ ପୂର୍ବକ କଳସ ପୂଜା କରି ପୂର୍ଣ୍ଣକଳସ ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ୮ଦିନ ବ୍ୟାପୀ ହେବାକୁଥିବା ପୂଜା ଅବସରରେ ବୁଧବାର ସନ୍ତାନ ଲକ୍ଷ୍ମୀପୂଜା ଓ ଅଷ୍ଟଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଆଦ୍ୟଲକ୍ଷ୍ମୀଙ୍କ ପୂଜା ହେବାକୁ ଥିବାବେଳେ ମା'ଗଜଲକ୍ଷ୍ମୀଙ୍କ ୫୧ ଉପଚାର ପୂଜା ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସେହି କ୍ରମରେ ଅନ୍ୟାନ୍ୟ ଦିନରେ ଧାନ୍ୟ ଲକ୍ଷ୍ମୀ, ପୂଜା ସମେତ ବିଷ୍ଣୁ ସହସ୍ରନାମ, ହନୁମାନ ଚାଳିଶା ପାଠ, ଗୋ-ପୂଜନ, ସପ୍ତଚଣ୍ଡୀ ପାଠ, ଲକ୍ଷ୍ମୀ ସହସ୍ରନାମ, ଚଣ୍ଡୀହୋମ ଆଦି ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପ୍ରତିଦିନ ମା' ଲକ୍ଷ୍ମୀଙ୍କୁ ଭୋଗ ଅର୍ପଣ ପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ, କୀର୍ତ୍ତନ, ପାଲା ସହିତ ରେକର୍ଡ ଡ୍ୟାନ୍ସ, ଅର୍କେଷ୍ଟ୍ରା ପରିବେଷଣ କରାଯିବ ବୋଲି ପୂଜା କମିଟି ସୂତ୍ରରୁ ଜଣାଯାଇଛି। ସେହିପରି ମା'ଙ୍କ ପୂଜା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏହି ଅବସରରେ ଆସନ୍ତା ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମା'ଙ୍କ ପୂଜକ ଭାବେ ଚିଣ୍ଟୁ ପାଣିଗ୍ରାହୀ ଓ କର୍ତ୍ତା ଭାବେ ମହେଶ୍ୱର ପାଣିଗ୍ରାହୀ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ରାମେଶ୍ୱର ପାଣିଗ୍ରାହୀ ପୂଜା କମିଟିର ସଭାପତି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉପଦେଷ୍ଟା ଭାବେ ମୀନକେତନ ବେହେରା, ଦିନେଶ ଅମାତ ପ୍ରମୁଖ ରହିଛନ୍ତି।


ଗଜଲକ୍ଷ୍ମୀ ପୂଜା ଅବସରରେ ଶୋଭା ପାଉଥିବା ତୋରଣ।

## ଟ୍ରକ୍ ଦୁର୍ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ମୃତ

**ସମ୍ବଲପୁର,୧୮।୧୦(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଛକରେ ଟ୍ରକ୍ ପଛପଟେ ଧକ୍କା ଦେଇ ଜଣେ ବାଇକ୍ ଅରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶାସନ ଥାନା ଅଧୀନ ଡୁଙ୍ଗିପାଲି ଗ୍ରାମର ବିବେକାନନ୍ଦ ଭୋଇ (୩୫)। ବିବେକା ହେଉଛନ୍ତି ଶାସନ ସରପଞ୍ଚଙ୍କ ସ୍ୱାମୀ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଟ୍ରକ୍ ଫେରାର ହୋଇଯାଇଛି।

## ରାଜ୍ୟସ୍ତରୀୟ ଉଷ୍ଣୁରେ ଝାରସୁଗୁଡ଼ା ଦଳ

**ଝାରସୁଗୁଡ଼ା ଅଫିସ୍/ ଲଖନପୁର, ୧୮।୧୦ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ତାଳଚେରସ୍ଥିତ ବ୍ଲାକ୍‌ଡାଇମଣ୍ଡ୍ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ୨୭ତମ ରାଜ୍ୟସ୍ତରୀୟ ଉଷ୍ଣୁ ଚାମ୍ପିୟନ୍‌ଶିପ୍ ପ୍ରତିଯୋଗିତାରେ ଝାରସୁଗୁଡ଼ା ଦଳ ଅଂଶଗ୍ରହଣ କରିଛି। ଏଥିରେ ଝାରସୁଗୁଡ଼ା ଦଳର ଟିମ୍ ମ୍ୟାନେଜର ସସ୍ମିତା ସାହୁଙ୍କ ନେତୃତ୍ୱରେ ପ୍ରୀତି ଶର୍ମା, ପ୍ରିୟଙ୍କା ଶର୍ମା, ମନୀଷା ସାହୁ, ଭାରତୀ ସିଂ, ସୌମ୍ୟଜିତ ପ୍ରଧାନ, ଓମ୍ ସାଇଜ୍ୟୋତି, ଆନନ୍ଦ ସିଂ ପ୍ରମୁଖ ଖେଳାଳି ରହିଛନ୍ତି। ଏହି ଖେଳାଳିଙ୍କୁ ଓଜନ ଅନୁସାରେ ସିନିୟର୍, ଜୁନିୟର୍ ଓ ସବ୍‌ଜୁନିୟର ବର୍ଗରେ ବିଭକ୍ତ କରାଯାଇଛି। ଚାମ୍ପିୟନ୍‌ଶିପ୍ ପ୍ରତିଯୋଗିତା ଶୁକ୍ରବାରରୁ ରବିବାର ପର୍ଯ୍ୟନ୍ତ ଚାଲିବ। ଏଥିରେ ଝାରସୁଗୁଡ଼ା ଜିଲା ଉଷ୍ଣୁ ସଂଘର ଜିଲା କୋଚ୍ ନବୀନ ସିଂ ଜିଲାର ଏହି ଦଳ ସହିତ ଗସ୍ତ କରିଛନ୍ତି। ଜିଲା ସଂଘ ସଭାପତି ତ୍ରିନାଥ ଗୁଆଲ ଓ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ପ୍ରମୁଖ କର୍ମକର୍ତ୍ତା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।


ଜିଲା କୋଚ୍ ନବୀନ ସିଂଙ୍କ ସହିତ ଜିଲା ଟିମ୍‌ର ଖେଳାଳିମାନେ।

## ଚୋରାଚାଲାଣ ବେଳେ ୪୦ ଖଣ୍ଡ କାଠଗଣ୍ଡି ଜବତ

**ବାମରା, ୧୮।୧୦ (ଡି.ଏନ.ଏ.)**

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଖୋଲବିଲୁଙ୍ଗ ଫରେଷ୍ଟ ବିଟ୍‌ବିଲୁଙ୍ଗ ଗ୍ରାମରୁ ଶୁକ୍ରବାର ଏକ ଗାଡିରେ ଚୋରାଚାଲାଣ ହେଉଥିବା ବେଳେ ଗାଡି ସହ ୪୦ ଖଣ୍ଡ କାଠଗଣ୍ଡି ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକକୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ସେ ହେଲେ ଡ୍ରାଇଭର ଯୁଧିଷ୍ଠିର ରୋହିଦାସ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନ ମିଳିବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୌଣସି ସୂତ୍ରରୁ ଖବର ପାଇ ଖୋଲବିଲୁଙ୍ଗ ଫରେଷ୍ଟ ବିଟ୍ କର୍ମଚାରୀ ରାସ୍ତାରେ ଯାଉଥିବା ଏକ ଟାଟା ଏସିଇ ଗାଡି (ଓଡି ୧୫ ଏନ-୨୮୨୩)କୁ ଅଟକାଇଥିଲେ। ଉକ୍ତ ଗାଡିରେ କାଠଗଣ୍ଡି (ବୁଙ୍ଗି) ଚୋରା ଚାଲାଣ ହେଉଥିବା ଜାଣି ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲେ।

## ୪ ପିଚୁ ପ୍ଲାଣ୍ଟକୁ ବନ୍ଦ ପାଇଁ ନୋଟିସ ଦେଲା ପ୍ରଦୂଷଣ ବିଭାଗ

**ସମ୍ବଲପୁର,୧୮।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଥିବା ୪ଟି ପିଚୁ ପ୍ଲାଣ୍ଟକୁ ବନ୍ଦ କରିବାକୁ ପ୍ରଦୂଷଣ ବିଭାଗ ପକ୍ଷରୁ ନୋଟିସ କରାଯାଇଛି। ସେଗୁଡିକ ହେଲା ରେଙ୍ଗାଲି ତହସିଲ ଅଧୀନ ଝାରମୁଣ୍ଡାସ୍ଥିତ ନାଗରିକା ହାଇଡ୍ରୋ କାର୍ବନ ପ୍ରାଇଭେଟ ଲିମିଟେଡ, ଯୁଯୁମୁରା ତହସିଲ ଅଧୀନ କେନ୍ଦୁଘାଟିର ହିମାଦ୍ରୀ ସ୍ପେସାଲିଟି କେମିକାଲ ଲିମିଟେଡ, ନିରିକୋଲ ତାର ପ୍ରାଇଭେଟ ଲମିଟେଡ ଓ ଜୟନ୍ତପୁରର ଅଗ୍ରୱାଲ ରସାୟନ। ପ୍ରଦୂଷଣ ବିଭାଗ ପକ୍ଷରୁ ପରିଦର୍ଶନ ବେଳେ ଏହି ପିଚୁ ପ୍ଲାଣ୍ଟଗୁଡିକ ପ୍ରଦୂଷଣ ଆଇନ ପାଳନ ନ କରିବା, କାରଖାନାରୁ ବାହାରୁଥିବା ମାରାତ୍ମକ ଉପାଦାନ ପାଣିରେ ଭାସୁଥିବା ଦେଖିବାକୁ ମିଳିବା ପରେ ଏଭଳି ଚରମ ନିଷ୍ପତ୍ତି ନିଆଯାଇଛି।

### ବନ୍ଧବାହାଲ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଯୋଗିତାରେ ଭାଗନେଲେ ୮୬ ଛାତ୍ରୀଛାତ୍ର

**ଲଖନପୁର,୧୮।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୩ନଂ ଜୋନ୍ ବନ୍ଧବାହାଲ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବିନିକା ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରର ୧୨ ସ୍କୁଲର ୮୬ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏମାନଙ୍କୁ ସିନିୟର୍, ଜୁନିୟର ଓ ଦିବ୍ୟାଙ୍ଗ ଗ୍ରୁପ୍ କରି ୩ ଭାଗରେ ବିଭକ୍ତ କରାଯାଇଥିଲା। ଏଥିରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ନାଚ, ଗୀତ, ସୁନ୍ଦର ହସ୍ତାକ୍ଷର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିନିକା ଗ୍ରାମର ବରିଷ୍ଠ ନାଗରିକ ଦେବେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ ଓ ପୂର୍ଣ୍ଣେନ୍ଦୁ ସେଠ୍ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ସେହିପରି ସିଆର୍‌ସିସି ପ୍ରମୋଦ ପ୍ରଧାନଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଖବରଦାତା ସଂଘ ସଭାପତି ନିଳେନ୍ଦ୍ର କୁମାର ଗଜେନ୍ଦ୍ର, ମୁଖ୍ୟବକ୍ତା ସ୍କୁଲ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ମାଝି, ସମ୍ମାନିତ ଅତିଥି ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ହରିହର ଭୋଇ ପ୍ରମୁଖ ଯୋଗଦେଇଥିଲେ। ବିନିକା ସ୍କୁଲର ପ୍ରଧାନଶିକ୍ଷକ ମୀନକେତନ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲାବେଳେ ଶିକ୍ଷକ ସୁରେଶ ପ୍ରଧାନ ଓ ଶିକ୍ଷୟତ୍ରୀ ଅମୂଲ୍ୟମଞ୍ଜରୀ ସିଂ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ଧରିତ୍ରୀ ସା, ଦମୟନ୍ତୀ ହେତା, ନମିତା ମହାପାତ୍ର, ଶାନ୍ତିଲତା ପାଣ୍ଡେ, ଅବନୀକାନ୍ତ ବେହେରା, ନବ କୁମାର ଦାସ, ସୟୀଦ୍ ଅହମ୍ମଦ, ଈଶ୍ୱର ସେଠ୍ ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ। ମଞ୍ଚରେ ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ଭୋଇ ଓ ବର୍ତ୍ତମାନ ସଭାପତି ମାଝିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ବିଭିନ୍ନ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଆସନ୍ତା ୨୫ ତାରିଖରେ ହେବାକୁଥିବା ଲଖନପୁର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ବିନିକା ଗ୍ରାମର ମହାବୀର କ୍ଲବ ସଦସ୍ୟ ଖଗେନ୍ଦ୍ର ପ୍ରଧାନ, ସୁଦର୍ଶନ ପ୍ରଧାନ, ରମଣି ମାଝି, ଗଣେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ମଞ୍ଚରେ ଛାତ୍ରୀମାନେ ଦଳଗତ ଭାବେ ନୃତ୍ୟ ପରିବେଷଣ କରୁଛନ୍ତି।